


ପ୍ରିଆନ୍ଦନାଙ୍କ ବିଶ୍ୱ ରେକର୍ଡ: ଗୋଟିଏ ଓଭରରେ ୫ ୱିକେଟ୍

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-178 ◆WEDNESDAY ◆24 DECEMBER 2025 ◆PAGE-12 ◆₹ 6.00

SAMBALPUR

◆ବର୍ଷ-୪୩ ◆ସଂଖ୍ୟା-୧୭୮ ◆ବୁଧବାର ◆୨୪ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଭାରତରେ 'ବାଂଲା' ତାତି

## ଦିଲ୍ଲୀରେ ବାଂଲାଦେଶ ହାଇକମିସନ ଆଗରେ ବିକ୍ଷୋଭ

■ ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି): ବାଂଲାଦେଶରେ ସଂସଦ ନିର୍ବାଚନ ପାଇଁ ସମୟ ଯେତେ ପାଖେଇ ଆସୁଛି, ସେଠାରେ ଉତ୍ତେଜନା ସେତିକି ତୀବ୍ର ହେବାରେ ଲାଗିଛି। ପ୍ରଥମେ ଜଣେ ଛାତ୍ର ନେତାଙ୍କୁ ହତ୍ୟା ପରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଗତକାଲି ଜଣେ ଶ୍ରମିକ ନେତାଙ୍କୁ ଗୁଳି କରାଯାଇଛି। ଏହାପରେ ବାଂଲାଦେଶରେ ଏକ ପ୍ରକାର ଅରାଜକତା ସୃଷ୍ଟି ହୋଇଛି। ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ କାମଚଳା ସରକାର ଅସହାୟ ହୋଇପଡ଼ିଥିବା ଭଳି ମନେ ହେଉଛି। ସେନାବାହିନୀ ଚୁପ ହାଇ ବସିଥିବା ବେଳେ ପୁଲିସ ଫୋର୍ସ ଉତ୍ତ୍ୟକ୍ତ ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଡରୁଛି। ଫଳରେ ଆନ୍ଦୋଳନ ନାମରେ ଦୁର୍ବୃତ୍ତ ଖୁଲାଖୁଲି ଆତଙ୍କରାଜ ଚଳାଇଛନ୍ତି। ଏବେ ସେମାନେ ବିତାଡ଼ିତ ପ୍ରଧାନମନ୍ତ୍ରୀ ହାସିନାଙ୍କ ସମର୍ଥକ ଏବଂ ହିନ୍ଦୁ ସଂପ୍ରଦାୟ ଉପରେ ଆକ୍ରମଣ କରିବା ଆରମ୍ଭ କରିଛନ୍ତି। ଗତ ୧୮ ତାରିଖରେ ସେମାନେ ଦୀପୁ ଦାସ ନାମକ ଜଣେ ୨୫ ବର୍ଷୀୟ ହିନ୍ଦୁ ଯୁବକଙ୍କୁ ହତ୍ୟା କରି ନିଆଁ ଲଗାଇଦେଇଥିଲେ। ଏହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆଜି ହଜାର ହଜାର ସଂଖ୍ୟାରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ କର୍ମୀ ନୂଆଦିଲ୍ଲୀ ସ୍ଥିତ ବାଂଲାଦେଶ ହାଇକମିସନ ଆଗରେ ବିକ୍ଷୋଭ କରିଥିଲେ। ସେମାନେ ଦୀପୁ ଦାସ ହତ୍ୟାକାଣ୍ଡର ପ୍ରତିବାଦ ଜଣାଇବା ସହିତ ହତ୍ୟାକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ବାଂଲାଦେଶରେ ହିନ୍ଦୁ



### ଢାକାରେ ଭାରତୀୟ ହାଇକମିସନରଙ୍କୁ ସମନ୍

### ଉଦବେଗ ଜଣାଇଲା ଜାତିସଂଘ

### ଭାରତ ଉପରେ ଆକ୍ରମଣ ପାଇଁ ପାକ୍ ନେତାଙ୍କ ଧମକ

ସଂପ୍ରଦାୟକୁ ଟାର୍ଗେଟ କରାଯାଉଥିବାରୁ ଏହାର ନିନ୍ଦା କରିବା ସହିତ ସେଠାରେ ସଂଖ୍ୟାଲଘୁ ସଂପ୍ରଦାୟକୁ ସୁରକ୍ଷା ଦେବାଲାଗି ଦାବି କରିଛନ୍ତି। ବିକ୍ଷୋଭକାରୀମାନେ ପୁଲିସ ବ୍ୟାରିକେଡ୍ ଭାଙ୍ଗି ବାଂଲା ହାଇକମିସନ ଆଡ଼କୁ ଅଗ୍ରସର ହୋଇଥିଲେ। ତେବେ ପୁଲିସ ସେମାନଙ୍କୁ ହାଇକମିସନ ଅଫିସ ଠାରୁ ୮୦୦ ମିଟର ଦୂରରେ ଅଟକାଇଥିଲା। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ ବାଂଲାଦେଶ ହାଇକମିସନ ପାଇଁ ୭ ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ଏବଂ ୧୫୦୦ ଯବାନଙ୍କୁ ମୁତୟନ କରାଯାଇଥିଲା। ଦିଲ୍ଲୀ ସମେତ ଦେଶର ୭ଟି ସହରରେ ଆଜି ବାଂଲାଦେଶ ବିରୋଧରେ ଏଭଳି ବିକ୍ଷୋଭ ହୋଇଥିବାର ଖବର ମିଳିଛି।

ଅନ୍ୟପକ୍ଷରେ ଏଭଳି ବିକ୍ଷୋଭ ପ୍ରଦର୍ଶନକୁ ନେଇ ବାଂଲାଦେଶ ଉଦବେଗ ପ୍ରକାଶ କରିଛି। ବାଂଲାଦେଶର ବୈଦେଶିକ ସଚିବ ଆଜି ଢାକାରେ ଭାରତୀୟ ହାଇକମିସନର ପ୍ରଣୟ ବର୍ମାଙ୍କୁ ସମନ୍ କରି ନୂଆଦିଲ୍ଲୀ ଏବଂ ସିଲିଗୁଡ଼ିରେ ବାଂଲାଦେଶ କୂଟନୈତିକ କେନ୍ଦ୍ରକୁ ଟାର୍ଗେଟ କରି ହୋଇଥିବା ହିଂସାର ପ୍ରତିବାଦ ଜଣାଇଛନ୍ତି। ଦୁଇ ଅଧିକାରୀଙ୍କ ମଧ୍ୟରେ ୫ ମିନିଟ ସାକ୍ଷାତ ପରେ ବାଂଲାଦେଶ ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। ଏଥିରେ କୁହାଯାଇଛି ଯେ ଭାରତରେ ବାଂଲାଦେଶ କୂଟନୈତିକ ଅଧିକାରୀଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ଆପୋସ ସମ୍ମାନ, ▶ପୃଷ୍ଠା-୭

## ଏସଆଇଆର ଝଟକା
# ୭ ରାଜ୍ୟରୁ କଟିଲା ୨ କୋଟି ୭୦ ଲକ୍ଷ ନାମ

### ମଧ୍ୟପ୍ରଦେଶରୁ କଟିଲା ୪୨.୭୪ ଲକ୍ଷ ନାମ

### ଗୁଜରାଟରୁ ୭୩ ଲକ୍ଷ, ପଶ୍ଚିମବଙ୍ଗରୁ ୫୮ ଲକ୍ଷ

### ଛତିଶଗଡ଼ରୁ ୨୭ ଲକ୍ଷ, କେରଳରୁ ୨୨ ଲକ୍ଷ ହଟିଲେ

### ତାମିଲନାଡୁରେ କଟିଲା ସର୍ବାଧିକ ୯୫ ଲକ୍ଷ ନାମ

■ ଭୋପାଳ, ୨୩।୧୨ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର) ପରେ ମଙ୍ଗଳବାର ନିର୍ବାଚନ କମିଶନ (ଇସି) ମଧ୍ୟପ୍ରଦେଶ, ଛତିଶଗଡ଼ ଏବଂ କେରଳର ଚିଠା ଭୋଟର ତାଲିକା ଜାରି କରିଛନ୍ତି। ମଧ୍ୟପ୍ରଦେଶ ଭୋଟର ତାଲିକାରୁ ୪୨.୭୪ ଲକ୍ଷ ଭୋଟରଙ୍କୁ ହଟାଇ ଦିଆଯାଇଛି। ଏଥିରେ ୧୯.୧୯ ଲକ୍ଷ ପୁରୁଷ ଏବଂ ୨୩.୬୪ ଲକ୍ଷ ମହିଳା ସାମିଲ ଅଛନ୍ତି। ଏହା ବ୍ୟତୀତ ମ୍ୟାପିଂ ହୋଇ ନ ଥିବା ୮.୪୦ ଲକ୍ଷ ନାମ ରହିଛି। ୩୧.୫୧ ଲକ୍ଷ ଲୋକ ଅନ୍ୟତ୍ର ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ୨.୭୭ ଲକ୍ଷ ଲୋକ ଏକାଧିକ ସ୍ଥାନରେ ପଞ୍ଜିକରଣ କରିଥିବା ଚିହ୍ନଟ ହୋଇଛି। ସେହିପରି କେରଳରୁ ୨୨ ଲକ୍ଷ ନାମ ହଟାଇ ଦିଆଯାଇଛି। ଏହି ରାଜ୍ୟରୁ ୨,୫୪, ୪୨, ୩୫୨ ଫର୍ମ (୯୧.୩୫ ପ୍ରତିଶତ) ସଂଗ୍ରହ କରାଯାଇଛି। ହଟା ଯାଇଥିବା ଭୋଟରଙ୍କ ମଧ୍ୟରେ ୬, ୪୯, ୮୮୫ ମୃତ ବ୍ୟକ୍ତି ସାମିଲ ଅଛନ୍ତି। ୧୪, ୬୧, ୭୬୯ ଜଣ ଅନ୍ୟତ୍ର ସ୍ଥାନାନ୍ତର ହୋଇ ସାରିଛନ୍ତି। ୧, ୩୬, ୦୨୯ ଜଣ ଏକାଧିକ ସ୍ଥାନରେ ପଞ୍ଜୀକରଣ କରିଛନ୍ତି।

ଛତିଶଗଡ଼ରୁ ୨୭ ଲକ୍ଷ ଭୋଟରଙ୍କୁ ଚିଠା ତାଲିକାରୁ ବାଦ ଦିଆଯାଇଛି। ଏମାନଙ୍କ ମଧ୍ୟରେ ୬, ୪୨, ୨୩୪ ଜଣ ପ୍ରାଣ ହରାଇଥିବାବେଳେ ▶ପୃଷ୍ଠା-୭

## ମହାନଦୀ ବିବାଦ ସମାଧାନ ପାଇଁ ଉଚ୍ଚସ୍ତରୀୟ କମିଟି ବୈଠକ
# ରାଜ୍ୟ ସ୍ୱାର୍ଥ ସହ ଆଦୌ ସାଲିସ୍ ହେବ ନାହିଁ

■ ଭୁବନେଶ୍ୱର, ୨୩।୧୨ (ସମିସ): ମହାନଦୀ ଓଡ଼ିଶାର ଜୀବନରେଖା। ଏହାର ସ୍ୱାର୍ଥ ସହ କୌଣସି ପ୍ରକାର ସାଲିସ କରାଯାଇପାରିବ ନାହିଁ। ମହାନଦୀ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ କଣ ରହିଛି, ଛତିଶଗଡ଼ ସହ କଣ ଆଲୋଚନା ହୋଇଛି ସେନେଇ ରାଜ୍ୟବାସୀଙ୍କୁ ସରକାର ଅବଗତ କରାନ୍ତୁ। ମହାନଦୀ ଜଳ ବିବାଦରେ ଗଠିତ ଉଚ୍ଚସ୍ତରୀୟ କମିଟିର ପ୍ରଥମ ବୈଠକରେ ଏପରି ଦାବି ରଖିଛନ୍ତି ସଦସ୍ୟ ତଥା ବରିଷ୍ଠ ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମଧ୍ୟ ସମାନ ଆଭିମୁଖ୍ୟ ରଖିବା ସହ ଏହି ମାମଲାକୁ ଅଧିକ ବିଳମ୍ବିତ ନକରି ଆପୋସ ଆଲୋଚନା ମାଧ୍ୟମରେ ସମାଧାନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ରାଜୀବ ଭବନଠାରେ କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା ଜାନୁଆରୀରେ ଏହାର ପରବର୍ତ୍ତୀ ବୈଠକ ଅନୁଷ୍ଠିତ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଆଜି କମିଟିର ସମସ୍ତ ସଦସ୍ୟ ମାନଙ୍କୁ ମହାନଦୀ ବିବାଦରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ, ଛତିଶଗଡ ସହ ଏଯାବତ ହୋଇଥିବା ଆଲୋଚନା ସମ୍ପର୍କରେ ଅବଗତ କରାଗଲା। କମିଟିର ଆସନ୍ତା ବୈଠକ ପୂର୍ବରୁ

### ସରକାର ଛତିଶଗଡ଼ ସହ ଆଲୋଚନା କରି ରାଜ୍ୟବାସୀଙ୍କୁ ଜଣାନ୍ତୁ: ବିରୋଧୀ

### ସମସ୍ୟାର ସମାଧାନ ଦିଗକୁ ନେଇ କମିଟି ଆଗକୁ ବଢ଼ିବ: ଉପ ମୁଖ୍ୟମନ୍ତ୍ରୀ

ସମସ୍ତ ସଦସ୍ୟ ମାନଙ୍କୁ ଆବଶ୍ୟକୀୟ କାଗଜପତ୍ର ଯୋଗାଇ ଦିଆଯିବ। ଆଲୋଚନା ମାଧ୍ୟମରେ କିପରି ସମସ୍ୟାର ସମାଧାନ ହୋଇପାରିବ, ସେନେଇ କମିଟି ଆଗକୁ ବଢ଼ିବ। ଓଡ଼ିଶାର ସ୍ୱାର୍ଥକୁ ରାଜ୍ୟ ସରକାର ସୁରକ୍ଷା ପ୍ରଦାନ କରିବେ ବୋଲି ସେ କହିଛନ୍ତି। ▶ପୃଷ୍ଠା-୭

# ବ୍ରିଜ୍‌ରେ ଧକ୍କା ହେଲା ବାଇକ୍: ଦୁଇ ମୃତ

■ ଦେଓଗାଁ, ୨୩।୧୨ (ସମିସ): ବଲାଙ୍ଗୀର ଜିଲ୍ଲା ତୁଷୁରା ଥାନା ଅଧୀନ ଦେଓଗାଁ ବ୍ଲକ୍‌ର ମୁକୁନ୍ଦପୁର ପଞ୍ଚାୟତ ଅଧୀନ ପୁରଣାପାଣିରେ ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧ଟା ବେଳେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ପୁରଣାପାଣି ବ୍ରିଜ୍ ବାଡ଼ାରେ ଏକ ବାଇକ୍ ପିଟି ହୋଇଯିବାରୁ ୨ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ପୁଇଁନ୍ତଳା ଥାନା ଅଇଁଲାଶାରୀ ଗ୍ରାମର ନିରାକାର ଖୁଣ୍ଟିଲି (୩୦) ଓ ବଲାଙ୍ଗିର ସଦର ଥାନା ବରପଦର ଗ୍ରାମ ଗୌରାଙ୍ଗ ପୋଢ଼(୨୭)। ଉଭୟ ଏକ ବାଇକ୍‌ରେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ତୁଷୁରା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର କିନ୍ତୁ ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ। ତୁଷୁରା ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।





INDIA'S FIRST 5 YEAR WARRANTY *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. I CIN: L35911DL 1984PLC017354 I For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. *Offer amount and combination of offer may vary for model/variant and states and it is applicable on select models only, for a limited time period or till stock lasts.*T&C apply.

TOLL FREE 1800 266 0018

Authorized Dealers: Bargarh: Aakash Hero - 9289922181, Bhawanipatna: Arundhati Hero - 9289922837, Bolangir: Arundhati Hero - 9289923033, Jharsuguda: Vijaylaxmi Hero - 9289922595, Sambalpur: Sri Shyam Hero - 9289922484, Sonepur: Jai Jawan Hero - 9289922800, Associate Dealers: Deogarh: Jindal Motors - 9437056659, Brajrajnagar: Bina Motors - 9861078290, Belpahar: Varsha Motors - 9437058417, Bamra: Choudhury Motors - 9938274720, Junagarh: Shree Bimala Motors - 9668287479, Rajakhariar: Jagdamba Auto Combines - 9937002262, Boudh: Bansal Auto - 9437062948, Nuapada: Maruti Auto - 9178014999, Padampur: Debesh Motors - 9437253970, Barpalli: Durga Motors - 9861265979, Titlagarh: Sneha Motors - 9853925879, Jagdalpur: Kiran Sales - 9827654949, Kesinga: Annapurna Automobile - 7978787287, Rampur: Aruna Automobiles - 8114331356.

VML.5868.2025

## ବେଆଇନ ପ୍ରବାସୀଙ୍କୁ ଟ୍ରମ୍ପ ଅଫର

ୱାସିଂଟନ, ୨୩।୧୨ (ଏଜେନ୍ସି): ଦ୍ୱିତୀୟ ଥର ପାଇଁ ଆମେରିକାର ରାଷ୍ଟ୍ରପତି ହେବା ପରେ ଡୋନାଲ୍ଡ ଟ୍ରମ୍ପ ବେଆଇନ ପ୍ରବାସୀଙ୍କୁ ହଟାଇବା ପ୍ରୟାସ କରିଛନ୍ତି। ସେ ଏ ପର୍ଯ୍ୟନ୍ତ ୨.୫ ନିୟୁତରୁ ଅଧିକ ବେଆଇନ ପ୍ରବାସୀଙ୍କୁ ନିଜ ଦେଶକୁ ପଠାଇ ସାରିଲେଣି। ଏହି କ୍ରମରେ ବାକି ପ୍ରବାସୀଙ୍କୁ ବାହାର କରିବା ପାଇଁ ସେ ନିଆରା ପଦକ୍ଷେପ ନେଇଛନ୍ତି। ଏଥିପାଇଁ ଖ୍ରୀଷ୍ଟମାସ ପ୍ରୋତ୍ସାହନ ଘୋଷଣା କରିଛନ୍ତି। ସେମାନଙ୍କୁ ସ୍ୱେଚ୍ଛାକୃତ ଭାବରେ ଆମେରିକା ଛାଡିବା ପାଇଁ ଅର୍ଥ ଦେବାକୁ ଏବଂ ଦେୟମୁକ୍ତ ଯାତ୍ରା ପ୍ରଦାନ କରାଯିବ ବୋଲି କହିଛନ୍ତି।


**ସ୍ୱେଚ୍ଛାରେ ଦେଶ ଛାଡ଼ିଲେ ମାଗଣା ବିମାନ ଯାତ୍ରା, ୩ ହଜାର ଡଲାର**

ଏଥିପାଇଁ ପ୍ରବାସୀଙ୍କୁ ୩ ହଜାର ଡଲାର ତଥା ୨.୭ ଲକ୍ଷ ଟଙ୍କା ଏବଂ ମାଗଣା ବିମାନ ଟିକଟ ଦିଆଯିବ। କେବଳ ସେତିକି ନୁହେଁ, ଯେଉଁମାନେ ଏହି ପ୍ରସ୍ତାବ ଗ୍ରହଣ କରିବେ ସେମାନେ ସିଭିଲ୍ ଜୋରିମାନା କିମ୍ବା ଅଧିକ ସମୟ ରହିବା ସହିତ ଜଡିତ ଦଣ୍ଡରୁ କ୍ଷମା ପାଇବା ପାଇଁ ଯୋଗ୍ୟ ହେବେ। ନୂତନ ପ୍ରସ୍ତାବଟି, ମେ' ମାସରେ ସରକାର ଦ୍ୱାରା ଘୋଷଣା କରାଯାଇଥିବା ହଜାରେ ଡଲାରର ପ୍ରୋତ୍ସାହନ ଅପେକ୍ଷା ତିନି ଗୁଣ ଅଧିକ। ଆମେରିକା ଗୃହ ବିଭାଗ ଚେତାବନୀ ଦେଇ କହିଛି ଯେ ଯେଉଁମାନେ ଏହି ପ୍ରସ୍ତାବର ସୁଯୋଗ ନେଇ ନାହାନ୍ତି ସେମାନେ ପ୍ରବର୍ତ୍ତନ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ। ଯେଉଁ ଅବୈଧ ବିଦେଶୀମାନେ ଆଜି ଏହି ସ୍ୱତନ୍ତ୍ର ଅଫରର ସୁଯୋଗ ନେଉନାହାଁନ୍ତି ସେମାନଙ୍କ ପାଖରେ କେବଳ ଗୋଟିଏ ବିକଳ୍ପ ରହିଛି। ସେମାନଙ୍କୁ ଗିରଫ କରାଯିବ, ନିର୍ବାସିତ କରାଯିବ ଏବଂ କେବେବି ସେମାନେ ଆମେରିକା ଫେରିବେ ନାହିଁ।

## ବାଂଲାଦେଶକୁ ୧୯୭୧ କଥା ମନେ ପକାଇଲା ରୁଷିଆ

ମସ୍କୋ, ୨୩।୧୨ (ଏଜେନ୍ସି): ବାଂଲାଦେଶରେ ହିନ୍ଦୁ ଭୟରେ କାଳତିପାତ କରୁଛନ୍ତି। ଜାଣିଶୁଣି ଏବଂ ମିଥ୍ୟା ଅଭିଯୋଗ ଲଗାଇ ଚରମପନ୍ଥୀ ଏବଂ ସରକାରରେ ସାମିଲ ଲୋକେ ସଂଖ୍ୟାଲଘୁଙ୍କୁ ନିଶାଣ କରୁଛନ୍ତି। ନିର୍ବାଚନ ତାରିଖ ଘୁଞ୍ଚାଇବା ପାଇଁ ଆରମ୍ଭ ହୋଇଥିବା ହିଂସାରେ ହିନ୍ଦୁଙ୍କୁ ମାରୁଛନ୍ତି। ସାରା ବିଶ୍ୱ ବାଙ୍ଗଲାଦେଶରେ ଚାଲିଥିବା ହିଂସାକୁ ଦେଖୁଛି। ହିନ୍ଦୁ ଯୁବକ ଦୀପୁ ଚନ୍ଦ୍ର ଦାସଙ୍କୁ ମାରି ଜାଳିଦେବା ଘଟଣା ସାରା ବିଶ୍ୱକୁ ଥରାଇ ଦେଇଛି। ଯେଉଁ

**ବାଂଲାଦେଶକୁ ପରାମର୍ଶ: ଭାରତ ସହ ଶାନ୍ତି ବଜାୟ ରଖ**



ଭାରତ ପାଇଁ ବାଂଲାଦେଶ ଗଠନ ହେଲା ସେହି ଭାରତ ବିରୋଧୀ ଷଡ଼ଯନ୍ତ୍ର କରାଯାଉଛି। ବିନା ଦୋଷରେ ଭାରତକୁ ବଦନାମ କରାଯାଉଛି। ଏବେ ବାଂଲାଦେଶରେ ଚାଲିଥିବା ହିଂସାକୁ ରୁଷ ତୀବ୍ର ନିନ୍ଦା କରିଛି। ବାଂଲାଦେଶରେ ରୁଷ ରାଷ୍ଟ୍ରଦୂତ ଆଲେକଜାଣ୍ଡର ଗ୍ରିଗୋରିଭିଚ୍ ଖୋଜିନ୍ ଢାକାକୁ ଭାରତ ସହିତ ଉତ୍ତେଜନା ହ୍ରାସ କରିବାକୁ କହିଛନ୍ତି। ତାଙ୍କ ମତରେ, ରୁଷ ସ୍ଥିତି ଉପରେ ନଜର ରଖିଛି। ଶାନ୍ତି ପ୍ରତିଷ୍ଠା ଉଭୟ ଦେଶ ସମେତ ସମଗ୍ର ଅଞ୍ଚଳ ତଥା ଦକ୍ଷିଣ ଏସିଆ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ତେଜନାକୁ ଯଥାଶୀଘ୍ର କମ କରିବାକୁ ଉପାୟ ଖୋଜିବା ଉଚିତ। ପଡ଼ୋଶୀମାନଙ୍କ ମଧ୍ୟରୁ ଆମେ ଜଣଙ୍କୁ ବାଛିପାରିବୁ ନାହିଁ। ଉଭୟ ଦେଶ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଭାରତ ସହ ଯେତେ ଶୀଘ୍ର ସମ୍ପର୍କ ସୁଧୁରିବ ସେତେ ଭଲ। ୧୯୭୧ ରେ ବାଂଲାଦେଶକୁ ଯେଉଁ ସ୍ୱାଧୀନତା ମିଳିଥିଲା ତାହା ଭାରତ ପାଇଁ ସମ୍ଭବ ହୋଇଥିଲା ବୋଲି ସେ କହିଛନ୍ତି।

# ଟ୍ରମ୍ପଙ୍କ ଉପରେ ଧନବର୍ଷା

## ବର୍ଷକରେ ନେଇଛନ୍ତି ୧୮ ହଜାର କୋଟିର ଚାନ୍ଦା



ୱାସିଂଟନ, ୨୩।୧୨ (ଏଜେନ୍ସି): ବିଶ୍ୱରେ ଶୁଳ୍କ ଏବଂ ବ୍ୟାବସାୟିକ କଟକଣା ଲଗାଇ ସଙ୍କଟ ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତିଙ୍କ ଉପରେ ଧନବର୍ଷା ହେବାରେ ଲାଗିଛି। ଶକ୍ତିଶାଳୀ ରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ନିଜ ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ଟ୍ରମ୍ପଙ୍କ ବଡ଼ ବଡ଼ କର୍ପୋରେଟ ସଂସ୍ଥା ସଦୟ ହୋଇଛନ୍ତି। ଭୟରେ ହେଉ ଅବା କଟକଣାରୁ ବର୍ତ୍ତିବା ପାଇଁ ଏହି ସଂସ୍ଥା ଗୁଡ଼ିକ ଟ୍ରମ୍ପଙ୍କୁ କୋଟି କୋଟି ଟଙ୍କା ଚାନ୍ଦା ଦେଉଛନ୍ତି। ବର୍ଷେ ମଧ୍ୟରେ ଟ୍ରମ୍ପଙ୍କ ଟିମ୍‌କୁ ବିପୁଳ ଚାନ୍ଦା ମିଳିଛି। ନିର୍ବାଚନ ପରେ ଟ୍ରମ୍ପ ଏବଂ ତାଙ୍କ ଘନିଷ୍ଠଙ୍କୁ ପ୍ରାୟ ୨ ବିଲିୟନ ଡଲାର ତଥା ୧୮ ହଜାର କୋଟି ଟଙ୍କା ଚାନ୍ଦା ମିଳିଛି। ଅଲଗା ଅଲଗା ପାଣ୍ଠି ଏବଂ ଯୋଜନା ପାଇଁ ଏହା ଆଦାୟ କରାଯାଇଛି ଆମେରିକାର ଏକ ଖବରକାଗଜର ଯାଞ୍ଚରୁ ଜଣାପଡ଼ିଛି। ଏହି ରାଶି ନିର୍ବାଚନୀ ପ୍ରଚାର ପାଇଁ ଟ୍ରମ୍ପଙ୍କୁ ମିଳିଥିବା ପାଣ୍ଠିଠୁ ଅଧିକ।

ରିପୋର୍ଟ ଅନୁଯାୟୀ, ସରକାରୀ କାଗଜପତ୍ର, ଫଣ୍ଡିଂ ରେକର୍ଡ, ଏବଂ ଅନେକ ଲୋକଙ୍କ ସହ ଆଲୋଚନାରୁ ଜଣାପଡ଼ିଛି ଯେ ଅତିକମରେ ୩୪୬ ଜଣ ବଡ଼ ବ୍ୟକ୍ତି ୨.୫ ଲକ୍ଷ ଡଲାର କିମ୍ବା ଏହାଠାରୁ ଅଧିକ ଚାନ୍ଦା ଦେଇଛନ୍ତି। ଏମାନଙ୍କଠାରୁ କେବଳ ୫୦ କୋଟି ଡଲାରରୁ ଅଧିକ ରାଶି ମିଳିଛି। ଏହି ବ୍ୟକ୍ତିଙ୍କ ମଧ୍ୟରେ ଏଭଳି ୨୦୦ ବ୍ୟବସାୟୀ ସାମିଲ ଅଛନ୍ତି, ଯେଉଁମାନଙ୍କୁ ଟ୍ରମ୍ପଙ୍କ ନିଷ୍ପତ୍ତି ଦ୍ୱାରା ଲାଭ ମିଳିଛି। ଏଥିରେ ସୁନ୍ଦର ପିଚାଇ ଏବଂ ସତ୍ୟ ନାଡ଼େଲାଙ୍କ ସମେତ ୬ ଭାରତୀୟ ବଂଶୋଦ୍ଭବ ବ୍ୟବସାୟୀ ସାମିଲ ଅଛନ୍ତି। ଟ୍ରମ୍ପଙ୍କଠାରୁ ମିଳିଥିବା ସୁବିଧାଗୁଡ଼ିକ ମଧ୍ୟରେ ବିଭିନ୍ନ ସହାୟତା ସାମିଲ ରହିଛି। କେତେକଙ୍କୁ ରାଷ୍ଟ୍ରପତିଙ୍କ କ୍ଷମା ମିଳିଛି ତ ଆଉ କିଛିଙ୍କ ମାମଲା ଖାରଜ ହୋଇଛି। ସେହିପରି କିଛି କମ୍ପାନୀ ପ୍ରମୁଖ ସରକାରୀ ଠିକା ପାଇଥିବାବେଳେ ଅନ୍ୟମାନେ ହ୍ୱାଇଟ୍ ହାଉସ୍ କିମ୍ବା ଏକ ପ୍ରମୁଖ ସରକାରୀରେ ବଡ଼ ପଦବୀ ଦିଆଯାଇଛି।


- **ପ୍ରତିବଦଳରେ ବ୍ୟବସାୟୀଙ୍କୁ ଦେଇଛନ୍ତି ଅଜସ୍ର ଲାଭ**
- **ତାଲିକାରେ ସୁନ୍ଦର ପିଚାଇ, ସତ୍ୟ ନାଡେଲା**

ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ କେହି ଟଙ୍କା ଦେଇଛନ୍ତି ଏବଂ ପ୍ରତିବଦଳରେ ସିଧାସଳଖ ଲାଭ ପାଇଛନ୍ତି ବୋଲି ପ୍ରମାଣ କରିବା କଷ୍ଟକର। ମାତ୍ର ଏହା ନିଶ୍ଚିତ ଯେ ଟଙ୍କା ଏବଂ ସୁବିଧାର ଏହି ସମ୍ପର୍କ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ଗୁଗଲ ସିଇଓ ସୁନ୍ଦର ପିଚାଇ ଟ୍ରମ୍ପଙ୍କ ସମର୍ଥିତ ପାଣ୍ଠିକୁ ୧୦ କୋଟି ଟଙ୍କା ଦେଇଛନ୍ତି। ଏଆଇକୁ ନେଇ ଆଇନରେ ନରମ ଆଭିମୁଖ୍ୟ ଗ୍ରହଣ କରିଥିବାରୁ ଗୁଗଲ ଲାଭ ମିଳୁଛି। ହ୍ୱାଇଟ ହାଉସ କାର୍ଯ୍ୟକ୍ରମରେ ଡକରା ଏବଂ ପ୍ରଶଂସା ମିଳୁଛି। ସେହିପରି ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡ଼େଲା ୨୯ କୋଟି ଟଙ୍କା ଦାନ କରିଛନ୍ତି। କାରଣ ଟ୍ରମ୍ପ ଟେକ୍ ନିୟମର ଚାପ ହ୍ରାସ ପାଇଛି। ସିଧାସଳଖ ଟ୍ରମ୍ପଙ୍କ କାର୍ଯ୍ୟକ୍ରମରେ ପହଞ୍ଚି ପାରୁଛନ୍ତି। ଆଇବିଏମ ସିଇଓ ଅରବିନ୍ଦ କ୍ରିଷ୍ଣା ୬.୨ କୋଟି ଟଙ୍କା, ଆଡୋବ ସିଇଓ ଶାନ୍ତନୁ ନାରାୟଣ, ମାଇକ୍ରନ ସିଇଓ ସଞ୍ଜୟ ମେହରୋତ୍ରା, ବ୍ୟବସାୟୀ ଅଞ୍ଜନି ସିହ୍ନା ଟ୍ରମ୍ପଙ୍କ ପାଣ୍ଠିକୁ ୮.୩ କୋଟି ଟଙ୍କା ଲେଖାଏଁ ଦାନ କରିଛନ୍ତି। ଅଞ୍ଜନୀ ଆମେରିକା ରାଷ୍ଟ୍ରଦୂତ ଭାବେ ମନୋନୀତ ହୋଇଥିବାବେଳେ ସଞ୍ଜୟଙ୍କୁ ସେମିକଣ୍ଡକ୍ଟର କ୍ଷେତ୍ରରେ ଲାଭ ମିଳିଛି। ଏହି ପାଣ୍ଠି ସଂଗ୍ରହ ପାଇଁ ଟ୍ରମ୍ପଙ୍କ ଟିମ୍ ଅଲଗା ଅଲଗା ପନ୍ଥା ଆପଣାଇ ଥିଲା। ଏଥିରେ ସବୁଠୁ ଆଗରେ ମେକ୍ ଆମେରିକା ଗ୍ରେଟ ଏଗେନ (ମାଗା) ରହିଛି। ଏହ ପିଏସି ମାଧ୍ୟମରେ ରଣନୀତି ପାଇଁ ଟଙ୍କା ସଂଗ୍ରହ କରାଯାଉଛି। ଏହା ଦଳୀୟ ପ୍ରାର୍ଥୀଙ୍କ ପାଇଁ ଟଙ୍କ ବ୍ୟୟ କରିଥାଏ। ସେହିପରି ଟ୍ରମ୍ପଙ୍କ ଶପଥ ଗ୍ରହଣ ସମାରୋହ ପାଇଁ ୨୪୦ ନିୟୁତ ଡଲାର ସଂଗ୍ରହ କରାଯାଇଥିଲା। ଏହା ଆମେରିକା ଇତିହାସରେ ସର୍ବାଧିକ ଥିଲା। କେବଳ ସେତିକି ନୁହେଁ, ହ୍ୱାଇଟ ହାଉସରେ ନିର୍ମାଣ ହେଉଥିବା ବଲ୍‌ରୁମ୍ ପାଇଁ ମଧ୍ୟ ଟ୍ରମ୍ପ ଟଙ୍କା ନେଉଛନ୍ତି।

# ୧୮୮ ବର୍ଷ ପର୍ଯ୍ୟନ୍ତ ତ୍ରାହି ନାହିଁ

ନୂଆଦିଲ୍ଲୀ, ୨ ।୧୨(ଏଜେନ୍ସି): ସମ୍ପୂର୍ଣ୍ଣ ଭାବେ ପ୍ରଦୂଷଣ ମୁକ୍ତ ହେବାକୁ ବା ପ୍ରଦୂଷଣକୁ ହଟାଇବା ପାଇଁ ଭାରତକୁ ପାଖାପାଖି ଦୁଇ ଶତାବ୍ଦୀ ଲାଗିବ। ୧୫୦ଟି ଦେଶକୁ ନେଇ ଆମେରିକାର ଷ୍ଟାନଫର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଏହା ଜଣାପଡ଼ିଛି। ଚଳିତ ହାରରେ ଯଦି ଭାରତ ସ୍ୱଚ୍ଛଶକ୍ତି ବ୍ୟବହାର କରେ ତେବେ ଭାରତକୁ ପ୍ରଦୂଷଣ ମୁକ୍ତ ହେବାକୁ ୧୮୮ ବର୍ଷ ଲାଗିବ ବୋଲି କୁହାଯାଇଛି। ଅର୍ଥାତ ଶତ ପ୍ରତିଶତ ସ୍ୱଚ୍ଛ ଶକ୍ତି ବ୍ୟବହାର କରିବାକୁ



ଭାରତକୁ ଆହୁରି ପାଖାପାଖି ୧୮୮ ବର୍ଷ ଲାଗିବ। ସ୍ୱଚ୍ଛ ଶକ୍ତି ବ୍ୟବହାରରେ ବୃଦ୍ଧି ହେଲେ ପ୍ରଦୂଷଣ ହାର କମିବ ବୋଲି କୁହାଯାଇଛି। ଅପରପକ୍ଷରେ ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଚୀନ୍‌କୁ ୨୫ ବର୍ଷ ଲାଗିବ ଓ ଆମେରିକା

- **ସ୍ୱଚ୍ଛ ଶକ୍ତି ନେଇ ଆସିଲା ନୂଆ ରିପୋର୍ଟ**
- **ପ୍ରଦୂଷଣ ମୁକ୍ତ ହେବାକୁ ଭାରତକୁ ଲାଗିବ ଆହୁରି ୧୮୮ ବର୍ଷ**

୨୧୨୮ ବେଳକୁ ସମ୍ପୂର୍ଣ୍ଣ ଭାବେ ପ୍ରଦୂଷଣ ମୁକ୍ତ ହେବ। ବାୟୁ ପ୍ରଦୂଷଣ କାରଣରୁ ଭାରତରେ ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ଏଥିରେ ଜୀବାଶ୍ମ ଇନ୍ଧନ ବ୍ୟବହାର ହିଁ ମୁଖ୍ୟ କାରଣ ବୋଲି କୁହାଯାଇଛି। ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ବିଭିନ୍ନ ଯୋଜନା ଓ ନୀତିରେ ଉନ୍ନତ ଆଣିଲେ ପ୍ରଦୂଷଣ ଓ ଶକ୍ତି ସଂକଟକୁ ଆହୁରି ଭଲ ଭାବେ ସାମ୍ନା କରିହେବ। ଭାରତ ପୂର୍ବରୁ ସବୁଠାରୁ ପ୍ରଦୂଷିତ ଦେଶଗୁଡିକ ମଧ୍ୟରେ ସାମିଲ ରହିଛି। ବିଶ୍ୱର ସବୁଠାରୁ ୧୦୦ଟି ପ୍ରଦୂଷିତ ସହରଗୁଡିକ ମଧ୍ୟରୁ କେବଳ ୮୦ଟି ଭାରତରେ ହିଁ ରହିଛି। ଭାରତରେ ପ୍ରଦୂଷଣର ମୁଖ୍ୟ କାରଣ ହେଉଛି ବିଭିନ୍ନ ଶିଳ୍ପାନୁଷ୍ଠାନ, ବାହନରୁ ବାହରୁଥିବା ଧୂଆଁ, ନିର୍ମାଣ କାର୍ଯ୍ୟରୁ ବାହରୁଥିବା ଧୂଳି, କୋଇଲା ଦ୍ୱାରା ଚାଲୁଥିବା ତାପଜ ବିଦ୍ୟୁତ କେନ୍ଦ୍ର, ଅଳିଆ ଆବର୍ଜନା ଜଳାଇବା ଓ ଗାଁ ଗହଳିରେ କାଠ ଜଳାଇ ଖାଦ୍ୟ ପ୍ରସ୍ତୁତ କରିବା। ତେଣୁ ସ୍ୱଚ୍ଛ ଶକ୍ତି ଓ ଅକ୍ଷୟ ଶକ୍ତିର ବହୁଳ ବ୍ୟବହାର ହେଲେ ଓ ପାରମ୍ପରିକ ଶକ୍ତିର ବ୍ୟବହାରକୁ ପରିହାର କଲେ ପ୍ରଦୂଷଣ କମିବ ଓ ବାୟୁମଣ୍ଡଳରେ ଶୁଦ୍ଧତା ଆସିବ। ସ୍ୱଚ୍ଛ ଶକ୍ତିର ଅର୍ଥ ହେଉଛି ଯାହାର ବ୍ୟବହାରରେ ବିଷାକ୍ତ ଗ୍ୟାସ ବାହାରୁ ନଥିବା। ଅକ୍ଷୟ ଶକ୍ତି ହେଉଛି ପ୍ରକୃତିରୁ ମିଳୁଥିବା ଶକ୍ତି। ଏହାର ଉଦାହରଣ ହେଉଛି ସୌର, ପବନ ଓ ଜଳ ଶକ୍ତି।

### ଜର୍ମାନୀରେ ରାହୁଲଙ୍କ ଅଭିଯୋଗ

## ବିଜେପି ସମ୍ବିଧାନ ଶେଷ କରିବାକୁ ଚାହୁଁଛି

ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିଜ ଜର୍ମାନୀ ଗସ୍ତରେ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି। ରାହୁଲ ଅଭିଯୋଗ କରିଛନ୍ତି ଯେ ବିଜେପି ଭାରତର ସମ୍ବିଧାନକୁ ଶେଷ କରିବା ପାଇଁ ଷଡ଼ଯନ୍ତ୍ର କରୁଛି। ସବୁ ନାଗରିକଙ୍କୁ ସମାନ ଅଧିକାରୀ ଦେଉଥିବା ମୂଳ ଭାବନାକୁ ହଟାଇବାକୁ ଚାହୁଁଛି। ଭାରତର ପ୍ରତିଷ୍ଠାନଗୁଡ଼ିକୁ ବିଜେପି କବଜା କରିଛି। କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାର କରୁଛି। ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକ ସ୍ୱାଧୀନ ଭାବେ କାର୍ଯ୍ୟ କରିପାରୁନାହାନ୍ତି।



ବିଜେପି ଭାରତର ସାଂଗଠନିକ ବ୍ୟବସ୍ଥାକୁ ଦଖଲ କରିସାରିଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ସିବିଆଇ ଭଳି ଏଜେନ୍ସିଗୁଡ଼ିକୁ ରାଜନୈତିକ ଅସ୍ତ୍ରରେ ପରିଣତ କରାଯାଇଛି। ଭାରତର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଆକ୍ରମଣ କେବଳ ଭାରତ ଉପରେ ନୁହେଁ, ବରଂ ସାରା ବିଶ୍ୱରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ଆକ୍ରମଣ। ବର୍ଲିନର ହର୍ଟି ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି ରାହୁଲ ଏହି ଟିପ୍ପଣୀ ଦେଇଥିଲେ।

ରାହୁଲ କହିଥିଲେ ଯେ ବିଜେପି ଏହାର ରାଜନୈତିକ ଶକ୍ତି ବୃଦ୍ଧି ପାଇଁ ପ୍ରତିଷ୍ଠାନଗୁଡ଼ିକୁ ବ୍ୟବହାର କରୁଛି। ଏଜେନ୍ସି ମାଧ୍ୟମରେ ବିରୋଧୀ ଦଳକୁ ନିଶାଣ କରୁଛି। । ବିଜେପି ବିରୋଧରେ ଇଡି ଏବଂ ସିବିଆଇରେ କୌଣସି ମାମଲା ନାହିଁ। କିନ୍ତୁ ଅଧିକାଂଶ ବିରୋଧୀ ରାଜନେତାଙ୍କ ବିରୋଧରେ ମାମଲା ରହିଛି। ଅନ୍ୟପଟେ ରାହୁଲଙ୍କ ଏହି ମନ୍ତବ୍ୟକୁ ବିଜେପି ମୁଖପାତ୍ର ଶେହଜାଦ ପୁନାୱାଲା ନିନ୍ଦା କରିଛନ୍ତି। ସେ କହିଛନ୍ତି ଯେ ରାହୁଲ ବିଦେଶୀ ମାଟିରେ ଭାରତକୁ ବଦନାମ କରୁଛନ୍ତି। ତାଙ୍କୁ ବିରୋଧୀ ଦଳର ନେତା ନୁହେଁ, ଅପପ୍ରଚାରର ନେତା କହିବା ଉଚିତ। ସେ ବିଦେଶରେ ଭାରତ ବିରୋଧୀ ଲୋକଙ୍କ ଭେଟନ୍ତି। ମିଥ୍ୟା ଅଭିଯୋଗ ଏବଂ ପ୍ରଚାର ପ୍ରସାର ରାହୁଲଙ୍କ ପୂର୍ଣ୍ଣକାଳୀନ ବେଉସା ପାଲଟି ଯାଇଛି।

# ରାଜସ୍ଥାନରେ ଝିଅ-ବୋହୂଙ୍କୁ କ୍ୟାମେରା ଫୋନ ମନା

ଜୟପୁର, ୨୩।୧୨ (ଏଜେନ୍ସି): ରାଜସ୍ଥାନ ଜାଲୋରର ଏକ ପଞ୍ଚାୟତରୁ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ଏଠାକାର ୧୫ ଗ୍ରାମରେ ଝିଅ-ବୋହୂଙ୍କୁ କ୍ୟାମେରା ଫୋନ ବ୍ୟବହାର ଉପରେ କଟକଣା ଲଗାଇ ଦିଆଯାଇଛି। ପିଲାଙ୍କ ମୋବାଇଲ ବ୍ୟବହାର ବୃଦ୍ଧିକୁ ଦେଖି ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ନିଷ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହୋଇଛି। କାରଣ ମହିଳା ଏବଂ ଝିଅଙ୍କୁ କ୍ୟାମେରା ଫୋନ ବଦଳରେ କିପ୍ୟାଡ ଫୋନ ବ୍ୟବହାର କରିବାକୁ କୁହାଯାଇଛି। ୨୬ ତାରିଖରୁ ଏହି ନିୟମ କାର୍ଯ୍ୟକାରୀ ହେବ। ସମ୍ପ୍ରଦାୟର ବୋହୁ ଏବଂ ଅବିବାହିତ ଝିଅଙ୍କ ପାଇଁ ଏହି ନିୟମ ଲାଗୁ ହେବ। ଚୌଧୁରୀ ସମାଜର ସୁନ୍ଧମାତା ପଟ୍ଟିର ପଞ୍ଚାୟତ ୧୫ଟି ଗାଁ ପାଇଁ ଏହି ନିଷ୍ପତ୍ତି ନେଇଛି। କିନ୍ତୁ ସ୍କୁଲ ଏବଂ କଲେଜ ଯାଉଥିବା ଝିଅଙ୍କୁ ପାଠପଢ଼ା ପାଇଁ ଏହି ନିୟମରୁ ବାଦ୍ ଦିଆଯାଇଛି।

ପଞ୍ଚାୟତର ନିଷ୍ପତ୍ତି ଅନୁଯାୟୀ, ଏବେ ମହିଳାମାନେ ସ୍ମାର୍ଟଫୋନ୍ ବଦଳରେ କେବଳ କିପ୍ୟାଡ୍ ଫୋନ୍ ବ୍ୟବହାର କରିପାରିବେ। ବିବାହ, ସାମାଜିକ କାର୍ଯ୍ୟକ୍ରମ ଏବଂ ପଡ଼ୋଶୀଙ୍କ ଘରକୁ ଯିବା ସମୟରେ ସେମାନଙ୍କୁ ମୋବାଇଲ୍ ଫୋନ୍ ନେବାକୁ ମଧ୍ୟ ବାରଣ କରାଯିବ। ଏହି ନିଷ୍ପତ୍ତି ନେବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଖୁବ ଭାଇରାଲ ହେବାରେ ଲାଗିଛି। ରବିବାର ଗାଜିପୁର ଗ୍ରାମରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ୧୪ପଟ୍ଟିର ସଭାପତି ସୁଜନାରାମ ଚୌଧୁରୀ ଏହାର ଅଧ୍ୟକ୍ଷତା କରିଥିଲେ। ସେ କହିଛନ୍ତି ଯେ ଏହି ପ୍ରସ୍ତାବ ଦେବରାମ କର୍ଣ୍ଣୋଲଙ୍କ ପକ୍ଷରୁ ଦିଆଯାଇଥିଲା। ଆଲୋଚନା ପରେ ସମସ୍ତ ପଞ୍ଚ ଏଥିରେ ସହମତ ହୋଇଥିଲେ। ଏହା ଜାଲୋର ଜିଲ୍ଲାର ଗାଜିପୁରା, ପାୱଲି, କାଲଡା, ମନୋଜିଆବାସ, ରାଜିକାୱାସ, ଦାତଲାୱାସ, ରାଜପୁରା, କୋଡି, ସିଦ୍ରୋଡି, ଆଲଡି, ରୋପସି, ଖାନଦେୱଲ, ସାବିଧର, ଭିନମାଲ ଏବଂ ଖାନପୁର ଗ୍ରାମ ଉପରେ କାର୍ଯ୍ୟକାରୀ ହେବ।

ସୁଜନାରାମ ଚୌଧୁରୀ କହିଛନ୍ତି ଯେ ସ୍କୁଲ ଏବଂ କଲେଜ ଯାଉଥିବା ଝିଅଙ୍କୁ ଘରେ ସ୍ମାର୍ଟଫୋନ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ମହିଳାଙ୍କ ପାଖରେ ମୋବାଇଲ୍ ଫୋନ୍ ରହିଲେ ପିଲାମାନେ ସେଗୁଡ଼ିକୁ ଅଧିକ ବ୍ୟବହାର କରୁଛନ୍ତି। ଏହା ସେମାନଙ୍କ ଆଖି ଉପରେ ଖରାପ ପ୍ରଭାବ ପକାଉଛି। ତାଙ୍କ ଦୃଷ୍ଟିଶକ୍ତି ହ୍ରାସ ପାଉଛି। ତେଣୁ ମୋବାଇଲ୍ ବ୍ୟବହାରକୁ ନିୟନ୍ତ୍ରଣ କରିବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି।

# ଅଖଲାକ୍ ହତ୍ୟା ମାମଲାରେ ୟୁପି ସରକାରଙ୍କୁ ଝଟକା

ଲକ୍ଷ୍ନୌ, ୨୩।୧୨ (ଏଜେନ୍ସି): ଗ୍ରେଟର ନୋଏଡ଼ାର ବହୁ ଚର୍ଚ୍ଚିତ ଅଖଲାକ ମବ୍ ଲିଞ୍ଚିଂ (ଭିଡ଼ ହିଂସା) ମାମଲାରେ ସୁରଜପୁର ଜିଲ୍ଲା କୋର୍ଟ ବଡ଼ ରାୟ ଦେଇଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ରୁଜୁ ମାମଲାକୁ ପ୍ରତ୍ୟାହାର କରିବା ପାଇଁ ପ୍ରଶାସନ କରିଥିବା ଆବେଦନକୁ କୋର୍ଟ ଖାରଜ କରିଦେଇଛନ୍ତି। ଦୈନିକ ଆଧାରରେ ମାମଲାର ଟ୍ରାଏଲ ଚଲାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଅଭିଯୁକ୍ତଙ୍କୁ ଆଶ୍ୱସ୍ତି ଦେବା ପାଇଁ ଚାଲିଥିବା ପ୍ରୟାସକୁ ବଡ଼ ଝଟ୍‌କା ଲାଗିଛି। ଆଜି ଶୁଣାଣି ସମୟରେ ମାମଲା ପ୍ରତ୍ୟହାର ପାଇଁ ସରକାରଙ୍କ ପକ୍ଷରୁ ନିବେଦନ କରାଯାଇଥିଲା। ତେବେ କୋର୍ଟ ଏହାକୁ ଆଧାରହୀନ କହି ଖାରଜ କରିଦେଇଥିଲେ। ମାମଲା ପ୍ରତ୍ୟାହାର ପାଇଁ କୌଣସି ସ୍ପଷ୍ଟ ଆଇନଗତ ଆଧାର ନାହିଁ ବୋଲି କହିଥିଲେ। ଏହା ସହିତ ମାମଲାର ନ୍ୟାୟିକ ପ୍ରକ୍ରିୟା ଜାରି ରହିବ ଏବଂ ମାମଲାର ଶୁଣାଣି ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ଜାନୁଆରୀ ୬ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଅଖଲାକଙ୍କ ପରିବାରର ଓକିଲ ଏହି ରାୟକୁ

**ସମସ୍ତ ଅଭିଯୁକ୍ତଙ୍କ ମୁକ୍ତି ପାଇଁ ସରକାରଙ୍କ ପିଟିସନକୁ ଖାରଜ କଲେ କୋର୍ଟ**

ସ୍ୱାଗତ କରିଛନ୍ତି। କୋର୍ଟ ଉଦାହରଣ ସୃଷ୍ଟି କରିଛନ୍ତି ଏବଂ ପରିବାରକୁ ନ୍ୟାୟ ମିଳିଛି ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ ବିସାହାଡା ଅଖଲାକ ହତ୍ୟାକାଣ୍ଡ ସାରା ଦେଶରେ ଚର୍ଚ୍ଚାରେ ଥିଲା। ଏହାକୁ ନେଇ ସାମାଜିକ ଏବଂ ରାଜନୈତିକ ସ୍ତରରେ ବିତର୍କ ଲାଗି ରହିଥିଲା। ୨୦୧୫ ସେପ୍ଟେମ୍ବର ୨୮ରେ ଉତ୍ତର ପ୍ରଦେଶ ଦାଦରୀ ନିକଟସ୍ଥ ବିସାହଡ଼ା ସ୍ଥିକ ମହମ୍ମଦ ଅଖଲାକଙ୍କ ଗ୍ରାମରେ ଭିଡ଼ ଏକାଠି ହୋଇଥିଲେ। ସେ ବାଛୁରୀ କାଟି ମାଂସ ଖାଇଥିବା ଅଭିଯୋଗ ଲଗାଇ ଥିଲେ। ଏହାକୁ ନେଇ ଲୋକେ ହଙ୍ଗାମା କରିଥିଲେ। ତେଣୁ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଥିଲା। ଲୋକେ ଏଠାରେ ପିଟି ପିଟି ଅଖଲାକଙ୍କୁ ହତ୍ୟା କରିଥିଲେ। ଏହି ମାମଲାରେ ୧୯ ଜଣଙ୍କୁ ଅଭିଯୁକ୍ତ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଜେପି ନେତାଙ୍କ ପୁଅ ବିଶାଲ ରାଣା ଏବଂ ତା ସାଙ୍ଗ ସଗା ଶିବମ ମୁଖ୍ୟ ଅଭିଯୁକ୍ତ ଥିଲା। ଉଭୟଙ୍କ ବିରୋଧରେ ହତ୍ୟା, ଦଙ୍ଗା, ଧମକ ସମେତ ଅନେକ ମାମଲା ଲଗା ଯାଇଥିଲା। ଗତ ଅକ୍ଟୋବରରେ ସମସ୍ତଙ୍କ ବିରୋଧରେ ଲାଗିଥିବା ଅଭିଯୋଗ ପ୍ରତ୍ୟାହାର ପାଇଁ ସରକାର ଆବେଦନ କରିଥିଲେ।

# ବିଜେପିର ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗରଙ୍କୁ ଜାମିନ

ନୂଆଦିଲ୍ଲୀ, ୨୩।୧୨ (ଏଜେନ୍ସି): ଉତ୍ତରପ୍ରଦେଶର ଉନ୍ନାଓରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାରେ ଆଜୀବନ ଜେଲ୍ ଦଣ୍ଡ ଭୋଗୁଥିବା ବିଜେପିର ପୂର୍ବତନ ବିଧାୟକ କୁଲଦୀପ ସେଙ୍ଗରଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଦିଲ୍ଲୀ ହାଇକୋର୍ଟ ତାକୁ ଜାମିନ ପ୍ରଦାନ କରିଛନ୍ତି। ଏହା ସହିତ ଶୁଣାଣି ଶେଷ ହେବା ପର୍ଯ୍ୟନ୍ତ ସେଙ୍ଗରଙ୍କ ଦଣ୍ଡକୁ ଜଷ୍ଟିସ ସୁବ୍ରମଣ୍ୟନ ପ୍ରସାଦ ଏବଂ ହରୀଶ ବୈଦ୍ୟନାଥଙ୍କ ଖଣ୍ଡପୀଠ ହଟାଇ ଦେଇଛନ୍ତି। ଏହି ଦଣ୍ଡ ବିରୋଧରେ ସେଙ୍ଗର ଆବେଦନ କରିଥିଲେ। ୧୫ ଲକ୍ଷ ଟଙ୍କାର ବ୍ୟକ୍ତିଗତ ମୁଚାଲିକା ସହିତ କୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ଦେଇଛନ୍ତି। ସେ ପୀଡ଼ିତାଙ୍କଠାରୁ ୫ କିମି ଦୂରରେ ରହିବେ। ସବୁ ସୋମବାର ଥାନାରେ ହାଜର ହେବେ। ପାସପୋର୍ଟ ଜମା କରିବେ ଏବଂ ଦେଶ ଛାଡ଼ି ଯାଇପାରିବେ ନାହିଁ। ଗୋଟିଏ ବି ସର୍ତ୍ତ ଭାଙ୍ଗିଲେ ଜାମିନକୁ ରଦ୍ଦ କରିଦିଆଯିବ ବୋଲି କୋର୍ଟ କହିଛନ୍ତି।

ସୂଚନାଯୋଗ୍ୟ ଯେ କୁଲଦୀପ ସେଙ୍ଗର ଏବଂ ତାଙ୍କ ସହଯୋଗୀ ୨୦୧୭ ରେ ନାବାଳିକାଙ୍କୁ ଉଠାଇ ନେଇ ଦୁଷ୍କର୍ମ କରିଥିଲେ। ସିବିଆଇ ଏହି ମାମଲାର ଯାଞ୍ଚ କରିଥିଲା। ଦିଲ୍ଲୀର ତିସ୍ ହଜାରି କୋର୍ଟ ୨୦୧୯ ଡିସେମ୍ବର ୨୦ରେ କୁଲଦୀପକୁ ଆଜୀବନ ଜେଲ୍‌ଦଣ୍ଡରେ ଦଣ୍ଡିତ କରି ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍‌ରେ ରଖିବାକୁ କହିଥିଲେ। ୨୫ ଲକ୍ଷ ଟଙ୍କା ଜୋରିମାନା ମଧ୍ୟ ଲଗାଇ ଥିଲେ। ଏହା ପରେ ସେଙ୍ଗରର ବିଧାନସଭା ସଦସ୍ୟତା ରଦ୍ଦ କରିଦିଆଯାଇଥିଲା। ବିଜେପି ତାଙ୍କୁ ଦଳରୁ ବାହାର କରି ଦେଇଥିଲା। ଏହି ମାମଲାର ତଦନ୍ତ ଏବଂ ଟ୍ରାଏଲ ଠିକ୍‌ରେ ହେଉ ନ ଥିବାରୁ ସୁପ୍ରିମକୋର୍ଟ ହସ୍ତକ୍ଷେପ କରିଥିଲେ। ମାମଲାକୁ ଦିଲ୍ଲୀ ଟ୍ରାନ୍ସଫର କରିଥିଲେ। ସେହିପରି ପୀଡ଼ିତା ଏବଂ ତାଙ୍କ ମାଆ କୋର୍ଟରେ ହାଜର ହେବାକୁ ଯାଉଥିବାବେଳେ ସେଙ୍ଗର ଗାଡ଼ି ଦୁର୍ଘଟଣାରେ ଉଭୟଙ୍କୁ ମାରିବାକୁ ଚେଷ୍ଟା କରିଥିଲା। ତେବେ ଉଭୟେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହା ବ୍ୟତୀତ ନାବାଳିକାଙ୍କ ପିତାଙ୍କୁ ପୁଲିସ ହେପାଜତରେ ମାରି ଦିଆଯାଇଥିଲା। ଏଭଳି ଜଘନ୍ୟ ମାମଲାରେ କୁଲଦୀପଙ୍କୁ ଜାମିନ ମିଳିଥିବାରୁ ଲୋକେ ରାୟକୁ ସମାଲୋଚନା କରୁଛନ୍ତି।

## ଦୁଇ ପିଲାଙ୍କୁ ମାରି ବାପା ଓ ଜେଜେମାଙ୍କ ଆତ୍ମହତ୍ୟା

ତିରୁଅନନ୍ତପୁରମ, ୨୩।୧୨ (ଏଜେନ୍ସି): କେରଳ କନ୍ନୁର ଜିଲ୍ଲାର ରାମନଥାଲି ଗ୍ରାମରୁ ବିଚଳିତ କରିବା ଭଳି ମାମଲା ସାମ୍ନାକୁ ଆସିଛି। ୨ ସନ୍ତାନଙ୍କୁ ହତ୍ୟା କରି ବାପା ଏବଂ ତାଙ୍କ ମା ଆତ୍ମହତ୍ୟା କରିଛନ୍ତି। ପିଲାଙ୍କ ହେପାଜତକୁ ନେଇ ସ୍ୱାମୀ ଏବଂ ଅଲଗା ରହୁଥିବା ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଚାଲିଥିଲା। ଏହି ହତ୍ୟାକାଣ୍ଡ ପୂର୍ବରୁ ୨ ସନ୍ତାନ ହିମା (୬) ଏବଂ କାନନ (୨) ନିଜ ବାପାଙ୍କ ପାଖରେ ରହୁଥିଲେ। ମାତ୍ର ଅଲଗା ହୋଇ ରହିଥିବା ସ୍ତ୍ରୀଙ୍କ ପାଖକୁ ସନ୍ତାନଙ୍କୁ ପଠାଇବାର ସମୟ ନିକଟତର ହେବାରୁ ସ୍ୱାମୀ କଲାଧରଣ କେଟି (୩୬) ସୋମବାର ରାତିରେ ଏଭଳି ଜଘନ୍ୟ କାଣ୍ଡ ଘଟାଇ ଥିଲେ। ମାଆ ଉଷା (୫୬) ଏବଂ ପୁଅ ୨ ପିଲାଙ୍କୁ କ୍ଷୀରରେ ବିଷ ଦେଇ ହତ୍ୟା କରିଥିଲେ ବୋଲି ପୁଲିସ କହିଛି। ଘରୁ ବିଷାକ୍ତ କ୍ଷୀର ମିଳିଛି। ସୂଚନା ଅନୁଯାୟୀ, କଲାଧରନଙ୍କ ସ୍ତ୍ରୀ ନୟନତାରା ପିଲାଙ୍କ ହେପାଜତ ପାଇଁ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବରୁ କୋର୍ଟ ସନ୍ତାନଙ୍କୁ ସ୍ତ୍ରୀଙ୍କ ପାଖକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

# ମଙ୍ଗୋଲିଆ ସୀମାରେ ଚୀନ୍‌ର ପରମାଣୁ ଅସ୍ତ୍ର ଭଣ୍ଡାର

ୱାସିଂଟନ, ୨୩।୧୨ (ଏଜେନ୍ସି): ଅସ୍ତ୍ରଶସ୍ତ୍ର ପ୍ରତିଯୋଗିତା ଚୀନ୍ ନିଜକୁ ଆଗରେ ରଖିବା ପାଇଁ ପ୍ରୟାସ ଜାରି ରଖିଛି। ଏହି କ୍ରମରେ କମ୍ୟୁନିଷ୍ଟ ରାଷ୍ଟ୍ର ବର୍ଷକୁ ପ୍ରାୟ ୧୦୦ ଅସ୍ତ୍ରଶସ୍ତ୍ର ନିର୍ମାଣ କରୁଛି। ଏହି ପରମାଣୁ ଅସ୍ତ୍ରଶସ୍ତ୍ର ଘାଟୀକୁ ନେଇ ଆମେରିକା ପ୍ରତିରକ୍ଷା ମନ୍ତ୍ରାଳୟ ପେଣ୍ଟାଗନ ପକ୍ଷରୁ ବଡ଼ ସୂଚନା ଦିଆଯାଇଛି। ନିଜ ପରମାଣୁ ପରମାଣୁ ଅସ୍ତ୍ରଶସ୍ତ୍ର ଗଚ୍ଛିତ ରଖିବାକୁ ପାଇଁ ଚୀନ୍ ମଙ୍ଗୋଲିଆ ସୀମା ନିକଟରେ ଏକ ସିଲ୍ଡ ତଥା ଉଚ୍ଚ ସୁରକ୍ଷା ବ୍ୟବସ୍ଥା ଥିବା ଭୂତଳ ଠିକଣା ନିର୍ମାଣ କରିଛି। ଭାରତ ସୀମାରୁ ପ୍ରାୟ ୨୫୦୦ କିମି ଦୂର ସ୍ଥିତ ସହର ୟୁମେନ୍ ଏବଂ ହାମିରେ ଚୀନ୍ ସର୍ବାଧିକ ପରମାଣୁ କ୍ଷେପଣାସ୍ତ୍ର ରହିଛି। ଚୀନ୍ ନିଜ ପରମାଣୁ କାର୍ଯ୍ୟକ୍ରମକୁ ହ୍ରାସ କରିବା ପରିବର୍ତ୍ତେ ବୃଦ୍ଧି କରିଚାଲିଛି। ଆମେରିକାର ଚାପ ସତ୍ତ୍ୱେ ୧୦୦ଟି ପରମାଣୁ କ୍ଷେପଣାସ୍ତ୍ରକୁ ଚୀନ୍ ଏକ ସିଲ୍ଡ ମଧ୍ୟରେ ଲୁଚାଇ ରଖିଛି। ଅଟୋମିକ ସାଇନ୍ସ ଜର୍ଣ୍ଣାଲରେ ଏହି ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ଅନୁଯାୟୀ, ଏବେ ଚୀନ୍ ନିକଟରେ ୬୦୦ ପରମାଣୁ ଅସ୍ତ୍ର ରହିଛି। ଏହା ମଧ୍ୟରେ ୧୨ଟି ପରମାଣୁ ବୁଡ଼ାଜାହାଜ ସାମିଲ ରହିଛି। ଚୀନ ବର୍ଷକୁ ପ୍ରାୟ ୧୦୦ଟି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରୁଛି। ଅଧିକାଂଶ ପରମାଣୁ ଅସ୍ତ୍ରକୁ ଏହି ଦେଶ ମଙ୍ଗୋଲିଆ କିମ୍ବା ଆଫଗାନିସ୍ତାନ ସୀମାରେ ନିର୍ମାଣ କରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ପରମାଣୁ ଅସ୍ତ୍ରଶସ୍ତ୍ର ଦୌଡ଼ରେ ଚୀନ୍ ରୁଷ ଏବଂ ଆମେରିକାକୁ ପଛରେ ପକାଇବାକୁ ଚେଷ୍ଟା କରୁଛି। ଏବେ ଆମେରିକା ଏବଂ ରୁଷ୍ ନିକଟରେ ୫୦୦୦ରୁ ଅଧିକ ପରମାଣୁ ଅସ୍ତ୍ର ଅଛି। ଭାରତ ପାଖରେ ୧୮୦ଟି ଏବଂ ପାକିସ୍ତାନ ପାଖରେ ୧୭୦ଟି ପରମାଣୁ ଅସ୍ତ୍ର ରହିଛି। ଏସିଆରେ କେବଳ ଚୀନ୍, ଭାରତ ଏବଂ ପାକିସ୍ତାନ ପାଖରେ ପରମାଣୁ ଅସ୍ତ୍ର ରଖିଛନ୍ତି। ପୂର୍ବରୁ ଟ୍ରମ୍ପ ପରମାଣୁ ଅସ୍ତ୍ରଶସ୍ତ୍ରର ପୁନଃ ପରୀକ୍ଷଣ ଆରମ୍ଭ କରିବା ପାଇଁ ନିଜ ସେନାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଚୀନ୍ ଏବଂ ରୁଷ୍‌ର ପରମାଣୁ ଅସ୍ତ୍ରଶସ୍ତ୍ର ବୃଦ୍ଧିକୁ ଦେଖି ଏହି ନିଷ୍ପତ୍ତି ନେଇଥିଲେ।

- **ଚୀନ୍ ପାଖରେ ୬୦୦ ପରମାଣୁ ଅସ୍ତ୍ର**
- **ବର୍ଷକୁ ୧୦୦ ପରମାଣୁ ଅସ୍ତ୍ର ନିର୍ମାଣ**

## ନୂଆବର୍ଷ ଓ ବଡ଼ଦିନ ପୂର୍ବରୁ ଗାଡ଼ି ଯନ୍ତ୍ରଣା

# ଆଗ ଚାଲାଣ; ପରେ ପ୍ରଦୂଷଣ ସାର୍ଟିଫିକେଟ୍

ଭୁବନେଶ୍ୱର,୨୩।୧୨(ସମିସ): ରାଜ୍ୟରେ ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ୍ (ପିୟୁସିସି) ନବୀକରଣକୁ ନେଇ ଆରମ୍ଭ ହୋଇଛି ଲମ୍ବାଧାଡ଼ି। ରାଜ୍ୟ ପରିବହନ ବିଭାଗର ୧୫ ଦିନିଆ ମହଲତ ପରେ ରାଜ୍ୟରେ ବିଶେଷକରି ଭୁବନେଶ୍ୱରରେ ଆଜି ସବୁ ପିୟୁସି କେନ୍ଦ୍ର ଆଗରେ ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ଅନେକ ଲୋକ ପଲ୍ୟୁସନ୍ ସାର୍ଟିଫିକେଟ୍ ନବୀକରଣ କରୁଥିବା ବେଳେ ଅଧିକାଂଶ ଲୋକ ନିଜର ପୁରୁଣା

- ପୁରୁଣା ଚାଲାଣ ଥିଲେ ହୋଇପାରୁନି ପିୟୁସି
- ପରିବହନ ବିଭାଗର ନିର୍ଦ୍ଦେଶ ପରେ ଲୋକେ ଛାନିଆ

ଚାଲାଣ ପାଇଁ ଫସି ରହିଛନ୍ତି। ଯେଉଁ ଗାଡ଼ି ମାଲିକମାନଙ୍କ ନାମରେ କୌଣସି ନିୟମ ଉଲ୍ଲଙ୍ଘନ ପାଇଁ ଚାଲାଣ ରହିଛି, ସେମାନେ ଗାଡ଼ିର ପ୍ରଦୂଷଣ ପ୍ରମାଣପତ୍ର ସାର୍ଟିଫିକେଟ୍ କରାଇବାରେ ବିଫଳ ହେଉଛନ୍ତି। ଏଥିପାଇଁ ସେମାନଙ୍କୁ ପ୍ରଥମେ ନିଜର ଚାଲାଣ ଅନୁଯାୟୀ ଆର୍ଥିକ ଜରିମାନା ରାଶି ପୈଠ କରିବାକୁ ବାଧ୍ୟତାମୂଳକ କରାଯାଇଛି। ପରିବହନ ବିଭାଗର ଏଭଳି ନିୟମ ଓ ଚାଲାକୀ ଯୋଗୁଁ ଏବେ ଯେଉଁମାନେ ଦୀର୍ଘ ଦିନ ହେବ ଚାଲାଣ ପାଇଁ ଜରିମାନା ଦେଇ ନ ଥିଲେ ସେମାନଙ୍କ ମୁଣ୍ଡରେ ଚିନ୍ତା ପଶିଛି।

ନିକଟରେ ରାଜ୍ୟ ପରିବହନ ବିଭାଗ ଯେଉଁମାନଙ୍କର ପଲ୍ୟୁସନ୍ ସାର୍ଟିଫିକେଟ୍ ନାହିଁ, ସେମାନଙ୍କୁ ପେଟ୍ରୋଲ ଟାଙ୍କିରେ ତେଲ ଦିଆଯିବ ନାହିଁ ବୋଲି ନିୟମ କରିଛି। ଆସନ୍ତା ଜାନୁଆରୀ ୧ ପର୍ଯ୍ୟନ୍ତ ଏହି ନିୟମ ବିଷୟରେ ସଚେତନ କରିବା ସହ ଏହାପରେ କଡ଼ାକଡ଼ି ନିୟମ ପାଳନ ପାଇଁ ବିଭାଗ ନିଷ୍ପତ୍ତି ନେଇଛି। ଯଦି ଏହି କ୍ଷେତ୍ରରେ କେହି ନିୟମ ଉଲ୍ଲଙ୍ଘନ ଅର୍ଥାତ ପଲ୍ୟୁସନ୍ ସାର୍ଟିଫିକେଟ୍ ନ କରିଥାନ୍ତି, ତେବେ ସେମାନଙ୍କଠାରୁ ୧୦ ହଜାର ଟଙ୍କା ଜରିମାନା ରାଶି ଆଦାୟ କରାଯିବା ନେଇ ବ୍ୟବସ୍ଥା ହୋଇଛି। ସରକାରଙ୍କ ଏହି କଡ଼ା କଟକଣା ପରେ ଲୋକେ ଏବେ ପଲ୍ୟୁସନ୍ ସାର୍ଟିଫିକେଟ୍ କରାଇବା ପାଇଁ ଏହି କେନ୍ଦ୍ରଗୁଡ଼ିକ ନିକଟରେ ଧାଡ଼ି ଲଗାଇଛନ୍ତି। ମଙ୍ଗଳବାର ରାଜଧାନୀର ଅଧିକାଂଶ ପଲ୍ୟୁସନ୍ ସାର୍ଟିଫିକେଟ୍




ପ୍ରଦାନକାରୀ କେନ୍ଦ୍ର ଆଗରେ ନାହିଁ ନ ଥିବା ଭିଡ଼ ଦେଖିବାକୁ ମିଳିଛି। ଏପରି ସ୍ଥଳରେ ଭୁବନେଶ୍ୱରରେ ଟ୍ରାଫିକ୍ ଚାଲାଣ ବାବଦକୁ ଜରିମାନା ପୈଠ କେନ୍ଦ୍ରଗୁଡ଼ିକରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଅନେକ ଗାଡ଼ି ଚାଳକ ବିନା କାରଣରେ ଜରିମାନା ହୋଇଥିବା ନେଇ ଅଭିଯୋଗ ଆଣିଛନ୍ତି। ଭୁବନେଶ୍ୱର ଟ୍ରାଫିକ୍ ଥାନା-୧ ନିକଟରେ ଜରିମାନା ପୈଠ କରିବାକୁ ଆସିଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ, ପୁରୀରେ ଜଣେ ବାଇକ୍ ଚାଳକ ଆଇନ ଉଲଘଂନ କରୁଛି। ହେଲେ ଭୁବନେଶ୍ୱରରେ ଥିବା କାର ମାଲିକଙ୍କ ପାଖକୁ ଚାଲାଣ ଆସିଛି। ପରିବହନ ବିଭାଗର ଏହି ବିଚିତ୍ର ବ୍ୟବସ୍ଥାକୁ ନେଇସେ ପ୍ରଶ୍ନ କରିବା ସହ ନୋ ପାର୍କିଂରେ ଗାଡି, ହେଲେ ବିନା ହେଲମେଟରେ ଫାଇନ୍ ଆସିଥିବା ସେ କହିଛନ୍ତି। ଏମିତି ଫାଇନ ଆସୁଛି ଯେ କ'ଣ କରିବେ ବୋଲି ଉପାୟ ପାଇ ପାରୁନାହାନ୍ତି। ଚାକିରି କରିବେ ନା ଫାଇନ ଭରିବେ, ତାକୁ ନେଇ ଗାଡ଼ି ଚାଳକ ଚିନ୍ତାରେ ପଡ଼ିଛନ୍ତି।

ରାଜ୍ୟରେ ଏଭଳି ଚାଲାଣ କରିବା ଦ୍ୱାରା ପ୍ରାୟ ୩୧ ଲକ୍ଷ ଚାଲାଣ ପଡ଼ି ରହିଥିଲା। ଏହାକୁ ଦୃଷ୍ଟିରେ ରଖି ପରବିନ ବିଭାଗ ଅଧିକାଂଶ ନିୟମ ଉଲ୍ଲଂଘନ କ୍ଷେତ୍ରରେ ହୋଇଥିବା ଜରିମାନା ରାଶିକୁ ଅଧାକୁ ହ୍ରାସ କରି ଏହି ଚାଲାଣ ପୈଠ କରିବାକୁ ଲୋକଙ୍କୁ ଉତ୍ସାହିତ କରିଥିଲା। ମାତ୍ର ଏଥିରେ ବି ଆଶାନୁରୂପ ସଫଳତା ନ ମିଳିବା ପରେ ଏବେ ପିୟୁସି ସାର୍ଟିଫିକେଟ୍‌କୁ ଆୟୁଧ କରାଯାଇଛି। ଯେହେତୁ ପିୟୁସିସି କରିବା ପାଇଁ ହେଲେ ଚାଲାଣ ପୈଠ କରିବା ବାଧ୍ୟତାମୂଳକ ରହିଛି, ତେଣୁ କିଛି ଲୋକ ଏବେ ଚାଲାଣ ବାବଦରେ ଜରିମାନା ରାଶି ପୈଠ କରିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପଟେ ଚାଲାଣ ଓ ପିୟୁସି ପାଇଁ ବିଭିନ୍ନ ସ୍ଥାନରେ ଭିଡ଼ ହେବା ପରେ ଆଜି ପରିବହନ ବିଭାଗ ପକ୍ଷରୁ କୁହାଯାଇଛି ଇ-ଚାଲାଣ ବକେୟା ଥିଲେ ପ୍ରଦୂଷଣ ଯାଞ୍ଚରେ ପ୍ରତିବନ୍ଧକ କଥା ପ୍ରଚାରିତ ହେଉଛି। ମାତ୍ର ଏଠାରେ ସ୍ପଷ୍ଟ କରାଯାଉଛି ଯେ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ (ନିୟମ ୧୬୭) ଅନୁଯାୟୀ ୯୦ ଦିନରୁ ଅଧିକ ଦିନ ଧରି ବକେୟା ଥିବା ଇ-ଚାଲାଣ ପାଇଁ ଏହା ଲାଗୁ ହୋଇଥାଏ। ୯୦ ଦିନରୁ କମ୍ ଦିନ ବକେୟା ଥିବା ଚାଲାଣ ପାଇଁ ବୈଧ ପ୍ରଦୂଷଣ ପତ୍ର ପାଇବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ବିଭାଗ କହିଛି।

## ଓଏଚ୍‌ଆର୍‌ସିକୁ ଗଲା ପିୟୁସିସି ମାମଲା

ଭୁବନେଶ୍ୱର,୨୩।୧୨(ସମିସ): ରାଜ୍ୟ ସରକାରଙ୍କ ପରିବହନ ବିଭାଗ ପକ୍ଷରୁ ପରିବେଶ ପ୍ରଦୂଷଣ ରୋକିବା ପାଇଁ ଅଳ୍ପ ସମୟ ମଧ୍ୟରେ ସମସ୍ତ ଯାନର ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ କରିବା ପାଇଁ ଯେଉଁ ନିଷ୍ପତି ଗ୍ରହଣ କରାଯାଇଛି ତାହାକୁ ପରିବର୍ତ୍ତନ କରି ଆସନ୍ତା ୬ ମାସ ପର୍ଯ୍ୟନ୍ତ ଏହାର ସମୟ ସୀମାକୁ ବୃଦ୍ଧି କରିବା ପାଇଁ ନିର୍ଦ୍ଦେଶ ଦେବାକୁ ମାନବାଧିକାର କମିଶନଙ୍କ ନିକଟରେ ପିଟିସନ ଦାଖଲ କରାଯାଇଛି। ପରିବହନ ବିଶେଷଜ୍ଞ ତଥା ବରିଷ୍ଠ ଆଇନ୍‌ଜୀବୀ ସୁବ୍ରତ କୁମାର ନନ୍ଦ ଏହି ପିଟିସନ ଦାଖଲ କରି କହିଛନ୍ତି ଯେ, ମଟର ଯାନ ଆଇନ୍ ଅନୁସାରେ ଜୋରିମାନା ନ ଦେଲେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବ ନାହିଁ ବୋଲି କୌଣସି ବ୍ୟବସ୍ଥା ନାହିଁ। ମାତ୍ର ରାଜ୍ୟ ପରିବହନ ପ୍ରାଧିକରଣଙ୍କ ପକ୍ଷରୁ ଯେଉଁ ଗାଡ଼ି ଗୁଡିକର ପୁରୁଣା ମଟର ଯାନ ସଂପର୍କୀୟ ମାମଲା ଅଛି ତାହାର ଜୋରିମାନା ଦାଖଲ କଲାପରେ ପ୍ରଦୂଷଣ ସାର୍ଟିଫିକେଟ୍ ମିଳିବା ପାଇଁ ବ୍ୟବସ୍ଥା କରାଯାଇଛି। ଏହାକୁ ତୁରନ୍ତ ବନ୍ଦ କରିବାକୁ କମିଶନଙ୍କ ନିକଟରେ ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାରଙ୍କ ଘୋଷଣା ଯୋଗୁଁ ସାରା ରାଜ୍ୟରେ ପ୍ରଦୂଷଣ ପ୍ରମାଣ ପତ୍ର ପାଇଁ ଯାନବାହନ ମାଲିକ ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିନା ପ୍ରଦୂଷଣରେ ଗାଡି ଚଳାଇଲେ ମୋଟର ଯାନ ଆଇନ୍ ଅନୁଯାଇ ୧୦ହଜାର ଟଙ୍କା ଫାଇନ୍ ଦେବାର ବ୍ୟବସ୍ଥା ଅଛି। କିନ୍ତୁ ସେହି ଆଇନ୍ ଅନୁସାରେ ଯଦି ୭ ଦିନ ଭିତରେ ପ୍ରଦୂଷଣ ପ୍ରମାଣ ପାତ୍ର ସେହି ଲୋକଟି ଦାଖଲ କରେ ତା ହେଲେ ତାହାର ପ୍ରଦୂଷଣ ଜୋରିମାନାକୁ କାଟିବାର ବ୍ୟବସ୍ଥା ଅଛି। ମାତ୍ର ରାଜ୍ୟ ସରକାର ଆଇନ୍‌କୁ ଉଲଂଘନ କରି ବିଭିନ୍ନ ଜାଗାରେ ଲୋକମାନଙ୍କ ଠାରୁ କୋଟି କୋଟି ଟଙ୍କା ଜୋରିମାନା ଆଦାୟ କରିଛନ୍ତି। ବିଭିନ୍ନ ସମୟରେ ମଟର ଯାନ ଆଇନ୍‌ର ଧାରାକୁ ଉଲଂଘନ କରି ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତେଣୁ ଏହି ଘଟଣାରେ କମିଶନ ହସ୍ତକ୍ଷେପ କରି ଜୋରିମାନା ଥିଲେ ମଧ୍ୟ ପ୍ରଦୂଷଣ ସାର୍ଟିଫିକେଟ୍ ଦେବାର ବ୍ୟବସ୍ଥା କରିବାକୁ ଏହି ପିଟିସନ୍‌ରେ ଉଲ୍ଲେଖ କରାଯାଇଛି।

## ୧୫୦ଟି ଆମ୍ବୁଲାନ୍ସ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨୩।୧୨(ସମିସ): ରାଜ୍ୟରେ ଜରୁରୀକାଳୀନ ଆମ୍ବୁଲାନ୍ସ ସେବାରେ ଅଧିକ ଉନ୍ନତି ଆଣିବା ପାଇଁ ପର୍ଯ୍ୟାୟକ୍ରମେ ପୁରୁଣା ଆମ୍ବୁଲାନ୍ସ ଗୁଡିକୁ ବଦଳାଯାଇ ନୂଆ ଆମ୍ବୁଲାନ୍ସ ଅଣାଯାଉଅଛି। ସ୍ୱାସ୍ଥ୍ୟ ସେବାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆହୁରି ୧୦୮ -ଜରୁରୀକାଳୀନ ମେଡିକାଲ ଆମ୍ବୁଲାନ୍ସ ସେବା(ଇଏମଏଏସ-ଆମ୍ବୁଲାନ୍ସ) କ୍ରୟ କରାଯାଇଛି। ୪୨୮ ଟି ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ୧୧୧ କୋଟି ଖର୍ଚ୍ଚ କରିଛନ୍ତି ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କଳିଙ୍ଗ ଷ୍ଟାଡିୟମ ଠାରେ ୧୫୦ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗୀୟ କମିଶନର ତଥା ସଚିବ ଅଶ୍ୱତୀ ଏସଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୪୨୮ ଟି ନୂଆ ୧୦୮ ଆମ୍ବୁଲାନ୍ସ କ୍ରୟ କରାଯାଇଛି। ୪୧୯ ଟି ପୁରୁଣା ଆମ୍ବୁଲାନ୍ସ, ଦୁର୍ଘଟଣାରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ୨ଟି ଆମ୍ବୁଲାନ୍ସକୁ ପରିବର୍ତ୍ତନ କରାଯାଇ ସେଗୁଡ଼ିକ ସ୍ଥାନରେ ନୂଆ ଆମ୍ବୁଲାନ୍ସ ବ୍ୟବହାର କରାଯିବ। ଏହା ବ୍ୟତୀତ ବାଣିଜ୍ୟ ଏବଂ ପରିବହନ ବିଭାଗରେ ବିମାନବନ୍ଦର/ଏୟାରଷ୍ଟ୍ରିପ୍‌ରେ ବ୍ୟବହାର ପାଇଁ ୫ଟି ଏଏଲଏସ ଆମ୍ବୁଲାନ୍ସ ଏବଂ ଝାରସୁଗୁଡ଼ା କାର୍ଡିଆକ୍ କେୟାର୍ ହସ୍ପିଟାଲ୍ ପାଇଁ ୨ଟି ଏଏଲଏସ ଆମ୍ବୁଲାନ୍ସ ବ୍ୟବହାର କରାଯିବ। ରାଜ୍ୟରେ ଦୈନିକ ୫ ହଜାର ରୋଗୀଙ୍କୁ ୧୦୮ -ଆମ୍ବୁଲାନ୍ସ ଜରିଆରେ ବିଭିନ୍ନ ହସ୍ପିଟାଲକୁ ନିଆଯାଉଛି।

■ ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି

## ହାଇକୋର୍ଟରେ ମାମଲା ଖାରଜ

କଟକ,୨୩।୧୨(ସମିସ): ବିଧାନସଭାରେ ବିଧାୟକ ମାନଙ୍କର ଦରମା ଓ ଭତ୍ତାକୁ ଅହେତୁକ ବୃଦ୍ଧି କରାଯାଇଥିବା ନିଷ୍ପତ୍ତିକୁ ବିରୋଧ କରି ଦାୟର ମାମଲାର ଶୁଣାଣି ପାଇଁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ଆଇନଜୀବୀ କବିତା ପାତ୍ରଙ୍କ ତରଫରୁ ଦାୟର ଏହି ମାମଲାକୁ ଖାରଜ କରିଛନ୍ତି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ। ମାମଲା ଶୁଣାଣି ସମୟରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଅଦାଲତଙ୍କୁ ଅବଗତ କରିଥିଲେ ଯେ, ଓଡିଶା ବିଧାନସଭାରେ ପାରିତ ହୋଇଥିବା ବିଧାୟକଙ୍କ ଦରମା ଓ ଭତ୍ତା ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତିକୁ ଚାଲେଞ୍ଜ କରି ଏହି ମାମଲା ଦାୟର ହୋଇଛି । ଏହା ରାଜ୍ୟପାଳଙ୍କ ଅନୁମୋଦନ ଲାଭ କରି ଆଇନରେ ପରିଣତ ହୋଇନଥିବା ବେଳେ ଏହାକୁ ଚାଲେଞ୍ଜ କରି ଜନସ୍ୱାର୍ଥ ମାମଲା ଗ୍ରହଣୀୟ ନୁହେଁ ବୋଲି ଶ୍ରୀ ଆଚାର୍ଯ୍ୟ ସୁପ୍ରିମକୋର୍ଟ ଓ ଆହ୍ଲାବାଦ ହାଇକୋର୍ଟଙ୍କ ରାୟକୁ ଦୃଷ୍ଟାନ୍ତ ଭାବେ ଉପସ୍ଥାପନ କରିଥିଲେ। ଏହି ଯୁକ୍ତିକୁ ଗ୍ରହଣ କରି ହାଇକୋର୍ଟ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି । ମାମଲାରୁ ପ୍ରକାଶ ଯେ, ଶେଷ ଥର ପାଇଁ ୨୦୧୭ ମସିହାରେ ବିଧାୟକଙ୍କ ଦରମା ସଂଶୋଧିତ ହୋଇଥିଲା । ମାସିକ ପାଖାପାଖି ଏକ ଲକ୍ଷ ଟଙ୍କା ପାଉଥିବା ବିଧାୟକ ଏବେ ସଂଶୋଧନ ପରେ ମୋଟ୍ ୩.୪୫ ଲକ୍ଷ ଟଙ୍କା ପାଇବେ ବୋଲି ବିଧାନସଭାରେ ସର୍ବସମ୍ମତ ନିଷ୍ପତ୍ତି ଓ ବିଲ ଗୃହୀତ ହୋଇଥିଲା। ବର୍ଦ୍ଧିତ ଦରମା ଓ ଭତ୍ତା ଦିଆଗଲେ ରାଜ୍ୟ ରାଜକୋଷରୁ ପ୍ରତିମାସରେ ୫ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହେବ ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ହାଇକୋର୍ଟରେ ରତ୍ନଭଣ୍ଡାର ପ୍ରସଙ୍ଗରେ ଏଏସ୍‌ଆଇର ସତ୍ୟପାଠ

## ଏସ୍‌ଓପି ପରେ ଗଣତିମଣତି

କଟକ, ୨୩।୧୨ (ସମିସ): ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ମରାମତି ଓ ଚାବି ହଜିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ) ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି। ଏଏସ୍‌ଆଇ ପକ୍ଷରୁ ଦର୍ଶାଯାଇଛି ଯେ ଶ୍ରୀମନ୍ଦିର ରତ୍ନଭଣ୍ଡାରର ଉଭୟ ଭିତର ଓ ବାହାର ମରାମତି କାମ ସମ୍ପୂର୍ଣ୍ଣ କରାଯାଇ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇ ସରିଛି। ଅନ୍ୟପଟରେ ରତ୍ନଭଣ୍ଡାରର ଅଳଙ୍କାର ଗଣତିମଣତି ପାଇଁ ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର(ଏସ୍‌ଓପି) ରାଜ୍ୟ ସରକାର ପ୍ରସ୍ତୁତ କରୁଛନ୍ତି ବୋଲି ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଆଜି ହାଇକୋର୍ଟଙ୍କୁ ଅବଗତ କରିଛନ୍ତି। ଏହା ଚୂଡ଼ାନ୍ତ ହୋଇ ନଥିବାରୁ ପରବର୍ତ୍ତୀ ଶୁଣାଣି ସମୟରେ ଏହାର ସ୍ଥିତି ସମ୍ପର୍କରେ ଜଣାଇବେ ବୋଲି ଆଡଭୋକେଟ ଜେନେରାଲ କହିଥିଲେ। ଏହାକୁ ଦୃଷ୍ଟିରେ ରଖି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୦୨୬ ଜାନୁଆରି୨୭ ତାରିଖକୁ ଧାର୍ଯ୍ୟ କରିଛନ୍ତି ହାଇକୋର୍ଟ। ଦିଲ୍ଲୀପ କୁମାର ବରାଳଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ମାମଲାରୁ ପ୍ରକାଶ ଯେ ରତ୍ନଭଣ୍ଡାର ଚାବି ହଜିବା ଘଟଣାରେ ତଦନ୍ତ କମିସନ ରିପୋର୍ଟ ସାର୍ବଜନୀନ କରିବା ଓ ରତ୍ନଭଣ୍ଡାର ମରାମତି ସହ ରତ୍ନ ଅଳଙ୍କାରର ଗଣତିମଣତିକୁ ନେଇ ଏହି ମାମଲା ରୁଜୁ ହୋଇଛି। ଚାବି ହଜିବା ଘଟଣାରେ ଜଷ୍ଟିସ ରଘୁବୀର ଦାସ ତଦନ୍ତ କମିସନ ରିପୋର୍ଟ ଅଦ୍ୟାବଧି ସାର୍ବଜନୀନ ହୋଇନଥିବାରୁ ଏହାର ବର୍ତ୍ତମାନର ସ୍ଥିତି ନେଇ ଆବେଦନକାରୀ ଉଠାଇଥିବା ପ୍ରସଙ୍ଗ ଉପରେ ପରବର୍ତ୍ତୀ ତାରିଖରେ ଶୁଣାଣି ହେବ ବୋଲି ଜଣାପଡ଼ିଛି। ପ୍ରକାଶଥାଉକି, ଏହି ମାମଲାରେ ରାଜ୍ୟ ସରକାର ପୂର୍ବରୁ ଦେଇଥିବା ସତ୍ୟପାଠରେ ତଦନ୍ତ କମିସନ ରିପୋର୍ଟ କ୍ୟାବିନେଟ୍‌ରେ ଉପସ୍ଥାପନ ହେବ ବୋଲି ଜଣାଇଥିଲେ। ପୁନର୍ବାର ଆଉ ଏକ ସତ୍ୟପାଠରେ ତଦନ୍ତ କମିସନଙ୍କ ରିପୋର୍ଟ ସାର୍ବଜନିନ କରିବା ବାଧ୍ୟତାମୂଳକ ନୁହେଁ ବୋଲି ମଧ୍ୟ ଜଣାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

### ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା

## ଅନିଶ୍ଚିତତାରେ ପରୀକ୍ଷା, ଚିନ୍ତାରେ ଆଶାୟୀ

ଭୁବନେଶ୍ୱର, ୨୩।୧୨(ସମିସ): ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ମାମଲା ଧରା ପଡ଼ିବା ପରେ ପରୀକ୍ଷାକୁ ନେଇ ସୃଷ୍ଟି ହୋଇଛି ଅନିଶ୍ଚିତତା। ବିଜ୍ଞପ୍ତି ପ୍ରକାଶ ପାଇବାର ବର୍ଷେ ପୂରିବାକୁ ଯାଉଥିବାବେଳେ ପରୀକ୍ଷା କେବେ ହେବ, ସେ ନେଇ ସରକାର ମୁହଁ ଖୋଲୁ ନାହାନ୍ତି। ଓଡ଼ିଶା ପୁଲିସ୍ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ଅଧିକାରୀ ଓ ବୋର୍ଡ ସଦସ୍ୟମାନେ ସିବିଆଇ ସ୍କାନରରେ ଥିବାରୁ ସେମାନେ ନିରବ ରହିବାକୁ ଶ୍ରେୟସ୍କର ମଣୁଛନ୍ତି। ଏପରିକି ପରୀକ୍ଷା କରିବାକୁ କୌଣସି ପ୍ରକାର ଆଗ୍ରହ ମଧ୍ୟ ପ୍ରକାଶ କରୁ ନାହାନ୍ତି। ଏପରି ଅନିଶ୍ଚିତତା ମଧ୍ୟରେ ନିଯୁକ୍ତି ବିଜ୍ଞପ୍ତିକୁ ବାତିଲ କରାଯିବ ବୋଲି ଓପିଆର୍‌ବି ପକ୍ଷରୁ ସୂଚନା ଦିଆଯାଇଛି।

- ଓପିଆର୍‌ବି ଓ ସରକାରଙ୍କ ନିରବତା ନେଇ ପ୍ରଶ୍ନ
- ତୁରନ୍ତ ପରୀକ୍ଷା କରିବାକୁ ଆଶାୟୀଙ୍କ ଦାବି

ସୂଚନା ଅନୁସାରେ ପୂର୍ବରୁ ପ୍ରକାଶ ପାଇଥିବା ନିଯୁକ୍ତି ବିଜ୍ଞପ୍ତିକୁ ବାତିଲ୍ କରାଯାଇ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟାକୁ ପୁଣିଥରେ ମୂଳରୁ ଆରମ୍ଭ କରାଯିବ। ଏଥିପାଇଁ ପୁନଃ ବିଜ୍ଞପ୍ତି ପ୍ରକାଶ କରାଯିବ। ଓପିଆର୍‌ବି ପକ୍ଷରୁ ଏ ନେଇ ଅଧିକାରିକ ଭାବେ ସୂଚନା ମଧ୍ୟ ଦିଆଯାଇଛି। ପରୀକ୍ଷା ସମ୍ବନ୍ଧୀୟ ଏକ ଅଭିଯୋଗ ଉପରେ ଓପିଆର୍‌ବି ପକ୍ଷରୁ କୁହାଯାଇଛି ଯେ, ପୁଲିସ୍ ନୂତନ ବିଜ୍ଞପ୍ତି ପ୍ରକାଶ କରି ପୁନଃ ଏସ୍‌ଆଇ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବ। ଓପିଆର୍‌ବି ଏସ୍‌ପିଙ୍କ ପକ୍ଷରୁ କଟକ ମୁଖ୍ୟାଳୟର ଅତିରିକ୍ତ ଏସ୍‌ପିଙ୍କୁ ଗତ ୧୫ ତାରିଖରେ ଏନେଇ ମଧ୍ୟ ଅବଗତ କରାଯାଇଛି। ଓପିଆର୍‌ବିର ଏହି ଚିଠି ପରେ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ତେଜିଛି। ପରୀକ୍ଷାକୁ ବିଳମ୍ବିତ କରିବା ପାଇଁ ଜାଣିଶୁଣି ଓପିଆର୍‌ବି ପକ୍ଷରୁ ଏପରି ପଦକ୍ଷେପ ନିଆଯାଉଥିବା ଆବେଦନକାରୀମାନେ ଅଭିଯୋଗ କରିଛନ୍ତି। ପରୀକ୍ଷା ପରିଚାଳନା ପାଇଁ ଟେଣ୍ଡର ପାଇଥିବା କମ୍ପାନୀକୁ କଳା ତାଲିକାଭୁକ୍ତ କରାଯାଇଥିଲେ ମଧ୍ୟ ଆବେଦନକାରୀଙ୍କ ତଥ୍ୟ ସମ୍ପୃକ୍ତ କମ୍ପାନୀ ଆଇଟିଆଇ ଲିମିଟେଡ୍ ଓ ଓପିଆର୍‌ବି ପାଖରେ ଅଛି। ଟେଣ୍ଡର ନିୟମ ଅନୁଯାୟୀ ସମସ୍ତ ତଥ୍ୟ ଦେବାକୁ କମ୍ପାନୀ ବାଧ୍ୟ। ତେଣୁ ନୂତନ ଟେଣ୍ଡର କରି ଅଭିଜ୍ଞତା ସମ୍ପନ୍ନ ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦିଆଯାଇପାରିବ। ତ୍ୱରିତ ପରୀକ୍ଷା ପାଇଁ ପଦକ୍ଷେପ ନ ନେଇ ପ୍ରାୟ ଦେଢ଼ ଲକ୍ଷ ଆଶାୟୀଙ୍କ ଜୀବନ ସହ ସରକାର ଓ ଓପିଆର୍‌ବି ଖେଳୁଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି।

ଅପରପକ୍ଷରେ ସିବିଆଇ ତଦନ୍ତରେ ଓପିଆର୍‌ବି ଅଧିକାରୀଙ୍କ ସମେତ ଆଉକିଛି ବଡ଼ବାବୁ ଆକ୍ରାମାକ୍ରା ହୋଇଛନ୍ତି। ଓପିଆର୍‌ବି ଏସ୍‌ପିଙ୍କୁ ସିବିଆଇ ଜେରା କରିଥିବାବେଳେ ଅନ୍ୟ ଅଧିକାରୀଙ୍କ ପାଳି କୌଣସି ମୁହୂର୍ତ୍ତରେ ମଧ୍ୟ ଆସିପାରେ। ଏଣୁ ସେମାନେ ପରୀକ୍ଷାକୁ ତ୍ୱରାନ୍ୱିତ କରିବାରେ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପରିକି ପରୀକ୍ଷା ତ୍ୱରାନ୍ୱିତ କରିବାକୁ ସରକାର ମଧ୍ୟ କୌଣସି ନିର୍ଦ୍ଦେଶନାମା ଜାରି କରୁ ନାହାନ୍ତି। ଫଳରେ ଅଧିକାରୀମାନେ ନିରବ ରହିବାକୁ ଶ୍ରେୟସ୍କର ମଣୁଛନ୍ତି। ଗତ ମାସରେ ଆଶାୟୀମାନେ ଓପିଆର୍‌ବି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତ୍ୱରିତ ପରୀକ୍ଷା କରିବାକୁ ଦାବି କରିଥିଲେ। ହେଲେ ମଧ୍ୟ ସରକାର ବା ଓପିଆର୍‌ବି କର୍ଣ୍ଣପାତ କରୁ ନ ଥିବାରୁ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବେ ବୋଲି ଯୋଜନା କରୁଛନ୍ତି। ପୁଣି ସମସ୍ତ ବର୍ଦ୍ଦିଧାରୀଙ୍କ ନିଯୁକ୍ତି ପାଇଁ ସରକାର ଓଡ଼ିଶା ୟୁନିଫର୍ମ କର୍ମଚାରୀ ଚୟନ ଆୟୋଗ (ଓୟୁଏସ୍‌ଏସ୍‌ସି) ଗଠନ କରିଥିବାରୁ ବିଜ୍ଞପ୍ତି ବାତିଲ୍ ହେଲେ ଓପିଆର୍‌ବି କିପରି ଏହି ପରୀକ୍ଷା ପରିଚାଳନା କରିବ ବୋଲି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ବସଷ୍ଟାଣ୍ଡ ପାଇଁ ଗଛ ବଳି

## ଏନ୍‌ଜିଟିରେ ଶୁଣାଣି ଆରମ୍ଭ

ବାରିପଦା, ୨୩।୧୨(ସମିସ): ପାଲବଣୀଠାରେ ପ୍ରସ୍ତାବିତ ଅନ୍ତଃରାଜ୍ୟ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ବ୍ୟାପକ ଗଛ କଟାଯିବା ଘଟଣାକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି)ରେ ରୁଜୁ ମାମଲାର ଆଜି ଶୁଣାଣି ହୋଇଛି। କୋଲକତାସ୍ଥିତ ଇଷ୍ଟର୍ଣ୍ଣ ବେଞ୍ଚର ଜୁଡିସିଆଲ ମେମ୍ବର ବିଚାରପତି ଅରୁଣ କୁମାର ତ୍ୟାଗୀ ଓ ଏକ୍ସପୋର୍ଟ ମେମ୍ବର ଇଶ୍ୱର ସିଂ ଆଜି ମାମଲାର ଶୁଣାଣି ଆରମ୍ଭ କରିଥିଲେ। ଆବେଦନକାରୀ ପ୍ରମୋଦ କୁମାର ହେମ୍ବ୍ରମଙ୍କ ଅଭିଯୋଗ ଓ ତାଙ୍କ ପକ୍ଷରୁ ଉପସ୍ଥାପିତ ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ଏହି ମାମଲାରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ, ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ବନଖଣ୍ଡ ଅଧିକାରୀ, ରାଜ୍ୟ ସରକାରଙ୍କ ଜୈବବିବିଧତା ସଦସ୍ୟ ସଚିବ, ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟର ମୁଖ୍ୟ ଉପନିର୍ଦ୍ଦେଶକ, ରାଜ୍ୟ ରାସ୍ତା ଓ ପରିବହନ ବିଭାଗର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ସରକାରୀ ଆଇନଜୀବୀ ଓ ପ୍ରମୋଦଙ୍କ ତରଫରୁ ଆଇନଜୀବୀ ଶଙ୍କର ପ୍ରସାଦ ପାଣି ମାମଲା ପରିଚାଳନା କରୁଛନ୍ତି। ପ୍ରତିପକ୍ଷ ସେମାନଙ୍କର ସମସ୍ତ ତଥ୍ୟ ଉପସ୍ଥାପନ ସହ ପରବର୍ତ୍ତୀ ଶୁଣାଣି ଜାନୁଆରୀ ୬ ତାରିଖରେ କରାଯିବ ବୋଲି କୋର୍ଟ ସିଦ୍ଧାନ୍ତ ନେଇଥିବା ନେଇ ଆଇନଜୀବୀ ଶ୍ରୀ ପାଣି କହିଛନ୍ତି।

# ବନ୍ଧୁକ ଛାଡ଼ି ଗୋଲାପ ଧରିଲେ ୨୨ ମାଓବାଦୀ



ମାଲକାନଗିରି, ୨୩।୧୨ (ସମିସ): ବନ୍ଧୁକ ଛାଡ଼ି ଗୋଲାପ ଧରିଲେ ମାଓବାଦୀ। ମାଲକାନଗିରି ଜିଲ୍ଲା ପୁଲିସ ନିକଟରେ ଆଜି ୨୨ଜଣ ଦୁର୍ଦ୍ଧର୍ଷ ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟସ୍ରୋତକୁ ଫେରିଛନ୍ତି। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ଜଣେ ଡିଭିଜନାଲ କମିଟି ମେମ୍ବର (ଡିଭିସିଏମ୍) ରହିଥିବା ବେଳେ ୬ଜଣ ଏରିଆ କମିଟି ମେମ୍ବର (ଏସିଏମ୍) ଏବଂ ୧୫ଜଣ ପାର୍ଟି ମେମ୍ବର୍ ରହିଛନ୍ତି। ଆତ୍ମସମର୍ପଣ ବେଳେ ସେମାନେ ୧୪ଟି ଲ୍ୟାଣ୍ଡମାଇନ୍ ବୋମା ସହ ଗୋଟିଏ ଏକେ-୪୭, ଗୋଟିଏ ଏସ୍‌ଏଲ୍‌ଆର୍ ବନ୍ଧୁକ, ୨ଟି ଇନସାସ୍ ରାଇଫଲ୍, ୩ଟି ୩୦୩ ରାଇଫଲ୍, ଦୁଇଟି ସିଙ୍ଗଲ୍-ବୋର୍ ରାଇଫଲ୍, ୯ଟି ମାଗାଜିନ୍, ୧୫୦ଟି ଗୁଳି, ୨୦ କେଜି ବିସ୍ଫୋରକ, ୧୩ଟି ଉନ୍ନତ ବିସ୍ଫୋରକ, ଜିଲେଟିନ୍ ଷ୍ଟିକ୍, କୋଡେକ୍ସ ତାର ଏବଂ ମାଓବାଦୀ ପୁସ୍ତକ ପୁଲିସକୁ ହସ୍ତାନ୍ତର କରିଛନ୍ତି। ଅନେକ ବଡ଼ବଡ଼ ହିଂସାକାଣ୍ଡରେ ଜଡ଼ିତ ଥିବା ଏହି ମାଓବାଦୀମାନେ ପୁଲିସ୍ ଡିଜି ୱାଇ.ବି ଖୁରାନିଆଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି।

ସେମାନେ ହେଲେ, ଡିଭିସିଏମ ସଦସ୍ୟ ମୁୟେ ମାଡକମ ଓରଫ ଲିଙ୍ଗେ(୪୫), ଏସିଏମ କମାଣ୍ଡର ବାମନ ମାଡକାମି (୨୭), ମୁକ୍କା ମୁଚାକି(୨୨), ଆଇତୁ ଆଭଲାମି(୨୬), କୋସା କାବାସି(୨୫), ବାଟି ମାଡକାମ(୨୨), ଯୋଗୀ ମୁଚାକି(୧୯), ପାର୍ଟି ମେମ୍ବର ରୀତା ପଡିଆମି (୨୨), ଯୋଗୀ ସୋଡି (୧୮), ଭୀମେ କାଲମୁ (୨୦), ମଙ୍ଗଳି ବାଞ୍ଜାମି (୨୪), ଜଗା ମୁଚାକି (୨୩), ଆଡମେ ମୁଚାକି (୧୮), ମାଡଲି କୋସା (୨୨), କୁଞ୍ଜାମ କର୍ଗା (୨୫), ମାଡା ମାଡଲି (୩୦), ମୁଚାକି ଆଡମା (୧୯), ଦେବା ମାଡଲି (୩୫), ଅର୍ଜୁନ ମାଡଲି (୩୫), ସାନ୍ନା ପୁନେମ (୨୫), ସୋମେୟ ମିଡିଆମ (୧୯) ଏବଂ ବୁଦ୍ରି ମିଡିଆମ (୨୫)। ଏମାନଙ୍କ ମୁଣ୍ଡ ଉପରେ ୧କୋଟି ୮୪ ଲକ୍ଷ ୨୫ ହଜାର ଟଙ୍କାର ପୁରସ୍କାର ରାଶି ରହିଥିଲା। ଏହି ପୁରସ୍କାର ରାଶି ସେମାନଙ୍କୁ ହସ୍ତାନ୍ତର କରାଯିବା ସହ ସମସ୍ତଙ୍କୁ ସରକାରଙ୍କ ତରଫରୁ ୨୫ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଅନ୍ୟ ନକ୍ସଲମାନଙ୍କୁ ମଧ୍ୟ ହିଂସା ଛାଡ଼ି ମୁଖ୍ୟସ୍ରୋତରେ ସାମିଲ ହେବାକୁ ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ ଆହ୍ୱାନ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଡିଜି ସଞ୍ଜୀବ ପଣ୍ଡା, ଡିଆଇଜି ଏସ୍‌ଆଇଡବ୍ଲୁ ଅଖିଳେଶ ସିଂ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ବି.କେ ସିଂ, ବିଏସଏଫ ଡିଆଇଜି ବିଜୟ ସିଂ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଏସ୍‌ପି ବିନୋଦ ପାଟିଲ ଏଚ୍, ଅତିରିକ୍ତ ଏସପି ଆର.କେ ଦାସ ଓ ପ୍ରମୋଦ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁର ଶବ ଧରି ଡାକ୍ତରଖାନା ବାରଣ୍ଡାରେ ୧୭ ଘଣ୍ଟା

ଟିଟିଲାଗଡ଼,୨୩।୧୨(ସମିସ): ଅଭିଯୋଗ କରିବାରୁ ନିର୍ଯାତନା। ଶିଶୁର ବ୍ୟବଚ୍ଛେଦ ଆଳରେ ଜଣେ ମା'କୁ ହାଡ଼ଭଙ୍ଗା ଶୀତରେ ୧୭ ଘଣ୍ଟା ଧରି ଡାକ୍ତରଖାନା ବାରଣ୍ଡାରେ ଅପେକ୍ଷା କରିବାକୁ ବାଧ୍ୟ କରାଯିବା ଭଳି ଘଟଣା ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ମାତୃ ଓ ଶିଶୁ ଡାକ୍ତରଖାନାରେ ଏଭଳି ଏକ ଘଟଣା ଘଟିଛି।

ସୂଚନାନୁଯାୟୀ, ସିନ୍ଧେକେଲା ଥାନା ଦେହେଲି ଗ୍ରାମର ପୂର୍ଣ୍ଣ ସାହୁ ଓ ତାଙ୍କ ସ୍ତ୍ରୀ ଜାହ୍ନବୀଙ୍କ ୨ବର୍ଷର ଶିଶୁପୁତ୍ର ଅବିନାଶ ଅସୁସ୍ଥ ହୋଇପଡ଼ିଥିଲା। ତାକୁ ଚିକିତ୍ସା ଲାଗି ପ୍ରଥମେ ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ସ୍ୱାସ୍ଥ୍ୟାବସ୍ଥା ଉଦ୍‌ବେଗଜନକ ରହିବାରୁ ଅଧିକ ଚିକିତ୍ସା ଲାଗି ଟିଟିଲାଗଡ଼ ମାତୃ ଓ ଶିଶୁ(ଏମ୍‌ସିଏଚ୍) ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଶିଶୁଟିର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଚିକିତ୍ସାରେ ଅବହେଳା ଯୋଗୁଁ ଶିଶୁର ମୃତ୍ୟୁ ହୋଇଛି ବୋଲି ପରିବାରଲୋକ ଅଭିଯୋଗ କରିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ସେମାନଙ୍କ ଉପରେ ଦାଉ ସାଧିଥିଲେ ବୋଲି ଅଭିଯୋଗ ହୋଇଛି। ହସ୍ପିଟାଲ କର୍ତ୍ତୃପକ୍ଷ ସେମାନଙ୍କୁ ଘରକୁ ଯିବାକୁ ଅନୁମତି ଦେଇନଥିଲେ। ଶିଶୁର ବ୍ୟବଚ୍ଛେଦ ପରେ ଘରକୁ ଯିବାକୁ ଅନୁମତି ଦିଆଯିବ ବୋଲି କହି ଅହେତୁକ ବିଳମ୍ବ କରାଯାଇଥିଲା। ଏଥିଯୋଗୁଁ ଏହି ଦମ୍ପତି ସଂଧ୍ୟା ୭ଟାରୁ ମୃତ ଶିଶୁପୁତ୍ରକୁ ଧରି ଡାକ୍ତରଖାନା ବାରଣ୍ଡାରେ ଦୀର୍ଘ ୧୭ ଘଣ୍ଟା ପଡ଼ି



ରହିଥିଲେ। ଖବର ପାଇ ପୁଲିସ ଓ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିବା ପରେ ଘଟଣା ପ୍ରଘଟ ହୋଇଥିଲା। ଶେଷରେ ମୃତ ଶିଶୁର ବ୍ୟବଚ୍ଛେଦ କରାଯାଇ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ଶୋଚନୀୟ ରାଉରକେଲା-ବନ୍ଧମୁଣ୍ଡା ରାସ୍ତା

# ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି ବଡ଼ ଗର୍ତ୍ତ

ରାଉରକେଲା, ୨୩।୧୨(ସମିସ)

ରାଉରକେଲା ବନ୍ଧମୁଣ୍ଡା ରାସ୍ତା ବର୍ତ୍ତମାନ ଶୋଚନୀୟ ଅବସ୍ଥାରେ ରହିଛି। ଫଳରେ ପଥଚାରୀ ଯାତାୟାତରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବିଶ୍ରା ଛକ ଠାରୁ ପ୍ରାୟ ୫୦୦ ମିଟର ଦୂରରେ ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାସ୍ତା ଉପରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଯାହା ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଗର୍ତ୍ତ ଯୋଗୁଁ ରାସ୍ତାରେ ସିଧାସଳଖ ଯାତାୟାତ ପ୍ରଭାବିତ ହେଉଛି। ଗର୍ତ୍ତ ଗୁଡ଼ିକରେ ଅପରିଷ୍କାର ପାଣି ଜମି ରହିବା ଫଳରେ ଲୋକେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ବିଶେଷ କରି ସକାଳ ଏବଂ ସନ୍ଧ୍ୟା ସମୟରେ ପାଣି ଜମିବା ଯୋଗୁଁ ଯାତାୟାତରେ ବାଧା



ସୃଷ୍ଟି ହେଉଛି। ବିପର୍ଯ୍ୟସ୍ତ ରାସ୍ତା ଯୋଗୁଁ ବାରମ୍ବାର ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜର ରହିଛି। ଦୁଇ ଚକିଆ ଏବଂ ଛୋଟ ଯାନ ସବୁଠାରୁ ଅଧିକ ପ୍ରଭାବିତ ହେଉଛି। ଭାରି ଯାନ ଗୁଡ଼ିକର ମଧ୍ୟ ଯାତାୟାତ ପ୍ରଭାବିତ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏହି ରାସ୍ତାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆରଏସପି ଅଧୀନରେ ଥିଲା। ପରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଜାତୀୟ ରାଜପଥ ୩୨୦ଡି ବନ୍ଧମୁଣ୍ଡା ଦେଇ ସଂଯୋଗ ହେବା ପରେ ରକ୍ଷଣାବେକ୍ଷଣ ଦାୟିତ୍ୱ ଏନଏଚ ଅଧୀନକୁ ଆସିଥିଲା। ହେଲେ ବର୍ତ୍ତମାନ ସମ୍ପୃକ୍ତ ବିଭାଗ ରାସ୍ତାର ମରାମତି ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଅବହେଳା କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଫଳରେ ସ୍ଥାନୀୟ ବାସିନ୍ଦା ଏବଂ ପଥଚାରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ କରି ରାସ୍ତାର ସୁଧାର ଆଣିବାକୁ ଦାବି କରାଯାଇଛି। ନଚେତ୍ ଆଗାମୀ ଦିନରେ ଦୁର୍ଘଟଣା ଆଶଙ୍କା ଅଧିକ ଥିବା ମତ ପ୍ରକାଶ ପାଇଛି।

## ଟିକିଟିଆ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକୋତ୍ସବ

# ‘ସଂସ୍କୃତି, ପରମ୍ପରା ଓ ବିଚାରଧାରା ଶିଶୁଙ୍କ ଭବିଷ୍ୟତ ଗଠନର ମୂଳମନ୍ତ୍ର’

**ରାଉରକେଲା, ୨୩।୧୨(ସମିସ):** ସଂସ୍କୃତି, ପରମ୍ପରା ଓ ବିଚାରଧାରା ଶିଶୁଙ୍କ ଭବିଷ୍ୟତ ଗଠନର ମୂଳମନ୍ତ୍ର। ତେଣୁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ କୋମଳମତି ଛାତ୍ରଛାତ୍ରୀମାନଙ୍କୁ ନିଜ ସଂସ୍କୃତି, ପରମ୍ପରା ଓ ଉତ୍ତମ ବିଚାରଧାରା ପୂର୍ଣ୍ଣ ବାତାବରଣ ଭିତରେ ଶିକ୍ଷାଦାନ କରିବା ଆବଶ୍ୟକ ବୋଲି ସୋମବାର ନୂଆଗାଁ ବ୍ଲକ୍



ବାରିଲେପ୍ଟା ପଞ୍ଚାୟତର ଟିକିଟିଆ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଇ ବିଜେପି ରାଉରକେଲା ସାଙ୍ଗଠନିକ ଜିଲ୍ଲା ସଭାପତି ପୁର୍ଣ୍ଣିମା କେର୍କେଟା ପ୍ରକାଶ କରିଛନ୍ତି। ମୁଖ୍ୟବକ୍ତା ଭାବରେ ଅଖିଳଭାରତୀୟ ସାହିତ୍ୟ ପରିଷଦର ରାଉରକେଲା ସମ୍ପାଦକ ତଥା ରାଉରକେଲା କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ କରୁଣାକର ପାଟଶାଣି ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଶିକ୍ଷାଲାଭ ନିମିତ୍ତ କିଭଳି ପ୍ରୟାସ କରିବେ ସେ ଉପରେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସେକ୍ଟର - ୬ ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ତଥା ସଂକୁଳ ସଂଯୋଜକ ସୁରେନ୍ଦ୍ର କୁମାର ଶତପଥି, ନୂଆଗାଁ ବ୍ଲକ ଜିଲ୍ଲାପରିଷଦ ସଞ୍ଜିତା କିସ୍ପଟା ପ୍ରମୁଖ ଯୋଗଦେଇଥିଲେ। ଶିଶୁମନ୍ଦିର ପରିଚାଳନା କମିଟିର ସଭାପତି ବିଜୟ କୁମାର ଧୋବା, ସମ୍ପାଦକ ଶିବନାଥ ଗୋୱାଲା, କୋଷାଧ୍ୟକ୍ଷ ଚୈତୁ ମାହାତୋ ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁମନ୍ଦିରର ପ୍ରଧାନ ଅଚାର୍ଯ୍ୟ ରାମେଶ୍ୱର ମାହାତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିଶୁମନ୍ଦିରର ଗୁରୁମା ସଂଯୁକ୍ତା ଓରାମ ଓ ମମତା ପଣ୍ଡାଙ୍କ ଦ୍ୱାରା ପରିଚାଳିତ ଏହି ବାର୍ଷିକ ଉତ୍ସବରେ ଗୁରୁମା ଆଶାରାଣୀ ଗୋୱାଲା, ରଶ୍ମି ବାର୍ଲା, ମାର୍ଗ୍ରୀତା ଖେସ, ରେବତୀ ମାହାତ, ରୀତା ମାହାତୋ, ଦ୍ରୁପତି ବାଡାଇକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୁନିକୁନି ଛାତ୍ରଛାତ୍ରୀମାନେ ବିଭିନ୍ନ ଆକର୍ଷଣୀୟ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଦୀପିକା ମହିଳା ସଂଘତି ପକ୍ଷରୁ ବାର୍ଷିକ ଫେଟେ



**ରାଉରକେଲା, ୨୩।୧୨(ସମିସ):** ଦୀପିକା ମହିଳା ସଂଘତି ଆନୁକୂଲ୍ୟରେ ରାଉରକେଲା କ୍ଲବଠାରେ ଡିସେମ୍ବର ୨୦ ତାରିଖରେ ବାର୍ଷିକ ଫେଟେ ଆନନ୍ଦ ଉଲ୍ଲାସ ମଧ୍ୟରେ ଆୟୋଜିତ ହୋଇଥିଲା। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି ମହୋତ୍ସବକୁ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମାଙ୍କ ଉପସ୍ଥିତିରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିକାଶ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ଓଜିଓଏମ ସିଏମଏଲଓ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏମ୍‌ପି ସିଂହ, ଦୀପିକା ମହିଳା ସଂଘତିର ଉପାଧ୍ୟକ୍ଷା ପ୍ରଭାତୀ ମିଶ୍ର, ଡ. ପ୍ରତିଜ୍ଞା ପଲାଇ, ରୀତା ରାଣୀ, ସଂଘତିର ସମ୍ପାଦିକା ସାରିକା କୁମାର, କାରଖାନାର ବହୁ ବରିଷ୍ଠ ଅଧିକାରୀଙ୍କ ସମେତ ପରିଚାଳନା କମିଟି ସଦସ୍ୟା ଓ ଅନୁଷ୍ଠାନର ସଭ୍ୟାମାନେ ଉପସ୍ଥିତ ଥିଲେ। ଶ୍ରୀ ବର୍ମା ଅନ୍ୟ ଅତିଥିଙ୍କ ଗହଣରେ ପ୍ରତ୍ୟେକ ଷ୍ଟଲ ପରିଦର୍ଶନ କରିବା ସହିତ ସେଗୁଡିକରେ ଆଗ୍ରହ ପ୍ରକାଶ କରିଥିଲେ। ଷ୍ଟଲଗୁଡିକରେ ସ୍ଥାନପାଇଥିବା ସୁସ୍ୱାଦୁ ବ୍ୟଞ୍ଜନ ବିରିଆନୀ, ଫାଷ୍ଟ ଫୁଡ ଠାରୁ ଆରମ୍ଭ କରି ପାରମ୍ପରିକ ସ୍ନାକ୍ସ ଓ ବାକେରି ସାମଗ୍ରୀ ବହୁ ସଂଖ୍ୟାରେ ଲୋକମାନଙ୍କୁ ଆକର୍ଷିତ କରିଥିଲା। ଫେଟେରେ ମଧ୍ୟ ରହିଥିବା ବିଭିନ୍ନ ଖେଳ, ଲକି ଡ୍ର ଓ ହାଉସି ଆଦି ନିଜର ଭାଗ୍ୟ ପରୀକ୍ଷା, ଲକ୍ଷ୍ୟ ଓ ସଠିକତା ପାଇଁ ଯୁବବର୍ଗଙ୍କୁ ବିଶେଷ ରୂପେ ଆକର୍ଷିତ କରିଥିଲା। ଆରଏସପି ରାଜଭାଷା ବିଭାଗ ପକ୍ଷରୁ ମେଳାରେ ଥିବା ଷ୍ଟଲ ଭାଷାପ୍ରେମୀଙ୍କୁ ଆକୃଷ୍ଟ କରିଥିଲା। ଆଗାମୀ ରାଉରକେଲା ହାଫ ମାରାଥନ ଉପଲକ୍ଷେ ମେଳାରେ ଲଗାଯାଇଥିବା ଷ୍ଟଲ ପ୍ରତି ଲୋକ ଆଗ୍ରହ ପ୍ରକାଶ କରିଥିଲେ। ଯେଉଁଠାରେ ମାରାଥନର ମାସ୍କଟ ରାଜା ଓ ପଦ୍ମା ବିଶେଷ ଆକର୍ଷଣ ଥିଲା। ସେଠାରେ ଏକ ଟ୍ରେଡମିଲ ମଧ୍ୟ ସ୍ଥାନ ପାଇଥିଲା। ଆର୍‌ଏସ୍‌ପି ଅଗ୍ନିଶମ ସେବା ବିଭାଗ ଦ୍ୱାରା ଅଗ୍ନିସୁରକ୍ଷା ସଚେତନତା ପାଇଁ ବିଭିନ୍ନ ସାଧାରଣ ଅଗ୍ନି ନିର୍ବାପକ ଉପକରଣ ପ୍ରଦର୍ଶିତ ହୋଇଥିଲା। ସେହିଭଳି ଆରଏସପି ଉଦ୍ୟାନ କୃଷି ବିଭାଗ ଓ ଓଡ଼ିଶା ସରକାରଙ୍କ ବନବିଭାଗ ଦ୍ୱାରା ଅନ୍ୟ ଏକ ଷ୍ଟଲରେ ମଣିଷ-ପଶୁ ଅନ୍ତର୍ବାଦ ଉପରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଆରଏସପିର ନିଜସ୍ୱ ବ୍ୟାଣ୍ଡ ‘ନିନାଦ’ର କଳାକାରମାନଙ୍କ ଦ୍ୱାରା ମନଛୁଆଁ ସଙ୍ଗୀତର ପରିବେଷଣ ଉତ୍ସବର ଅନ୍ୟ ଏକ ବିଶେଷ ଆକର୍ଷଣ ରହିଥିଲା।

# ୨୫ତମ ‘ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା-୨୦୨୬’ର ଲୋଗୋ ଉନ୍ମୋଚିତ

**ରାଉରକେଲା, ୨୩।୧୨(ସମିସ):** ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଓ ଭାରତୀୟ ଶିଳ୍ପ ମହାସଂଘ ପକ୍ଷରୁ ଆଜି ରାଉରକେଲାର ମେ’ଫେୟାର ଭିଲେଜଠାରେ ୨୫ତମ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶାର କର୍ଟେନ ରେଜର ଆୟୋଜିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଏମଏସଏମଇ ବିଭାଗ ନିର୍ଦ୍ଦେଶକ ଆବୋଲି ସୁନୀଲ ନରବାଣେ ମୁଖ୍ୟଅତିଥି ଭାବେ ଯୋଗ ଦେଇ କର୍ଟେନରେଟ୍ ରେଜରର ଲୋଗୋ ଉନ୍ମୋଚନ କରିଛନ୍ତି। ୨୫ତମ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା ୨୦୨୬ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ସେ ଖଣି, ଧାତୁ, ପେଟ୍ରୋକେମିକାଲ୍ସ, ବୟନଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ, ସେବା ଏବଂ ଏମଏସଏମଇ ଓଡ଼ିଶାର ଦୃଢ଼ ଶିଳ୍ପ ଭିତ୍ତିଭୂମି ଉପରେ ଗୁରୁତ୍ୱାରୋପ କରିବା ସହିତ ନବୀକରଣୀୟ ଶକ୍ତି, ସବୁଜ ହାଇଡ୍ରୋଜେନ୍, ଉନ୍ନତ ଉତ୍ପାଦନ, ସୂଚନା ଓ ଏବଂ ଲଜିଷ୍ଟିକ୍ସ ଭଳି ଉଦୀୟମାନ କ୍ଷେତ୍ରଗୁଡ଼ିକ ଉପରେ ବକ୍ତବ୍ୟ ରଖିଥିଲେ। ମହିଳା ଉଦ୍ୟୋଗୀମାନଙ୍କର ଅଂଶଗ୍ରହଣ ବୃଦ୍ଧି କରିବା ଉପରେ ନିର୍ଦ୍ଦେଶକ ନରଭାଣେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ସରକାରଙ୍କ ସହ ସିଆଇଆଇର ସହଭାଗୀତାକୁ ପ୍ରଶଂସା କରିବା ସହ ସେ ୨୫ତମ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା-୨୦୨୬ ଜାନୁଆରୀ ୨୮ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଉରକେଲାରେ ଅନୁଷ୍ଠିତ ହେବ ବୋଲି ଘୋଷଣା




କରିଥିଲେ। ଯାହା ପ୍ରଯୁକ୍ତିବିଦ୍ୟା, ସ୍ଥିରତା, ଶକ୍ତି ପରିବର୍ତ୍ତନ, ପର୍ଯ୍ୟଟନ, ମହିଳା ସଶକ୍ତିକରଣ ଏବଂ ଉଦ୍ୟୋଗୀତା ଉପରେ ଧ୍ୟାନ ଦେଇ ପଶ୍ଚିମ ଓଡ଼ିଶାର ଶିଳ୍ପ ଶକ୍ତି ପ୍ରଦର୍ଶନ କରିବ। ଏହି ଅବସରରେ ୨୫ତମ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶାର ସମ୍ମିଳନୀ ଅଧ୍ୟକ୍ଷ ଡ. ପ୍ରଦୀପ୍ତ ମହାନ୍ତି କହିଥିଲେ, ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶାର ଶେଷ ସଂସ୍କରଣ ନିବେଶକମାନଙ୍କୁ ଓଡ଼ିଶାର ଶକ୍ତି ସହିତ ସଂଯୋଗ କରିବାରେ ଏମଏସଏମଇ -ଶିଳ୍ପ ସଂଯୋଗକୁ ପ୍ରୋତ୍ସାହିତ କରିବାରେ ଏବଂ ଝାରସୁଗୁଡ଼ାରେ ରାଜ୍ୟର ସମନ୍ୱିତ ଶିଳ୍ପ ଇକୋସିଷ୍ଟମକୁ ମଜବୁତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଆଗାମୀ ସଂସ୍କରଣରେ ପ୍ରଯୁକ୍ତିବିଦ୍ୟା ନିଯୁକ୍ତିଗତ ଅଭିବୃଦ୍ଧି, ସ୍ଥାୟୀ ଶିଳ୍ପ ଅଭ୍ୟାସ, ଉନ୍ନତ ଉତ୍ପାଦନ, ସ୍ୱଚ୍ଛ ଶକ୍ତି ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଭିତ୍ତିଭୂମିର କେନ୍ଦ୍ର ଭାବରେ ଓଡ଼ିଶାର ଉଦୟ ଉପରେ ଆଲୋକପାତ କରାଯିବ। ଏନଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର ଉମାମହେଶ୍ୱର ରାଓ ଯୋଗଦେଇ ସିଆଇଆଇ ଏଣ୍ଟରପ୍ରାଇଜ୍ ଓଡ଼ିଶା ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ, ନିବେଶ, ନବସୃଜନ ଏବଂ ଉଦ୍ୟୋଗକୁ ପ୍ରୋତ୍ସାହିତ କରୁଛି ଏବଂ ଏନଆଇଟି ରାଉରକେଲା ଏହି ପଦକ୍ଷେପର ସଫଳତା ଏବଂ ଜାତୀୟ ପ୍ରଭାବକୁ ସୁନିଶ୍ଚିତ କରିବା ପାଇଁ ପୂର୍ଣ୍ଣ ଶୈକ୍ଷିକ, ଗବେଷଣା ଏବଂ ଜ୍ଞାନ ସହାୟତା ପ୍ରଦାନ କରିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ରାଉରକେଲା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ମଳୟ ମଣ୍ଡଳ ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିକୁ ଚାଳିତ କରୁଥିବା ଏକ ପ୍ରମୁଖ ଶିଳ୍ପ ହବ୍ ଭାବରେ ରାଉରକେଲାର ରଣନୈତିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

# ବଜରଙ୍ଗ ଦଳ କର୍ମୀଙ୍କୁ ଆକ୍ରମଣ; ଜଣେ ଗିରଫ

**କୁତ୍ରା, ୨୩।୧୨ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଲତାଲଗା ଗ୍ରାମରେ ଗତକାଲି ଗୋ ଚାଲାଣକୁ ବିରୋଧ କରିବାରୁ ବଜରଙ୍ଗଦଳ କର୍ମୀଙ୍କୁ ଗୋ ଚାଲାଣକାରୀମାନେ ଆକ୍ରମଣ କରିଥିଲେ। ଏଥିରେ ବଜରଙ୍ଗଦଳ କର୍ମୀ ଆହତ ହୋଇଥିଲେ। ଆହତ ଯୁବକ ହେଲେ ବଡ଼ଗାଁ ବଜରଙ୍ଗଦଳର ରାଜବିର ଖର୍ସେଲ। ଏହି ଘଟଣାରେ ମଙ୍ଗଳବାର କୁତ୍ରା ପୁଲିସ ଜଣଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ଖତକୁରବାହାଲ ଗ୍ରାମର କିଛି ଗୋରୁ ବ୍ୟବସାୟୀ ଗୋ ଚାଲାଣ କରୁଥିବା ବେଳେ ରାଜବିର ଲତାଲଗା ଗ୍ରାମ ନିକଟରେ ସେମାନଙ୍କୁ ଅଟକାଇଥିଲେ। ଏଥିରେ ଉତ୍ତେଜିତ ହୋଇ ବ୍ୟବସାୟୀମାନେ ରାଜବିରଙ୍କୁ ମାଡ଼ ମାରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଆହତ ରାଜବିରଙ୍କୁ ପ୍ରଥମେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ପରେ ଅଧିକ ଚିକିତ୍ସା ପାଇଁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଥିଲା। ଆଜି ରାଜବିର କୁତ୍ରା ଥାନାରେ ଏତଲା ଦେବା ପରେ ପୁଲିସ ଖତକୁରବାହାଲ ଗ୍ରାମର ଏମ୍‌ଡି ରାହିଲ (୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ଫେରାର ଥିବା ପୁଲିସ ସୂଚନା ଦେଇଛି।

# ଆର୍‌ଏସ୍‌ପିରେ ନୂତନ ୬୦ ଟନ୍ ବିଓବିଏସ୍‌ଏନ୍ ୱାଗନ୍ ଉଦ୍‌ଘାଟିତ



**ରାଉରକେଲା, ୨୩।୧୨(ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଟ୍ରାଫିକ୍ ଏବଂ କଞ୍ଚାମାଲ (ଟି ଏଣ୍ଡ ଆରଏମ) ବିଭାଗରେ ମଙ୍ଗଳବାର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ନୂତନ ଭାବେ ସାମିଲ ହୋଇଥିବା ତିନୋଟି ୬୦ ଟନ୍ କ୍ଷମତା ବିଶିଷ୍ଟ ବିଓବିଏସଏନ ୱାଗନ୍‌ର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରକ୍ଷଣାବେକ୍ଷଣ ବିଭାଗର ସିଜିଏମ ଏସ୍‌ଏସ୍ ରାୟଚୌଧୁରୀ, ମେକାନିକାଲ ବିଭାଗର ସିଜିଏମ ଡିକେ ପାଲ ଏବଂ ଟି ଏଣ୍ଡ ଆର ଏମ ବିଭାଗର ସିଜିଏମ କୌଶିକ ସୁନ୍ୟାନିଙ୍କ ସହ କାରଖାନାର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଏବଂ ସମ୍ପୃକ୍ତ ବିଭାଗର ବହୁ ସଂଖ୍ୟକ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ପଲାଇ ଆଭ୍ୟନ୍ତରୀଣ ଲଜିଷ୍ଟିକ୍ସକୁ ମଜବୁତ କରିବା ସହିତ କାର୍ଯ୍ୟକ୍ଷମତା ବୃଦ୍ଧି କରିବା ପାଇଁ କେନ୍ଦ୍ରିତ ପ୍ରୟାସ ଜାରି ରଖିବାକୁ ଆହ୍ୱାନ କରିଥିଲେ। ଉଲ୍ଲେଖନୀୟ ଯେ, ଆରଏସପିର ଫିନିସଡ ଏବଂ ସେମି ଫିନିସଡ ଉତ୍ପାଦ, ଉପ-ଉତ୍ପାଦ ଏବଂ ଇସ୍ପାତ ତିଆରି ପ୍ରକ୍ରିୟା ପାଇଁ ଆବଶ୍ୟକୀୟ କଞ୍ଚାମାଲ ପରିବହନ ପାଇଁ ପ୍ରାୟ ୫୦୦ଟି ଆଭ୍ୟନ୍ତରୀଣ ରୋଲିଂ ଷ୍ଟକ୍ ୱାଗନ ସମୂହର ପରିଚାଳନା କରିଥାଏ। ଏହି ୱାଗନଗୁଡ଼ିକ ଟିଏଣ୍ଡଆର ଏମ ବିଭାଗର କ୍ୟାରେଜ୍ ଏବଂ ୱାଗନ ସେକ୍ସନ ଦ୍ୱାରା ରକ୍ଷଣାବେକ୍ଷଣ କରାଯାଏ। ମୋଟ ଗାଡି ଗୁଡିକ ମଧ୍ୟରୁ ୧୦୬ଟି ୱାଗନ ବିଓବିଏସଏନ(ଏଚବି) ପ୍ରକାରର ଅଟେ। ଏଏମଆର ଯୋଜନା ଅଧୀନରେ ଏହାର ସାମଗ୍ରୀ ପରିଚାଳନା କ୍ଷମତାକୁ ଆହୁରି ବୃଦ୍ଧି କରିବା ପାଇଁ, ଆରଏସପି ୩୯ ଟି ୬୦-ଟନ୍ କ୍ଷମତା ବିଶିଷ୍ଟ ବିଓବିଏସଏନ ୱାଗନ ଯୋଗାଣ ପାଇଁ ମେସର୍ସ ସେଲ ଗ୍ରୋଥ ୱର୍କ୍ସ (ଏସଜିଡବ୍ଲ୍ୟୁ), କୁଲ୍ଟିକୁ ଏକ ବରାଦ ଦେଇଛି। ଉଦ୍‌ଘାଟିତ ୱାଗନଗୁଡ଼ିକ ଏହି କିସ୍ତିର ପ୍ରଥମ ତିନୋଟି ୟୁନିଟ୍ ଅଟେ। ପ୍ରତ୍ୟେକ ବିଓବିଏସଏନ ୱାଗନର ମୂଲ୍ୟ ପ୍ରାୟ ୬୧.୮ ଲକ୍ଷ ଟଙ୍କା ଥିବା ବେଳେ ସମୁଦାୟ ୩୯ ଟି ୱାଗନର ପାଇଁ ମୋଟ ମୂଲ୍ୟ ୨୪୧୦.୨୬ ଲକ୍ଷ ଟଙ୍କା ରହିଛି।

# ଆରପାରିରେ ବରିଷ୍ଠ ବିଜେଡି ନେତା ଆନନ୍ଦ ଚନ୍ଦ୍ର ମହାନ୍ତି

**ରାଉରକେଲା, ୨୩।୧୨(ସମିସ):** ଆରପାରିରେ ରାଉରକେଲା ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଜନତା ଦଳ ଓ ବିଜୁ ଜନତା ଦଳର ପୂର୍ବତନ ରାଉରକେଲା ଜିଲ୍ଲା ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତି। ମଙ୍ଗଳବାର ରାତିରେ ଭୁବନେଶ୍ୱର ସ୍ଥିତ କିମ୍ସ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଅସୁସ୍ଥ ହୋଇ ରାଉରକେଲାର



ଆପଲୋ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ତାଙ୍କୁ ଭୁବନେଶ୍ୱରର କିମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଆଜି ରାତ୍ରିରେ ତାଙ୍କର ପରଲୋକ ହୋଇଛି। ତାଙ୍କ ବିୟୋଗରେ ରାଉରକେଲାରେ ଶୋକର ଛାୟା ଖେଳିଯାଇଛି। ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଗଭୀର ଶୋକ ପ୍ରକାଶ କରି କହିଛନ୍ତି, ସ୍ୱର୍ଗତ ମହାନ୍ତି ଜନତା ଦଳରେ ଜଣେ ଆଗ ଧାଡିର ରାଜ ନେତା ରହିବା ସହ ବିଜୁ ଜନତା ଦଳରେ ଦଳର ସଭାପତି ଦାୟିତ୍ୱ ନେଇ ଦଳର ସଂଗଠନକୁ ମଜଭୁତ କରିପାରିଥିଲେ। ବିଜୁ ଜନତା ଦଳ ଜଣେ ଟାଣୁଆ ଦକ୍ଷ ନେତାଙ୍କୁ ହରାଇଲା ବୋଲି ସାରଦା ପ୍ରସାଦ ନାୟକ କହିଛନ୍ତି। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଆନନ୍ଦ ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକାଶ କରି କହିଛନ୍ତି, ସେ ରାଉରକେଲାରେ ସାମ୍ବାଦିକତା କରୁଥିବା ବେଳେ ତାଙ୍କ ସହ ସମ୍ପର୍କରେ ଆସିଥିଲେ। ସେ ଜଣେ ଅପ୍ରତିଦ୍ୱନ୍ଦୀ ରାଜନେତା ତଥା ଜଣେ ସୁସଂଗଠକ ଥିଲେ ବୋଲି ଶ୍ରୀ ଦାସ କହିଛନ୍ତି।

# ଚିନ୍ମୟ ବିଦ୍ୟାଳୟର ବାର୍ଷିକୋତ୍ସବ



**ରାଉରକେଲା, ୨୩।୧୨(ସମିସ):** ସେକ୍ଟର -୭ ସ୍ଥିତ ଚିନ୍ମୟବିଦ୍ୟାଳୟର ୪୦ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏନ୍‌ଆଇଟି କମ୍ପ୍ୟୁଟର ସାଇନ୍ସ ଓ ଇଞ୍ଜିନିୟରିଂ ବିଭାଗର ପ୍ରଫେସର ବିଭୁଦତ୍ତ ସାହୁ ପିଲାମାନଙ୍କୁ ସଠିକ୍ ମାର୍ଗରେ ନେବା ପାଇଁ ଶିକ୍ଷକମାନଙ୍କ ସାହାଯ୍ୟ ଲୋଡ଼ିବା ପାଇଁ ଅଭିଭାବକମାନଙ୍କୁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ତଥା ଓଏଏସ ଆଲେକ୍ସ କେରକେଟା ପିଲାମାନଙ୍କୁ ସମୟର ସଦୁପଯୋଗ କରିବାକୁ ଉପଦେଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ସୁନାମଧନ୍ୟ ଆଥଲେଟିକ କୋଚ ଡ. ଶିବ ପ୍ରସାଦ ମିଶ୍ର ଯୋଗଦେଇ ଶୃଙ୍ଖଳା, ସମର୍ପଣ, ଭକ୍ତି ଉପରେ ପ୍ରାଧାନ୍ୟ ଦେଇଥିଲେ। ଚିନ୍ମୟ ମିଶନର ଆଚାର୍ଯ୍ୟ ସ୍ୱାମୀ ଅରୁପାନନ୍ଦ ମଞ୍ଚାସୀନ ଥିଲେ। ବିଦ୍ୟାଳୟ ସଭାପତି ରଶ୍ମିବାଳା ରାଉତରାୟ ଉପସ୍ଥିତ ଥିଲେ। ସମ୍ପାଦକ ବାବୁରାମ ମିଶ୍ର ଛାତ୍ରଛାତ୍ରୀମାନେ ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ଜୀବନରେ ଆଗକୁ ବଢ଼ିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଳା କବିଶତପଥି ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯୋଗାସନ ମଧ୍ୟ କରାଯାଇଥିଲା। ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ସଂଯୁକ୍ତା ଦାସ ଧନ୍ୟବାଦ୍ ଦେଇଥିଲେ।

# ଗୌରୀ ନର୍ସିଂ କଲେଜରେ ପ୍ରବେଶ ଉତ୍ସବ

**ବଣାଇ, ୨୩।୧୨(ସମିସ):** ବଣାଇଗଡ଼ ବ୍ଲକ କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଇଦପାଲିଠାରେ ଥିବା ଗୌରୀ ନର୍ସିଂ



ଇନ୍‌ଷ୍ଟିଚ୍ୟୁଟ୍‌ରେ ନୂତନ ଛାତ୍ରୀମାନଙ୍କୁ ସ୍ୱାଗତ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବଣାଇ ବିଇଓ ସୁନୀଲ ମୁଣ୍ଡ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରିକଳା ସରପଞ୍ଚ ଉଗ୍ରସେନ କିସାନ, ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ରାଜୁ ପୃଷେଠ୍, କବିତା ପୃଷେଠ୍, ନର୍ସିଂ ଇନ୍‌ଷ୍ଟିଚ୍ୟୁଟ୍‌ର ସହଯୋଗୀ ନିର୍ଦ୍ଦେଶକ ସୁମନ ସୌରଭ ସାହୁ, ଅଧ୍ୟକ୍ଷା ରିମା ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ପୁରାତନ ଛାତ୍ରୀମାନେ ନୂତନ ଛାତ୍ରୀଙ୍କୁ ବାଜାବଜାଇ ସ୍ୱାଗତ ଜଣାଇଥିଲେ। ପରେ ଅନୁଷ୍ଠାନର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ସେଲ୍ ପକ୍ଷରୁ କୋଲକାତାରେ ମୂଲ୍ୟ ଶୃଙ୍ଖଳ ସହଭାଗୀ ବୈଠକ

ରାଉରକେଲା, ୨୩।୧୨(ସମିସ)

ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ (ସେଲ୍‌ଫ) ପକ୍ଷରୁ ଗତ ଡିସେମ୍ବର ୧୮ ତାରିଖ ଦିନ କୋଲକାତାର ହୋଟେଲ ହାୟାଟ୍ ରିଜେନ୍ସିରେ ସେଲ ମୂଲ୍ୟ ଶୃଙ୍ଖଳ ସହଭାଗୀ ବୈଠକ ୨୦୨୫-୨୬ ଆୟୋଜିତ ହୋଇଥିଲା। ଯାହା ଏହାର ଯୋଗାଣ ଇକୋସିଷ୍ଟମରୁ ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରିତ କରି ସ୍ଥାୟୀ ଏବଂ ଦାୟିତ୍ୱପୂର୍ଣ୍ଣ ବ୍ୟବସାୟିକ ଅଭ୍ୟାସ ପ୍ରତି ଥିବା ସହଯୋଗକୁ ଆହୁରି ସୁଦୃଢ଼ କରିଥିଲା। ଏହି କାର୍ଯ୍ୟକ୍ରମରେ ଭିଲାଇ ଷ୍ଟିଲ୍ ପ୍ଲାଣ୍ଟର ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏକେ ଚକ୍ରବର୍ତ୍ତୀ, ଦୁର୍ଗାପୁର ଷ୍ଟିଲ୍ ପ୍ଲାଣ୍ଟର ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଏସ୍ ପପଲି, ବୋକାରୋ ଷ୍ଟିଲ୍ ପ୍ଲାଣ୍ଟର ସାମଗ୍ରୀ ପରିଚଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସି. ଆର. ମିଶ୍ର, କୋଲକାତାର ଇଏମଡିର ନିର୍ବାହୀ ନିର୍ଦ୍ଦେଶକ ଦେବବ୍ରତ ଦତ୍ତ ଏବଂ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର ମଞ୍ଚରେ ଉପସ୍ଥିତ ଥିଲେ। ଏହି ବୈଠକରେ ସେଲର ବିଭିନ୍ନ ୟୁନିଟର ଥିବା ସାମଗ୍ରୀ ପରିଚାଳନା ବିଭାଗର ପ୍ରାୟ ୫୦ ଜଣ ଅଧିକାରୀ, ପରିବେଶ ପରିଚାଳନା ବିଭାଗ




(ଇଏମଡି) ଏବଂ କେନ୍ଦ୍ରୀୟ ମାର୍କେଟିଂ ସଂଗଠନ (ସିଏମଓ)ର ପ୍ରତିନିଧିଙ୍କ ସମେତ ଏକ ଶହରୁ ଉର୍ଦ୍ଧ୍ୱ ଉଚ୍ଚମୂଲ୍ୟ ଶୃଙ୍ଖଳ ଅଂଶୀଦାର ଅଂଶଗ୍ରହଣ କରିଥିଲେ। ସେଲର ମୂଲ୍ୟ ଶୃଙ୍ଖଳ ଅଂଶୀଦାରମାନଙ୍କୁ ବ୍ୟବସାୟିକ ଦାୟିତ୍ୱ ଏବଂ ସ୍ଥାୟୀତ୍ୱ ରିପୋର୍ଟିଂ (ବିଆରଏସଆର), ସ୍ଥାୟୀତ୍ୱ ପ୍ରକାଶ, ନୈତିକ ସୋର୍ସିଂ ଅଭ୍ୟାସ ଏବଂ ଯୋଗାଣକାରୀ ଆଚରଣ ସଂହିତା ଉପରେ ଏସଇବିଆଇର ନିର୍ଦ୍ଦେଶାବଳୀ ତଥା ଇଏସଜି-ଚାଳିତ ଅଭିବୃଦ୍ଧି ପ୍ରତି ସେଲର ପ୍ରତିବଦ୍ଧତା ମୁତାବକ ଏହି ବୈଠକ ଆୟୋଜିତ ହୋଇଥିଲା। ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସମାବେଶକୁ ସମ୍ବୋଧିତ କରିଥିଲେ। ସମଗ୍ର ମୂଲ୍ୟ ଶୃଙ୍ଖଳରେ ସ୍ଥାୟୀତ୍ୱର ମହତ୍ତ୍ୱକୁ ଏକ ସହଭାଗୀ ଦାୟିତ୍ୱ ଉପରେ ଗୁରୁତ୍ୱ ଦେବା ସହ ଦୀର୍ଘକାଳୀନ ଭିତ୍ତିରେ ପରିବେଶ ଏବଂ ସାମାଜିକ ଲକ୍ଷ୍ୟ ହାସଲ କରିବାରେ ଅଂଶୀଦାରଙ୍କ ଭୂମିକା ଉପରେ ଜୋର ଦିଆଯାଇଥିଲା। ଅନିଲ କୁମାର ସମାବେଶକୁ ସ୍ୱାଗତ କରି ଥିବାବେଳେ ଦେବବ୍ରତ ଦତ୍ତ ପ୍ରାରମ୍ଭିକ ଭାଷଣ ପ୍ରଦାନ କରିଥିଲେ। ବିଏସ୍ ପପଲି ଉକ୍ତ ବୈଠକର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ବୈଠକରେ ଶ୍ରୀ ଏ. ଚକ୍ରବର୍ତ୍ତୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କୋଲକାତାର ଇଏମ୍‌ଡିର ମହାପ୍ରବନ୍ଧକ ସୁଶ୍ରୀ ରାଖୀ ସେନ, କର୍ପୋରେଟ୍ କାର୍ଯ୍ୟାଳୟର ଏଚ୍‌ଆର ବିଭାଗର ମୁଖ୍ୟ ମହାପ୍ରବନ୍ଧକ ହରି ମୋହନ ଝା, ଏବଂ ଇଏମ୍‌ଡିର ମହାପ୍ରବନ୍ଧକ ଅଜନ୍ତା ସେନଗୁପ୍ତା ସେଲ୍‌ଫ ସ୍ଥାୟୀତ୍ୱ ପଦକ୍ଷେପ, ମାନବ ସମ୍ବଳ ମାନଦଣ୍ଡ ଏବଂ ଯୋଗାଣକାରୀ ଆଚରଣ ସଂହିତା ଉପରେ ଉପସ୍ଥାପନ କରିଥିଲେ। ଉପସ୍ଥାପନା ପରେ ଏକ ମତବିନିମୟ ଆଲୋଚନା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ସମୟରେ ସେଲର ସ୍ଥାୟୀତ୍ୱ ଏବଂ ସିଏସଆର ଅଗ୍ରଗତି ପ୍ରଦର୍ଶନ କରୁଥିବା ଏକ କ୍ଷୁଦ୍ର ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଯେଉଁଥିରେ ପରିବେଶଗତ ପରିଚାଳନା, ଗୋଷ୍ଠୀ ସାମୁହିକ ବିକାଶ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପ୍ରତି ସଂସ୍ଥାର ପଦକ୍ଷେପଗୁଡ଼ିକୁ ପ୍ରଦର୍ଶନ କରାଯାଇଥିଲା। ଏଥିରେ ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ବିଭାଗର ମୁଖ୍ୟ ମହାପ୍ରବନ୍ଧକ ଟି. ବିନୋଦ ଧନ୍ୟବାଦ ଅର୍ପଣ କରିଥିଲେ। ରାଉରକେଲା ଇସ୍ପାତ କାରଖାନାର ଏକ କୋର୍ କମିଟି ଦଳ ସମଗ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟରେ ଛାତ୍ରଙ୍କ କୃତିତ୍ୱ



**ନୂଆପଡା,୨୩ ।୧୨(ସମିସ):** ନୂଆପଡାସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଛାତ୍ର ପ୍ରଭାତ କୁମାର ଦାଶ ଗତ ୨୦୨୪/୨୫ ଶିକ୍ଷାବର୍ଷରେ ମାଟ୍ରିକ ପରୀକ୍ଷାରେ ରାଜ୍ୟସ୍ତରରେ ସର୍ବୋଚ୍ଚ ନମ୍ବର ରଖି ପାସ କରି ରେକର୍ଡ କରିଥିବାରୁ ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ତାଙ୍କୁ ପୁରସ୍କୃତ କରାଯାଇଛି। ରାଜ୍ୟ ସରକାରଙ୍କ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଏସସିଏସଟି ପ୍ରଦର୍ଶନୀ ପଡିଆରେ ଆୟୋଜିତ ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଭାତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ନୂତନ ଆଇଆଇସିଙ୍କ ଯୋଗଦାନ



**କୋକସରା,୨୩ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କୋକସରା ଥାନାରେ ନୂତନ ଥାନା ଅଧିକାରୀ ଭାବେ ସୁଜ୍ଞାନ କୁମାର ବାରିକ ଯୋଗ ଦେଇଛନ୍ତି। ସେ ପୂର୍ବରୁ ବଲାଙ୍ଗିର ଜିଲ୍ଲା ଲୁହିସିଙ୍ଗା ଥାନାରେ ରହିଥିଲେ। ଆଇଆଇସି ଶ୍ରୀବାରିକ ଥାନାରେ ଯୋଗ ଦେବାପରେ ଆଇନ ଶୃଙ୍ଖଳା, ଅପରାଧୀଙ୍କ କାର୍ଯ୍ୟକଳାପ ନିୟନ୍ତ୍ରଣ, ଜନ ସାଧାରଣରଙ୍କ ସହିତ ସୁସମ୍ପର୍କ ରଖି କାର୍ଯ୍ୟ କରିବା ଆଦି ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ମତ ରଖିଛନ୍ତି।

## ବିଭିନ୍ନ ଦାବି ସଂପର୍କରେ ଜିଲ୍ଲାପାଳଙ୍କ ସହ ପୂର୍ବତନ ମନ୍ତ୍ରୀଙ୍କ ଆଲୋଚନା



**ଲାଞ୍ଜିଗଡ଼,୨୩ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍‌ର ୮ଟି ଦାବି ନେଇ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କୁ ଦାବିପତ୍ର ଦେବା ସହ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ। ଶ୍ରୀ ମାଝୀଙ୍କ ଦାବିପତ୍ରରେ ଲାଞ୍ଜିଗଡ଼ ବ୍ଲକରେ ୨୭ଟି ପଞ୍ଚାୟତରେ ୪୭୨ଟି ଗାଁ ରହିଛି ତେଣୁ ଆଉ ଏକ ନୂତନ ବ୍ଲକ୍ ଆବଶ୍ୟକ। ରାଜ୍ୟ ସରକାର ତରଫରୁ ଉଚ୍ଚ ଶିକ୍ଷା ପ୍ରସାର ନିଷ୍ପତ୍ତି ନେଇଛନ୍ତି ତାହା ବେନଗାଁ ଓ କମର୍ଦ୍ଧା ଠାରେ +୨ ମହାବିଦ୍ୟାଳୟ ନିର୍ମାଣ କରାଯାଉ। ପାରିପାର୍ଶ୍ୱିକ ଉନ୍ନତି ବେଦାନ୍ତ କମ୍ପାନୀ ଅଗ୍ରସର କଲା ଏଥିରେ ବାହାର ପିଲାଙ୍କୁ ଭର୍ତ୍ତି କଲା ହେଲେ ଦକ୍ଷତା ଓ ଅଣଦକ୍ଷତା ଛାତ୍ରଛାତ୍ରୀଙ୍କୁ କୌଣସି ନିଯୁକ୍ତି ମିଳୁନାହିଁ। ବେଦାନ୍ତ କମ୍ପାନୀରେ ସିଏସଆର୍ ଫଣ୍ଡରୁ ବିଶ୍ୱନାଥପୁର ଅର୍ଦ୍ଧନିର୍ମିତ ଜଗନ୍ନାଥ ମନ୍ଦିର ଏବଂ ଷ୍ଟ୍ରିଟ୍ ଲାଇଟ୍ ମାର୍କେଟ ଓ ପ୍ରତ୍ୟେକ ପଡ଼ାରେ ବ୍ୟବସ୍ଥା କରାଯାଉ। କପାଗୁଡ଼ା, ବସନ୍ତପଡ଼ା କିନାରି, ଜଗନ୍ନାଥପୁର, ବର୍ଣ୍ଡେଲ,ଚଣାଲିମା, ଛତ୍ରପୁର,କୋଟଦୁଆର,କେନ୍ଦୁପଡ଼ା ପ୍ରମୁଖ ଗାଁ ଗୁଡିକୁ ଉଚ୍ଛେଦ କରାଯାଉ। ବିଶ୍ୱନାଥପୁର ଠାରୁ ମୂଷାନଳ ପର୍ଯ୍ୟନ୍ତ ଆରଡି ରାସ୍ତାକୁ ପୂର୍ତ୍ତ ବିଭାଗ ରାସ୍ତାରେ ସାମିଲ କରି ହାତୀଶାଳ ଘାଟିକୁ ପ୍ରଶସ୍ତିକରଣ କରାଯାଉ। ଲାଞ୍ଜିଗଡ଼ ବ୍ଲକ୍‌ର ଚାଷୀଙ୍କ ଧାନ ଓ କପା ମଣ୍ଡିରେ ଉଚିତ ମୂଲ୍ୟ ଦିଆଯାଉ ଏବଂ କଟ୍‌ନି ଛଟ୍‌ନି ବନ୍ଦ କରାଯାଉ। ପଞ୍ଚାୟତ ଗୁଡ଼ିକ ପୁନର୍ଗଠନ ପାଇଁ ସରକାରଙ୍କ ନିଷ୍ପତ୍ତି ଅଛି କିଛି ଯାଗାରେ ନୂତନ ପଞ୍ଚାୟତ ନିର୍ମାଣ କରାଯାଉ। ବିଶ୍ୱନାଥପୁରରେ ଥିବା ଟିଡିସିସି ଜାଗାକୁ ଚିହ୍ନଟ କରାଯାଉ ବହୁବର୍ଷ ହେବ ଏହି ଜାଗାରେ ଅନେକ ଲୋକ ଜବରଦଖଲ କରିଛନ୍ତି ଏହି ସ୍ଥାନରେ ପେଟ୍ରୋଲ ପମ୍ପ ଏବଂ ଦୋକାନ ଗୃହ ଟିଡିସିସି ଦ୍ୱାରା ନିର୍ମାଣ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ଦେବା ବେଳେ ଶ୍ରୀ ମାଝୀଙ୍କ ସହିତ ସମାଜସେବୀ ଗୋବିନ୍ଦ ପ୍ରଧାନୀ ଉପସ୍ଥିତ ଥିଲେ।

### ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

# ଧାନ ସଂଗ୍ରହ ଅବ୍ୟବସ୍ଥା ନେଇ ଗର୍ଜିଲା କଂଗ୍ରେସ

**ଭବାନୀପାଟଣା,୨୩ ।୧୨(ସମିସ)**




କଳାହାଣ୍ଡି ଜିଲାରେ ମଣ୍ଡି ଖୋଲିବାର ଇତିମଧ୍ୟରେ ୨୫ ଦିନ ବିତି ଯାଇଥିଲେ ମଧ୍ୟ ଏବେ ବି ଅଧିକାଂଶ ମଣ୍ଡିରେ ଅଚଳାବସ୍ଥା ଜାରି ରହିଛି। ମଣ୍ଡିରୁ ଧାନ ଉଠୁନଥିବା ବେଳେ ହାଡ଼ ଭଙ୍ଗା ଶୀତ କାକରରେ ମଣ୍ଡିରେ ଧାନ ରଖି ବିକ୍ରି ଆଶାରେ ଜଗି ବସିଛି ଚାଷୀ। ଯାହାକୁ ନେଇଁ ଚାଷୀ ମହଲରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି।ଏପରି ଅ?ୟ?ସ୍ଥାକୁ ନେଇଁ ମଙ୍ଗଳବାର କଳାହାଣ୍ଡି କଂଗ୍ରେସ ପକ୍ଷରୁ ଭବାନୀପାଟଣାସ୍ଥିତ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦିଆଯାଇଛି। ସେହିପରି କଟ୍‌ନୀ ଛଟ୍‌ନୀକୁ ନେଇ ମଧ ଦଳୀୟ କାର୍ଯ୍ୟକର୍ତ୍ତା ରାଜ୍ୟ ସରକାର ଉପରେ ବର୍ଷିଥିଲେ। ଏହାପୂର୍ବରୁ ଶତାଧିକ କଂଗ୍ରେସ କର୍ମୀ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ପରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଉପଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲା ସଭାପତି ଜଳନ୍ଧର ନାଏକଙ୍କ ନେତୃତ୍ୱରେ ବିକ୍ଷୋଭ ସଭାରେ ପୂର୍ବତନ ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ଜିଲ୍ଲା ଉପସଭାପତି ଧନୁର୍ଦ୍ଧର ଗହୀର,ଉଛବ ସାହୁ,ଜିଲ୍ଲା ଯୁବ କଂଗ୍ରେସ ସଭାପତି ମହମ୍ମଦ ସାହେବ,ମାର୍ଜିନା ପ୍ରଧାନ,ସିଦ୍ଧାର୍ଥ ନାୟକ, ଇନ୍ଦ୍ରଜିତ ମହାକୁଡ଼, ସୁବାଷ ପ୍ରଧାନ, ଦେବାନନ୍ଦ ଯୋଶୀ, ସୁକାନ୍ତ ବିଶି,ସରୋଜ ବାଗ, ଲବ ମଙ୍ଗରାଜ, ସଚିନ ନାଏକ, ବିନୋଦ ସାହୁ, ସୁଦର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ମହାଲିଙ୍ଗ ପାକ୍ସରୁ ଉଠୁନି ଧାନ: ୭ ହଜାର ବସ୍ତା ଧାନ ପଡ଼ିଛି

**ଗୋଲାମୁଣ୍ଡା:** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ମହାଲିଙ୍ଗ ପାକ୍ସରୁ ଧାନ ଉଠୁ ନ ଥିବା ଚାଷୀ ଅଭିଯୋଗ କରିଛନ୍ତି। ସୂଚନାରୁ ପ୍ରକାଶ ମଣ୍ଡି ଆରମ୍ଭ ହେଲା ଦିନ ଠାରୁ ୭ ଶହ କୁଇଣ୍ଟାଲ ଧାନ ଉଠି ଥିବା ବେଳେ ବର୍ତ୍ତମାନ ୭ ହଜାର ଧାନ ବସ୍ତା ପଡ଼ିରହିଥିବା ଜଣାପଡିଛି। ମିଲର୍ସମାନଙ୍କର ଅବହେଳା ଯୋଗୁଁ ଧାନ ଉଠୁ ନ ଥିବା ଚାଷୀଙ୍କ ଠାରୁ ପ୍ରକାଶ ପାଇଛି। ଏପଟେ ସରକାର ଠିକଠାକ ଚାଲିଥିବା କହୁଥିବା ବେଳେ ମଣ୍ଡିରେ ସାତ ହଜାର ବସ୍ତା ପଡିରହିଥିବା ନେଇ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଛି। ଏ ନେଇ ମହାଲିଙ୍ଗ ପାକ୍ସ ସଭାପତି ରାଜେଶ ଅଗ୍ରୱାଲ ଓ ସମ୍ପାଦକ ମୁକେଶ ତାଣ୍ଡିଙ୍କୁ ପଚାରିବା ପରେ ମଣ୍ଡି ଆରମ୍ଭ ହେଲା ଦିନ ଠାରୁ ସମୁଦାୟ ୭ ଶହ କୁଇଣ୍ଟାଲ ଧାନ ଉଠିଛି। ବର୍ତ୍ତମାନ ୭ ହଜାର ବସ୍ତା ଧାନ ପଡ଼ିରହିଛି। ମିଲର୍ସଙ୍କ ଅବହେଳା ଯୋଗୁଁ ଧାନ ଉଠି ପାରୁ ନାହିଁ ବୋଲି ପ୍ରକାଶ କରିଛନ୍ତି।କଳାହାଣ୍ଡି ଜିଲ୍ଲାପାଳ ଦୃଷ୍ଟି ଆକର୍ଷଣ କରି ଶୀଘ୍ର ମଣ୍ଡିରୁ ଧାନ ଉଠାଇବାକୁ ସ୍ଥାନୀୟ ଚାଷୀ ଘାସିରାମ ରଣା,ହାକିମ ଚନ୍ଦ୍ର ସିଂହ,ରୋମାଞ୍ଚଲ ପୁଟେଲ, ପ୍ରସାଦ ପୁଟେଲ, ଲିଙ୍ଗରାଜ ଭୋଇ, ତ୍ରିଭୁବନ ପୁଟେଲ, ରୋମାଞ୍ଚଳ ସାହୁ ପ୍ରମୁଖ ଦାବି କରିଛନ୍ତି।



## ପାକେଲପଡ଼ା କପ୍ ଫୁଟବଲ୍;ଟକର୍ଲା ଚାମ୍ପିଅନ



**ମ.ରାମପୁର,୨୩ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଶ୍ରୀବିନାୟକ ୟୁଥ୍ କ୍ଲବ ପକ୍ଷରୁ ପାକେଲପଡ଼ା କପ୍ ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି।ଟକର୍ଲା ଓ ମୁଡିଙ୍ଗ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଟକର୍ଲା ଦଳ ୧-୦ଗୋଲରେ ଚାମ୍ପିଅନ ହୋଇଥିଲା। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ତୁଣ୍ଡଲା ସରପଞ୍ଚ ସରୋଜ ସେଠ୍, ମୁଡିଙ୍ଗ ସରପଞ୍ଚ ରାଜକିଶୋର ମାଝୀ, ମେରା ଯୁବ ଭାରତ କଳାହାଣ୍ଡିର ଜିଲ୍ଲା ସଂଯୋଜକ ପ୍ରସନ୍ନ ମେହେର,ମେରା ଯୁବ ଭାରତ କଳାହାଣ୍ଡିର ଜିଲ୍ଲା ଆକାଉଣ୍ଟାଣ୍ଟ ଦୂତୀଆ ବନଛୋର, ଅବସପ୍ରାପ୍ତ ଶିକ୍ଷକ ବାବୁଲାଲ କୁମାର,ସ୍ୱେଚ୍ଛାସେବୀ ହେମାଗର ସା, ପ୍ରକୃତିବନ୍ଧୁ ସନତ କୁମାର ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଫୁଟବଲ ମ୍ୟାଚ୍‌ର ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ସହିତ ନଗଦ ଅର୍ଥ ମଧ୍ୟ ପ୍ରଦାନ କରିଥିଲେ। ତେବେ ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ମୋ ଭାରତ କଳାହାଣ୍ଡି ଶାଖା ସହାୟତାରେ ଗତ ସୋମବାର ଠାରୁ ଶ୍ରୀ ବିନାୟକ ୟୁଥ୍ କ୍ଲବ ଦ୍ୱାରା ବିଭିନ୍ନ ଖେଳ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ମୁଖ୍ୟ ରେଫରୀ ଲବ ସୁନାନି,ସହାୟକ ରେଫରି ଦିନେଶ କୁମାର, ବିନୋଦ ହେଣ୍ଡା,ପିଙ୍କୁ ଚନ୍ଦନ ଦାଇତ୍ୱ ତୁଲାଇଥିଲେ।ଶ୍ରୀବିନାୟକ ୟୁଥ୍ କ୍ଲବ ସଭାପତି ଯଶୋବନ୍ତ ଗହିର,ସମ୍ପାଦକ ଲକ୍ଷପତି ଭୋଇ,ସର୍ଜନ ବଗର୍ତ୍ତୀ,ବିଦ୍ୟାଧର ଭୋଇ,ବାଞ୍ଛା ଭୋଇ,ସର୍ଜନ ଜାନୀ,ମାଧବ ବଗର୍ତ୍ତୀ,ମୁକେଶ ନାଗ,ଇଶ୍ୱର ଜାନୀଙ୍କ ସମେତଅନୁଷ୍ଠାନରସମସ୍ତକର୍ମକର୍ତ୍ତାସହଯୋଗକରିଥିଲେ।

## ଆଚାର୍ଯ୍ୟ ବର୍ଗ ଏବଂ ସୈନିକ ସମ୍ମାନ କାର୍ଯ୍ୟକ୍ରମ ଉଦ୍‌ଯାପିତ



**ଗୋଲାମୁଣ୍ଡା,୨୩ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡାସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ବନବନ୍ଧୁ ପରିଷଦ ଏକଲ ବିଦ୍ୟାଳୟ ଅଭିଯାନ ପ୍ରେରଣାରେ ୧୪ ତାରିଖରୁ ଆୟୋଜିତ ଆଚାର୍ଯ୍ୟ ବର୍ଗ ଏବଂ ସୈନିକ ସମ୍ମାନ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନି ଦିବସରେ ମୁଖ୍ୟଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ୍ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ,ସମ୍ମାନିତ ଅତିଥି ଭାବେ ସ୍ୱାମୀ ସତ୍ୟ ସୌରୁପାନନ୍ଦ ସରସ୍ୱତୀ,ଗୋଲାମୁଣ୍ଡା ଥାନାଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି, ଅଞ୍ଚଳ ସଭାପତି ସୁଶ୍ରୀ ସବିତା ପଟ୍ଟନାୟକ,ଗୋଲାମୁଣ୍ଡା ସଂଞ୍ଚ ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲା, ସଂଞ୍ଚ ପ୍ରମୁଖ ଧନୁର୍ଯ୍ୟ ବନ୍ଦିଛୋଡ ଅଞ୍ଚଳ ପ୍ରମୁଖ ବିଷ୍ଣୁ ଭାଇ ସମେତ ସମସ୍ତ ସଭ୍ୟ ତଥା ଗଗନ ମୁଣ୍ଡ, ହୃଦାନନ୍ଦ ସା, କୃଷ୍ଣ ମୁଣ୍ଡ,ଅମର ନାଏକ, ପ୍ରଦିପ ପଣ୍ଡା, ବ୍ରହ୍ମା ପ୍ରସାଦ କାଣ୍ଡ ଗଂଗାଧର ମୁଣ୍ଡ,ସୁରେନ୍ଦ୍ର ମୁଣ୍ଡ,ଜଳନ୍ଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ଜିଲ୍ଲାର ସମସ୍ତ ଅବସରପ୍ରାପ୍ତ ସୈନିକଙ୍କୁ ନେଇ ଦେଶଭକ୍ତି ତଥା ଦେଶ ସେବାର ମହତ୍ୱ, ସୈନିକଙ୍କ ଦେଶସେବା ବଳିଦାନ ଗୁଡ଼ିକ ଆଜିର ଯୁବପିଢିଙ୍କ ଉଦ୍ଦେଶ୍ୟରେ ପ୍ରେରଣା ଉତ୍ସ ପାଲଟିବା ପାଇଁ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ବିଜୁ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ ପଦଯାତ୍ରା ମାଧ୍ୟମରେ ସମସ୍ତ ସୈନିକ ଏବଂ ଦୁଇ ଜଣ ସଫଳ ଚାଷୀଙ୍କୁ ପାଛୋଟି ଅଣାଯାଇଥିଲା। ଅତିଥିଙ୍କ ଦ୍ୱାରା ଦୁଇଜଣ କୃଷକ ଏବଂ ସମସ୍ତ ପ୍ରାକ୍ତନ ସୈନିକଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅବସରପ୍ରାପ୍ତ ସୈନିକଙ୍କ ମଧ୍ୟରେ ତୁଳସୀରାମ ମାଝୀ,ଜଗଦୀଶ ମଙ୍ଗରାଜ, ଗଣେଶ ଚନ୍ଦ୍ର ରାଉତ, ବିଶ୍ୱାମିତ୍ର ବିଶି ,ବିପିନ ବିହାରୀ ରାଉତ, ଅକ୍ଷୟ କୁମାର ପଣ୍ଡା, ନବଘନ ସାହୁ, କରୁଣାକର ମୁଣ୍ଡ,ନିଳାମ୍ବର ବାରିକ, କୃପାସିନ୍ଧୁ ସାହୁ, ପ୍ରଦୀପ ରାଉତ,ପ୍ରଶନ୍ନ ଯୋଶୀ, ସଫଳ ଚାଷୀ କୃଷ୍ଣ ଚନ୍ଦ୍ର ନାଗ ଏବଂ ବିଶ୍ୱାନାଥ ନାଗ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସୁଶ୍ରୀ ସବିତା ପଟ୍ଟନାୟକ ଉପସ୍ଥାପନ କରିଥିବା ବେଳେ ଗଙ୍ଗା ବିଷ୍ଣୁ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ। ଇନ୍ଦୁ ଭୂଷଣ ରାଉତ ଏବଂ ଗଜିନ୍ଦ୍ର ନାଏକ ମଞ୍ଚ ପରିଚାଳନା କରିଥିଲେ।

## ୭ ରୁ କୋକସରା ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ

**କୋକସରା,୨୩ ।୧୨(ସମିସ):** କୋକସରା ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ ଆସନ୍ତା ଜାନୁଆରୀ ୭, ୮ ଓ ୯ ତାରିଖ ୩ ଦିନ ଧରି ହେବାକୁ ଯାଉଛି। ଏଥିପାଇଁ ଯୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। କୋକସରା ବ୍ଲକ୍ ସ୍ତରୀୟ କଳାହାଣ୍ଡି ଉତ୍ସବରେ ପ୍ରତିବର୍ଷ ବ୍ଲକ୍ ପ୍ରଶାସନ ଓ କଳାହାଣ୍ଡି ଉତ୍ସବ



ଶୋଭା ବଢ଼ାଇବ ଯୋଗମାୟା ପୀଠ ମଣ୍ଡପ

କମିଟି ଅଞ୍ଚଳର ବିଭିନ୍ନ ମନ୍ଦିର, ପର୍ଯ୍ୟଟନସ୍ଥଳୀ, କଳାହାଣ୍ଡି ସଂସ୍କୃତି ସହିତ ଜଡ଼ିତ ଥିବା ବିଭିନ୍ନ ଜିନିଷକୁ ନେଇ ମଞ୍ଚ ତିଆରି କରିଥାନ୍ତି। ଗତବର୍ଷ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣୀକେଶ୍ୱରୀଙ୍କ ମନ୍ଦିର ଓ କଳାହାଣ୍ଡି ରାଜ ଦରବାର ଆକୃତିର ମଣ୍ଡପ ତିଆରି ହୋଇଥିଲା। ଯାହା ବେଶ ଆକର୍ଷଣ ସାଜିଥିବା ବେଳେ ସାରା ରାଜ୍ୟରେ ଚର୍ଚ୍ଚାର ପରିସରକୁ ଆସିଥିଲା। ସେହିପରି ଚଳିତବର୍ଷ ଗୁଡ଼ହାଣ୍ଡି ମଞ୍ଚରେ ଗୁର୍ଜିମୁଣ୍ଡା ସ୍ଥିତ ଯୋଗମାୟା ପୀଠ ମନ୍ଦିର ଆକୃତିର ମଣ୍ଡପ ତିଆରି କରିବା ନେଇ ଯୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। କୋକସରା ବ୍ଲକ୍ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ମଞ୍ଚକୁ ଜୟପାଟଣା ବ୍ଲକ୍ ବଡ଼ କର୍ଲାକୋଟର ଜଣାଶୁଣା କାରିଗର ଉପେନ୍ଦ୍ର କୁମାର ନାଏକଙ୍କ ନେତୃତ୍ୱରେ ପୂର୍ଣ୍ଣଚନ୍ଦ୍ର ମାଝୀ, ଗିରୀ ନାଏକ, ରୋହିତ ନାଗ, ଜୟମନ ପଟେଲ, ରମେଶ ନାଏକ ଓ ତାଙ୍କ ଟିମ୍ ଲାଗି ପଡିଛନ୍ତି। ଏଥର ମଞ୍ଚ ମଧ ବେଶ୍ ଆକର୍ଷଣୀୟ ହେବ ବୋଲି ଆଶା କରାଯାଉଛି। କୋକସରା ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବରେ ପ୍ରତିବର୍ଷ କଳାହାଣ୍ଡି ସହିତ ଜଡ଼ିତ ଥିବା ବିଭିନ୍ନ କାରୁକାର୍ଯ୍ୟ ହେଉଥିବାରୁ ଲୋକେ ମଧ ବେଶ୍ ଉତ୍ସାହିତ ଅଛନ୍ତି।

## ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲ ପ୍ରତିଷ୍ଠା ଉତ୍ସବ | ବିନା କଷ୍ଟରେ ସଫଳତା ମିଳେ ନାହିଁ

**କେସିଙ୍ଗା,୨୩ ।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ପୂରାତନ ଶିକ୍ଷାନୁଷ୍ଠାନ ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲ ପୂରଣ କରିଛି ୪୨ ବର୍ଷ। ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିବା ପ୍ରତିଷ୍ଠା ଉତ୍ସବରେ ପ୍ରଥମ ଦିନରେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା ଓ ଅଞ୍ଚଳର ବରିଷ୍ଠ ଉଦ୍ୟୋଗପତି ରାମ ଅବତାର ବଂଶଲ୍ ପ୍ରମୁଖ ଯୋଗ ଦେଇଥିଲେ।ସୋମବାର ଉଦ୍‌ଯାପନୀ ଉତ୍ସବରେ ୱାଇବିପିଏସ ବିଦ୍ୟାଳୟ ପରିସରରେ ୪୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟଅତିଥି ଭାବରେ ସିବିଏସଇର ଜଏଣ୍ଟ ଡ଼ାଇରେକ୍ଟର ଏଚ ପି ମୌର୍ଯ୍ୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଅଭିଭାବକ ଓ ଶିକ୍ଷକମାନେ ସଠିକ୍ ମାର୍ଗ ଦେଖାଇ ଉଜ୍ୱଳ ଭବିଷ୍ୟତ ଗଢିବାରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ କେସିଙ୍ଗା ଏସଡିପିଓ ସନ୍ଦୀପ କୁମାର ମାଝୀ ଯୋଗ ଦେଇ ବିନା କଷ୍ଟରେ ସଫଳତା ମିଳେ ନାହିଁ ଛାତ୍ରଛାତ୍ରୀଙ୍କୁ ପାଠ ପଢା ରେ କଠିନ ପରିଶ୍ରମ କରିବା ପାଇଁ ଉପଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲର ଚେୟାରମ୍ୟାନ ରାମ କୁମାର ଜୈନ, ସ୍କୁଲର ସଭାପତି



କମଲ ଜୈନ ସମ୍ପାଦକ ପ୍ରୁଥି ଜୈନ ଓ ବିଦ୍ୟାଳୟର ପ୍ରିନ୍ସିପାଲ ଦୀପ୍ତିରାଣୀ ସିଂ ପ୍ରମୁଖ ମଞ୍ଚାସିନ ଥିଲେ।ଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଏଲନିଶି ମିଶନ ସ୍କୁଲର ବାର୍ଷିକ ଉତ୍ସବ

**ଧର୍ମଗଡ,୨୩ ।୧୨(ସମିସ):** ଧର୍ମଗଡ କୁଟୁରୁଜିଓନ ନଗର ଠାରେ ଥିବା ଏଲନିଶି ମିଶନ ସ୍କୁଲର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ନିର୍ଦ୍ଦେଶକ କେଜୟ କୁଟିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଗଡ ନଗରପାଳ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସେବା ସମିତି ସଭାପତି ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ସାମ୍ବାଦିକ ବୈଦ୍ୟନାଥ ବେହେରା,ବିରଞ୍ଚି ନାରାୟଣ ଜାଲ,ଅଂଶୁମାନ ପାତ୍ର ଓ ଉମେଶ ଚନ୍ଦ୍ର ଦୁରିଆ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟ ନିର୍ଦ୍ଦେଶିକା ସରମା ଜୟ କୁଟି ଓ ପରିଚାଳିକା ପରଶିସ ସାରା ବିନିଙ୍କ ତତ୍ତ୍ୱାବଧାନରେ ସାଂସ୍କୃତିକ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ପ୍ରିନ୍ସିପଲ୍ ସୁହିତ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରି ଥିଲେ। ଶିକ୍ଷକ ଅସିତ୍ ଦିଗାଲ ଏବଂ ଉତ୍ତମ ବାଗ ସିଂ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ର ସ୍ୱୟଂଶୁ ସାହୁ ଏବଂ ଅଂଶ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମ ସଞ୍ଚାଳନ ରେ ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ଓ କର୍ମଚାରୀ ସହାୟତା କରିଥିଲେ।




## ଭାରତୀୟ ସମାଜରେ ନାରୀ ଶୀର୍ଷକ ଆଲୋଚନାଚକ୍ର

**ଧର୍ମଗଡ଼,୨୩ ।୧୨(ସମିସ):** ଧର୍ମଗଡସ୍ଥିତ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ମିଳିତ ବିଭାଗର ଆନୁକୂଲ୍ୟରେ ଦୁଇ ଦିନ ଧରି ସାମ୍ପ୍ରତକି ଭାରତୀୟ ସମାଜରେ ନାରୀ ଶୀର୍ଷକକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜନୀତି ବିଭାଗର ମୁଖ୍ୟ ତଥା ଅଧ୍ୟକ୍ଷା ମୂର୍ତ୍ତି ମଞ୍ଜରୀ ପଣ୍ଡା ,ଓଡ଼ିଆ ବିଭାଗ ମୁଖ୍ୟ ଜୟନ୍ତୀ କୁମାରୀ ମୁଦୁଲୀ, ଇଂରାଜୀ ବିଭାଗ ମୁଖ୍ୟ ସରୋଜ କୁମାର ମେହେର, ଇତିହାସ ବିଭାଗ ଅଧ୍ୟାପିକା କୁମାରୀ ଲୁସି ଗଉଡ଼,




ଗୃହ ବିଭାଗର ମୁଖ୍ୟ କୁମାରୀ ଅର୍ଚ୍ଚନା ଗୁଛି ଏବଂ ଝରଣା ପଧାନୀ ମଞ୍ଚାସିନ ଥିଲେ। ଓଡ଼ିଆ ବିଭାଗର ଛାତ୍ରୀ ଘନସ୍ମିତା ମାଝୀ, ସଂଚିତା ଶର୍ମା, ଅର୍ଚ୍ଚନା ମହାରଣା ଇଂରାଜୀ ବିଭାଗର ରୁବିଶୁତା ଟୋଲଟିଆ, ରାଜନୀତି ବିଜ୍ଞାନର ପ୍ରଗତୀ ସାହୁ, ଲକ୍ଷ୍ମୀସୂତା ମେହେର, ଇତିହାସ ବିଭାଗର ହିମାଦ୍ରୀ ମହାନନ୍ଦ, ରଞ୍ଜିତା ନାଗ, ଗୃହ ବିଜ୍ଞାନର ବର୍ଷା ମଙ୍ଗରାଜ, କୁରଙ୍ଗିନୀ ମାଝୀ, ରୋଜାଲିନ ଚିହ୍ନାରା, ଲକ୍ଷପତି ନାଏକ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଓଡିଆ ବିଭାଗର ଛାତ୍ରୀ ସ୍ୱପ୍ନା ମେହେର ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଜୟଦ୍ରଥ ସୁନା ଧନ୍ୟବାଦ ଅର୍ପଣ କରିଥିଲେ।



### ସହରରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

# ବାତିଲ ପରେ ହେଉନି ପୁନଃ ଟେଣ୍ଡର


**ଭବାନୀପାଟଣା,୨୩ ।୧୨(ସମିସ):** ମାସିକ ୪୮ ଲକ୍ଷ ଦେଇ ସହରକୁ ସଫା ସୁତୁରା କରୁଥିଲେ ହେଲେ ମଧ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା ଭବାନୀପାଟଣା ସହରର ପରିମଳ ବ୍ୟବସ୍ଥା।ବାରମ୍ବାର ଅଭିଯୋଗ ପରେ ଭବାନୀପାଟଣା ପୌରପରିଷଦ ଏ ନେଇ ପୂର୍ବରୁ ଚୁକ୍ତି କରିଥିବା କଟକର ଚନ୍ଦନ ସିକୁରିଟି ଏଜେନ୍ସିକୁ ଚିଠି ନମ୍ବର ୩୮୮୭ ତା୪.୧୨.୨୫ରେ ଚୁକ୍ତି ବାତିଲ କରି ନୂତନ କୌଣସି ସଂସ୍ଥାକୁ ଦାୟିତ୍ୱ ଦେବାପାଇଁ କାଉନସିଲରେ ମତ ପ୍ରକାଶ ପାଇଥିଲା। କିନ୍ତୁ ଦୀର୍ଘ ଦିନ ହେଲା କୌଣସି ନୂତନ ସଂସ୍ଥାକୁ ଅଦ୍ୟାବଧି ସହରର ପରିମଳ ସଫେଇ ଦାଇତ୍ୱ ଦିଆଯାଇ ନଥିବାରୁ ଭବାନୀପାଟଣା ସହରରେ ପରିମଳ ବ୍ୟବସ୍ଥା ଭୁଶୁଡି ପଡିଛି। ଭବାନୀପାଟଣା ସହରର ୨୦ଟି ୱାର୍ଡ ସଫେଇ ପାଇଁ ମାସିକ ୪୮ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ପୂର୍ବରୁ ଚୁକ୍ତି କରିଥିବା ଚନ୍ଦନ ସିକୁରିଟି ଆଖିଦୃଶିଆ ସଫେଇ କାର୍ଯ୍ୟ କରୁନଥିବା ବେଳେ ଚୁକ୍ତି ବାତିଲ ପରେ ଅଦ୍ୟାବଧି ନୂତନ ଟେଣ୍ଡର ହୋଇନାହିଁ। ଯାହକୁ ନେଇ ସଫେଇ କର୍ମଚାରୀମାନେ ଚଳିତ ମାସର ଦରମା ପାଇବେ କି ନାହିଁ ସେନେଇ ଦ୍ୱନ୍ଦରେ ଥିବା ଯୋଗୁଁ ସହରରେ ଆହୁରି ପରିମଳ ବ୍ୟବସ୍ଥା ଅବ୍ୟବସ୍ଥିତ ହୋଇପଡିଛି। ଦୀର୍ଘ ଦିନ ଧରି ନାଳ ନର୍ଦ୍ଦମା ସଫା ହୋଇନଥିବା ବେଳେ ସହରର ସବୁଆଡେ କୁଢ଼ କୁଢ଼ ଆବର୍ଜନା ପଡିରହୁଛି। ତୁରନ୍ତ ଟେଣ୍ଡର କରି ନୂତନ ସଂସ୍ଥାକୁ ସଫେଇ ଦାୟିତ୍ୱ ଦେବା ପାଇଁ ସହରବାସୀ ଦାବି କରିଛନ୍ତି।

## ଗୋଷ୍ଠୀ ଜଙ୍ଗଲ ପରିଚାଳନା ସମ୍ବନ୍ଧୀୟ କର୍ମଶାଳା




**ନୂଆପଡା,୨୩ ।୧୨(ସମିସ):** ନୂଆପଡ଼ା ଜିଲ୍ଲା ପଞ୍ଚାୟତ ସାଧନା କେନ୍ଦ୍ରରେ ଜିଲ୍ଲାସ୍ତରୀୟ ଗୋଷ୍ଠୀ ଜଙ୍ଗଲ ପରିଚାଳନା ସମ୍ପର୍କୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।କର୍ମଶାଳାକୁ ୟାର ଅନୁଷ୍ଠାନ ଖଡ଼ିଆଳ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ଆୟୋଜନର ମୁଖ୍ୟଲକ୍ଷ୍ୟ ଥିଲା ନୂଆପଡ଼ା ଜିଲ୍ଲାର ଦିଆଯାଇଥିବା ସମସ୍ତ ଗ୍ରାମକୁ ଗୋଷ୍ଠୀ ସମ୍ବଳ ଅଧିକାରର ସୁପରିଚାଳନା ନିମନ୍ତେ କମିଟି ଗଠନ କାର୍ଯ୍ୟ ଯୋଜନା ପ୍ରସ୍ତୁତି ଓ ଅନୁମୋଦନ ସମ୍ପର୍କରେ ଜଙ୍ଗଲ ଅଧିକାରଆଇନଅନୁଯାୟୀ୨୦୦୬ଆଇନର ମାର୍ଗଦର୍ଶିକା ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ୫ଟି ତହସିଲ କାର୍ଯ୍ୟାଳୟର ତହସିଲଦାର,ଅତିରିକ୍ତ ତହସିଲଦାର,ବ୍ଲକ୍ ମଙ୍ଗଳ ଅଧିକାରୀ,ସେଲ ସଂଯୋଜକ,ଉପଖଣ୍ଡ ସ୍ତରୀୟ ସଦସ୍ୟ/ ସଦସ୍ୟା,ଜଙ୍ଗଲ ବିଭାଗର ଏସିଏଫ ତଥା ୟାର ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ।ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କୌଶଲ୍ୟା ମାଝୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ୟାର ଅନୁଷ୍ଠାନର ସମ୍ପାଦକ ହରିଦାସ ପଟେଲ କର୍ମଶାଳାର ଲକ୍ଷ୍ୟ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ତାଲିମ ଦାତା ଭାବରେ ଏଫଇଏସ ଭୁବନେଶ୍ୱର ପ୍ରଦୀପ ମହାରଣା ଯୋଗ ଦେଇଥିଲେ। ଶେଷରେ ୟାର ସଭାପତି ମହେନ୍ଦ୍ର କୁମାର ଯୋଶୀ ଧନ୍ୟବାଦ ଦେଇଥିଲେ।ଅନୁଷ୍ଠାନର ଅରୁଣ ବିଶ୍ୱାଳ କାର୍ଯ୍ୟକ୍ରମକୁ ମୁଖ୍ୟ ଆୟୋଜନର ସହାୟତା କରିଥିଲେ।

# ସମ୍ପାଦକୀୟ



ମା' ପରି ମାତୃଭୂମି ମଧ୍ୟ ତୁମକୁ ଜନ୍ମ ଦେଇଛି। ତେଣୁ ମାତୃଭୂମି ପାଇଁ ତୁମେ ଗର୍ବ ଅନୁଭବ କରିବା ଆବଶ୍ୟକ।
-ସତ୍ୟ ସାଇବାବା

ସକାଳ
THE SAKALA

## ଆରାବଳି ପରେ ମହେନ୍ଦ୍ରଗିରି!

ଉତ୍ତର-ପଶ୍ଚିମ ଭାରତର ଦିଲ୍ଲୀଠାରୁ ଗୁଜରାଟ୍ ପର୍ଯ୍ୟନ୍ତ ୬୭୦ କିମି ବ୍ୟାପ୍ତ ଆରାବଳୀ ପର୍ବତମାଳାର ସଂଜ୍ଞା ପରିବର୍ତ୍ତନ ହୋଇଥିବା ଅଭିଯୋଗ ସହିତ ବିରୋଧାଭାସ ତୀବ୍ର ହେବାରେ ଲାଗିଛି। ଜୈବବିବିଧତା ଓ ପରିବେଶ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ପାର୍ବତ୍ୟାଞ୍ଚଳରେ ଖଣି ଖନନ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟକ୍ରମ ଆରମ୍ଭ ହୋଇସାରିଥିବାରୁ ପରିବେଶବିତ୍‌ମାନେ ବିରୋଧ କରିଆସୁଛନ୍ତି। ଏପରିକି ଗତ ପ୍ରାୟ ୭ ବର୍ଷ ମଧ୍ୟରେ ଅଦାଲତ ୧୦ ଥର କେନ୍ଦ୍ର ସମେତ ବିଭିନ୍ନ ରାଜ୍ୟ ସରକାରମାନଙ୍କୁ ତାଗିଦ କରି ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଏହି ନିର୍ମାଣ କାର୍ଯ୍ୟାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଆଇନଗତ ପ୍ରତିବନ୍ଧକ ହଟାଇବାକୁ ଚତୁରତାର ସହିତ ଆରାବଳୀର ସଂଜ୍ଞାରେ ପରିବର୍ତ୍ତନ କରିଦିଆଯାଇଥିବା ଅଭିଯୋଗ ହୋଇଛି। ଏପରିକି ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏହି ପରିବର୍ତ୍ତିତ ସଂଜ୍ଞାକୁ ଗ୍ରହଣ କରିନେଇଥିବାରୁ ଆଗାମୀ ଦିନରେ ସେଠାରେ ଖଣି ଖନନ ଓ ଅନ୍ୟାନ୍ୟ ପରିବେଶ ପ୍ରତିକୂଳ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ, ଯାହାଫଳରେ ରାଜଧାନୀ ଦିଲ୍ଲୀର ପରିବେଶ ସମସ୍ୟା ଆହୁରି ଉତ୍କଟ ହେବ ବୋଲି ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସଂଜ୍ଞାକୁ ଭୁଲ୍ ତର୍ଜମା କରାଯାଇଥିବା ଏବଂ ଆରାବଳୀର ୧.୪୪ ଲକ୍ଷ ବର୍ଗକିମି ଅଞ୍ଚଳରୁ ମାତ୍ର ୦.୧୯% ଖଣିଜ କାର୍ଯ୍ୟକଳାପ ପାଇଁ ଅନୁମତି ଦିଆଯାଇଥିବା କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ସ୍ପଷ୍ଟୀକରଣ ଦେଇଛନ୍ତି। କିନ୍ତୁ ହଠାତ୍ ସଂଜ୍ଞା ପରିବର୍ତ୍ତନର ଆବଶ୍ୟକତା କାହିଁକି ସୃଷ୍ଟି ହେଲା ତାହାକୁ ନେଇ ଆଉ ଏକ ଗୁରୁତର ପ୍ରଶ୍ନ ଉଠିଛି।

ପରିବେଶ-ସମ୍ବେଦନଶୀଳ ଅଞ୍ଚଳରେ ବିକାଶ ଆଧାରିତ ନିର୍ମାଣ ମାର୍ଗଦର୍ଶିକା ଏବଂ ବିଭିନ୍ନ ବିଶେଷଜ୍ଞ କମିଟିର ପରାମର୍ଶ ଓ ସୁପାରିସକୁ ଉପେକ୍ଷା କରିବାର ପରିଣତି ଆମେ ପଶ୍ଚିମଘାଟ ପର୍ବତମାଳା ଅଧୀନ କେରଳର ୱାଇନାଡ଼ ଓ ହିମାଳୟ ପାର୍ବତ୍ୟାଞ୍ଚଳର ଉତ୍ତରାଖଣ୍ଡରେ ଘଟିଥିବା ବିଭୀଷିକା ଅଙ୍ଗେ ନିଭାଇଛେ। ତଥାପି ଅର୍ଥନୀତିକୁ ଅଗ୍ରାଧିକାର ଦେଇ ପରିବେଶକୁ ଉପେକ୍ଷା କରିବାର ବେପରୁଆ ମନୋବୃତ୍ତିକୁ ପରିହାର କରିପାରୁନେ। ତେଣୁ ଏବେ ଏହି ଧାରାରେ ଆରାବଳୀ ସାମିଲ୍ ହେବା ଆଶ୍ଚର୍ଯ୍ୟଜନକ ନୁହେଁ। ଏହି ପାର୍ବତ୍ୟାଞ୍ଚଳରେ ଅନେକ ଅଭୟାରଣ୍ୟ, ସଂରକ୍ଷିତ ଜୈବମଣ୍ଡଳ, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଆଦି ରହିଛି। ଖଣିଜ କାର୍ଯ୍ୟକଳାପ ଦ୍ୱାରା ସେଗୁଡ଼ିକ ପ୍ରଭାବିତ ହେବା ନିଶ୍ଚିତ। କିନ୍ତୁ ଯାହାକୁ ନେଇ ସବୁଠାରୁ ବିବାଦ ଉଠିଛି ତାହା ହେଲା ଆରାବଳୀର ଉଚ୍ଚତାକୁ ଯେପରି ୧୦୦ ମିଟର ପର୍ଯ୍ୟନ୍ତ ଅବାଧରେ ହ୍ରାସ କରାଯାଇପାରିବ ତାହାକୁ ଦୃଷ୍ଟିରେ ରଖି ନୀତି ନିୟମକୁ ମୋଡ଼ିମକଚି ଦିଆଯାଇଛି। ସଂଜ୍ଞାର ବ୍ୟୁତ୍ପତ୍ତି କରିବାର ଅଧିକାର ଆମର ନାହିଁ। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ସବୁଜସଂକେତ ଦେଇସାରିଥିବାରୁ ଏବେ କେବଳ ଆଞ୍ଚଳିକ ବିରୋଧ ହିଁ ଆରାବଳୀକୁ ସୁରକ୍ଷା ଦେଇପାରିବ ବୋଲି ମତ ପ୍ରକାଶ ପାଇଛି।

ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ସଂସ୍ଥାର ଆଭ୍ୟନ୍ତରୀଣ ସର୍ବେକ୍ଷଣ ରିପୋର୍ଟକୁ ଉଦ୍ଧାର କରି ପରିବେଶବତ୍ ଓ ଭୂବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି ଯେ ନୂତନ ସଂଜ୍ଞା ବଳରେ ଆରାବଳୀ ପାର୍ବତ୍ୟାଞ୍ଚଳର ପ୍ରାୟ ୯୦% ଅଞ୍ଚଳ 'ନିଷିଦ୍ଧାଞ୍ଚଳ' ମାନ୍ୟତା ହରାଇବ ଏବଂ ବ୍ୟବସାୟିକ କାର୍ଯ୍ୟକଳାପ ପାଇଁ କଟକଣାମୁକ୍ତ ହୋଇଯିବ। ଏହି ରିପୋର୍ଟ ଅନୁଯାୟୀ ଆରାବଳୀ ପାର୍ବତ୍ୟାଞ୍ଚଳରେ ଥିବା ୧୨, ୦୮୧ ପର୍ବତ ଓ ମାଳଭୂମି ମଧ୍ୟରୁ ମାତ୍ର ୧, ୪୦୮ ଟି ୧୦୦ ମିଟର ଉଚ୍ଚତାର ସଂଜ୍ଞା ପୂରଣ କରୁଛି। ଏହାଛଡ଼ା କେନ୍ଦ୍ର ସରକାରଙ୍କ ସଂଶୋଧନ ପରେ ଆରାବଳୀର ନିଷିଦ୍ଧ ଅଞ୍ଚଳ ତାଲିକାରେ ରାଜସ୍ଥାନର ସାୱାଇ ମାଧୋପୁର ଜିଲ୍ଲାର ରାନ୍ଥମଭୋର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ, ଚିତ୍ତୋରଗଡ଼ ଆଦି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ସ୍ଥାନ ପାଇନାହିଁ। ଅର୍ଥାତ୍ ସେଠାରେ ନିର୍ମାଣ କାର୍ଯ୍ୟ ଅବାଧରେ ଚାଲିବ ଏବଂ ସେହିସବୁ ଐତିହ୍ୟ ଓ ସ୍ମାରକୀ ପ୍ରତି ବିପଦ ଅବଶ୍ୟାମ୍ଭାବୀ।

ଏହି ପୃଷ୍ଠଭୂମିରେ ଓଡ଼ିଶାର ମହେନ୍ଦ୍ରଗିରି ବିଷୟରେ କିଞ୍ଚିତ ଆଲୋଚନା କରିବା ପ୍ରାସଙ୍ଗିକ ହେବ। ବିରଳ ଜୈବବିବିଧତାରେ ପରିପୂର୍ଣ୍ଣ ଏବଂ ଐତିହାସିକ-ପୌରାଣିକ ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ ଗଜପତି ଜିଲ୍ଲାର ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ସଂରକ୍ଷିତ ଜୈବ ମଣ୍ଡଳ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଛି। ସମସ୍ତ ଐତିହାସିକ, ବୈଜ୍ଞାନିକ ଓ ଭୌଗୋଳିକ ତଥ୍ୟ ପ୍ରମାଣ ସତ୍ତ୍ୱେ ଏହି ମାନ୍ୟତା ପାଇବାରେ ଓଡ଼ିଶା ଗତାନୁଗତିକ ଐତିହାସିକ ଅବହେଳାର ଶିକାର ହୋଇଛି। ମାନ୍ୟତା ଦୂରେ ଥାଉ ଏବେ ମହେନ୍ଦ୍ରଗିରିକୁ ପର୍ଯ୍ୟଟନ ଅର୍ଥନୀତିର ଏକ ଅଂଶ କରିବା ପାଇଁ ବିଧିବଦ୍ଧ ଉଦ୍ୟମ ଆରମ୍ଭ ହୋଇସାରିଛି। ସେଠାରେ 'ମହେନ୍ଦ୍ରଗିରି ପରିକ୍ରମା ପ୍ରକଳ୍ପ' ପାଇଁ ସଂରକ୍ଷିତ ଜଙ୍ଗଲର ୦.୯ ହେକ୍ଟର ଜମିର କିସମ ପରିବର୍ତ୍ତନ କରି ଜିଲ୍ଲା ରାଜସ୍ୱ ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ତେଣୁ ଆରାବଳୀ ଧାରାରେ ମହେନ୍ଦ୍ରଗିରି ଜୈବମଣ୍ଡଳର ସଂଜ୍ଞା ମଧ୍ୟ ବଳି ପଡ଼ିବା ଅସମ୍ଭବ ନୁହେଁ। ଏଠାରେ ସୂଚାଇ ଦେବା ଉଚିତ ହେବ ଯେ ଇକୋ ଟୁରିଜିମ୍‌କୁ ପ୍ରୋତ୍ସାହନ ଦେବା ପାଇଁ ଖନନ କାର୍ଯ୍ୟ ଯୋଗୁଁ ନିକଟରେ ମହେନ୍ଦ୍ରଗିରି ପର୍ବତ ଅଞ୍ଚଳରେ ଭୂସ୍ଖଳନ ଘଟି ଜୀବନହାନି ଘଟଣା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି।

ଦିଲ୍ଲୀର ପରିବେଶକୁ ଆରାବଳୀ ସୁରକ୍ଷା ଦେବା ଭଳି ଦକ୍ଷିଣ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶର ଜଳବାୟୁ ନିୟନ୍ତ୍ରଣରେ ମହେନ୍ଦ୍ରଗିରି ପର୍ବତମାଳାର ବଳିଷ୍ଠ ଭୂମିକା ଥିଲେ ହେଁ ଏହା ସରକାରୀ ସ୍ତରରେ ସେଭଳି ଗୁରୁତ୍ୱ ପାଇନାହିଁ। ଏହି ପୃଷ୍ଠଭୂମିରେ ଯଦି ସେଠାରେ ଭବ୍ୟମନ୍ଦିର ନିର୍ମାଣ ଆଳରେ ପରିବେଶ-ପ୍ରତିକୂଳ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେବ ତେବେ ସ୍ଥିତି ଆହୁରି ବିଗିଡ଼ି ଯିବାର ଆଶଙ୍କା ରହିଛି। ମହେନ୍ଦ୍ରଗିରି ପୂର୍ବ-ଘାଟ ପର୍ବତମାଳାର ଅଂଶଭାବେ ଗଣ୍ଡୱାନା ଅଞ୍ଚଳାଧୀନ ଏବଂ ଏହାର ମୃତ୍ତିକା ପୃଥିବୀର ସର୍ବପୁରାତନ। ମହେନ୍ଦ୍ରଗିରିର କେନ୍ଦ୍ରୀୟ ଅଞ୍ଚଳ ପର୍ଯ୍ୟଟନ ଅର୍ଥନୀତିରେ ପ୍ରମୁଖତା ହାସଲ କରିବା ପରେ ତାହାର ଦୁର୍ଲ୍ଲଭ ଜୈବବିବିଧତା ଧୀରେଧୀରେ ହିମାଳୟ ପାର୍ବତ୍ୟାଞ୍ଚଳ ଅନୁରୂପ ବିଭିନ୍ନ ବହୁଦେଶୀୟ ଓ ଦେଶୀୟ ଔଷଧ କମ୍ପାନୀ, ସୌଖୀନ କାଠ ଓ ଖେଳନା କମ୍ପାନୀର ପଞ୍ଝାକୁ ଚାଲିଯିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା କରୁଛନ୍ତି। ପରିଶେଷରେ ପୁଣି ଏକ 'ଚିପ୍‌କୋ ଆନ୍ଦୋଳନ' କିମ୍ବା 'ହିମାଳୟ ପରିବେଶ ବଞ୍ଚାଅ ଆନ୍ଦୋଳନ' ଭଳି 'ଆରାବଳୀ ବଞ୍ଚାଅ ଆନ୍ଦୋଳନ' କିମ୍ବା 'ମହେନ୍ଦ୍ରଗିରି ବଞ୍ଚାଅ ଆନ୍ଦୋଳନ' ହୁଏତ ଜନ୍ମ ନେଇପାରେ। କିନ୍ତୁ ସେଥିପାଇଁ ଜନସଚେତନତା ସୃଷ୍ଟି, ଏକତା ଓ ସ୍ୱର ଉତ୍ତୋଳନ ପୂର୍ବରୁ କେତେବେଳେ ଯେ ପ୍ରତିପତ୍ତିଶାଳୀ ଶିଳ୍ପୋଦ୍ୟୋଗୀଙ୍କ ହାତକୁ ଓଡ଼ିଶାର ଏହି ବିଶ୍ୱପ୍ରସିଦ୍ଧ ବିରଳ ଜୈବମଣ୍ଡଳ ଚାଲି ନ ଯିବ କିଏ କହିବ?

# ସନ୍ତ୍ରାନ୍ତ ସନ୍ତ୍ରାସବାଦ ଓ ଆମ ବିଶ୍ୱବିଦ୍ୟାଳୟ

**ନାଥ କପିଳେନ୍ଦ୍ର ଦେବ**



ହରିୟାଣା ସ୍ଥିତ ଅଲ ଫଲହା ବିଶ୍ୱବିଦ୍ୟାଳୟର ଡାକ୍ତରୀ ଶିକ୍ଷା ପ୍ରଧ୍ୟାପକମାନଙ୍କର ଲାଲକିଲ୍ଲା ବିସ୍ଫୋରଣ ସହ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିଥିବାର ପ୍ରାରମ୍ଭିକ ପ୍ରମାଣ ହସ୍ତଗତ ହେବା ପରେ ସାରା ଦେଶରେ ଏବେ ବିଶ୍ୱବିଦ୍ୟାଳୟମାନଙ୍କ କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନଚିହ୍ନ ଲାଗିଛି। ଏହା ପୂର୍ବରୁ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ବିଚ୍ଛିନ୍ନତାବାଦୀ ସ୍ୱର, ଦେଶର ପ୍ରସିଦ୍ଧ ଶିକ୍ଷାୟତନର ଗରିମା ନଷ୍ଟ କରିଥିଲା। ୨୦୦୮ ମସିହାରେ ମୁମ୍ବାଇ ଆକ୍ରମଣ ସହ ସମ୍ପୃକ୍ତ ହାଫିଜ ମହମ୍ମଦ ସୟିଦ ଜଣେ ପ୍ରଫେସର ଭାବେ କାର୍ଯ୍ୟରତ ଥିବା ସହିତ ପାକିସ୍ତାନର ଆତଙ୍କବାଦୀ ସଂଗଠନ 'ଲସ୍କର-ଇ-ତୋଇବା' ର ଜଣେ ସେନାପତି ମଧ୍ୟ ଥିଲେ। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଆରବ ଭାଷା ଅଧ୍ୟାପକ ସୟିଦ ଅବଦୁଲ ଗିଲାନୀ ୨୦୦୧ ମସିହା ସଂସଦ ଆକ୍ରମଣ ସହ ଜଡ଼ିତ ଥିବାର ଅଭିଯୋଗ ହୁଏ, ଯଦିଓ ସେ ସମୟରେ ଉଚ୍ଚ ନ୍ୟାୟାଳୟ ଦ୍ୱାରା ସେ ଦୋଷମୁକ୍ତ ହୋଇଥିଲେ। କାଶ୍ମୀର ବିଶ୍ୱବିଦ୍ୟାଳୟର ସମାଜଶାସ୍ତ୍ରୀ ମହମ୍ମଦ ରଫି ଭଟ୍ଟ ହିଜ୍‌ବୁଲ ମୁଜାହିଦିନ ଓ ରସାୟନ ବିଭାଗ ପ୍ରାଧ୍ୟାପକ ଅଲତାଫ ହୁସେନ ଜାମୁ କାଶ୍ମୀର ମୁକ୍ତି ସାମ୍ମୁଖ୍ୟ ସହ ରହି ଦେଶବିରୋଧୀ କାର୍ଯ୍ୟରେ ଜଡ଼ିତ ଥିଲେ। ଭାରତରେ କିଛି ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନକ୍ସଲମାନଙ୍କୁ ପ୍ରୋତ୍ସାହିତ କରୁଥିବାର ଖବର ଆଗରୁ ଗଣମାଧ୍ୟମର ଶିରୋନାମା ହୋଇଥିଲା। ଏ ସବୁ ଅନୁଧ୍ୟାନ କଲେ ମନରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଶିକ୍ଷାପଦ୍ଧତି, ଶୈକ୍ଷିକ ବାତାବରଣ, ପରିଚାଳନାଗତ ଶୃଙ୍ଖଳା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ।

ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରତିଦାନ ସାରା ବିଶ୍ୱର ସମୃଦ୍ଧି ପାଇଁ ଉଦ୍ଦିଷ୍ଟ। ପଞ୍ଚମରୁ ସପ୍ତମ ଶତାବ୍ଦୀ ବେଳର ପ୍ରାଚୀନ ଭାରତରେ ଗଢ଼ି ଉଠିଥିବା ନାଳନ୍ଦା, ତକ୍ଷଶୀଳା, ବିକ୍ରମଶିଳା ବିଶ୍ୱବିଦ୍ୟାଳୟଗୁଡ଼ିକରେ ହଜାର ହଜାର ଛାତ୍ର ଶିକ୍ଷା ଗ୍ରହଣ କରି ମାନବ ସଭ୍ୟତାକୁ ଆଲୋକ ଦେଖାଇଛନ୍ତି। ହିନ୍ଦୁ ସଂସ୍କୃତିରେ ଏଗୁଡ଼ିକ କେବଳ ଶିକ୍ଷାୟତନ ନୁହନ୍ତି, ବରଂ ବିଦ୍ୟାଦାତ୍ରୀ ମାଆ ସରସ୍ୱତୀଙ୍କର ମନ୍ଦିର। ସେଠାରେ ସେତେବେଳେ ବେଦ, ଉପନିଷଦ, ଭାଷା, ସଂସ୍କୃତି ସହ ସାମାଜିକ ବିଜ୍ଞାନ, ଭେଷଜ ବିଜ୍ଞାନ, ଶରୀର ବିଜ୍ଞାନ, କୃଷି ବିଜ୍ଞାନ ଆଦି ଉପରେ ଶିକ୍ଷାଦାନ କରାଯାଉଥିଲା। ବିଦେଶୀ ପରିବ୍ରାଜକମାନେ ଏ ବିଷୟରେ ସେମାନଙ୍କ ବିବରଣୀରେ ଯଥେଷ୍ଟ ଆଲୋଚନା କରିଛନ୍ତି।

ଏବେ ମଧ୍ୟ ପୃଥିବୀର ଅନେକ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନ ଓ ଗବେଷଣା ଦ୍ୱାରା ସୃଷ୍ଟିକୁ ବହୁ ଚମତ୍କାର ଉପହାର ଦେଇ ଚାଲିଛନ୍ତି। ସର୍ବପୁରାତନ ୟୁରୋପୀୟ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ଶିକ୍ଷାଦାନରେ ମାସାଚୁସେଟସ ବୈଷୟିକ ଅନୁଷ୍ଠାନ, ବୈଷୟିକ ଶିକ୍ଷା ଓ ନବଉନ୍ମେଷରେ, ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ଆଇନ ଓ ନାଟକରେ, ଷ୍ଟାନ୍‌ଫୋର୍ଡ ବ୍ୟବସାୟ ଓ ଉଦ୍ୟୋଗ କ୍ଷେତ୍ରରେ, କେମ୍ବ୍ରିଜ କଳା ଓ ଗଣିତ ଶାସ୍ତ୍ରରେ ଉଚ୍ଚକୋଟୀର ଗବେଷଣା କରି ବିଶ୍ୱର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ପରିଗଣିତ ହେଉଛନ୍ତି। ବିଶ୍ୱର ସମୁଦାୟ ନୋବେଲ ବିଜେତାମାନଙ୍କ ମଧ୍ୟରୁ କେବଳ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟ ରୁ ୧୬୦ ଜଣ ଅଛନ୍ତି। ଅତଏବ ବିଶ୍ୱବିଦ୍ୟାଳୟ ହିଁ ସୃଜନଶୀଳତା, ଆତ୍ମମନ୍ଥନ, ନୂତନ ଆଲୋକ ସନ୍ଧାନକାରୀଙ୍କ ବାସସ୍ଥଳୀ। ଏହାର ଶିକ୍ଷାନବିସମାନେ ନୂତନ ବିଶ୍ୱର ପଥପ୍ରଦର୍ଶକ, ଏଥିରେ ଅନ୍ୟଥା ନାହିଁ।

ନିକଟ ଅତୀତରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଆମିଟି ବିଶ୍ୱବିଦ୍ୟାଳୟର ଜନୈକ ଛାତ୍ରୀ ଆୟେଶା ଜୈନଙ୍କର ମାମଲା ଗ୍ରହଣ କରି ଦେଶର ବେସରକାରୀ ବିଶ୍ୱବିଦ୍ୟାଳୟମାନଙ୍କର ସ୍ଥିତି, ପରିଚାଳନା ଓ ନିୟନ୍ତ୍ରଣବିଧି ଉପରେ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ସବିଶେଷ ତଥ୍ୟ ମାଗିଥିଲେ। ସ୍ୱାଧୀନ ହେଲା ବେଳକୁ ଦେଶରେ ୧୭ ଟି ବିଶ୍ୱବିଦ୍ୟାଳୟ ଥିବା ସମୟରେ ଏହାର ସଂଖ୍ୟା ୨୦୨୫ ମଇ ମାସ ସୁଦ୍ଧା ୧୩୩୮ ହେଲାଣି। ଏଥିରେ କୃଷି ବିଶ୍ୱବିଦ୍ୟାଳୟ ପରି ବୃତ୍ତି ଉପରେ ନିବେଶିତ ବିଶ୍ୱବିଦ୍ୟାଳୟ ସାମିଲ ନୁହନ୍ତି। ଏବେ ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ ପ୍ରାୟ ୩.୨୫ କୋଟି ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୧୯୪୮-୪୯ ମସିହାର ରାଧାକୃଷ୍ଣନ କମିଟିଠାରୁ ଜାତୀୟ ଶିକ୍ଷା ନୀତି ୨୦୨୦ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ଓ ଗବେଷଣା ପାଇଁ ପଦକ୍ଷେପ ନିଆଯାଇଛି। କିନ୍ତୁ ବିଶ୍ୱବିଦ୍ୟାଳୟଗୁଡ଼ିକର ମୌଳିକ କର୍ତ୍ତବ୍ୟକୁ କିଏ କିପରି ନିୟନ୍ତ୍ରଣ କରୁଛି, ତାହା ହିଁ ପ୍ରଶ୍ନ। ରାଜ୍ୟସରକାରମାନଙ୍କର ଖାମଖିଆଲି ମନୋଭାବ ଯୋଗୁଁ ଘରୋଇ ବିଶ୍ୱବିଦ୍ୟାଳୟ ସଂଖ୍ୟା ଲଗାମଛଡ଼ା ପରି ବଢ଼ି ଚାଲିଛି। ପୁଞ୍ଜିପତିମାନେ ଏହାର ଫାଇଦା ନେଇ ନିଜସ୍ୱ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରୁଛନ୍ତି। ସରକାରୀ ତଥ୍ୟ ଅନୁସାରେ ୨୦୧୧-୧୨ ରୁ ୨୦୨୧-୨୨ ମଧ୍ୟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀ ସଂଖ୍ୟା ୨୬ ପ୍ରତିଶତ, ରାଜ୍ୟ ବିଶ୍ୱବିଦ୍ୟାଳୟରେ ୨୨ ପ୍ରତିଶତ ବଢ଼ିଥିଲା ବେଳେ ଘରୋଇ ବିଶ୍ୱବିଦ୍ୟାଳୟରେ ୪୯୭ ପ୍ରତିଶତ ବଢ଼ିଛି। ସରକାରୀ ବିଶ୍ୱବିଦ୍ୟାଳୟରେ ବିଶୃଙ୍ଖଳା, ଅଧ୍ୟାପକ ଅଭାବ, ଅଧ୍ୟାପନାର ପକ୍ଷପାତିତା, ଶୈକ୍ଷିକ ବାତାବରଣର ଅଭାବ ଯୋଗୁଁ ଘରୋଇ ବିଶ୍ୱବିଦ୍ୟାଳୟମାନେ ନିଜର ପ୍ରଭୁତ୍ୱ ବିସ୍ତାର କରିଚାଲିଛନ୍ତି ଏବଂ ଶିକ୍ଷାକୁ ବ୍ୟବସାୟ କରିସାରିଛନ୍ତି। ସେହି ଅନୁଷ୍ଠାନମାନଙ୍କର ଆର୍ଥିକ ପରିଚାଳନା, ନିୟନ୍ତ୍ରଣ ଆଦି ବ୍ୟକ୍ତିଗତ ମାଲିକାନାରେ ଥିବାରୁ ଏବଂ ସରକାରୀ ନିୟନ୍ତ୍ରଣ ବାହାରେ ଥିବାରୁ ବହୁ କ୍ଷେତ୍ରରେ ଅନିୟମିତତା ପରିଲକ୍ଷିତ ହୁଏ। ଅଲ ଫଲହା ବିଶ୍ୱବିଦ୍ୟାଳୟ ଏହାର ଏକ ଉଦାହରଣ।

ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ଶିକ୍ଷା ଆହୁରି ଦୁର୍ଦ୍ଦିନ ଦେଇ ଗତି କରୁଛି। ରାଜ୍ୟର ସର୍ବପୁରାତନ, ସର୍ବୋତ୍ତମ ତଥା ବହୁ ଜ୍ଞାନୀ, ଗୁଣୀ ବ୍ୟକ୍ତିବିଶେଷ, ପ୍ରଶାସକ, ବୈଜ୍ଞାନିକଙ୍କ ଏକୁଡ଼ିଶାଳ ଉତ୍କଳ ବିଶ୍ୱବିଦ୍ୟାଳୟର ପରିସର ଏବେ ବହୁ ଅସାମାଜିକ ବ୍ୟକ୍ତିଙ୍କ ଆଡାସ୍ଥଳୀ। ଅଣଛାତ୍ର, ମାଦକଦ୍ରବ୍ୟ ଓ ମାରଣାସ୍ତ୍ରରେ ଛାତ୍ରାବାସ ଭରପୂର, ଏ ସବୁ ଗଣମାଧ୍ୟମର ସମ୍ବାଦ। 'ଯା ବିଦ୍ୟା ସେ ବିମୁକ୍ତୟେ', ଆପ୍ତ ବାକ୍ୟରେ ପ୍ରତିଷ୍ଠିତ ଏ ଅନୁଷ୍ଠାନର ସ୍ଥାନ ଏବେ କେଉଁଠି? ରାଜ୍ୟର ବିଶ୍ୱବିଦ୍ୟାଳୟମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ମୁରବିଶୂନ୍ୟ। ସବୁଠି ଏବେ ବିଶୃଙ୍ଖଳା, ସ୍ୱେଚ୍ଛାଚାରିତା, ଅରାଜକତା।

ଯଦି ଶିକ୍ଷା ପୁଞ୍ଜିପତିଙ୍କର ରୋଜଗାରପନ୍ଥା ହୁଏ, ଛାତ୍ରଛାତ୍ରୀମାନେ ପଥ ଭ୍ରଷ୍ଟ ହୁଅନ୍ତି, ଅଧ୍ୟାପକମାନେ ବି ଗିଲାନୀ, ଭଟ, ଓ ସାହିନଙ୍କ ପରି ଅସାମାଜିକ କାମ କରନ୍ତି। ସନ୍ତ୍ରାସବାଦ, ନକ୍ସଲବାଦ ଆଦି ଦେଶ ବିରୋଧୀ ଶକ୍ତି ସହ ଯୋଡ଼ି ହୁଅନ୍ତି ଏବଂ ସାରା ମାନବ ସମାଜ ପ୍ରତି ଶତ୍ରୁ ହୁଅନ୍ତି। ଶିକ୍ଷାର ମନ୍ଦିର ଯେତେବେଳେ ସମାଜ ଗଠନ ବଦଳରେ ସମାଜକୁ ଧ୍ୱଂସ ଆଡ଼କୁ ନେବାକୁ ପ୍ରସ୍ତୁତ, ମାକ୍‌ଲେଙ୍କ ଭୁଲ ଶିକ୍ଷାଦାନ ପଦ୍ଧତି ଯୋଗୁଁ ଭାରତର ନିଜସ୍ୱ ଶିକ୍ଷା ପ୍ରଣାଳୀ ପାଶ୍ଚାତ୍ୟ ଶିକ୍ଷାପ୍ରଣାଳୀ ଦ୍ୱାରା ଅପହୃତ, ସେତେବେଳେ ଏ ବ୍ୟବସାୟିକ ଶିକ୍ଷା ଭାରତକୁ ଆହୁରି ଅନ୍ଧାର ଗହ୍ୱରକୁ ଯେ ଠେଲି ନ ଦେବ, କିଏ କହିବ? ସନ୍ତ୍ରାନ୍ତ ସନ୍ତ୍ରାସବାଦକୁ ରୋକିବାକୁ ଏବେଠୁ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ବିଶ୍ୱବିଦ୍ୟାଳୟମାନେ ପୁଣି ଜ୍ଞାନର ପ୍ରଦୀପ ଜଳାନ୍ତୁ, ମାନବ ସଭ୍ୟତାକୁ ସମୃଦ୍ଧ କରନ୍ତୁ, ଏହା ହିଁ କାମନା।

ଭୁବନେଶ୍ୱର, ମୋ: ୮୨୮୦୮୧୩୮୪୨

# ନକଲି ଦକ୍ଷତା ଓ ଶୈକ୍ଷିକ-ଦିବ୍ୟାଙ୍ଗ

**ଚିନ୍ତାମଣି ପଣ୍ଡା**

ଅଳ୍ପରେ ସନ୍ତୁଷ୍ଟ ହୋଇଯିବା ଯେହେତୁ ଆମର ସହଜାତ ପ୍ରବୃତ୍ତି, ତେଣୁ ଉଚ୍ଚାକାଂକ୍ଷୀ ହୋଇ ସୁନେଲି ଭବିଷ୍ୟତର ସ୍ୱପ୍ନ ଦେଖିବା କ୍ୱଚିତ ଲୋକଙ୍କ ମାନସିକତାରେ ପ୍ରତିଫଳିତ ହୁଏ। ଯଦି କୌଣସି ବର୍ଷ ଓଡ଼ିଶାରୁ କେହି ଜଣେ ଶିକ୍ଷାନବିସ ଭାରତୀୟ ପ୍ରଶାସନିକ ସେବା କିମ୍ବା ସମତୁଲ ପରୀକ୍ଷାରେ କୃତକାର୍ଯ୍ୟ ହୋଇଗଲେ, ସେ ମେଧା ତାଲିକାର ନିମ୍ନଆଡ଼କୁ ରହିଲେ ବି ଆମେ ବାଜା ବଜାଇ, ନାଚି କୁଦି, ଘରେ ଘରେ ପିଠା ପଣା କରି ପ୍ରବଳ ଖୁସି ପାଳନ କରୁ। ତେଣିକି ସେ ଓଡ଼ିଆ ହୁଅନ୍ତୁ କି ଅଣଓଡ଼ିଆ ବାସିନ୍ଦା। ଏହା ନିଶ୍ଚିତ ଭାବରେ ଆମ ଅସ୍ମିତାର ପ୍ରତୀକ। କିନ୍ତୁ ନିଜ ଦୋଷଦୁର୍ବଳତାକୁ ସମୀକ୍ଷା କରି ପରବର୍ତ୍ତୀ ବର୍ଷମାନଙ୍କରେ ଶୀର୍ଷସ୍ଥାନ ଅଧିକାର କରିବାକୁ ଉଦ୍ୟମ କରିବା ଆମ ଜାତକରେ ନଥାଏ।

ଯେତିକି ମିଳିଲା, ତାହା ଆମ ଭାଗ୍ୟ ବୋଲି ଭାବି ସନ୍ତୋଷ ବ୍ୟକ୍ତ କରୁ। କାଁ ଭାଁ ଯଦି କେହି ଆନ୍ତର୍ଜାତିକ କ୍ଷେତ୍ରରେ ଅନ୍ତରୀକ୍ଷ ଗବେଷଣା, ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା, ପ୍ରତିରକ୍ଷା, ଗବେଷଣା କିମ୍ବା ବ୍ୟବସାୟର ଉଚ୍ଚତମ ସୋପାନରେ ପହଞ୍ଚିଗଲେ ତେବେ ତାଙ୍କର ପ୍ରଦର୍ଶନ ଏ ଜାତି ପାଇଁ ଯେତିକି ଗର୍ବ ଓ ଗୌରବର ବିଷୟ, ପରବର୍ତ୍ତୀ ପିଢ଼ି ପାଇଁ ସେତିକି ପ୍ରେରଣାର ଉତ୍ସ ପାଲଟିଥାଏ। ଏ ଦିଗରେ ଉତ୍ତରଦାୟାଦମାନେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ ଉଦ୍ୟମ କରିବା କଥା। ମାତ୍ର ନିଜର ଶିକ୍ଷା ବ୍ୟବସ୍ଥାର ବିକାଶ ଘଟାଇ ଆମେ ବିଦ୍ୟାର୍ଥୀ ଜୀବନରୁ ଏ ଦିଗରେ ଆଗେଇ ପାରୁନା।

ଅନେକ ବର୍ଷ ତଳେ ଓଡ଼ିଶା ଶିକ୍ଷାର୍ଥୀମାନଙ୍କର ସର୍ବଭାରତୀୟ ପରୀକ୍ଷାରେ ନୈରାଶ୍ୟଜନକ ପ୍ରଦର୍ଶନ ଉପରେ ତର୍ଜମା କରି ପ୍ରାଥମିକ ସ୍ତରରୁ ଶିକ୍ଷାଦାନ ବ୍ୟବସ୍ଥାକୁ ଉନ୍ନତ ତଥା ଅତ୍ୟାଧୁନିକ କରାଯିବାର ମନ୍ତବ୍ୟ ଦିଆଯାଇଥିଲା। ତଦନୁଯାୟୀ ଏକ ଶୃଙ୍ଖଳିତ ତଥା ସୁବ୍ୟବସ୍ଥିତ ଢଙ୍ଗରେ ଶିକ୍ଷାଦାନ ପ୍ରଣାଳୀର ଉନ୍ନତି କଳ୍ପେ ଦୀର୍ଘମିଆଦୀ କାର୍ଯ୍ୟକ୍ରମମାନ ସଂରଚନା କରାଗଲା, ଯହିଁରେ ଯୋଗ୍ୟ ଶିକ୍ଷକ ନିଯୁକ୍ତି ଓ ନିଯୁକ୍ତ ଶିକ୍ଷକମାନଙ୍କ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଗଲା। ଏହାର ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଚୟନରେ 'ଓଡ଼ିଶା ଶିକ୍ଷକ ସାମର୍ଥ୍ୟ ପରୀକ୍ଷା'କୁ ସର୍ବନିମ୍ନ ଯୋଗ୍ୟତା ମାପଦଣ୍ଡ ହିସାବରେ ଧରାଗଲା। ତତ୍‌ସହିତ ପୂର୍ବ ନିଯୁକ୍ତ ଶିକ୍ଷକମାନଙ୍କୁ ମଧ୍ୟ ପଦୋନ୍ନତି ନିମନ୍ତେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ନିୟମ ନିର୍ଦ୍ଧାରଣ କରାଗଲା। ମହାବିଦ୍ୟାଳୟ ସ୍ତରରେ ଅଧ୍ୟାପକ ନିଯୁକ୍ତି ସମୟରେ ମଧ୍ୟ ଜାତୀୟ ସାମର୍ଥ୍ୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ପ୍ରମାଣପତ୍ର ସର୍ବନିମ୍ନ ଯୋଗ୍ୟତାର ମାପକାଠି ହେଲା। ତେବେ ପୁରାତନ ଶିକ୍ଷକମାନଙ୍କ ପାଇଁ ଏହି ପରୀକ୍ଷାର ପ୍ରଶ୍ନପତ୍ରଗୁଡ଼ିକ ଅତି ସରଳ, ସହଜ ଓ ସୁଗମ, ଯାହାକି ଜଣେ ସାଧାରଣ ଶିକ୍ଷକ ଅନାୟାସରେ ଉତ୍ତର କରିପାରିବେ। ଶିକ୍ଷକମାନଙ୍କ ସୁପ୍ତଜ୍ଞାନକୁ ଜାଗ୍ରତ କରାଇବା ତଥା ପରିବର୍ତ୍ତିତ ପରିସ୍ଥିତି ସହିତ ନିଜର ମେଧାଶକ୍ତିକୁ ଖାପ ଖୁଆଇବା ପାଇଁ ଏହା ଏକ ପ୍ରକୃଷ୍ଟ ସୁଯୋଗ। କିନ୍ତୁ ଏ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ନିଶ୍ଚିତ ଭାବରେ ଆମର ବୁଦ୍ଧିମତ୍ତା ତଥା ପ୍ରତ୍ୟୁତ୍ପନ୍ନ ନିଷ୍ପତ୍ତିର ସ୍ତରକୁ ନିର୍ଦ୍ଧାରଣ କରେ।

ଘଟଣାଟି ଏତିକିରେ ନରହି ଯଦି ଆମେ ଅସାଧୁ ଉପାୟ ଅବଲମ୍ବନରେ ସାମର୍ଥ୍ୟ ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ଚେଷ୍ଟା କରୁ ତାହା ନିଶ୍ଚିତ ଭାବରେ ଏକ ଶୈକ୍ଷିକ ଅଧୋଗତିର ଆଭାସ ଦିଏ। ଉଦ୍‌ବେଗର ବିଷୟ ଯେ, ମଣିଷ ତିଆରି କାରଖାନାର କୁଶଳୀ କାରିଗରଗଣ ଯଦି କଳାବଜାରରୁ ପରୀକ୍ଷା ଆଗରୁ ଉତ୍ତରପତ୍ର କିଣି ସଫଳତା ପାଇବେ, ତେବେ ଶୈକ୍ଷିକ-ଦିବ୍ୟାଙ୍ଗଗୁଡ଼ିଏ ହିଁ ସୃଷ୍ଟି ହେବା ଅବଶ୍ୟମ୍ଭାବୀ ହେବ। ଏମାନେ ଦେଶର ବେକାରି ସମସ୍ୟାକୁ ବହୁଗୁଣିତ କରିବା ସହିତ ଦାଦନ ଖଟିବାକୁ ଯାଇ ବିଦେଶରେ ନିର୍ଯାତିତ ହେବେ। ଆଉ ଥୋକାଏ ହତାଶ ହୋଇ ପେଟପାଟଣା ପାଇଁ ଅପରାଧ ଜଗତରେ ପ୍ରବେଶ କରିଯିବେ। ତେଣୁ ଶିକ୍ଷାର କର୍ଣ୍ଣଧାର ବୋଲାଉଥିବା ବ୍ୟକ୍ତିତ୍ୱମାନଙ୍କ ସାମାନ୍ୟତମ ତ୍ରୁଟିବିଚ୍ୟୁତି ପାଇଁ ଦେଶର ଭବିଷ୍ୟତ ଗଠନରେ କେତେବଡ଼ ଅଧୋପତନ ଯେ ନ ଘଟିବ, ତାହା ଜଳଜଳ ଦିଶେ।

ବିଡ଼ମ୍ବନାର ବିଷୟ, ପ୍ରଶ୍ନପତ୍ରକୁ ପ୍ରଘଟ କରି ତହିଁରୁ ଆର୍ଥିକ ଫାଇଦା ହାସଲ କରିବାରେ ଯଦି ସଂଗ୍ରାମୀ ଶିକ୍ଷକ ନେତାଗଣ ଲିପ୍ତ ରୁହନ୍ତି, ତା'ହେଲେ ନିଜ ଜାତିଭାଇଙ୍କୁ ଉଦ୍ଧାର କରିବାକୁ ଯାଇ ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାକୁ ତଳିତଳାନ୍ତ କରୁନାହାନ୍ତି କି? ମନେରଖନ୍ତୁ, ଏହାଦ୍ୱାରା କତିପୟ ମେଧାହୀନ ଶିକ୍ଷକଙ୍କର ତ୍ରାଣକର୍ତ୍ତା ସାଜି ଆପଣ ନିଜର ଆର୍ଥିକ ତଥା ରାଜନୈତିକ ଅଭୀପ୍ସା ପୂରଣ କରିପାରନ୍ତି, କିନ୍ତୁ ଅନେକ ବର୍ଷ ପର୍ଯ୍ୟନ୍ତ ଏହାର କୁପ୍ରଭାବ ଶୈକ୍ଷିକ ବାତାବରଣରେ ପରିଲକ୍ଷିତ ହେବ।

ନକଲି କଳା-କୁଶଳତାର ପ୍ରମାଣପତ୍ର କେବଳ କ୍ଷଣିକ ଆତ୍ମସନ୍ତୁଷ୍ଟି ଦେଇପାରେ। କିନ୍ତୁ ଆପଣଙ୍କ କାରଖାନାର ଉତ୍ପାଦ ଏତେ ନିମ୍ନମାନର ହେବ ଯେ ତାହା ମୋଟ ଗଛକୁ ଘାସସମ ଛୋଟ ତୁଲ୍ୟ। ନା ଏମାନେ ନିଜ ମେଧାବଳରେ ନିଯୁକ୍ତି ପାଇପାରିବେ ନା ନିଯୁକ୍ତିର ସୁଯୋଗ ସୃଷ୍ଟି କରିପାରିବେ। ଏମାନଙ୍କୁ ନେଇ ଆତ୍ମନିର୍ଭର ଭାରତର ସ୍ୱପ୍ନ ଦେଖିହେବ ତ? ନୋବେଲ ବିଜେତା ନେଲସନ୍ ମାଣ୍ଡେଲାଙ୍କ ଉକ୍ତିର ଅନୁବାଦରେ - 'ଯଦି ତୁମେ କୌଣସି ଏକ ଦେଶକୁ ନଷ୍ଟ କରିବାକୁ ଚାହୁଁଛ, ତା'ହେଲେ ତା'ର ଶିକ୍ଷା ବ୍ୟବସ୍ଥାକୁ ନିମ୍ନମାନର କରିଦିଅ।' ତେଣୁ ଖାଲି ଆଦର୍ଶ ବିଦ୍ୟାଳୟ ଖୋଲିଦେଲେ ଶିକ୍ଷାବ୍ୟବସ୍ଥା ଯେ ସୁଧୁରିଯିବ ତା' ନୁହେଁ, ବରଂ ଶୈକ୍ଷିକ ଢାଞ୍ଚାରେ ଆଦର୍ଶଗତ ପରିବର୍ତ୍ତନ କରା ନ ଗଲେ ଆଉ ଏହିପରି ଶୈକ୍ଷିକ-ଦିବ୍ୟାଙ୍ଗମାନଙ୍କ ହାତରେ ଶିକ୍ଷାର ବିକାଶକୁ ଟେକିଦେଲେ ଓଡ଼ିଆ ଜାତିର ଉଚ୍ଚାକାଂକ୍ଷା ପୂର୍ତ୍ତି ସୁଦୂର ପରାହତ ହେବ।

(ପ୍ରାକ୍ତନ ଅଧ୍ୟକ୍ଷ, କୃଷି ମହାବିଦ୍ୟାଳୟ)
ଭବାନୀପାଟଣା, ମୋ: ୮୧୪୪୦୬୬୦୧୬

## ଲୋକକଥାରେ ଲୋକଦେବତା

# ଜଟିଆ ବାବା ମଠ

**ସ୍ୱପ୍ନେଶ୍ୱର**

ଜଟିଆ ବାବା ମଠର ପ୍ରତିଷ୍ଠାତା ଜଟିଆ ବାବାଙ୍କର ପ୍ରକୃତ ନାମ ଥିଲା ବିଜୟକୃଷ୍ଣ ଗୋସ୍ୱାମୀ। ସେ ବଙ୍ଗପ୍ରଦେଶର ନଦିଆ ଜିଲ୍ଲାର ଶାନ୍ତିପୁରର ମୂଳ ବାସିନ୍ଦା ଥିଲେ। ତାଙ୍କର ବାପା ଆନନ୍ଦ ଚନ୍ଦ୍ର ଗୋସ୍ୱାମୀ ଚୈତନ୍ୟ ମହାପ୍ରଭୁଙ୍କ ପ୍ରମୁଖ ଶିଷ୍ୟ ଅଦ୍ୱୈତଙ୍କ ବଂଶଧର ଥିଲେ। ବିଜୟକୃଷ୍ଣଙ୍କ ଜନ୍ମ ବିଷୟରେ ଏକ ରୋଚକ କିମ୍ବଦନ୍ତୀ ଶୁଣିବାକୁ ମିଳେ। କୁହାଯାଏ ଯେ ବିବାହର ଅନେକ ବର୍ଷ ପର୍ଯ୍ୟନ୍ତ ଆନନ୍ଦ ଚନ୍ଦ୍ର ଅପୁତ୍ରିକ ଥିଲେ। ଗୋଟିଏ ପୁତ୍ର କାମନା କରି ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଶରଣାପନ୍ନ ହେଲେ। ମହାପ୍ରଭୁଙ୍କ ଦର୍ଶନ ପାଇଁ ସେ ଗାଆଁରୁ ଦଣ୍ଡ ମାରି ମାରି ଶ୍ରୀକ୍ଷେତ୍ର ଆଗମନ କରି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ତାଙ୍କ ଭକ୍ତି ଓ ନିଷ୍ଠାରେ ସନ୍ତୁଷ୍ଟ ହୋଇ ମହାପ୍ରଭୁ ତାଙ୍କୁ ଗୋଟିଏ ପୁତ୍ର ସନ୍ତାନ ପ୍ରାପ୍ତି ପାଇଁ ବରଦାନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ୧୨୪୮ ମସିହା ଝୁଲଣ ପୂର୍ଣ୍ଣିମା ଦିନ ବିଜୟକୃଷ୍ଣ ଜନ୍ମ ଗ୍ରହଣ କରିଥିଲେ।

ବିଜୟକୃଷ୍ଣ ଜୀବନର ପ୍ରଥମ ଭାଗରେ ଗୃହୀ ଥିଲେ ଏବଂ ଶିଷ୍ୟମାନଙ୍କୁ ବୈଷ୍ଣବ ଦୀକ୍ଷା ଦେଇ ସେମାନଙ୍କଠାରୁ ପାଉଥିବା ଦାନଦକ୍ଷିଣାରେ ପରିବାର ପ୍ରତିପୋଷଣ କରୁଥିଲେ। ଥରେ ତାଙ୍କର ଜଣେ ଶିଷ୍ୟ ଭବସାଗରରୁ ପାର ହେବା ପାଇଁ ଉପାୟ ନିର୍ଦ୍ଦେଶ କରିବାକୁ ଅନୁରୋଧ କଲେ। କିନ୍ତୁ ଶିଷ୍ୟଙ୍କର ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଗୁରୁଙ୍କ ପାଖରେ ନ ଥିଲା। ଉତ୍ତର ଅନ୍ୱେଷଣରେ ବିଜୟକୃଷ୍ଣ ଆଚାର୍ଯ୍ୟ ବେଦାନ୍ତ ଦର୍ଶନ ଅଧ୍ୟୟନ କଲେ। ବେଦାନ୍ତ ଦର୍ଶନର 'ଅହଂ ବ୍ରହ୍ମୋସ୍ମି' ବାକ୍ୟଖଣ୍ଡ ତାଙ୍କ ମନକୁ ଆନ୍ଦୋଳିତ କରିବାରୁ ସେ ବ୍ରାହ୍ମ ସମାଜରେ ଯୋଗ ଦେଲେ। କିଛିବର୍ଷ ପରେ ବ୍ରାହ୍ମ ସମାଜର ନୀତି ତାଙ୍କୁ ଭଲ ନ ଲାଗିବାରୁ ପୁଣି ସନ୍ନ୍ୟାସ ଗ୍ରହଣ କଲେ। ଏହାପରେ ସଦ୍‌ଗୁରୁ ସନ୍ଧାନରେ ବିଜୟକୃଷ୍ଣ ସାରା ଭାରତ ଭ୍ରମଣ କଲେ। ଶେଷରେ ଗୟା ତୀର୍ଥବାସ ସମୟରେ ସିଦ୍ଧ ସାଧକ ବ୍ରହ୍ମାନନ୍ଦ ପରମହଂସଙ୍କୁ ଗୁରୁ ପଦରେ ବରଣ କରି ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ। ସମୟକ୍ରମେ ଗୁରୁଙ୍କ ନିର୍ଦ୍ଦେଶକ୍ରମେ ବିଜୟକୃଷ୍ଣ ବୈଷ୍ଣବ ଦୀକ୍ଷା ଦେବା ଆରମ୍ଭ କରିବାରୁ ଅଳ୍ପଦିନ ଭିତରେ ହଜାର ହଜାର ଶିଷ୍ୟ ତାଙ୍କଠାରୁ ଦୀକ୍ଷା ଗ୍ରହଣ କଲେ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପାରୁ ବିଜୟକୃଷ୍ଣଙ୍କୁ ପୁତ୍ର ରୂପେ ପାଇ ଥିବାରୁ ମାଆ ତାଙ୍କୁ ଶ୍ରୀକ୍ଷେତ୍ର ଯିବା ପାଇଁ ବାରଣ କରିଥିଲେ। କାରଣ ସେ ବୋଧହୁଏ ବିଶ୍ୱାସ କରୁଥିଲେ ଯେ ପୁଅ ଥରେ ଜଗନ୍ନାଥ ଧାମକୁ ଗଲେ ମହାପ୍ରଭୁଙ୍କ ମହିମା ଓ ମାହାତ୍ମ୍ୟରେ ପ୍ରଭାବିତ ହୋଇ ଆଉ ଘରକୁ ଫେରିବ ନାହିଁ। କିନ୍ତୁ ସନ୍ନ୍ୟାସୀ ବିଜୟକୃଷ୍ଣ ମାଆଙ୍କ ବାରଣ ସତ୍ତ୍ୱେ ମହାପ୍ରଭୁଙ୍କ ଆକର୍ଷଣରେ ଟାଣି ହୋଇ ନୀଳାଚଳରେ ଆସି ପହଞ୍ଚିଲେ। ସେ ପରିଣତ ବୟସରେ ଶ୍ରୀକ୍ଷେତ୍ର ଆସିଥିବାରୁ ମାଆଙ୍କ ଦେହାନ୍ତ ପରେ ସେ ନୀଳାଚଳ ଆସିଥିବା ପରି ମନେହୁଏ। ଶ୍ରୀକ୍ଷେତ୍ରରେ ପହଞ୍ଚିବା ପରେ ବାକି ଜୀବନ ମହାପ୍ରଭୁଙ୍କ ସେବାରେ ଅତିବାହିତ କରିବା ପାଇଁ ନିଷ୍ପତ୍ତି ନେଇ ପ୍ରଥମେ ବଡ଼ଦାଣ୍ଡରେ ଏକ ଘର ଭଡ଼ାନେଇ ରହିଲେ। କ୍ଷେତ୍ରରେ ଅନେକ ଜନହିତକର ଓ ସଂସ୍କାରମୂଳକ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରି ସେ ପ୍ରଭୂତ ଲୋକପ୍ରିୟତା ଅର୍ଜନ କଲେ। ତାଙ୍କ ମୁଣ୍ଡରେ ଅନେକ ଲମ୍ବା ଜଟ ଥିଲା। ତେଣୁ ଶିଷ୍ୟ, ସେବକ ଓ କ୍ଷେତ୍ରବାସୀମାନେ ତାଙ୍କୁ ଶ୍ରଦ୍ଧାରେ 'ଜଟିଆ ବାବା' ବୋଲି ସମ୍ବୋଧନ କରିବାକୁ ଲାଗିଲେ। ପରବର୍ତ୍ତୀ ସମୟରେ ତାଙ୍କର ମୂଳ ନାଆଁ ଜନ ସାଧାରଣଙ୍କ ମନରୁ ହଜିଗଲା।

ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ପୁରୀରେ ତାଙ୍କର ଲୋକପ୍ରିୟତା ଏତେ ବଢ଼ିଗଲା ଯେ ଅନେକ ଲୋକ ତାଙ୍କୁ ଈର୍ଷା କରିବାକୁ ଲାଗିଲେ। କ୍ରମଶଃ ଏହି ଈର୍ଷା ଘୃଣାରେ ପରିଣତ ହେଲା ଏବଂ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରାଗଲା। ଥରେ ବାବା ସେବା କରିବାକୁ ଥିବା ମହାପ୍ରସାଦରେ ଷଡ଼ଯନ୍ତ୍ରକାରୀମାନେ ବିଷ ମିଶେଇ ଦେଲେ। ବାବା ସେ କଥା ଜାଣି ପାରିଥିଲେ ମଧ୍ୟ ମହାପ୍ରସାଦର ପବିତ୍ରତାରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା। ତେଣୁ ସେ ବିଷମିଶା ମହାପ୍ରସାଦ ଆନନ୍ଦରେ ସେବନ କଲେ। ମହାପ୍ରଭୁଙ୍କ କରୁଣାରୁ ବିଷ ତାଙ୍କ ଶରୀରରେ କୌଣସି ପ୍ରଭାବ ପକେଇ ପାରି ନ ଥିଲା।

ସେତେବେଳେ ନରେନ୍ଦ୍ର ସରୋବରର ଉତ୍ତର ଦିଗରେ ଥିବା ନିଘଞ୍ଚ ଅରଣ୍ୟରେ ବାବା ଆଶ୍ରମ ନିର୍ମାଣ କରି ବାସ କରିବାକୁ ଲାଗିଲେ। ଶିଷ୍ୟମାନେ ଏହି ସୂଚନା ପାଇବା ପରେ ବହୁ ଅର୍ଥ ଦାନ ଓ ଦକ୍ଷିଣା ସ୍ୱରୂପ ପଠାଇଲେ। ସେ ଅର୍ଥର ବିନିଯୋଗ କରି ବାବାଙ୍କ ଆଶ୍ରମ ଏକ ବିରାଟ ଅନୁଷ୍ଠାନରେ ପରିଣତ ହେଲା ଏବଂ ଭକ୍ତମହଲରେ 'ଜଟିଆ ବାବା ମଠ' ରୂପେ ଖ୍ୟାତିଲାଭ କଲା।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାରଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

## ଓଡ଼ିଶାର ୧୦୮ଟି ଏସଇବିସି ସମ୍ପ୍ରଦାୟକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରାଯାଉ

■ ରାଜ୍ୟ ସରକାରଙ୍କ ଏସଇବିସି ତାଲିକାରେ ମାନ୍ୟତା ପାଇଥିଲେ ମଧ୍ୟ କେନ୍ଦ୍ରୀୟ ତାଲିକାରେ ମିଳିନି ସ୍ଥାନ

■ କେନ୍ଦ୍ର ସରକାରଙ୍କ ଚାକିରି, ଶିକ୍ଷାନୁଷ୍ଠାନରେ ନାମଲେଖାରୁ ସେମାନେ ବଞ୍ଚିତ

ଭୁବନେଶ୍ୱର,୨୩।୧୨(ସମିସ): ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟ ଏସଇବିସି ତାଲିକାରେ ସ୍ୱୀକୃତିପ୍ରାପ୍ତ ୧୦୮ଟି ସମ୍ପ୍ରଦାୟକୁ କେନ୍ଦ୍ରୀୟ ଓବିସି ତାଲିକାରେ ସାମିଲ କରାଯାଉ। କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ଡାକ୍ତର ବୀରେନ୍ଦ୍ର କୁମାରଙ୍କୁ ଚିଠି ଲେଖି ଏନେଇ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ନିଜ ପତ୍ରରେ ଦର୍ଶାଇଛନ୍ତି ଯେ ଏହି ସମ୍ପ୍ରଦାୟଗୁଡ଼ିକ ଓଡ଼ିଶା ସରକାରଙ୍କ ଦ୍ୱାରା ରାଜ୍ୟ ଏସଇବିସି ତାଲିକାରେ ମାନ୍ୟତା ପାଇଥିଲେ ମଧ୍ୟ କେନ୍ଦ୍ରୀୟ ତାଲିକାରେ ସ୍ଥାନ ପାଇନାହାନ୍ତି। ଏହି ଅସଙ୍ଗତି କାରଣରୁ ଏହି ବର୍ଗର ଲୋକମାନେ କେନ୍ଦ୍ର ସରକାରଙ୍କ ଚାକିରି, ଶିକ୍ଷାନୁଷ୍ଠାନରେ ନାମଲେଖା ତଥା ବିଭିନ୍ନ କଲ୍ୟାଣକାରୀ ଯୋଜନାର ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଓଡ଼ିଶାର ଜନସଂଖ୍ୟା ଅନୁସାରେ ଏସଇବିସି ବର୍ଗର ଲୋକମାନଙ୍କ ସଂଖ୍ୟା ଅଧିକ। ଏହି ସମ୍ପ୍ରଦାୟର ଜାତି/ଉପଜାତି/ବର୍ଗର ଲୋକମାନଙ୍କୁ କେନ୍ଦ୍ରୀୟ ତାଲିକାରେ ଅନ୍ତର୍ଭୁକ୍ତ କରାଗଲେ ସେମାନଙ୍କୁ ସମାନ ଭାବେ ସର୍ବଭାରତୀୟ ସ୍ତରରେ ସ୍ଥାନ ସଂରକ୍ଷଣ ଓ କଲ୍ୟାଣକାରୀ ଯୋଜନାର ସୁବିଧା ମିଳିପାରିବ, ଯାହା ସେମାନଙ୍କର ଆର୍ଥିକ ଓ ଶିକ୍ଷାଗତ ଅଭିବୃଦ୍ଧିରେ ସହାୟକ ହେବ। ଶ୍ରୀ ପ୍ରଧାନ ତାଙ୍କ ପତ୍ର ସହ ସଂଲଗ୍ନ ୧୦୮ଟି ସମ୍ପ୍ରଦାୟର ଏକ ସବିଶେଷ ତାଲିକା ପ୍ରଦାନ କରିଛନ୍ତି। ଏଥିରେ ଖଣ୍ଡାୟତ, ପ୍ରଧାନ, ଚଷା ପାଇକ, ମହାନ୍ତି, ଗଉଡ଼, ବଣିଆ, ଏବଂ ତେଲି ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ ଅଛନ୍ତି । ଏହି ସମ୍ପ୍ରଦାୟଗୁଡ଼ିକର ଶିକ୍ଷାଗତ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ ସେ କେନ୍ଦ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି । ସୂଚନାଯୋଗ୍ୟ ଯେ ସୋମବାର ଶ୍ରୀ ପ୍ରଧାନ ଏ ସଂକ୍ରାନ୍ତରେ ତଥା ଏସଇବିସି ବର୍ଗର ଲୋକଙ୍କ କଲ୍ୟାଣ ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ପତ୍ର ଲେଖି ଓଡ଼ିଶା ରାଜ୍ୟ ପଛୁଆ ବର୍ଗ ଆୟୋଗ (ଓଏସସିବିସି)ର ତୁରନ୍ତ ପୁନର୍ଗଠନ ପାଇଁ ଅନୁରୋଧ କରିଥିଲେ।

**ବିସ୍ଫୋରକ ଖାଇ କ୍ଷତାକ୍ତ ହାତୀ ମୃତ**

## ଲୁଚେଇ ପୋତିଦେଲେ

ବାରିପଦା, ୨୩।୧୨(ସମିସ): ବିସ୍ଫୋରକ ମିଶା ଖାଦ୍ୟ ଖାଇ ଗୁରୁତର ୭/୮ ବର୍ଷର ଚିକିତ୍ସାଧୀନ ମାଈ ହାତୀ ଶେଷରେ ଆଖି ବୁଜୁଛି। ୯ଦିନ ଧରି ଡାକ୍ତରୀ ଦଳ ଅକ୍ଲାନ୍ତ ପରିଶ୍ରମ କରିବା ପରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ହାତୀଟି ୪ଦିନ ପୂର୍ବରୁ ଅର୍ଥାତ୍ ୨୦ତାରିଖରେ ଆଖି ବୁଜିଛି। ଅତ୍ୟଧିକ ସଂକ୍ରମଣ ଓ ହାତୀର ଜିଭ ୮୦ପ୍ରତିଶତ ଛିଡ଼ିଯାଇଥିବାରୁ ଖାଦ୍ୟ ଖାଇ ନପାରି ତା'ର ଜୀବନ ଯାଇଛି। ତେବେ ମୃତ୍ୟୁ ପରେ ବନ ବିଭାଗ ଗଣମାଧ୍ୟମକୁ ନ ଜଣାଇ ଲୁଚାଛପାରେ ଅନ୍ତିମ ସଂସ୍କାର କରିଦିଆଯାଇଛି। ହାତୀର ଏଭଳି ଅବସ୍ଥା କିପରି ହେଲା ବା କିଏ ଦାୟୀ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିନଥିବାରୁ ପରିବେଶବିତଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। କୌଣସି ସୂଚନା ନଦେଇ ତରବରିଆ ଭାବେ ବ୍ୟବଚ୍ଛେଦ କରି ଫାଇଲ ବନ୍ଦ କରିବା ତଦନ୍ତସାପେକ୍ଷ।

ସୂଚନାଯୋଗ୍ୟ, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ମଧ୍ୟରେ ଝାଡଖଣ୍ଡରୁ ପଶ୍ଚିମବଙ୍ଗ ହୋଇ ଆସିଥିବା ହାତୀପଲ ଚଳପ୍ରଚଳ କରୁଥିବା ସମୟରେ ଏହି ମାଈହାତୀ ଗୁରୁତର ଅବସ୍ଥାରେ ଘୂରି ବୁଲୁଥିବା ଦେଖାଯାଇଥିଲା। ଖାଦ୍ୟ ପାନୀୟ ଗ୍ରହଣ କରି ନପାରି ଏଣେତେଣେ ଦୌଡୁଥିବାରୁ ବନବିଭାଗ ଗତ ୧୧ତାରିଖ ହାତୀଟିକୁ ଉଦ୍ଧାର କରିଥିଲା। ହାତୀକୁ ଟ୍ରାଙ୍କୁଲାଇଜ୍ କରି ଶିମିଳିପାଳ ଜାତୀୟ ଉଦ୍ୟାନ ଉତ୍ତର ଡିଭିଜନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଅଧୀନରେ ଥିବା ତାଳବନ୍ଧ ରେଞ୍ଜ କାନଛିଣ୍ଡା ପ୍ରାଣୀ ଚିକିତ୍ସାଳୟରେ ରଖାଯାଇ ଚିକିତ୍ସା କରାଯାଉଥିଲା। ହାତୀର ଏକ-ତୃତୀୟାଂଶ ଜିଭ ଛିଡି ଯାଇଥିବା ବେଳେ ପାଟିରେ ଅତ୍ୟଧିକ ସଂକ୍ରମଣ ହୋଇଯାଇଥିଲା। ଦୁଇ ଜଣ ଡାକ୍ତର ହାତୀଟିର ଚିକିତ୍ସାର ୯ଦିନ ପରେ ହାତୀଟି ଆଖି ବୁଜିଥିଲା।

■ ୧୯ ବର୍ଷ ପରେ ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ହାଇକୋର୍ଟଙ୍କ ରାୟ

## ଅଭିଯୁକ୍ତକୁ ଆଜୀବନ ଜେଲ

କଟକ,୨୩।୧୨(ସମିସ): ଜନୈକା ମହିଳାଙ୍କୁ ଦୁଷ୍କର୍ମ ଓ ହତ୍ୟା ଘଟଣାରେ ନିମ୍ନ ଅଦାଲତ ପ୍ରଦାନ କରିଥିବା ରାୟକୁ ଚାଲେଞ୍ଜ କରି ଦୁଇ ଅଭିଯୁକ୍ତଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଦୀର୍ଘ ୧୯ ବର୍ଷ ପରେ ରାୟ ପ୍ରକାଶ କରିଛନ୍ତି ହାଇକୋର୍ଟ। କାଠୁ କାରୁଆ ଓ ରମେଶ ଆପଟଙ୍କ ତରଫରୁ ଗତ ୨୦୦୫ରେ ରୁଜୁ ଆବେଦନର ଏକତ୍ର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ରାୟ ପ୍ରକାଶ କରିଛନ୍ତି । ଚମ୍ପୁଆ ଆଡହକ ଅତିରିକ୍ତ ଦୌରା ଅଦାଲତ ଗତ ୨୦୦୫ ଅକ୍ଟୋବର୬ରେ ଅଭିଯୁକ୍ତ କାଠୁ କାରୁଆକୁ ପ୍ରଦାନ କରିଥିବା ଆଜୀବନ ଜେଲ ଦଣ୍ଡାଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ। ଅନ୍ୟପଟରେ ଅଭିଯୁକ୍ତ ରମେଶକୁ ପ୍ରଦାନ କରାଯାଇଥିବା ଆଜୀବନ ଜେଲ ଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ସାକ୍ଷୀ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି । ମାମଲାରୁ ପ୍ରକାଶ ଯେ, ଗତ ୨୦୦୨ ଅଗଷ୍ଟ୨୩ରେ ଯୋଡା ଥାନା ଅନ୍ତର୍ଗତ କମରଯୋଡା ପୋଖରୀ ନିକଟରେ ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା କରାଯାଇଥିବା ନେଇ ଯୋଡା ଥାନାରେ ମୃତକଙ୍କ ଭିଣୋଇ ପବିତ୍ର ନାୟକ ଏକ ଏତଲା ଦେଇଥିଲେ । ୨୦୦୨ ଅଗଷ୍ଟ୨୨ରେ ମୃତକ ମହିଳା ଜଣଙ୍କ ଦୁଇ ପିଲାଙ୍କୁ ଘରେ ଛାଡି ତାଙ୍କର ଜନୈକ ଭାଇଙ୍କୁ ରାଖୀ ବାନ୍ଧିବା ପାଇଁ କମାରଜୋଡା ଯାଇଥିଲେ। କିନ୍ତୁ ସେ ଘରକୁ ଫେରି ନଥିଲେ। ପର ଦିନ କମାରଜୋଡା ଜଳାଶୟ ଧାର ତଳେ ତାଙ୍କର କ୍ଷତାକ୍ତ ମୃତଦେହ ମିଳିଥିଲା। ପୁଲିସ ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଗତ ୨୦୦୫ ଅକ୍ଟୋବର୬ରେ ଚମ୍ପୁଆ ଆଡହକ ଅତିରିକ୍ତ ଦୌରା ଅଦାଲତ ଦୁଇ ଅଭିଯୁକ୍ତଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ।

**ଅଦାଲତ ନିର୍ଦ୍ଦେଶ ଅନୁପାଳନରେ ପ୍ରଶାସନିକ ଅବହେଳା ନେଇ କଠୋର ଆଭିମୁଖ୍ୟ**

## ପ୍ରତିସ୍ତରରେ ସରକାରୀ କଳର ଜବାବଦେହୀ ରହୁ: ହାଇକୋର୍ଟ

■ ଛାପା ଓ ପ୍ରକାଶନ ନିର୍ଦ୍ଦେଶାଳୟର ଆବେଦନ ଖାରଜ

■ ରାୟର ୪ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

କଟକ,୨୩।୧୨(ସମିସ): ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ସରକାରୀ ବିଭାଗର କାର୍ଯ୍ୟଶୈଳୀ ଏବଂ ଅଦାଲତଙ୍କ ନିର୍ଦ୍ଦେଶ ପାଳନରେ ହେଉଥିବା ବିଳମ୍ବକୁ ନେଇ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ବିଚାରପତି ଜଷ୍ଟିସ ଭି. ନରସିଂହ ଏହି ମାମଲାର ଶୁଣାଣି କରି ଓଡ଼ିଶା ସରକାରଙ୍କ ଛାପା, ଷ୍ଟେସନାରୀ ଏବଂ ପ୍ରକାଶନ ନିର୍ଦ୍ଦେଶାଳୟ ପକ୍ଷରୁ ଦାୟର ରିଟ୍ ପିଟିସନକୁ ଖାରଜ କରିବା ସହ ପ୍ରଶାସନିକ ସ୍ଥାଣୁତା ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାରୀ କଳ ମଧ୍ୟରେ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରାଯିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇ ଅଦାଲତ କହିଛନ୍ତି ଯେ ଯଦି ପ୍ରତିସ୍ତରରେ ଜବାବଦେହୀ ସୃଷ୍ଟି କରାନଯାଏ, ତେବେ ପ୍ରଶାସନିକ ଅବହେଳା ଯୋଗୁଁ ରାଜ୍ୟ ସରକାରଙ୍କୁ କ୍ଷତି ସହିବାକୁ ପଡ଼ିବ।

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ) ବାବଦରେ ଧାର୍ଯ୍ୟ ହୋଇଥିବା ପାଖାପାଖି ୩୯.୧୦ ଲକ୍ଷ ଟଙ୍କାର ବକେୟା ଏବଂ ପ୍ରାୟ ୪୫.୯୨ ଲକ୍ଷ ଟଙ୍କାର ସୁଧ ପୈଠ କରିବାକୁ ନେଇ ଆସିଷ୍ଟାଣ୍ଟ ପ୍ରୋଭିଡେଣ୍ଟ ଫଣ୍ଡ କମିସନରଙ୍କ ନିର୍ଦ୍ଦେଶ ବିରୋଧରେ ନିର୍ଦ୍ଦେଶାଳୟ ପକ୍ଷରୁ ମାମଲା ରୁଜୁ ହୋଇଥିଲା। ଉଚ୍ଚ ନ୍ୟାୟାଳୟ ପୂର୍ବରୁ ନିର୍ଦ୍ଦେଶାଳୟକୁ ୧୫ଦିନ ମଧ୍ୟରେ ଟ୍ରିବ୍ୟୁନାଲରେ ଅପିଲ୍ କରିବାକୁ ସୁଯୋଗ ଦେଇଥିଲେ ମଧ୍ୟ ସରକାରୀ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପଦକ୍ଷେପ ନେବାରେ ବିଫଳ ହୋଇଥିଲେ। ଏପରିକି, ସମୟସୀମା ବୃଦ୍ଧି ପାଇଁ ମଧ୍ୟ କୌଣସି ଆବେଦନ କରିନଥିଲେ।

ନ୍ୟାୟାଳୟ ନିଜ ରାୟରେ ସ୍ପଷ୍ଟ କରିଛନ୍ତି ଯେ କର୍ମଚାରୀ ଭବିଷ୍ୟନିଧି ଏବଂ ବିବିଧ ବ୍ୟବସ୍ଥା ଅଧିନିୟମ, ୧୯୫୨ ଏକ ଜନମଙ୍ଗଳକାରୀ ଆଇନ ହୋଇଥିବାରୁ ଏହାର ନିୟମାବଳୀକୁ କଠୋର୍ ଭାବେ ଅନୁପାଳନ କରାଯିବା ଆବଶ୍ୟକ। ସରକାରୀ ବିଭାଗ ପକ୍ଷରୁ ହୋଇଥିବା ୨୮୯ଦିନର ଅହେତୁକ ବିଳମ୍ବକୁ କ୍ଷମା କରାଯାଇପାରିବ ନାହିଁ ବୋଲି ଦର୍ଶାଇ ଅଦାଲତ ଟ୍ରିବ୍ୟୁନାଲଙ୍କ ପୂର୍ବ ନିଷ୍ପତ୍ତିକୁ କାଏମ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ, ୧୭.୦୯.୨୦୧୫ର ମୂଳ ନିର୍ଦ୍ଦେଶକୁ ଆସନ୍ତା ୪ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ନିର୍ଦ୍ଦେଶାଳୟକୁ ନିର୍ଦ୍ଦେଶ ଦେଇଛନ୍ତି।

### ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତରେ 'ବାଂଲା'...

ଶାନ୍ତି ଓ ସହିଷ୍ଣୁତା ହେଉଛି ଦ୍ୱିପାକ୍ଷିକ ସଂପର୍କର ମୂଳଦୁଆ। ଏହା ବଜାୟ ରହିବା ଉଚିତ। ଭାରତ ଓ ବାଂଲାଦେଶ ମଧ୍ୟରେ ସଂପର୍କ ବିଗୁଡ଼ିଥିବାରୁ ରୁଷିଆ ଉଦବେଗ ପ୍ରକାଶ କରିଛି। ଭାରତ ସହିତ ସଂପର୍କ ସୁଧାରିବା ଲାଗି ବାଂଲାଦେଶ ପଦକ୍ଷେପ ନେଉ ବୋଲି ରୁଷ ପରାମର୍ଶ ଦେଇଛି। ଢାକାରେ ରୁଷ ରାଷ୍ଟ୍ରଦୂତ ଆଲେକଜାଣ୍ଡର ଖୋଜିନ କହିଛନ୍ତି ଯେ ଦୁଇ ଦେଶ ମଧ୍ୟରେ ସଂପର୍କ ଯେତେଶୀଘ୍ର ଶାନ୍ତ ପଡ଼ିବ, ସଂପୃକ୍ତ ଅଞ୍ଚଳ ପାଇଁ ସେତିକି ଭଲ। ୧୯୭୧ କଥା ମନେ ପକାଇ ସେ କହିଛନ୍ତି ଯେ ବାଂଲାଦେଶର ସ୍ୱାଧୀନତା ସଂଗ୍ରାମରେ ଭାରତ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଭାରତ ଯୋଗୁଁ ଆଜି ବାଂଲାଦେଶ ସ୍ୱାଧୀନ ହୋଇପାରିଛି। ତେଣୁ ଭାରତ ସହିତ ବାଂଲାଦେଶ ମିତ୍ରତା ପ୍ରତିଷ୍ଠା କରୁ ବୋଲି ସେ କହିଛନ୍ତି। ବାଂଲାଦେଶରେ ହିଂସା ବୃଦ୍ଧି ପାଉଥିବାରୁ ଜାତିସଂଘ ମଧ୍ୟ ଉଦବେଗ ପ୍ରକାଶ କରିଛି। ଜାତିସଂଘ ମହାସଚିବଙ୍କ ମୁଖପାତ୍ର କହିଛନ୍ତି ଯେ ସେଠାରେ ଜଣେ ହିନ୍ଦୁ ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣା ମଧ୍ୟ ନିନ୍ଦନୀୟ। ଦେଶରେ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରୁ ବାଂଲାଦେଶ କସରକାର। ଇତିମଧ୍ୟରେ ପାକିସ୍ତାନ।।ରେ ଶାସକ ଦଳର ଜଣେ ନେତା ଧମକ ଦେଇଛନ୍ତି ଯେ ବାଂଲାଦେଶ ପ୍ରତି ଭାରତ ବିପଦ ସୃଷ୍ଟି କଲେ ତାଙ୍କ ଦେଶର ସେନା ଏବଂ ଲୋକେ ଏହାର ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି। ପ୍ରଧାନମନ୍ତ୍ରୀ ସେହବାଜ ସରିଫଙ୍କ ଦଳର ଜଣେ ନେତା କହିଛନ୍ତି ଯେ ବାଂଲାଦେଶ ଉପରେ ଭାରତ ଆକ୍ରମଣ କଲେ ଭାରତ ଉପରେ ପାକିସ୍ତାନ ଆକ୍ରମଣ କରିବାକୁ ପଛାଇବ ନାହିଁ।

### ୭ ରାଜ୍ୟରୁ...

୧୯, ୧୩, ୫୪୦ ଜଣ ଅନ୍ୟତ୍ର ସ୍ଥାନାନ୍ତର ହୋଇସାରିଛନ୍ତି। ସେହିପରି ୧,୭୯, ୦୪୩ ଜଣ ଏକରୁ ଅଧିକ ସ୍ଥାନରେ ପଞ୍ଜିକରଣ କରିଛନ୍ତି। ଏବେ ଏହି ସବୁ ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ଏସଆଇଆର ଆରମ୍ଭ ହେବ। ଭୋଟର ନିଜ ଦାବି ଉପସ୍ଥାପନ କରି ତାଲିକାରେ ସାମିଲ ହୋଇପାରିବେ। ଏହା ପୂର୍ବରୁ ଇସି ୭ ରାଜ୍ୟ ପଶ୍ଚିମବଙ୍ଗ, ରାଜସ୍ଥାନ, ତାମିଲନାଡୁ, ଗୁଜରାଟ, ଗୋଆ, ଲାକ୍ଷାଦ୍ୱୀପ ଏବଂ ପୁଡୁଚେରୀର ଚିଠା ଭୋଟର ତାଲିକା ଜାରି କରିସାରିଛନ୍ତି। ବିଭିନ୍ନ କାରଣରୁ ଏହି ରାଜ୍ୟଗୁଡ଼ିକରୁ ୨ କୋଟି ୭୦ ଲକ୍ଷ ଭୋଟରଙ୍କୁ ହଟାଇ ଦିଆଯାଇଛି। ଏମାନଙ୍କ ମଧ୍ୟରେ ତାମିଲନାଡୁରୁ ସର୍ବାଧିକ ୯୭ ଲକ୍ଷ, ଗୁଜରାଟରୁ ୭୩ ଲକ୍ଷ, ପଶ୍ଚିମବଙ୍ଗର ୫୮ ଲକ୍ଷ ନାମ ବାଦ ଦିଆଯାଇଛି। ୨୦୨୫ର ସ୍ଥାନୀୟ ନିର୍ବାଚନ ପାଇଁ ପ୍ରସ୍ତୁତ ଭୋଟର ତାଲିକା ଅନୁଯାୟୀ, କେରଳରେ ୨.୮୬ କୋଟିରୁ ଅଧିକ ପଞ୍ଜିକୃତ ଭୋଟର ଅଛନ୍ତି। କେରଳରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏସଆଇଆର ତାଲିକା ଇସିଙ୍କ ୱେବସାଇଟରେ ଉପଲବ୍ଧ ରହିଛି। ଏହାକୁ ରାଜନୈତିକ ଦଳଙ୍କୁ ପ୍ରଦାନ କରାଯିବ। ଇଆରଓ ନିଷ୍ପତ୍ତି ବିରୋଧରେ ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ସିଇଓଙ୍କ ପାଖରେ ଆବେଦନ କରିବାର ନିୟମ ରହିଛି। ତେବେ ତାମିଲନାଡୁରେ ସର୍ବାଧିକ ୯୫ ଲକ୍ଷ ଭୋଟରଙ୍କ ନାମ କଟିଛି।

### ରାଜ୍ୟ ସ୍ୱାର୍ଥ ସହ...

ସେହିପରି ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କହିଛନ୍ତି ଯେ ଆନ୍ତରାଜ୍ୟ ନଦୀ ଜଳ ବିବାଦକୁ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ଆପୋଷ ସମାଧାନ ହୋଇ ନାହିଁ। ଯାହା ସମାଧାନ ହୋଇଛି ତାହା କୋର୍ଟରେ ଆଇନଗତ ଲଢ଼େଇ ଦ୍ୱାରା ସମ୍ଭବପର ହୋଇପାରିଛି। ସେଥିପାଇଁ ଗତ ସରକାରରେ ମାମଲା ଟ୍ରିବ୍ୟୁନାଲକୁ ନେବା ସହ ଆମେ ଏନେଇ ଲଢ଼େଇ କରିଥିଲୁ। ତେବେ ବର୍ତ୍ତମାନ ଛତିଶଗଡ ସହ ଚାଲିଥିବା ଆଲୋଚନାର ବିଷୟ ବସ୍ତୁ ରାଜ୍ୟବାସୀଙ୍କୁ ଜଣାଯାଉ। ରାଜ୍ୟ ସରକାର ସର୍ବଦଳୀୟ ବୈଠକ ଡାକନ୍ତୁ। ଏହାସହ ବିଶେଷଜ୍ଞମାନଙ୍କ ପରାମର୍ଶ ମଧ୍ୟ ନିଆଯାଉ ବୋଲି ଶ୍ରୀ ପୂଜାରୀ ପ୍ରସ୍ତାବ ଦେଇଛନ୍ତି । କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଛନ୍ତି ଯେ ମହାନଦୀର ସ୍ୱାର୍ଥ ଓ ସୁରକ୍ଷା ପାଇଁ ସମସ୍ତେ ମିଳି ମିଶି ଲଢ଼ିବା । ଦୁଇରାଜ୍ୟର ସ୍ୱାର୍ଥ ପୂରଣ ନହେଲେ ଏହାର ସମାଧାନ କରିବା ବହୁ କଷ୍ଟକର ହୋଇପଡ଼ିବ। ତେଣୁ ଏହି ମାମଲାକୁ ଅଧିକ ଲମ୍ବିତ ନ କରି ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରିବା ଜରୁରୀ ଅଟେ। ମହାନଦୀ କୁ ନେଇ ଲଢେଇ କରୁଥିବା ସମସ୍ତ ସଂଗଠନକୁ ଏଥିରେ ସାମିଲ କରାଯାଉ। ଆଲୋଚନାର ସମସ୍ତ ପ୍ରସଙ୍ଗ ରାଜ୍ୟବାସୀଙ୍କୁ ଅବଗତ କରାଯାଉ ବୋଲି ସେ ଦାବି କରିଛନ୍ତି। ବୈଠକରେ ହୀରାକୁଦ ପ୍ରକଳ୍ପ, ମହାନଦୀ ଜଳ ବିବାଦର ଐତିହାସିକ ପୃଷ୍ଠଭୂମି, ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ସମ୍ମୁଖରେ କାର୍ଯ୍ୟ ବର୍ତ୍ତମାନର ସ୍ଥିତି, ମହାନଦୀ-ସମ୍ବନ୍ଧୀୟ ସମସ୍ୟାର ସୌହାର୍ଦ୍ଦପୂର୍ଣ୍ଣ ସମାଧାନ ପ୍ରକ୍ରିୟା ଏବଂ ମହାନଦୀ ଅବବାହିକା ସମ୍ବନ୍ଧୀୟ ବିଷୟଗୁଡ଼ିକର ସାମଗ୍ରିକ ସ୍ଥିତି ଉପରେ ପ୍ରାରମ୍ଭିକ ଆଲୋଚନା ହୋଇଥିଲା। ବୈଠକରେ ମନ୍ତ୍ରୀ ସୁରେଶ ପୂଜାରୀ, ପୃଥ୍ୱୀରାଜ ହରିଚନ୍ଦନ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ସରୋଜ କୁମାର ପ୍ରଧାନ, ନିରଞ୍ଜନ ପୂଜାରୀ ଏବଂ ସୋଫିଆ ଫିର୍ଦ୍ଦୋସ ଯୋଗ ଦେଇଥିଲେ। ବିଧାୟକ ଜୟନାରାୟଣ ମିଶ୍ର ଆଭାସୀ ମାଧ୍ୟମରେ ବୈଠକରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ସହିତ ବିଭାଗୀୟ ଅଧିକାରୀ ଏବଂ ଜଳ ସମ୍ପଦ ବିଭାଗର ଅଧିକାରୀ ଓ ଯନ୍ତ୍ରୀମାନେ ମଧ୍ୟ କମିଟିକୁ ଆବଶ୍ୟକୀୟ ସୂଚନା ଦେବା ପାଇଁ ବୈଠକରେ ଉପସ୍ଥିତ ଥିଲେ।

■ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ପଦ ଖାଲି ପଡ଼ିବା ପ୍ରସଙ୍ଗ

## କେତେ ଶିକ୍ଷକଙ୍କୁ ସିଆରସିସି ନିଯୁକ୍ତ କରାଯାଇଛି ଜଣାଅ: ହାଇକୋର୍ଟ

କଟକ,୨୩।୧୨(ସମିସ): ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ସଂକଟ ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଆଜି ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଛନ୍ତି। ଶିକ୍ଷା ଅଧିକାର ଆଇନ ଅନୁସାରେ ସ୍କୁଲରେ ଶିକ୍ଷକ ଛାତ୍ର ଅନୁପାତ ରହୁ ନଥିବା ଓ ଶିକ୍ଷକମାନଙ୍କୁ ସିଆରସିସି ନିଯୁକ୍ତ କରାଯାଉଥିବା ଯୋଗୁଁ ଶିକ୍ଷାଦାନ ପ୍ରଭାବିତ ହେଉଥିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ଜବାବ ତଲବ କରିଛନ୍ତି। ରାଜ୍ୟରେ କେତେ ପ୍ରାଥମିକ ଶିକ୍ଷକଙ୍କୁ ସିଆରସିସି ଭାବେ ନିୟୋଜିତ କରାଯାଇଛି ଓ ସେମାନେ ଶିକ୍ଷାଦାନ କରୁନାହାନ୍ତି; ସେ ସମ୍ପର୍କରେ ସତ୍ୟପାଠ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଧାନମଣ୍ଡଳ ଗ୍ରାମଦ୍ୟୋଗ ସଂଗଠନ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ କଟକ ଜିଲ୍ଲା ଧାନମଣ୍ଡଳ ନୋଡାଲ ୟୁପି ସ୍କୁଲରେ ବାଲ୍ ବାଟିକା ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଏଠାରେ ପ୍ରଧାନ ଶିକ୍ଷକଙ୍କ ସମେତ ମାତ୍ର ୩ଜଣ ଶିକ୍ଷକ ଅଛନ୍ତି। ଏଭଳି ସ୍ଥିତିରେ ଶିକ୍ଷାଦାନ ଗଭୀର ପ୍ରଭାବିତ ହେଉଛି। ନିର୍ଦ୍ଦିଷ୍ଟ ବିଷୟ ପାଇଁ ଶିକ୍ଷକ ନାହାନ୍ତି। ଏଥିସହ ଶିକ୍ଷକଙ୍କୁ ସିଆରସିସି ଦାୟିତ୍ୱ ଦିଆଯାଉଛି ଓ ସେମାନେ ପାଠ ପଢ଼ାଉନଥିବାରୁ ଶିକ୍ଷାଦାନ ପ୍ରଭାବିତ ହୋଇଛି। ଶିକ୍ଷା ଅଧିକାର ଆଇନ ଅନୁସାରେ ଏହା ଉଚିତ ନୁହେଁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ରାଜ୍ୟରେ ଏଭଳି ୧ହଜାର ଶିକ୍ଷକ ସିଆରସିସି ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି, ଯାହାଦ୍ୱାରା ଶିକ୍ଷାଦାନ ପ୍ରଭାବିତ ହେଉଛି ବୋଲି ଆବେଦନରେ ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ଚାଷୀଙ୍କୁ ନ୍ୟାୟ ନମିଳିଲେ ରାଜରାସ୍ତାକୁ ଓହ୍ଲାଇବ ବିଜେଡି

ଭୁବନେଶ୍ୱର, ୨୩।୧୨ (ସମିସ): ଧାନକିଣାକୁ ନେଇ ରାଜ୍ୟର ଚାଷୀମାନେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଇନପୁଟ୍ ସବ୍‌ସିଡି ବାବଦକୁ କୁଇଣ୍ଟାଲ ପିଛା ୮୦୦ ଟଙ୍କା ଦେଉଛୁ କହି ବାହାଦୂରୀ ମାରୁଥିବା ଡବଲ ଇଞ୍ଜିନ ସରକାର ବାସ୍ତବରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ତେବେ କୃଷକଙ୍କୁ ନ୍ୟାୟ ନଦେଲେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ବିଜେଡି। ମଙ୍ଗଳବାର ଶଙ୍ଖଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ପ୍ରମିଳା ମଲ୍ଲିକ, ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ପ୍ରମୁଖ ଧାନକିଣା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ମଙ୍ଗଳବାର କୃଷକ ଦିବସ ଉପଲକ୍ଷେ ରାଜ୍ୟର କୃଷକମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଚାଷୀଙ୍କ ସ୍ୱାର୍ଥ ପାଇଁ ଦଳ ସବୁବେଳେ ଆଗରେ ରହିବ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।




■ ୧୧ଟି ଜିଲ୍ଲାରେ ମଣ୍ଡି ଖୋଲିଥିଲେ ମଧ୍ୟ ଧାନ ଉଠିନାହିଁ

■ ଅଧାରୁ ଅଧିକ ଚାଷୀଙ୍କୁ ଟୋକନ୍ ମିଳୁନାହିଁ

■ ମନ୍ତ୍ରୀମାନଙ୍କ ମନ୍ତବ୍ୟରେ ରହୁନାହିଁ ସମନ୍ୱୟ

■ ଏଫଏକ୍ୟୁ ନାମରେ କଟନୀ ଛଟନୀ ଜାରି ରହିଛି

ଶ୍ରୀ ଦାସବର୍ମା କହିଥିଲେ ଯେ ଇନପୁଟ୍ ସବ୍‌ସିଡି ୮୦୦ ଟଙ୍କା ଦେଉଛୁ କହି ନିଜ ପିଠି ଥାପୁଡ଼ାଉଥିବା ରାଜ୍ୟ ବିଜେପି ସରକାର ବାସ୍ତବରେ ଚାଷୀଙ୍କୁ ଉପଯୁକ୍ତ ପ୍ରାପ୍ୟ ଦେବାରେ ଫେଲ ମାରିଛନ୍ତି। ୨୦୨୪-୨୫ ବର୍ଷରେ ୨୦ ପ୍ରତିଶତ ଧାନ ସଂଗ୍ରହ ହୋଇପାରି ନଥିଲା। ଏବର୍ଷ ଖରିଫ ଧାନ ସଂଗ୍ରହ ପାଇଁ ସମୟ ଉପନୀତ ହୋଇସାରିଥିଲେ ମଧ୍ୟ ଧାନ ସଂଗ୍ରହ କାର୍ଯ୍ୟ ଆରମ୍ଭ ହୋଇନାହିଁ। ରାଜ୍ୟର ୧୧ଟି ଜିଲ୍ଲାରେ ଧାନ ମଣ୍ଡି ଖୋଲା ହେଲା ବୋଲି ସରକାର ଘୋଷଣା କରିଥିଲେ ମଧ୍ୟ କୌଣସି ଜାଗାରେ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ୧୧ଟି ଜିଲ୍ଲାର ଚାଷୀ ଆଜି ରାସ୍ତାରେ। ଟୋକନ୍ ପିଛା କେତେ ଧାନ ସରକାର କିଣିବେ ବୋଲି ସନ୍ଦେହ ସୃଷ୍ଟି ହେଲାଣି। କୁହାଯାଉଛି, ଟୋକନ୍ ପିଛା ୧୦୦ କୁଇଣ୍ଟାଲ ଧାନ କିଣା ହେବ। ଧାନକିଣାକୁ ନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ମନ୍ତ୍ରୀମାନଙ୍କ ମନ୍ତବ୍ୟ ଚିନ୍ତାଜନକ ଥିବା ବେଳେ ମନ୍ତ୍ରୀମାନଙ୍କ ମନ୍ତବ୍ୟରେ ତାଳ ମେଳ ରହୁନାହିଁ। ଯୋଗାଣ ମନ୍ତ୍ରୀ ଚଳିତ ବର୍ଷ ସ୍ଥିରୀକୃତ ହୋଇଥିବା ପରିମାଣରୁ ଅଧିକ ଧାନ କିଣାଯିବ ନାହିଁ ବୋଲି କହିଥିଲା ବେଳେ ସମବାୟ ମନ୍ତ୍ରୀ ଟୋକନ୍ ପିଛା ୧୫୦ କୁଇଣ୍ଟାଲ ଧାନ କିଣାଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ କ୍ୟାବିନେଟ୍ ବୈଠକରେ ସମସ୍ତ ବଳକା ଧାନକୁ କିଣାଯିବ ବୋଲି ସୂଚନା ଦେଇଥିଲେ। ଏଥିରୁ କେଉଁଟା ଠିକ୍ ବୋଲି ଆମେ ବୁଝିବା ବୋଲି ସେ ପ୍ରଶ୍ନ କରିଥିଲେ।

ଶ୍ରୀମତୀ ମଲ୍ଲିକ କହିଥିଲେ ଯେ ମିଲ୍ ମାଲିକ ଓ ରାଜ୍ୟ ସରକାରଙ୍କ ଭିତରେ ମଧୁଚନ୍ଦ୍ରିକା ଚାଲିଥିବାରୁ ରାଜ୍ୟର ଚାଷୀ ହତାଶ ହୋଇ ପଡ଼ିଛନ୍ତି। ଏଫଏକ୍ୟୁ ନାମରେ କଟନୀଛଟନୀ ଚାଲିଛି। ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ଚାଷୀମାନେ ଟୋକନ୍‌କୁ ଚାହିଁ ବସିଛନ୍ତି। ଟୋକନ୍ ବିତରଣ ନେଇ କୌଣସି ସ୍ୱଷ୍ଟତା ନାହିଁ। ଅଧାରୁ ଅଧିକ ଚାଷୀଙ୍କୁ ଟୋକନ ମିଳୁନାହିଁ। ସରକାର ଧାନକିଣା ନେଇ ବଡ଼ବଡ଼ କଥା କହୁଛନ୍ତି, କିନ୍ତୁ ବାସ୍ତବ ଚିତ୍ର ଅଲଗା। ୨୦୨୪-୨୫ ବର୍ଷରେ ୧୯ ଡିସେମ୍ବର ସୁଦ୍ଧା ୯୮,୬୭୦ ଜଣ ଚାଷୀଙ୍କଠାରୁ ୪,୬୨,୬୭୫ ମେଟ୍ରିକ୍ ଟନ୍ ଧାନ କିଣା ହୋଇସାରିଥିଲା ବେଳେ ଚଳିତ ବର୍ଷ ୧୯ ଡିସେମ୍ବର ସୁଦ୍ଧା ୫୮,୨୦୬ ଜଣ ଚାଷୀଙ୍କଠାରୁ ୨,୬୫,୯୦୬ ମେଟ୍ରିକ ଟନ ଧାନ କିଣାଯାଇଛି। ଏହି ତଥ୍ୟରୁ ରାଜ୍ୟରେ ଧାନ କିଣା ସ୍ଥିତି କିପରି ମାନ୍ଦା ରହିଛି, ତାହା ସ୍ୱଷ୍ଟ ହେଉଛି। ଏହାଛଡ଼ା ଧାନକିଣା ପ୍ରକ୍ରିୟା ଶେଷ ହେବାର ୨୪ଘଣ୍ଟା ଭିତରେ ଧାନର ମୂଲ୍ୟ କୃଷକମାନଙ୍କୁ ମିଳିବା ନିୟମ ରହିଥିଲେ ମଧ୍ୟ ଏହା ୨୪ ଦିନ ପର୍ଯ୍ୟନ୍ତ ମିଳୁନାହିଁ। ବିଲରୁ ମଣ୍ଡିକୁ ପହଞ୍ଚାଇବା ପାଇଁ ଲାଗୁଥିବା ପରିବହନ ଖର୍ଚ୍ଚ ସହିତ ଏବେ ମଣ୍ଡିରୁ ମିଲରଙ୍କ ଗୋଦାମ ପର୍ଯ୍ୟନ୍ତ ଖର୍ଚ୍ଚ ମଧ୍ୟ ଚାଷୀଙ୍କୁ ବହନ କରିବାକୁ ପଡୁଛି ବୋଲି ଶ୍ରୀ ବକ୍ସିପାତ୍ର କହିଥିଲେ।

## ମହୁମାଛି ଦଂଶନରେ ଜଣେ ମୃତ

କାମାକ୍ଷାନଗର,୨୩।୧୨(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କାଦୁଆ ଗ୍ରାମର ସର୍ବେଶ୍ୱର ସାହୁ (୯୦)ଙ୍କର ମଙ୍ଗଳବାର ମହୁମାଛି ଆକ୍ରମଣରେରେ ମୃତ୍ୟୁ ହୋଇଛି। ସୋମବାର ଗ୍ରାମର ଜଟାଧାରୀ ସାହୁ ଓ ସର୍ବେଶ୍ୱର ସାହୁ ମହୁମାଛି ଆକ୍ରମଣରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ସର୍ବେଶ୍ୱରଙ୍କର ମୃତ୍ୟୁ ହୋଇଥିବା ବେଳେ ଜଟାଧାରୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।


**AFFIDAVIT**

By virtue of an Affidavit before Notary Public, Malkangiri, **I, Bhimsen Sondhi,** aged about 31 Years, S/o: Singa Sondhi, resident of village: Lugel, P.O.: Lachipeta, P.S.: M.V-79, Dist.: Malkangiri, Odisha, declare by this Affidavit No.:2086/2025, Dated:23/12/2025 that I have changed my name from Sondhi Bhimsen to Bhimsen Sondhi . Henceforth I shall be known as **Bhimsen Sondhi** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, **I, Kausalya Kabasi,** aged about 22 Years, D/o: Sambaru Kabasi, resident of village: Telimeta, PO.: Jharapalli, P.S./Dist.: Malkangiri, Odisha, declare by this Affidavit No.:2087/2025, Dated:23/12/2025 that I have changed my name from Koushalya Kabasi to Kausalya Kabasi. Henceforth I shall be known as **Kausalya Kabasi** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Dhenkanal dated 10.10.2025, I MAMATAMANJARI ROUT, At KENDUDHIPA, P.O. – DIGI, P.S.- KAMAKHYANAGAR, Dist.- DHENKANAL- 759023 declare that I have changed my name from MAMATA MANJARI JENA to MAMATAMANJARI ROUT. Henceforth I shall be known as **MAMATAMANJARI ROUT** for all purposes.

**AFFIDAVIT**

I, **Faruque Razvi Shaikh,** S/o: Abdul Quddus Shaikh, resident of Mojahitnagar, Dhamnagar, Bhadrak, Odisha, Pin-756117, declare by this affidavit No.: 1693, dated: 22.12.2025, that now onwards I shall be known as **Sk Faruque Razvi** for all future purposes.

**AFFIDAVIT**

By Virtue of an affidavit sworn before Executive Magistrate, Khordha, dtd- 10/07/2025. Affidavit No- 2109, I **Upendra Prusty,** resident of At/Post- Tirimal, Ps- Jatni, Dist- Khordha, Pin-752050, Odisha declare that my Minor daughter name from **Priya Prusty to Priyanka Prusty.** Henceforth, she shall be known as **Priyanka Prusty** for all purposes.

**AFFIDAVIT**

By virtue of an affidavit before the Notary Public, Sonepur, dtd.23.12.2025, I, Priyabrata Padhan, S/o Sanatan Padhan, Vill/Po- Lupursingha, Lachhipur, Subarnapur (Odisha), declare that my correct name is Priyabrata Padhan but in my Aadhaar its wrongly mentioned as Priyabat Padhan. That both the names belong to the same person i.e. myself.

**Sd/- Priyabrata Padhan**

**AFFIDAVIT**

By virtue of an affidavit sworn before the Executive Magistrate, Sohela vide no.3 dtd. 12/12/2025, I Jarasingh Suna, S/o- Minketan Suna, R/o- Vill.- Arjunda, Po.- Pandakipali, Ps.- Sohela, Dist.- Bargarh state that, my actual name is **Jarasingh Suna**, S/o- Minketan Suna but in my Aadhaar card bearing no. 590446626491 my name has been wrongly mentioned as Darasingh Suna, S/o- Minketan Suna. Hence **Jarasingh Suna** & **Darasingh Suna** is one and same person.

**AFFIDAVIT**

By virtue of an affidavit no- 4501, dated-15/12/2025 sworn before the Executive Magistrate, Banpur, declare that I, **Saraswati Sahoo,** DOB: 01/01/1978, W/o- Satrughna Sahoo of Address: At- Ranipada, Po- Kumaranga Sasan, Ps- Banpur, Dist- Khordha, Odisha, Pin-752031, declare that I have changed my name from **Chanchala Sahoo to Saraswati Sahoo.** Henceforth, now onwards I shall be known as **Saraswati Sahoo** for all future purposes.

**Saraswati Sahoo**

**AFFIDAVIT**

I, Rokiya Bibi, W/o: Sk Faruque Razvi, resident of Jayanagar, Dhamnagar, Bhadrak, Odisha, Pin-756117, declare by this Affidavit No.: 1694, dated: 22.12.2025, that now onwards I shall be known as Rokiya Tabashom Bibi for all future purposes.

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dated- 22.12.2025, I **Reshmi Parbin,** permanent Qtr No.-S/I9, NAC Colony, Unit-3, Kharvel Nagar, BBSR-751001, Odisha declare that I have changed my name from **Reshmi Begum to Reshmi Parbin.** Heneceforth, I shall be known as **Reshmi Parbin** for all purpose.

**Reshmi Parbin**

**LOST**

I **Mr. Diwakar Kumar Chaurasia,** aged about 69 years, S/o.: Late Kishorilal Chaurasia, Caste: Barai, Occupation: Business, R/o: village 215/c, Ashok Nagar, P.O: Basharatpur, P.S/District: Gorakhpur, State: Uttarapradesh. That I have purchased the lands situated at Mouza: Arjunpur, P.S: Sonepur, P.S. No.: 17, Tahasil: Sonepur, Dist.: Subarnapur, Khata No.: 55, Plot No.: 561/768, Kissam: Berna A.J., Area: Ac.0.220 Dec. Full, Bounded by North: Diwakar kumar Chourasia, South: Uddhaba Jal & Others, Plot No.: 566, Kissam: Atta, Area: Ac.0.140 Dec. Full, North: Anabadi, South: Diwakar Kumar Chourasia, Plot No.: 562, Kissam: Atta, Area: Ac.0.470 Dec. Full, Bounded by North/South: Diwakar Kumar Chourasia, Plot No.: 565, Kissam: Patita, Area: Ac.0.150 Dec. Full, Bounded by Road, Khata No.: 136/57, Plot No.: 596/802, Kissam: Atta Sadharana, Area: Ac.0.850 Dec. Full, Bounded by North: Road, South: Diwakar Kumar Chourasia, from Debji Bhai Patel, S/o.: Late Dhanji Bhai Patel, Caste- Chasa, Occupation-Business, R/o.: Gandhinagarpada, Bolangir, PO./P.S./ District: Bolangir, at present R/o.: Village Arjunpur, PO./P.S.: Sonepur, District: Subarnapur, vide Regd. Sale Deed No.: 1010/2009, Dt.20.05.2009 and Regd. Sale Deed No.: 11661202096, Dt.12.09.2012, Registered at DSRO: Sonepur. That, unfortunately the link Regd. Sale Deeds has been lost while I am traveling from Arjunpur to Sonepur on Dt.08.12.2025. If anyone find this deed please **Contact : 9838022380.**

**AFFIDAVIT**

By virtue of an affidavit sworn before Executive Magistrate Bonth, Bhadrak on Dated 22nd December 2025, I LAXMIPRIYA PUHAN wife of SANJAY KUMAR PUHAN, Address: AT-APTIRASADANGI, PO-B.T.PUR ,PS-AGARAPADA, DIST-BHADRAK, ODISHA- 756115, have changed my minor Daughter's name from "SANTUSINE PUHAN" to "SANTOSINI PUHAN". Henceforth, she shall be known as **"SANTOSINI PUHAN"** for all purposes.

**AFFIDAVIT**

By virtue of an affidavit no- 2473, dated- 19/6/2025 sworn before the Executive Magistrate, Banpur, declare that I, **Akshay Kumar Parida,** DOB: 15/ 04/1990, S/o- Jagannath Parida of Address At/Po- Kumaranga Sasan, Ps- Banpur, Dist- Khordha, Odisha, Pin-752031, declare that I have changed my name from **Akhaya Jena,** S/o- Joginder Jena to **Akshay Kumar Parida,** S/o- Jagannath Parida. Henceforth, I **Akhaya Jena** and **Akshay Kumar Parida** both are one and same person. But now onwards I shall be known as **Akshay Kumar Parida** for all future purposes.

**Akshay Kumar Parida**

## ମଣ୍ଡି ସମସ୍ୟାର ସମାଧାନ ପାଇଁ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ

# ଚାଷୀଙ୍କ ସ୍ୱାର୍ଥ ପାଇଁ ଲଢ଼ିବୁ : ବିଜେଡି

ଭବାନୀପାଟଣା, ୨୩।୧୨(ସମିସ)



ଡିସେମ୍ବର ମାସ ଶେଷ ହେବାକୁ ବସିଲାଣି କିନ୍ତୁ ଆଜି ପର୍ଯ୍ୟନ୍ତ କଳାହାଣ୍ଡି ଜିଲ୍ଲାର ମାତ୍ର ୨୫ରୁ ୩୦ପ୍ରତିଶତ ମଣ୍ଡିରୁ ଧାନ ଉଠାଯାଇଛି ।ଚାଷୀ ପଞ୍ଜୀକରଣ ଓ ଧାନ ବିକ୍ରି ଟୋକନ ପ୍ରକ୍ରିୟାରେ ବିଳମ୍ବ କାରଣରୁ ଜିଲ୍ଲାର ପ୍ରାୟ ୮୦ ପ୍ରତିଶତ ଚାଷୀଙ୍କ ଧାନ ମଣ୍ଡିକୁ ପ୍ରବେଶ କରିପାରୁ ନାହିଁ ବୋଲି ମଙ୍ଗଳବାର ସାମ୍ବାଦିକ ସମ୍ମିଳନୀରେ ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀ ପ୍ରକାଶ କରିଛନ୍ତି। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଚାଷୀ ଋଣ ଭାରରେ ଛନ୍ଦି ହୋଇ ଦିନ-ଦିନ ଧରି ଅପେକ୍ଷା ପରେ ଟୋକନ ନ ମିଳିବା ଫଳରେ ଧୈର୍ଯ୍ୟହରା ହୋଇ କମ ଦରରେ ଧାନ ବିକିବାକୁ ବାଧ ହେଉଛି। ରାଜ୍ୟ ସରକାରଙ୍କ ଅପାରଗତା ଓ ଜିଲ୍ଲା ପ୍ରଶାସନର ଚାଷୀଙ୍କ ପ୍ରତି ଆନ୍ତରିକତାର ଅଭାବର ଫଳ ଭୋଗୁଛନ୍ତି ଜିଲ୍ଲାର ଲକ୍ଷ ଲକ୍ଷ ଚାଷୀ। ମିଲର୍ସମାନେ ଜାଣିଶୁଣି ବିଳମ୍ବରେ ଧାନ ଉଠାଉଛନ୍ତି। ଆଜି ପର୍ଯ୍ୟନ୍ତ ମାତ୍ର ୧୫ରୁ ୨୦ମିଲର ଧାନ କ୍ରୟ ପ୍ରକ୍ରିୟାରେ ଭାଗ ନେଇଛନ୍ତି। ବାକି ମିଲର କେଉଁ ଉଦ୍ଦେଶ୍ୟରେ ଭାଗ ନେଇନାହାନ୍ତି ତଦନ୍ତ ସାପେକ୍ଷ। ବହୁ ମିଲର୍ସଙ୍କ ଏଜେଣ୍ଟ ଖୋଲା ବଜାରରେ ଧାନ ବିକ୍ରି କରିବାକୁ ଚାଷୀଙ୍କୁ ଉସୁକାଉଛନ୍ତି ଓ ସିଧା ସଳଖ କମ ଦରରେ ଚାଷୀଙ୍କ ଖଳାରୁ ଧାନ ଉଠାଇ ନେଉଛନ୍ତି। ରାଜ୍ୟ ସରକାରଙ୍କ ଅବହେଳା ଓ ଢିଲା ବ୍ୟବସ୍ଥା ଯୋଗୁଁ ଧାନ ମଣ୍ଡିମାନଙ୍କରେ ଚାଷୀଙ୍କ ଧାନ ଉଠାଇବା ଦାୟିତ୍ୱରେ ଥିବା ମିଲର୍ସଙ୍କ ମନମାନି ଦେଖିବାକୁ ମିଳୁଛି। ପାକ୍ସ ଓ ଆରଏମ୍‌ସି ପ୍ରତିନିଧିଙ୍କ ହୀନ ମାନସିକତା ଯୋଗୁଁ ଚାଷୀଙ୍କୁ ଦିନ ମଇଦାନରେ ପ୍ରତ୍ୟେକ ଧାନ ବସ୍ତାରେ ୦୪ରୁ୫ କି.ଗ୍ରା- ୯ କି.ଗ୍ରା ପର୍ଯ୍ୟନ୍ତ କଟ୍‌ନି-ଛଟ୍‌ନି ଶିକାର ହେବାକୁ ପଡୁଛି ।ଜିଲ୍ଲାର ପ୍ରାୟ ସମସ୍ତ ଧାନ ମଣ୍ଡିରେ ଧାନ ବିକ୍ରୟ ସମୟରେ ବସ୍ତା ବାବଦ ଓଜନକୁ ନେଇ ୧୨୫୦ କି.ଗ୍ରା ପର୍ଯ୍ୟନ୍ତ ଅତିରିକ୍ତ ଧାନ କଟ୍‌ନି ଦେବାକୁ ପଡୁଛି, ସତ୍ୟ ଓ ଅନୁସନ୍ଧାନ କମିଟି ଓ ଚାଷୀ ମିଶି ମିଲର ଏଜେଣ୍ଟ, ପାକ୍ସ ଓ ଆରଏମ୍‌ସି ପ୍ରତିନିଧିଙ୍କ ସାମ୍ନାରେ ଉକ୍ତ ଧାନବସ୍ତାକୁ ଓଜନ କଣ୍ଟାରେ ଓଜନ କରିବା ଫଳରେ ଗୋଟିଏ ଖୋଟ ବସ୍ତାର ଓଜନ ୫୦୦ ଗ୍ରାମ-୫୫୦ଗ୍ରାମ ପର୍ଯ୍ୟନ୍ତ ହେଉଛି। ଗୋଟିଏ ବସ୍ତା ବାବଦରେ ଓଜନରୁ ଅଧିକ ୭୦୦ ଗ୍ରାମ ଧାନ କେଉଁ ସ୍ୱାର୍ଥରେ କଟାଯାଉଛି। ଜିଲ୍ଲାର ସମସ୍ତ ମଣ୍ଡିରେ ଧାନର ସାଧାରଣ ଏଫଏକ୍ୟୁ ମୂଲ୍ୟ ୩୧୦୦ ଟଙ୍କା ଦର୍ଶାଯାଇଛି, ବର୍ଦ୍ଧିତ ୬୯ ଦର୍ଶା ଯାଉନଥିବା ସ୍ଥଳେ ଚାଷୀଙ୍କ ମଧ୍ୟରେ ଭ୍ରମ ସୃଷ୍ଟି କରୁଛି। ଧାନ ବିକ୍ରି କରିଥିବା ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୩୧୦୦ ଟଙ୍କା ଜମା ହେଉଛି। ବର୍ଦ୍ଧିତ ୬୯ ଟଙ୍କା ସରକାରଙ୍କ କେବଳ ଏକ ମିଛ ପ୍ରତିଶ୍ରୁତି। ସରକାରୀ ଧାର୍ଯ୍ୟ ମୂଲ୍ୟ ପାଇବା ଆଶାରେ ଚାଷୀ ମଣ୍ଡିରେ ଧାନ ପକାଇ ପ୍ରବଳ ଶୀତ, କାକରରେ ପଡ଼ି ରହିଛି। ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳ କଳାହାଣ୍ଡି ଜିଲ୍ଲା ସଭାପତି ତଥା ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ପୂର୍ବତନ ସଦର ବିଧାୟକ ଦୁଷ୍ମନ୍ତ ନାଏକ ପୂର୍ବତନ ପୌରାଧକ୍ଷା ସଂଯୁକ୍ତା ବେହେରା, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ବଦ୍ରି ନାରାୟଣ ପଟ୍ଟନାୟକ, ପ୍ରଶାନ୍ତ ନାଏକ, ମନୀନ୍ଦ୍ର ମହାନ୍ତି, ମଣ୍ଟୁ ନାଏକ, ଚାଷୀନେତା ସାମନ୍ତ ଖମରୀ ପୀତବାସ ବେହେରା, ପରମାନନ୍ଦ ମାଝୀ ଧର୍ମେନ୍ଦ୍ର ନାଏକ, ଜୁନାଗଡ଼ ବିଧାୟକ ପ୍ରତିନିଧି ଦୀନେଶ ବରର୍ତ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୭୨୦ ବୋତଲ କଫ ସିରପ୍ ଜବତ; ଜଣେ ଗିରଫ

ତରଭା, ୨୩।୧୨(ସମିସ): କଫ ସିରପ ଚୋରାଚାଲାଣ କରୁଥିବା ଅଭିଯୋଗରେ ସୋନପୁର ପୁଲିସ ଜଣକୁ ଗିରଫ କରିବା ସହ ୭୨୦ ବୋତଲ କଫ୍ ସିରପ ଜବତ କରିଛି। ମଙ୍ଗଳବାର ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଏନେଇ ସୂଚନାଦେଇଛନ୍ତି। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ବରଗଡ଼ ଜିଲ୍ଲା ଗାଇସିଲେଟ ଥାନା ଅନ୍ତର୍ଗତ ମଳମୁଣ୍ଡା ଗ୍ରାମର ହେମାନନ୍ଦ ବେହେରା(୨୮) ଏକ ସୁଜିକି ସ୍କୁଟର( ଓଡି୧୭ ଏଇ ୫୭୦୮ )ରେ



କଫ ସିରପ ନେଇ ଆସୁଥିବା ବେଳେ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶରେ ହରଡ଼ଖୋଲ ଫାଣ୍ଡି ଅଧିକାରୀ ରାଜକିଶୋର ବାରିକ ଏବଂ ପେଟ୍ରୋଲିଂ ଷ୍ଟାଫ ବୁର୍ଡା-ଅର୍ଜୁନପୁର ରାସ୍ତା ସରଗୁଣାମୁଣ୍ଡା ଛକରେ ଅଟକାଇ ଯାଞ୍ଚ କରିବାରୁ କଫ ସିରପ ମିଳିଥିଲା। ଜବତ କଫ ସିରପ ତରଭା ଥାନା ଅନ୍ତର୍ଗତ ବଲାଡି ଗ୍ରାମର ଜଣଙ୍କ ଠାରୁ ଅଭିଯୁକ୍ତ ଆଣି ଅନ୍ୟତ୍ର ବିକ୍ରି କରିବାର ଯୋଜନା କରିଥିବା ପୋଲିସ ସୂଚନା ଦେଇଛି। ଜବତ କଫ ସିରପର ଆନୁମାନିକ ମୂଲ୍ୟ ୩ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ସୂଚନା ମିଳିଛି। ଏନେଇ ସୋନପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଆରକ୍ଷୀ ଅଧିକ୍ଷକ ଶ୍ରୀ ନାୟକ କହିଛନ୍ତି।

## ଧାନ ବୋଝେଇ ଟ୍ରାକ୍ଟର୍‌କୁ ଧକ୍କା ଦେଲା ପିକ୍‌ନିକ୍ ବସ୍

ଡୁଙ୍ଗୁରିପାଲି, ୨୩।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି-ରାମପୁର ରାସ୍ତାର ସାଲେପାଲି ନିକଟରେ ଥିବା ଏକ ରାଇସ ମିଲ ରାସ୍ତା ପାର୍ଶ୍ୱରେ ଛିଡା ହୋଇଥିବା ଏକ ଧାନ ବୋଝେଇ ଟ୍ରାକ୍ଟରକୁ



ପିକ୍‌ନିକ୍ ବସ୍ ଧକ୍କା ଦେବା ଫଳରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସୂଚନାନୁଯାୟୀ, ମଙ୍ଗଳବାର ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ଜ୍ଞାନ ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଅଭିଭାବକ ପ୍ରାୟ ୬୦ଜଣଙ୍କୁ ନେଇ ଏକ ଘରୋଇ ବସ୍(ଓଆର୍-୧୭ଜେ-୮୯୫୫)ରେ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ପାତାଳି ଶ୍ରୀକ୍ଷେତ୍ରକୁ ପିକ୍‌ନିକ୍ ପାଇଁ ଯାଉଥିଲେ। ବସ୍‌ଟି ଡୁଙ୍ଗୁରିପାଲି-ରାମପୁର ରାସ୍ତାର ସାଲେପାଲି ନିକଟରେ ରାସ୍ତା ପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଧାନ ବୋଝେଇ ଟ୍ରାକ୍ଟରକୁ ଧକ୍କା ଦେଇଥିଲା। ପ୍ରବଳ ଘନ କୁହୁଡି ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଖବରପାଇ ଡୁଙ୍ଗୁରିପାଲି ଅଗ୍ନିଶମ ବାହିନୀ ଓ ପୁଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଆହତ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଛାତ୍ର ସୌମ୍ୟରଞ୍ଜନ ଭୋଇଙ୍କ ଛାତିରେ ଗୁରୁତର ଆଘାତ ହୋଇଥିବାରୁ ଓ ସିଆରସିସି ସୁଶୀଲ କୁମାର ଶିକାଙ୍କ ବାମଗୋଡ଼, ଶିକ୍ଷକ ଲକ୍ଷ୍ମଣ ଗଡ଼ତିଆ ବାମ ଗୋଡ଼ ଭାଙ୍ଗିଯାଇଥିବାରୁ ୩ ଜଣଙ୍କୁ ଗୁରୁତର ଅବସ୍ଥା ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ସ୍ଥଳରେ ଡୁଙ୍ଗୁରିପାଲି ଥାନା ଅଧିକାରୀ ରୋଜାଲିନ ପଟେଲ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

● ମା' ଖମ୍ବେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## କଳାପଥରକୁ ହରାଇ ସୁବଳୟା ଚାମ୍ପିଅନ

ବୀରମହାରାଜପୁର, ୨୩।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଅନ୍ତର୍ଗତ ଟେଭାପଦର ଖେଳ ପଡ଼ିଆରେ ଗତ ୧୮ ତାରିଖରୁ ଅନୁଷ୍ଠିତ ହୋଇଥିବା ୧୫ତମ ମା' ଖମ୍ବେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଟେଭାପଦର କପ୍-୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଆଜିର ଉଦ୍‌ଯାପନୀ ତଥା ଫାଇନାଲ୍ ମ୍ୟାଚ ସୁବଳୟା ଏବଂ କଳାପଥର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତିନୋଟି ଫର୍ମାଟ ବିଶିଷ୍ଟ ଏହି ମ୍ୟାଚରେ ପ୍ରଥମେ ସୁବଳୟା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ୍ ହରାଇ ୧୦୩ ରନ ସଂଗ୍ରହ କରିଥିଲା। ଜବାବରେ କଳାପଥର ଦଳ ୫ ଉଇକେଟ୍ ହରାଇ ୧୦୫ ରନ ସଂଗ୍ରହ କରି ବିଜୟୀ



ହୋଇଥିଲା। ସେହିପରି ୫ ଓଭର ବିଶିଷ୍ଟ ଦ୍ୱତୀୟ ଫର୍ମାଟରେ ସୁବଳୟା ପ୍ରଥମେ ବ୍ୟାଟିଂ କରି ୪ ଉଇକେଟ୍ ହରାଇ ୬୬ ରନ୍ ସଂଗ୍ରହ କରିଥିବା ବେଳେ ଜବାବରେ କଳାପଥର ୫ ଉଇକେଟ୍ ହରାଇ ୬୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ତୃତୀୟ ଫର୍ମାଟରେ ନିର୍ଦ୍ଧାରିତ ୧ ଓଭରରେ ସୁବଳୟା ୨ ଉଇକେଟ୍ ହରାଇ ୨୨ ରନ ସଂଗ୍ରହ କରିଥିବା ବେଳେ ଜବାବରେ କଳାପଥର ଗୋଟିଏ ଉଇକେଟ୍ ହରାଇ ୨୧ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ତେବେ ସୁବଳୟା ଦଳ ତିନୋଟି ଫର୍ମାଟରୁ ୨ ଟି ଫର୍ମାଟରେ ବିଜୟୀ ହୋଇ ଚଳିତ ବର୍ଷର ଚାମ୍ପିଅନ୍ ହୋଇଛି। ଆଜିର ମ୍ୟାଚକୁ ଅମ୍ପାୟାର ହେମନ୍ତ ବାଘ ଏବଂ ଅରୁଣ ମହାକୁଡ଼ ପରିଚାଳନା କରିଥିବାବେଳେ ବିନୋଦ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିଲେ। ଆଜିର ମେନ ଅଫ ଦି ମେଚ ପୁରସ୍କାର ସୁବଳୟା ଦଳର ଧରଣୀଧର ପାତ୍ର (ଇଲୁ) ଙ୍କୁ ମିଳିଥିବା ବେଳେ ମେନ ଅଫ ଦି ସିରିଜ ସୁବଳୟା ଦଳର ଶ୍ରୀକାନ୍ତ ନାଏକଙ୍କୁ ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର ମହାଲିକ, ଶିକ୍ଷକ ମନରଞ୍ଜନ ବାଘ, ଅବସରପ୍ରାପ୍ତ ଅଧକ୍ଷ ଭୋଳାନାଥ କର୍ମୀ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ପୂର୍ବତନ ସରପଞ୍ଚ ସୋରଜ ବାରିକ, ସୁବଳୟା ଥାନା ଅଧିକାରୀ ସୁଶାନ୍ତ କୁମାର ପଧାନ, ସମାଜସେବୀ ଶ୍ରୀକାନ୍ତ କର୍ମୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜେତା ଏବଂ ଉପବିଜେତା ଦଳକୁ ଟ୍ରଫି ଏବଂ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ।

## ୨୯ତମ ସର୍ବଭାରତୀୟ ଲୁତୁରପଙ୍କ କ୍ରିକେଟ କପ୍

## ସେମିରେ ଏନ୍‌ଏନ୍‌ଏସ୍ ପ୍ରୟାଗରାଜ

ବୀରମହାରାଜପୁର, ୨୩।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଲୁତୁରପଙ୍କ ସ୍ଥିତ ହାଇସ୍କୁଲ ପଡ଼ିଆରେ ଜୟ ଜଗନ୍ନାଥ ସ୍ପୋର୍ଟସ କ୍ଲବ୍ ଆନୁକୂଲ୍ୟରେ ହେଉଥିବା ୨୯ତମ ସର୍ବ ଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ତୃତୀୟ ଦିବସରେ ବିଶ୍ୱ ଭାରତୀ କଟକକୁ ହରାଇ ଏନଏନଏସ ପ୍ରୟାଗରାଜ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି।




ମ୍ୟାଚ୍‌ଟି ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟ ଟି-୨୦ ଓ ଦ୍ୱିତୀୟ ଫର୍ମାଟ ଟି-୧୦ ଫର୍ମାଟରେ ହୋଇଥିଲା। କଟକ ବିଶ୍ୱଭାରତୀ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ପ୍ରଥମ ଫର୍ମାଟରେ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୨୧ ରନ କରିଥିଲା। ଦଳର ସମ୍ବିତ କୁମାର ସାହୁ ୨୮ ରନ ଓ ବିନାୟକ ସ ୧୯ ରନ କରିଥିଲେ। ବିପକ୍ଷ ପ୍ରୟାଗରାଜର ଅନୁରାଗ ସିଂ ୩ ଟି, ଅଖିଳେଶ ଯାଦବ ଓ ଏମଡି ଉମର ପ୍ରତ୍ୟେକ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ପ୍ରୟାଗରାଜ ୧୩.୧ ଓଭରରେ ୬ ଉଇକେଟ ହରାଇ ୧୨୨ ରନ କରିଥିଲା। ଦଳର ଶୁଭମ ଶୁକ୍ଲା ୧୮ ବଲରୁ ୩୨ ରନ ଓ ଦୀପଙ୍କର ସିଂ ୧୨ ବଲରୁ ୩୦ ରନ କରିଥିଲେ। ବିପକ୍ଷ କଟକର ଚନ୍ଦ୍ରଚୁଡ଼ ପୁରୋହିତ ୩ଟି ଓ ସିଏସ୍ କାନୁନଗୋ ୨ ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ଫର୍ମାଟରେ କଟକ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୭୮ ରନ୍ କରିଥିଲା। ଦଳର ବିନୟ ସ ୩୯ ରନ୍ କରିଥିଲେ। ବିପକ୍ଷ ଅଖିଳେଶ ଯାଦବ ୨ ଟି ଉଇକେଟ ନେଇଥିଲେ। ଜବାବରେ ପ୍ରୟାଗରାଜ ୪.୪ ଓଭରରେ କୌଣସି ଉଇକେଟ ନ ହରାଇ ୭୯ରନ କରିଥିଲା। ଦଳର ଆଶିଷ ରତ୍ନମ୍ ୨୩ ଟି ବଲ ଖେଳି ୭୪ ରନ କରିଥିଲେ। ଉଭୟ ଫର୍ମାଟରେ ବିଜୟୀ ହୋଇ ପ୍ରୟାଗରାଜ ମ୍ୟାଚରେ ବିଜୟୀ ହୋଇଥିଲା। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ସହକାରୀ ବନ ସଂରକ୍ଷକ ତଥା ଅତିରିକ୍ତ ରେଞ୍ଜ ଦାୟିତ୍ୱରେ ଥିବା ରେଞ୍ଜ ଅଧିକାରୀ ଅବିନାଶ ବରିହା ମୁଖ୍ୟଅତିଥି ଏବଂ ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ଖଣ୍ଡହତା ଇନ୍ଦିରାଗାନ୍ଧୀ ହାଇସ୍କୁଲର ଶିକ୍ଷକ ରଣଜିତ ମିଶ୍ର, ନାଇସେଟ୍ ଏକାଡେମୀ ର ଅଧକ୍ଷ ରମଣ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପୀନାଥ ମହାକୁର, ନାକଟି ହାଇସ୍କୁଲ ର ଶିକ୍ଷକ କାଳାଚାନ୍ଦ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରୟାଗରାଜର ଆଶିଷ ରତ୍ନମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ। ମ୍ୟାଚଟିକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ବିଶ୍ୱଜିତ ପୁରୋହିତ ଓ ଡି.ରଜନୀକାନ୍ତ ରେଡ୍ଡୀ ପରିଚାଳନା କରିଥିବାବେଳେ ମାନସ ରଞ୍ଜନ ମହାକୁର ସ୍କୋରିଙ୍ଗ, ଚମାରୁ ମହାକୁର ଅନଲାଇନ ସ୍କୋରିଙ୍ଗ ଏବଂ ମ୍ୟାକ୍ ମିଳନ ମହାକୁର ଓ ପୀତାମ୍ବର ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧବାର ଦିନ ଏନଏନଏସ ପ୍ରୟାଗରାଜ ଓ ଏସଡିସିଏ ସୋନପୁର ମଧ୍ୟରେ ପ୍ରଥମ ସେମିଫେନାଲ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ଜଣାପଡ଼ିଛି।

## ୯ ଦାଦନ ଶ୍ରମିକ ସହ ୬ ନାବାଳକ ଉଦ୍ଧାର



କଣ୍ଟାବାଞ୍ଜି, ୨୩।୧୨(ସମିସ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ପୁଲିସ ମଙ୍ଗଳବାର ୪ଜଣ ପୁରୁଷ, ୫ ଜଣ ମହିଳା, ୨ ଶିଶୁ ସହ ୫ନାବାଳିକା ଏପରି ମୋଟ ୧୬ ଜଣଙ୍କୁ ଉଦ୍ଧାର କରିଛି। ତୁରେକେଲା ଥାନା ଧୁସାମୁଣ୍ଡା ଗ୍ରାମର ସର୍ଦ୍ଦାର ସୁଜନ ଘିଭେଲା ବରଗଡ଼ ଜିଲ୍ଲାର ପାଇକମାଳ ଅଞ୍ଚଳରୁ ଏମାନଙ୍କୁ ଚାଲାଣ କରୁଥିବା ପୁଲିସ ସୂଚନା ଦେଇଛି। ଏକ ମାମଲା ରୁଜୁ କରି ସୁଜନକୁ କଣ୍ଟାବାଞ୍ଜି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଗୋପାଳ ଚନ୍ଦ୍ର କର୍ଣ୍ଣ ପ୍ରକାଶ କରିଛନ୍ତି।

## ମାନସିକ ସ୍ୱାସ୍ଥ୍ୟ ସ୍କ୍ରିନିଂ କ୍ୟାମ୍ପ୍




ତରଭା, ୨୩।୧୨(ସମିସ): ତରଭା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ମାନସିକ ସ୍ୱାସ୍ଥ୍ୟ ସ୍କ୍ରିନିଂ କ୍ୟାମ୍ପ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ଏହି କ୍ୟାମ୍ପରେ କଳାହାଣ୍ଡି ମେଡିକାଲ କଲେଜର ମାନସିକ ରୋଗ ବିଶେଷଜ୍ଞ ଡା. ଚେତୁରାମ ମେହେର ଯୋଗଦେଇଥିବା ବେଳେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ ବିଭାଗ ସୋନପୁରର ଡା. ତ୍ରିବିକ୍ରମ ପାଣ୍ଡିଆ, ଅନୁପ ରଞ୍ଜନ ଦାଶ, ଟିକାରାମ ପଟେଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଭାର ଅଧିକ୍ଷକ ଡାକ୍ତର ସୁଶାନ୍ତ ପଟେଲ, ଅନିତା ଚାନ୍ଦ ଉପସ୍ଥିତ ଥିଲେ। ଏହି କ୍ୟାମ୍ପରେ ୧୦୯ ଜଣ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କର ଚିକିତ୍ସା କରାଯିବା ସହିତ ୩୦ ଜଣ ମାନସିକ ଅସୁସ୍ଥ ବ୍ୟକ୍ତିଙ୍କୁ ପ୍ରମାଣ ପତ୍ର ପ୍ରଦାନ ସହ ଆବଶ୍ୟକ ଶାରୀରିକ ଯାଞ୍ଚ କରାଯାଇ ମାଗଣାରେ ଔଷଧ ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସୋନପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର କର୍ମଚାରୀ ଓ ସ୍ୱେଚ୍ଛାସେବୀମାନଙ୍କ ସହ ଆଶା କର୍ମୀମାନେ ସହଯୋଗ କରିଥିଲେ।

## ଡୁଙ୍ଗୁରିପାଲିରେ ଶୂଳିଆ ଯାତ୍ରା

ଡୁଙ୍ଗୁରିପାଲି, ୨୩।୧୨(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ରାମପୁର ରୋଡ ଶୂଳିଆ ପୀଠରେ ଯାକ ଜମକରେ ଶୂଳିଆ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା କନ୍ଧ ଆଦିବାସୀଙ୍କ ମୁଖ୍ୟ ପର୍ବ। ଡୁଙ୍ଗୁରିପାଲିରେ କେଉଁ ଆବହନ କାଳରୁ ଚାଲି ଆସୁଛି ଏହି ଯାତ୍ରା। ଗାଁରୁ ବରୁଆ ବାହାରି



ଶୂଳିଆ ପୀଠରେ ପହଞ୍ଚି ପୂଜା ଅର୍ଚ୍ଚନା କରିଥିଲେ। ଏହି ଶୂଳିଆ ବୁଢ଼ା ପାଖରେ ଯିଏ ଯାହା ମାନସିକ କରିଥାଏ ତାହା ପୂରଣ ହୋଇଥାଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ତେଣୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଏହି ଯାତ୍ରାରେ ରୁଣ୍ଡ ହୋଇଥାନ୍ତି। ଶ୍ରଦ୍ଧାଳୁମାନେ ଶୂଳିଆ ଦେବତାକୁ ଦର୍ଶନ କରି ନିଜ ନିଜର ମାନସିକ ପାଇଁ ଗୁହାରି କରିଥାନ୍ତି। ଏଥିସହ ମାନସିକଧାରୀମାନେ ପଶୁ ପକ୍ଷୀ ଆଦି ଶୂଳିଆ ବୁଢ଼ା ପାଖରେ ଅର୍ପଣ କରିଥାନ୍ତି। ପୂଜା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

## ନାଗସାପ ପାଇଁ ଅଧଘଣ୍ଟା ଟ୍ରାଫିକ୍ ଜାମ୍

ତରଭା, ୨୩।୧୨(ସମିସ): ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥ ବଲାଙ୍ଗୀରରୁ ୨୭ କିମି ଦୂର ଶୁକତେଲ ପୋଲ ଉପରେ ଗୋଟିଏ ନାଗସାପ ଯୋଗୁଁ ମଙ୍ଗଳବାର ସନ୍ଧ୍ୟା ୬ଟା ୪୫ରୁ ୭ଟା ୧୫ ପର୍ଯ୍ୟନ୍ତ ଟ୍ରାଫିକ୍ ଜାମ୍ ଦେଖିବାକୁ ମିଳିଥିଲା। ଫଳରେ ଅଧଘଣ୍ଟା ଉକ୍ତ ରାସ୍ତାରେ



ଯାନବାହନ ଚଳାଚଳ ଠପ୍ ହୋଇଯାଇଥିଲା। ପରେ ଜଣେ ବ୍ୟକ୍ତି ଗୋଟିଏ ବାଡ଼ି ସାହାଯ୍ୟରେ ସାପକୁ ଉଠାଇ ନଦୀ ଭିତରକୁ ଫିଙ୍ଗି ଦେବାପରେ ଗମନାଗମନ ସ୍ୱାଭାବିକ ହୋଇଥିଲା। ନାଗସାପ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଛିଡା ହୋଇ ରହିଥିଲା।

● ଡାକ୍ତର ଓ ଷ୍ଟାଫ୍‌ଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ

## କେସିଙ୍ଗା ମେଡିକାଲ ସମ୍ମୁଖରେ କଂଗ୍ରେସର ଧାରଣା




କେସିଙ୍ଗା, ୨୩।୧୨(ସମିସ): ଧାରଣା ଆନ୍ଦୋଳନ ମେଡିକାଲ ର ଅବ୍ୟବସ୍ଥା ଡାକ୍ତର ଓ ଷ୍ଟାଫ୍ ମାନଙ୍କ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର ସମୟରେ ମେଡିକାଲ ନ ଆସି ଘରେ କିମ୍ବା କ୍ଲିନିକ୍‌ରେ ରୋଗୀ ଦେଖା ରୋଗୀ ସେବା ବିପର୍ଯ୍ୟସ୍ତକୁ ନେଇ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି ।ସୋମବାର କେସିଙ୍ଗା ମେଡିକାଲର ସମସ୍ତ ଡାକ୍ତରଙ୍କ ସମେତ ସମସ୍ତ କର୍ମଚାରୀ ନିଜର ସୁରକ୍ଷା ପାଇଁ ସକାଳୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ଧାରଣାରେ ବସି ରୋଗୀସେବା ଠପ୍ କରିଥିଲେ। ମଙ୍ଗଳବାର ଦିନ କେସିଙ୍ଗା ନଗର କଂଗ୍ରେସ ପକ୍ଷରୁ ଟାଉନ ସଭାପତି ସୁଭାଷ ଜୈନଙ୍କ ନେତୃତ୍ୱରେ କେସିଙ୍ଗା ମେଡିକାଲର ମୁଖ୍ୟଗେଟ୍ ଆଗରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ କରାଯାଇ ଧାରଣାରେ ବସିଥିଲେ ।ମେଡିକାଲରେ ଅବ୍ୟବସ୍ଥା ଓ ମେଡିକାଲର ମୁଖ୍ୟ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟଙ୍କୁ ଦୁର୍ବ୍ୟବହାର, ସଠିକ୍ ସମୟରେ ମେଡିକାଲ ନ ଆସି ମନଇଛା ଡେରିରେ ମେଡିକାଲକୁ ଆସିବା, କିଛି ଦିନ ତଳେ ଜଣେ ପ୍ରସବ ମହିଳା ଓ ତାଙ୍କ ନବଜାତ ଶିଶୁପୁତ୍ରର ଉପଯୁକ୍ତ ଚିକିତ୍ସା ନ ପାଇ ମୃତ୍ୟୁ ହୋଇଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। କେସିଙ୍ଗା ମେଡିକାଲର ମୁଖ୍ୟ ତଥା ପ୍ରସୂତି ବିଶେଷଜ୍ଞ ଡାକ୍ତରଙ୍କ ଅନ୍ୟତ୍ର ବଦଳି ସହିତ ଆଉ ଜଣେ ନୂତନ ଅଭିଜ୍ଞ ପ୍ରସୂତି ବିଶେଷଜ୍ଞ ଡାକ୍ତର ଦେବା ପାଇଁ ଅଡି ବସିଛନ୍ତି। ସୋମବାର ମେଡିକାଲ୍ ଷ୍ଟାଫ ଧାରଣାରେ ବସିଥିଲେ ବୋଲି ଜିଲ୍ଲା ଚିକିତ୍ସା ଅଧିକାରୀ କେସିଙ୍ଗା ଆସି ଧାରଣାକୁ ଭଙ୍ଗ କରି ନିଜ କର୍ତ୍ତବ୍ୟ କରିବା ପାଇଁ ଷ୍ଟାଫମାନଙ୍କୁ ଅନୁରୋଧ କରିଥିଲେ। ହେଲେ ଜିଲ୍ଲା ସ୍ୱାସ୍ଥ୍ୟ ମୁଖିଆ କେବେ ନିର୍ଦ୍ଦିଷ୍ଟ ଦାବି ଧରି ଧାରଣା ଦେଇ ଥିବା କଂଗ୍ରେସ କର୍ମୀମାନଙ୍କୁ ଡାକ୍ତର ମାନଙ୍କ ମାନମାନି ବନ୍ଦ କରି ଜନସାଧାରଣଙ୍କ ସେବାରେ ନିଜକୁ ଉତ୍ସର୍ଗିକୃତ କରିବେ ବୋଲି କଥା ଦେବେ ଦେଖିବାକୁ ବାକି ରହିଲା। ପରେ ଅପରାହ୍ନ ୪ ଘଣ୍ଟା ସମୟରେ ପାଷ୍ଟିକୁଡିରୁ ବିପିଏଚଓ ଡାକ୍ତର ଅଭିନାସ ପ୍ରଧାନ ଆସି ଧାରଣାରେ ବସି ଥିବା କଂଗ୍ରେସ କର୍ମୀଙ୍କ ଠାରୁ ଦାବିପତ୍ର ଗ୍ରହଣ କରି ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଜଣାଇବା ପାଇଁ କଥା ଦେଇ ଧାରଣା ସମାପ୍ତ କରିବା ପାଇଁ କଂଗ୍ରେସ କର୍ମୀଙ୍କୁ ଅନୁରୋଧ କରିଥିଲେ। ଶେଷରେ କଂଗ୍ରେସ କର୍ମୀ ଧାରଣା ଅନିର୍ଦ୍ଦିଷ୍ଟ କାଳ ପାଇଁ ସମାପ୍ତ କରିଥିଲେ ।ଧାରଣାରେ ବରିଷ୍ଠ କଂଗ୍ରେସ ନେତା ମହେନ୍ଦ୍ର ନିଆଲ, ଯୁବ ନେତା ବିଜୟ ଦୀପ, ବ୍ଲକ ସଭାପତି ରାହାସ ସାହୁ, ରାମଜୀ ମତଖଣ୍ଡିଆ, ରାମଲାଲ ସୁନାନୀ, ଯୁବ ସଂଗଠକ ସୁରେଶ ରାଓ, ରୋହିତ ଜୈନଙ୍କ ସମେତ ଅନେକ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।

## ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା

# ନାଟକ 'ଫେର୍ ସେ ଶ୍ରବଣ' ମଞ୍ଚସ୍ଥ





ଭବାନୀପାଟଣା, ୨୩।୧୨ (ସମିସ)

ସ୍ମାରକୀ ନାଟ୍ୟ ସଂସ୍ଥା ତରଫରୁ ସ୍ଥାନୀୟ ଟାଉନ୍ ହଲ୍‌ରେ ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଦ୍ୱିତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଭାସ ଚନ୍ଦ୍ର ମିଶ୍ର, ଉପକୁଳପତି କଳାହାଣ୍ଡି ବିଶ୍ୱବିଦ୍ୟାଳୟ ମେଜର ଡ. ଜୟଦେବ ସାହୁ, ବରିଷ୍ଠ ଅଭିନେତା ଅଶୋକ କୁମାର ପାତ୍ର, ପୂର୍ବତନ ବିଧାୟକ ଅନାମ ନାଏକ ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମର ସଭାପତିତ୍ୱ କରିଥିଲେ ସ୍ମାରକୀ ନାଟ୍ୟ ସଂସ୍ଥାର ସଭାପତି ପ୍ରବୋଧ ରଥ। ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ହୋଇଥିଲା ନାଟକ 'ଫେର୍ ସେ ଶ୍ରବଣ'। ଫେର୍ ସେ ଶ୍ରବଣ ଏକ ଚିନ୍ତାପ୍ରବଣ ନାଟକ ଯାହା ବୃଦ୍ଧାବସ୍ଥାରେ ପିତାମାତାଙ୍କ ପ୍ରତି କର୍ତ୍ତବ୍ୟର ଆଧୁନିକ, ଭୌତିକବାଦୀ ବୁଝାମଣାକୁନେଇ ସୃଷ୍ଟି କରିଛି ଅନେକ ପ୍ରଶ୍ନ। ଆଜିର ଏ ଦୌଡ଼ରେ ପିଲାମାନେ ବିଶ୍ୱାସ କରନ୍ତି ଯେ ସେମାନଙ୍କର ଦାୟିତ୍ୱ ଆର୍ଥିକ ସହାୟତା, ଉପହାର କିମ୍ବା ସେମାନଙ୍କ ପିତାମାତାଙ୍କୁ ଯାତ୍ରାରେ ନେଇଯିବା ପର୍ଯ୍ୟନ୍ତ ଶେଷ ହୁଏ। ଭାବପ୍ରବଣ ଉପସ୍ଥିତି, ସମୟ ଏବଂପ୍ରକୃତ ଯତ୍ନ ଧୀରେ ଧୀରେ ସେମାନଙ୍କର ପ୍ରାଥମିକତାରୁ ଉଭାନ ହୋଇଯାଏ।ନାଟକଟି ବୃଦ୍ଧ ପିତାମାତାଙ୍କ ନୀରବ ଯନ୍ତ୍ରଣାକୁ ଉଜାଗର କରିଛି। ଅଦୃଶ୍ୟ ନାଟ୍ୟ ଆଶ୍ରମ ସମ୍ବଲପୁର ଦ୍ୱାରା ପରିବେଷିତ ସମ୍ବଲପୁରୀ ନାଟକକୁ ରଚନା ଏବଂ ନିର୍ଦ୍ଦେଶନା ଦେଇଥିଲେ ଯୁବ ନିର୍ଦ୍ଦେଶକ ଡ.ଅତିଶ କୁମାର ଶତପଥୀ। ନରେନ୍ଦ୍ର ବେହେରା, ପଙ୍କଜିନୀ ମେହେର, ସୁମିତ୍ରା ମହାକୁର, ରାହୁଲ ଗୁପ୍ତା, ସାହିଲ ନାୟକ, ଗଗନ, ସୀମା ଏବଂ ଡ଼.ଅତୀଶ କୁମାର ଶତପଥି ଅଭିନୟ କରିଥିବା ବେଳେ ଆଲୋକ ସଞ୍ଚାଳନ କରିଥିଲେ ପ୍ଲାବନ ମିଶ୍ର। ସଙ୍ଗୀତରେ ସହାୟତା କରିଥିଲେ ଗିରିଜା ଶଙ୍କର ମିଶ୍ର, ରମାଶିଷ ତ୍ରିପାଠୀ, ସଂକେତ ପୁରୋହିତ ଓ ସାହିଲ ନାୟକ ଏବଂ ମଞ୍ଚସଜ୍ଜା କରିଥିଲେ ହିମାଂଶୁ ପ୍ରଧାନ ଓ ରାହୁଲ ଗୁପ୍ତା। ନାଟକଟି ବେଶ୍ ହୃଦୟସ୍ପର୍ଶୀ ହେବାସହ କଳାକାରଙ୍କ ଅଭିନୟ ଶେଷଯାଏଁ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଟାଉନ୍ ହଲରେ ଦର୍ଶକଙ୍କ ଭିଡ ଏବଂ କରତାଳି ଅଭିନେତାଙ୍କୁ ଆହୁରି ଉତ୍ସାହିତ କରିଥିଲା। ଆଜିର କାର୍ଯ୍ୟକ୍ରମରେ ଆକାଶବାଣୀ ଉପସ୍ଥାପକ ଆଲୋକ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଶୁଭେନ୍ଦୁ ମହାପାତ୍ର, ଦେବୀ ପ୍ରସାଦ ରଥ, ଅବିନାଶ ଅଗସ୍ତି, ସୌରଭ ମହାପାତ୍ର, ଆଶୁତୋଷ ପୁରୋହିତ, ଆଲୋକ ସାହୁ, ଶୁଭମ ବେହେରା, ଶିବଶକ୍ତି ପୁରୋହିତ, ଦୀପ୍ତିମୟୀ ସିଂ, ଅମରେନ୍ଦ୍ର ମହାନ୍ତି, ଆର୍‌ଯ୍ୟା ନାୟକ, ପୁଷ୍ପାଞ୍ଜଳି ଦୀପ, ଲିପ୍ସା ମହାରଣା, ଲିପ୍ସାରାଣୀ ବାରିକ, ଅନିଲ ବୈଠାରୁ, ସୁଶୀଲ ଆଚାର୍ଯ୍ୟ, ଗୋପିଧର ନାୟର, ରାଜେଶ ଦାଶ, ହେମନ୍ତ ଦଣ୍ଡସେନା ପ୍ରମୁଖ ସହାୟତା କରିଥିଲେ।

# ଟୋକନ ସମସ୍ୟା ନେଇ କୃଷକ ସଂଘ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ଦେବଗଡ଼, ୨୩।୧୨(ସମିସ): ଧାନ ବିକ୍ରୟ ନିମନ୍ତେ ଚାଷୀଙ୍କ ନାମ ପଞ୍ଜୀକରଣ ପୂର୍ବରୁ ଉପଯୁକ୍ତ ସୂଚନା ପ୍ରଦାନ କରାଯାଇ ନାହିଁ। ଫଳରେ ଦେବଗଡ଼ ଜିଲ୍ଲାର ଚାଷୀ ପତିତ ଏବଂ ଗୋଡା ଜମିରୁ ଉତ୍ପାଦିତ ଧାନ ବିକ୍ରି କରିପାରିବେ ନାହିଁ ବୋଲି ଜାଣି ପାରି ନଥିଲେ। ତେବେ ଟୋକନ ଆସିବା ସମୟରେ ପତିତ ଏବଂ ଗୋଡା ଜମିରୁ ଉତ୍ପାଦିତ ଧାନ ବିକ୍ରୟ ନିମନ୍ତେ ଟୋକନ ଅସି ନଥିଲା। ଚାଷୀ ଏହା ଜାଣିବାପରେ ସେମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଏହାଦ୍ୱାରା ମୁଖ୍ୟତଃ ନଦୀବନ୍ଧ ଯୋଜନାରେ ବାସଚ୍ୟୁତ ଲିଜ ପଟ୍ଟାଧାରୀ ପରିବାର ଗୁଡିକ ପତିତ ଏବଂ ଗୋଡା ଜମିରୁ ଉତ୍ପାଦିତ ଧାନ ବିକ୍ରୟ କ୍ଷେତ୍ରରେ ବିଶେଷ ଅସୁବିଧାର ସମ୍ମୁଖୀନ ହେବାର ଅଶଙ୍କା ଦେଖାଦେଇଛି। ଏଣୁ ଏହାର ପୁନଃବିଚାର କରି ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉକ୍ତ ଧାନ ବିକ୍ରୟ ନିମନ୍ତେ ଟୋକନ ପ୍ରଦାନ କରିବା ପାଇଁ ଜିଲ୍ଲା କୃଷକ ସଂଘ ପକ୍ଷରୁ ଦାବି କରାଯାଇଛି। ସେହିପରି ତ୍ରୁଟିପୂର୍ଣ୍ଣ ହାଇଟେକ ସର୍ଭେ ଯୋଗୁଁ ସାଟେଲାଇଟ ଯୋଗେ ପ୍ଲଟ ଗୁଡିକୁ ସର୍ଭେ କରିବା ସସମୟରେ ପ୍ଲଟ ଗୁଡିକ ଅନ୍ୟତ୍ର ଦର୍ଶାଯାଉଛି। ଫଳରେ ଜିଲ୍ଲାର ବହୁ ଚାଷୀଙ୍କର ଟୋକନ ଆସିନାହିଁ। ଏହି ସମସ୍ୟା ଗୁଡ଼ିକର ସମାଧାନ ପୂର୍ବକ ଧାନ ବିକ୍ରି ନିମନ୍ତେ ଚାଷୀଙ୍କୁ ଟୋକନ ପ୍ରଦାନ ଏବଂ ଦେବଗଡ଼ ଜିଲ୍ଲାରେ ମଣ୍ଡି ମାଧ୍ୟମରେ ଧାନ କ୍ରୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯିବା ପାଇଁ ଜିଲ୍ଲା କୃଷକ ସଂଘ ପକ୍ଷରୁ ଦେବଗଡ଼ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି। ଆଜି ଜିଲ୍ଲା କୃଷକ ସଂଘର ସଭାପତି ପ୍ରମୋଦ ଝାଙ୍କର, ସମ୍ପାଦକ ସୁରେଶ ଚନ୍ଦ୍ର ଦେହୁରୀ ଓ ଉପଦେଷ୍ଟା ନିଭୃତି ଗଙ୍ଗଦେବଙ୍କ ନେତୃତ୍ୱରେ କୃଷକ ନେତା ପବିତ୍ର ମୋହନ ପ୍ରଧାନ, ଅରୁଣ ସାହୁ ନିରଞ୍ଜନ ବେହେରା, ଗଙ୍ଗାଧର ପ୍ରଧାନ, ଗଣେଶ ପ୍ରସାଦ ନାୟକ, ଭୁପେନ୍ଦ୍ର ପ୍ରସାଦ ନାୟକ, ସନ୍ତୋଷ ପ୍ରଧାନ, ସୁଶାନ୍ତ ସାହୁ, ହୀରାଧର ସାହୁ, ଭାଗିରଥୀ କାଲୋ ଓ ସୀମାଞ୍ଚଳ ଦ୍ୱିବେଦୀ ପ୍ରମୁଖ ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏନେଇ ଦାବିପତ୍ର ପ୍ରଦାନ କରିଥିଲେ।



## ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା

# ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଘୋଷଣା ପରେ ବି କାର୍ଯ୍ୟକାରୀ ହେଉନି ପିଏଚ୍‌ସି

ଦେବଗଡ଼, ୨୩।୧୨(ସମିସ)

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଦାବିରେ ଜିଲ୍ଲା ଯୁବ ଓ ମହିଳା ଏକତା ମଞ୍ଚ ପକ୍ଷରୁ ଦୀର୍ଘ ଦିନ ଧରି ଦାବି ଓ ଆନ୍ଦୋଳନ ହୋଇ ଆସୁଛି। ୨୨ ତାରିଖ ଠାରୁ ଅର୍ବାନ ପିଏଚସି ଭାବେ କାର୍ଯ୍ୟକାରୀ ହୋଇଥିବା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଗତ ଶନିବାର ଘୋଷଣା କରିଥିଲେ। ଘୋଷଣା ପରେ ଗତକାଲି ମଞ୍ଚର ବହୁ ସଦସ୍ୟ ସନ୍ଧ୍ୟା ୫.୩୦ରେ ଅନୁଧ୍ୟାନ ପାଇଁ ଯାଇଥିବା ବେଳେ ମେଡିକାଲ ବନ୍ଦ ଥିବା ଦେଖିବାକୁ ପାଇଥିଲେ। ମେଡିକାଲ କାହିଁକି ବନ୍ଦ ଅଛି ବୋଲି ଜଗୁଆଳି ଓ କର୍ମଚାରୀଙ୍କୁ ପ୍ରଶ୍ନ କରିବାରୁ ସେମାନେ କିଛି ଉତ୍ତର ଦେଇ ନଥିଲେ। କିନ୍ତୁ କିଛି ସମୟ ପରେ ମେଡିକାଲ ପଛପଟୁ ଜଣେ ଡାକ୍ତର ଆସି ଉତ୍ତେଜିତ ହୋଇ ତମେ ମାନେ କିଏ ଏଠାକୁ କାହିଁକି ଆସିଛ ବୋଲି ପ୍ରଶ୍ନ କରି ଚିକିତ୍ସାଳୟରୁ ତୁରନ୍ତ ଚାଲିଯିବାକୁ କହିଥିଲେ। ଫଳରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ଆଜି ସନ୍ଧ୍ୟାରେ ମଞ୍ଚର ଡାକରାରେ ଉଭୟ ମଞ୍ଚ ସମେତ ବହୁ ଜନ ସାଧାରଣ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ସ୍ଥାନୀୟ ଗୋପାଳଜୀଉ ମନ୍ଦିରରେ ଏକତ୍ରିତ ହୋଇ ପ୍ରଶାସନ ଦେବଗଡ଼ ବାସୀଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ କରିଥିଲେ। ଏଥିସହ ଆସନ୍ତାକାଲି ବିଧାନସଭାର ଏକ କମିଟି ଦେବଗଡ଼ ଜିଲ୍ଲା ଗସ୍ତ କରିବାକୁ ଥିବା ବେଳେ କମିଟି ନିକଟରେ ମଞ୍ଚ ଜିଲ୍ଲାବାସୀଙ୍କ ସ୍ୱାର୍ଥରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ପ୍ରସଙ୍ଗରେ ଦାବି ଉଠାଇବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି।



**ବିଧାନସଭା ଷ୍ଟାଣ୍ଡିଂ କମିଟିର ଦୃଷ୍ଟି ଆକର୍ଷଣ ପାଇଁ ନିଷ୍ପତ୍ତି**

## ସୁନା ଦୋକାନରୁ ଚୋରି; ୨ ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା, ୨୩।୧୨(ସମିସ): ସୁନା ଅଳଙ୍କାର ଦୋକାନରୁ ଚୋରି ଘଟଣାରେ ଦୁଇ ଜଣ ଅଭିଯୁକ୍ତଙ୍କୁ ୬ ଘଣ୍ଟା ମଧ୍ୟରେ ବ୍ରଜରାଜନଗର ପୁଲିସ ଗିରଫ କରିଛି। ବ୍ରଜରାଜନଗରର ମୁଖ୍ୟ ମାର୍କେଟ ରାଜ କମ୍ପ୍ଲେକ୍ସ ଠାରେ ପ୍ରଶାନ୍ତ କଛରିଆଙ୍କ ଏକ ଅଳଙ୍କାର ଦୋକାନ ରହିଛି। ୨୨ ତାରିଖ ସକାଳେ ଜଣେ ଝିଅ ଆସି କାନଫୁଲ ଦେଖାଇବାକୁ କହିଥିଲେ। ଦୋକାନର ସେଲ୍ସ ଗାର୍ଲ ତାଙ୍କୁ ସୁନା କାନଫୁଲ ଓ ସୁନା ଲକେଟ ଦେଖାଇଥିଲେ। ଏହି ସମୟରେ ଅତି ଚତୁରତାର ସହିତ ଅଭିଯୁକ୍ତ ଝିଅ ଜଣକ ଏକ ସୁନା ଲକେଟ ଚୋରି କରିନେଇଥିଲେ। ସନ୍ଦେହ ହେବାରୁ ସିସିଟିଭି ଫୁଟେଜ ଯାଞ୍ଚ କରାହୋଇଥିଲା। ବିକ୍ରେତାଙ୍କୁ ଠକି ଅତି ଚତୁରତାର ସହିତ ସୁନା ଲକେଟ ଲୁଟ କରିଥିବା ନେଇ ଏଥିରୁ ଜଣାପଡ଼ିଥିଲା। ଝିଅ ଜଣକ ସୁନା ଲକେଟ ଚୋରି କରିବା ପରେ ଜଣେ ଯୁବକଙ୍କ ସହିତ ଏକ ପଲସର ବାଇକରେ ଘଟଣାସ୍ଥଳରୁ ଫେରାର ହୋଇଥିଲା। ଏହାକୁ ନେଇ ଅଳଙ୍କାର ଦୋକାନ ମାଲିକ ପ୍ରଶାନ୍ତ କଛରିଆ ବ୍ରଜରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚୋରିକୁ ନେଇ ବ୍ରଜରାଜନଗର ଥାନା ପୁଲିସ ମାମଲା ରୁଜୁ କରି ଝାରସୁଗୁଡ଼ା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସିସିଟିଭି ଫୁଟେଜ ଆଦି ଯାଞ୍ଚ କରିଥିଲା। ଦୁଇ ଅଭିଯୁକ୍ତଙ୍କୁ ୬ ଘଣ୍ଟା ମଧ୍ୟରେ ଗିରଫ କରିବାରେ ସଫଳ ହୋଇଥିବା ନେଇ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ମହିଳା ଝାରସୁଗୁଡ଼ା ଟାଉନ ଥାନା ମଙ୍ଗଳବଜାରର ରାଣୀ କଲେତ (୩୦) ଓ ଯୁବକ ବିର କଲେତ(୧୯)କୁ ଟାଉନ ପୁଲିସ ସହାୟତାରେ ଗିରଫ କରାଯାଇଛି। ଏହାସହ ଚୋରି ୬.୩୭୦ ଗ୍ରାମ ସୁନା ଲକେଟ ଏବଂ ଏକ ପଲସର ବାଇକକୁ ଜବତ କରିଥିବା ନେଇ ବ୍ରଜରାଜନଗର ପୁଲିସ ତରଫରୁ ସୂଚନା ଦିଆଯାଇଛି।

## ବନ୍ଧବାହାଲ ଧନୁଯାତ୍ରା ଶୁଭସ୍ତମ୍ଭ ସ୍ଥାପନ

ଇବଥର୍ମାଲ, ୨୩।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଥିବା ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ସକାଶେ ମଙ୍ଗଳବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଆଜି ସକାଳେ ଯାତ୍ରା କମିଟି ସଦସ୍ୟ ତଥା ଗ୍ରାମବାସୀ ପ୍ରଥମେ ଗ୍ରାମର ଗୌନ୍ତିଆ ସଞ୍ଜୟ ସିଂହଙ୍କୁ ବରଣ କରିବାକୁ ଯାଇ ଏକ ଶୋଭାଯାତ୍ରାରେ ବନ୍ଧବାହାଲ ଗ୍ରାମଦେବତୀ(ଦେମୂଳ)କୁ ଯାଇଥିଲେ। ସେଠାରେ ପ୍ରଥମେ ଗ୍ରାମଦେବତୀଙ୍କୁ ରୀତିନୀତିରେ ପୂଜା କରାଯାଇଥିଲା। ପରେ ଗ୍ରାମଦେବତୀଙ୍କ ଆଜ୍ଞା ସ୍ୱରୂପ ଦୁଇଟି ବିଶାଳ ଝଣ୍ଡା (ଶୁଭସ୍ତମ୍ଭ)କୁ ସମସ୍ତେ ଦୁଲଦୁଲି ବାଜା ସହ ଏକ ଶୋଭାଯାତ୍ରାରେ ଆଣି ପ୍ରଥମେ ବନ୍ଧବାହାଲ ଗ୍ରାମ ସ୍ଥିତ ଯଜ୍ଞ ମଣ୍ଡପରେ (ଗୋପପୁର) ଗୋଟିଏ ସ୍ତମ୍ଭ ଓ କଂସ ମଣ୍ଡପ ସ୍ଥିତ ପେଣ୍ଡାଲ (ମଥୁରା ନଗରୀ) ନିକଟରେ ଗୋଟିଏ ସ୍ତମ୍ଭ ସ୍ଥାପନ କରାଯାଇଥିଲା। ଚଳିତ ୧୯ତମ ଧନୁଯାତ୍ରାରେ ଏଥର ବଲାଙ୍ଗିର ଲୁଇସିଂହାର ରବୀନ୍ଦ୍ର ସାହୁ କଂସ ହେଉଥିବା ବେଳେ ତାଙ୍କ ଦଳ ଆସନ୍ତା ଡିସେମ୍ବର ୨୮ରୁ ଜାନୁଆରୀ ୩ ତାରିଖ ପର୍ଯ୍ୟନ୍ତ ଅଭିନୟ କରିବ। ବନ୍ଧବାହାଲ ଗ୍ରାମ ଗୋପପୁର ହୋଇ ପ୍ରଭୁ କୃଷ୍ଣ ବଳରାମଙ୍କ ଲୀଳା ସମ୍ପନ୍ନ କରାଯିବା ସହ ଛତିଗଡ଼ ମହାସମୁନ୍ଦର ସଞ୍ଚାର ବାୟକ ଗଣପତି ଦାସ ଓ ଦଳ, ପଦ୍ମିନୀ ସୁନା ଓ ଦଳ ସଞ୍ଚାର ପରିବେଷଣ କରିବେ। କୃଷ୍ଣଗୁରୁ ସାଂସ୍କୃତିକ କାର୍ଯ୍ୟକ୍ରମ ରିଙ୍କି ବାଗଙ୍କ ମାଁ ଦୂର୍ଗା ଦଣ୍ଡନୃତ୍ୟ ଦଳ ଦଣ୍ଡନୃତ୍ୟ ମଧ୍ୟ କରିବା ସ୍ଥିର ହୋଇଛି। ସେହିପରି ବନ୍ଧବାହାଲ କୋଇଲା ନଗରୀ କଲୋନୀ ଅଞ୍ଚଳ ମଥୁରା ନଗରୀରେ ପ୍ରତ୍ୟେକ ଦିନ କଂସ ଦରବାରରେ ବଛା ବଛା ସାଂସ୍କୃତିକ ଦଳଙ୍କ ଦ୍ୱାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁ କହିଛନ୍ତି। ଆଜି ଗ୍ରାମଦେବତୀ ପୂଜନ ଓ ଶୁଭସ୍ତମ୍ଭ ସ୍ଥାପନର କର୍ତ୍ତା ଗୌନ୍ତିଆ ସଞ୍ଜୟ ସିଂହ ଥିବାବେଳେ ପୂଜକ ନରେନ୍ଦ୍ର ପୂଜାରୀ, ଝାଙ୍କର ଟଙ୍କଧର ନେଟି ପୂଜାକାର୍ଯ୍ୟ କରିଥିଲେ। ଧନୁଯାତ୍ରା କମିଟି ସଭାପତି ବେଣୁଧର ସିଂହ, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁ, କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା, କୋଷାଧ୍ୟକ୍ଷ ବିରଞ୍ଚି ପ୍ରଧାନ, ରବି ସିଂହ, ନନ୍ଦରାଜା ଯୋଗେଶ୍ୱର ପ୍ରଧାନ, ସୌକି ପଧାନ, ମହେନ୍ଦ୍ର କଣ୍ଟା, ବିଜୟ ପତି, ବିଜୟ ମୁଣ୍ଡା, ଜଗନ୍ନାଥ କୌଡ଼ି, ଭୀଷ୍ମଦେବ ପାତ୍ର, ପ୍ରଦୀପ କାଲୀ, କୃଷ୍ଣଚନ୍ଦ୍ର ପ୍ରଧାନ, ଅବଧୂତ ଭୋଇ ସମେତ ସମସ୍ତ କମିଟି ସଦସ୍ୟ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।

## ଝାରସୁଗୁଡ଼ା ଡିଏଭି ଛାତ୍ରଛାତ୍ରୀଙ୍କୁ ସଫଳତାର ମନ୍ତ୍ର ଦେଲେ ଆଇଏଏସ୍ ଅଧିକାରୀ

ଝାରସୁଗୁଡ଼ା, ୨୩।୧୨(ସମିସ): ଝାରସୁଗୁଡ଼ା ଡିଏଭିର ଛାତ୍ରଛାତ୍ରୀ ବ୍ୟାଗ ମୁକ୍ତ ଦିବସ ପାଳନ ଅବସରରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଶୈକ୍ଷିକ କ୍ଷେତ୍ର ଭ୍ରମଣରେ ଯାଇ ଜିଲ୍ଲାର ପ୍ରଶାସନିକ ଅଧିକାରୀମାନଙ୍କ ସହ ମୁକ୍ତ ଆଲୋଚନା କରିଛନ୍ତି। ୧୨ -୧୩ ବର୍ଷ ତଥା ମଧ୍ୟମ ବର୍ଗର ୧୬୦ ଜଣ ଛାତ୍ରଛାତ୍ରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଭିନ୍ନ ଭିନ୍ନ ବିଭାଗ ପରିଦର୍ଶନ କରିବା ସହିତ ବିଭିନ୍ନ ବିଭାଗର କାର୍ଯ୍ୟ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଡିଏଭି ଛାତ୍ରଛାତ୍ରୀ ଆଇଏଏସ ପ୍ରୋବେସନର ପ୍ରଜ୍ଞାନନ୍ଦନ ଗିରି, ଝାରସୁଗୁଡ଼ା ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ଓ ଝାରସୁଗୁଡ଼ା ତହସିଲଦାର ସଦାକର କୁମ୍ଭାରଙ୍କ ସହିତ ଜିଲ୍ଲା କାର୍ଯ୍ୟାଳୟ ଅଡ଼ିଟୋରିୟମରେ ସଫଳତାର ମନ୍ତ୍ର, ଭବିଷ୍ୟ ନିର୍ଦ୍ଧାରଣକାରୀ ମାର୍ଗ, ଜିଲ୍ଲା ପ୍ରଶାସନ ଅଧୀନ ବିଭିନ୍ନ ବିଭାଗର କାର୍ଯ୍ୟ, ଶିକ୍ଷାର ଭୌତିକ ଦିଗ, ଛାତ୍ରଜୀବନର ଅନୁଭବ, ପ୍ରେରଣାଦାୟୀ ମନସ୍ତତ୍ତ୍ୱ ଆଦି ସନ୍ଦର୍ଭରେ ମୁକ୍ତ ଆଲୋଚନା କରିଥିଲେ। ଆଇଏଏସ ପ୍ରୋବେସନର ପ୍ରଜ୍ଞାନନ୍ଦନ ଗିରି ପୁସ୍ତକ ଜ୍ଞାନରେ ସୀମିତ ନରହି ପରୀକ୍ଷାମୂଳକ ଜ୍ଞାନ ଆହରଣ କରିବା ଜରୁରୀ ବୋଲି କହିବା ସହିତ କଠିନ ପରିଶ୍ରମ, ଦୃଢ଼ ସଂକଳ୍ପ ଓ ଧୈର୍ଯ୍ୟ ସଫଳତାର ଚାବିକାଠି ବୋଲି ଦିଗଦର୍ଶନ ଦେଇଥିଲେ। ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ସାଧାରଣ) ବ୍ରଜବନ୍ଧୁ ଭୋଇ ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟସିଦ୍ଧ ଓ ପରିଶ୍ରମୀ ହୋଇ କାମ କଲେ ସଫଳତାପ୍ରାପ୍ତି ସୁନିଶ୍ଚିତ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ ପ୍ରତ୍ୟେକ ବିଷୟରେ ଯଥେଷ୍ଟ ଜ୍ଞାନ ଅର୍ଜନ କରିବା ସହିତ ଜୀବନରେ ଖୁସି, ସୁଖୀ ଓ ସାହାଯ୍ୟକାରୀ ମଣିଷ ହେବା ଲାଗି ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ତହସିଲଦାର ସଦାକର କୁମ୍ଭାର ବ୍ୟକ୍ତିଗତ ଜୀବନ ଅନୁଭବରୁ ଉଦାହରଣ ଦେବା ସହିତ ଦୃଢ଼ ଇଚ୍ଛା ଶକ୍ତି ସହ ପାଠ ପଢ଼ିବାକୁ ପରାମର୍ଶ ଦେଇଥିଲେ। ତହସିଲ ଅଫିସର କାର୍ଯ୍ୟପଦ୍ଧତି ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ବହୁମୂଲ୍ୟ ସମୟ ଦେଇ ଛାତ୍ରଛାତ୍ରୀଙ୍କ ସହିତ ମୁକ୍ତ ଆଲୋଚନାରେ ସାମିଲ ହୋଇଥିବାରୁ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସମେତ ଡିଏଭି ଶିକ୍ଷକଶିକ୍ଷୟିତ୍ରୀବୃନ୍ଦ ସମସ୍ତ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।



## ଭାରପ୍ରାପ୍ତ ପୌରାଧ୍ୟକ୍ଷଙ୍କ କାଉନସିଲର ପଦ ରଦ୍ଦ ମାମଲା ଅଦାଲତରେ ଖାରଜ

ଦେବଗଡ଼, ୨୩।୧୨(ସମିସ): ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ପୌରାଧ୍ୟକ୍ଷ ପ୍ରଜିତ ଭୋଜଙ୍କ କାଉନସିଲର ସଭ୍ୟ ପଦ ରଦ୍ଦ ପାଇଁ ଦାଖଲ ହୋଇଥିବା ଏକ ମାମଲାକୁ ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତ ଖାରଜ କରିଥିବା ଜଣା ପଡ଼ିଛି। ଦେବଗଡ଼ ପୌର ପରିଷଦ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ ଭୋଜ ୪ ନମ୍ବର ୱାର୍ଡର କାଉନସିଲର ପଦବୀ ନିମନ୍ତେ ଦାଖଲ କରିଥିବା ପ୍ରାର୍ଥୀପତ୍ରରେ ମିଥ୍ୟା ସତ୍ୟପାଠ ଦାଖଲ କରିବା ସହ ତାଙ୍କ ଧର୍ମପତ୍ନୀଙ୍କ ଜରିଆରେ ଟେଣ୍ଡର ମାଧ୍ୟମରେ କେତେକ ଉନ୍ନୟନ ମୂଳକ ଠିକା କାର୍ଯ୍ୟ ହାତେଇଥିବା ଅଭିଯୋଗ ହୋଇଥିଲା। ଦେବଗଡ଼ ପୌର ପରିଷଦ ୫ ନମ୍ବର ୱାର୍ଡର ବିଜେଡି କାଉନସିଲର ଜତିନ ନାୟକ ଏହି ଅଭିଯୋଗ ଆଣିବା ସହ ଶ୍ରୀ ଭୋଜଙ୍କ ବିରୋଧରେ ଅଦାଲତରେ ଏକ କ୍ରିମିନାଲ କମ୍ପ୍ଲେନ ଦାୟର କରିଥିଲେ। ଅଭିଯୋଗ ଅଧାରରେ ବର୍ତ୍ତମାନର ଭାରପ୍ରାପ୍ତ ପୌରାଧ୍ୟକ୍ଷ ଭୋଜ ଓ 'ସି କ୍ଲାସ' କଣ୍ଟ୍ରାକ୍ଟ୍ରୀ ଲାଇସେନ୍ସ ଧାରୀ ତାଙ୍କ ଧର୍ମପତ୍ନୀ ସାବିତ୍ରୀ ଭୋଜଙ୍କ ବିରୋଧରେ ମାମଲା କରାଯାଇଥିଲା। ଅଭିଯୁକ୍ତ ଭୋଜ ଦମ୍ପତି ଓକିଲଙ୍କ ଜରିଆରେ ନିଜର ପକ୍ଷ ରଖିବା ସହ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ମିଥ୍ୟା ଏବଂ ଭିତ୍ତିହୀନ ବୋଲି ଦର୍ଶାଇଥିଲେ। ଏଭଳି ମାମଲା ବିଚାର କରିବା ପାଇଁ ଜିଲ୍ଲା ଓ ଦୌରାଜଜଙ୍କ ଅଦାଲତ କ୍ଷମତା ପରିସରଭୁକ୍ତ ନୁହନ୍ତି ବୋଲି ଯୁକ୍ତି ଦର୍ଶାଇ ଏହି ମାମଲାକୁ ଆଗ୍ରାହ୍ୟ କରିବାକୁ ଅଦାଲତରେ ପ୍ରାର୍ଥନା କରିଥିଲେ। ଅଦାଲତ ଏହି ମାମଲାର ଶୁଣାଣି କରିବା ପରେ ଉଭୟ ପକ୍ଷର ଓକିଲଙ୍କ ଜବାବ ସୁଆଲ ଓ ଦାଖଲ ହୋଇଥିବା ବିଭିନ୍ନ ନଥିପତ୍ରକୁ ଭିତ୍ତି କରି ଏହି ମାମଲା ତାଙ୍କ ଅଦାଲତରେ ବିଚାର ଯୋଗ୍ୟ ନୁହେଁ ବୋଲି ଦର୍ଶାଇ ମାମଲାକୁ ଖାରଜ କରିଦେଇଥିଲେ। ଅଭିଯୁକ୍ତ ଭୋଜ ଦମ୍ପତିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦିଲ୍ଲିପ ଗୁରୁ, ରଜତକାନ୍ତ ପ୍ରଧାନ, ସିଦ୍ଧେଶ୍ୱର ଗୁରୁ ଓ ବିଜ୍ଞବିନମ୍ରତା ଦ୍ୱିବେଦୀ ପରିଚାଳନା କରୁଥିଲେ। ଏ ଘଟଣା ଦେବଗଡ଼ ସହରରେ ସମ୍ପ୍ରତି ମୁଖ୍ୟ ଚର୍ଚ୍ଚାର ବିଷୟ ସାଜିଛି।

## ଜିଲ୍ଲା ମହୋତ୍ସବ 'ଦୁଲଦୁଲି ୨୦୨୬' ପାଇଁ ପ୍ରସ୍ତୁତି

ଝାରସୁଗୁଡ଼ା, ୨୩।୧୨(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମହୋତ୍ସବ 'ଦୁଲଦୁଲି-୨୦୨୬'ର ତୃତୀୟ ପ୍ରସ୍ତୁତି ବୈଠକ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଜାନୁଆରୀ ୧ରୁ ୫ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବିଟିଏମ ପଡ଼ିଆଠାରେ ଜିଲ୍ଲା ପ୍ରତିଷ୍ଠା ଦିବସ, ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ଓ ସ୍ୱଦେଶୀ ମେଳା ଏବଂ ଜିଲ୍ଲା ମହୋତ୍ସବ 'ଦୁଲଦୁଲି-୨୦୨୬' ମହାସମାରୋହରେ ଅନୁଷ୍ଠିତ ହେବାକୁ ଯାଉଛି। ବୈଠକରେ ଜିଲ୍ଲାପାଳ ମହୋତ୍ସବ ପାଇଁ ଗଠିତ ପ୍ରତ୍ୟେକ କମିଟିର ପ୍ରସ୍ତୁତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମୁଖ୍ୟତଃ ଅର୍ଥ କମିଟି, ସାଂସ୍କୃତିକ କମିଟି, ଶୋଭାଯାତ୍ରା, ରହଣି ଓ ପରିବହନ, ସ୍ମରଣିକା, ମୁଦ୍ରଣ ଓ ପ୍ରଚାର ଏବଂ ଖାଦ୍ୟ କମିଟିର କାର୍ଯ୍ୟଧାରା ଉପରେ ଆଲୋଚନା ହୋଇଥିଲା। ଏହା ସହିତ ମଞ୍ଚ ପରିଚାଳନା, ଷ୍ଟଲ୍ ଆବଣ୍ଟନ, ଟ୍ରାଫିକ ନିୟନ୍ତ୍ରଣ ଏବଂ ରକ୍ତଦାନ ଶିବିର ଆୟୋଜନ ପାଇଁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରରୁ ଆସିଥିବା ଖ୍ୟାତନାମା ସାଂସ୍କୃତିକ ଅନୁଷ୍ଠାନର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ଏହି ୫ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ। ବୈଠକରେ ଅଣସରକାରୀ ସଦସ୍ୟମାନେ ମଧ୍ୟ ନିଜ ନିଜର ମତାମତ ଓ ପରାମର୍ଶ ପ୍ରଦାନ କରିଥିଲେ। ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜ ବନ୍ଧୁ ଭୋଇ, ମୁଖ୍ୟ ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ ଏବଂ ପ୍ରୋବେସନାରୀ ଅଧିକାରୀ ପ୍ରଜ୍ଞାନ ନନ୍ଦନ ଗିରି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ସଂସ୍କୃତି ଅଧିକାରୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହା ପରେ ଏକ ପ୍ରେସ୍ ବ୍ରିଫିଂ ମାଧ୍ୟମରେ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ସହିତ ଜିଲ୍ଲାପାଳ ଆଲୋଚନା କରି ମହୋତ୍ସବର ସବିଶେଷ ତଥ୍ୟ ପ୍ରଦାନ କରିଥିଲେ।

## ଗଣ୍ଡଗୋଳ ଘଟଣାରେ ୨ ଗିରଫ

ଇବଥର୍ମାଲ, ୨୩।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ସାହାଜବାହାଲ ସ୍ଥିତ ଜେଏସଡବ୍ଲ୍ୟୁ ଉତ୍କଳ ଏନର୍ଜି ଲିମିଟେଡ ଭିତରେ ପଶି ସାହାଜବାହାଲ ଗ୍ରାମବାସୀ ଭଙ୍ଗାରୁଜା ଘଟଣାର ଜାଞ୍ଚ କରି ପୁଲିସ ମଙ୍ଗଳବାର ସାହାଜବାହାଲ ଗ୍ରାମର ୨ ଜଣଙ୍କୁ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରିଛି। ଗିରଫ ଦୁଇଜଣ ରବୀନ୍ଦ୍ର ଭୁଏ ଏବଂ ଦେବାଶିଷ ବଗାର ବୋଲି ସୂଚନା ରହିଛି। ଗତ ୧୮ ତାରିଖ ଜେଏସଡବ୍ଲ୍ୟୁ ଉତ୍କଳ ଏନର୍ଜି ଲିମିଟେଡ ସାହାଜବାହାଲ ଗ୍ରାମର ଏକ ପୋଖରୀ ପୋତି ରାସ୍ତା ନିର୍ମାଣ କରୁଥିବା ଅଭିଯୋଗରେ ଗ୍ରାମର ସ୍ତ୍ରୀ ପୁରୁଷ ଏହାକୁ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଗଣ୍ଡଗୋଳ ତଥା ଭଙ୍ଗାରୁଜା ଘଟଣାରେ ପରିବର୍ତ୍ତୀତ ହୋଇଥିଲା। ସ୍ତ୍ରୀ ଲୋକଙ୍କୁ ଅସଦାଚରଣ ସହ ଠେଲାପେଲା ଓ ଗ୍ରାମବାସୀଙ୍କୁ ମାଡ଼ପିଟ ଅଭିଯୋଗରେ ସେଦିନ ଗ୍ରାମବାସୀ ବନହରପାଲି ଥାନାରେ ଏକ ଏତଲା ଦେଇଥିଲେ। ଅନ୍ୟପକ୍ଷରେ ଜେଏସଡବ୍ଲ୍ୟୁ କାର୍ଯ୍ୟାଳୟ ଭିତରେ ପଶି ଗ୍ରାମବାସୀ ଭଙ୍ଗାରୁଜା ତଥା ଗଳିଗୁଲଜ କରି ମାରପିଟ୍ କରିଥିବା ଜେଏସଡବ୍ଲ୍ୟୁ କର୍ତ୍ତୃପକ୍ଷ ମଧ୍ୟ ବନହରପାଲି ଥାନାରେ ପାଲଟା ଏତଲା ଦେଇଥିଲେ। ଜେଏସଡବ୍ଲ୍ୟୁ ଏତଲା ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଓ ଗ୍ରାମବାସୀଙ୍କ ଏତଲା ଉପରେ କିଛି ପଦକ୍ଷେପ ଗ୍ରହଣ କରାଯାଇ ନଥିବାରୁ ଗ୍ରାମବାସୀ ପ୍ରବଳ ଅସନ୍ତୋଷ ରହିଥିବା ଜଣାପଡ଼ିଛି।

## ଗାଁ ସାଥୀ ସଂଘ କମିଟି ପକ୍ଷରୁ ସ୍ମାରକପତ୍ର

ଦେବଗଡ଼, ୨୩।୧୨(ସମିସ): ୮ ଦଫା ଦାବିରେ ମଙ୍ଗଳବାର ଓଡ଼ିଶା ଗାଁ ସାଥୀ (ମେଟ) ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଦେବଗଡ଼ ଜିଲା ଶାଖା ପକ୍ଷରୁ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଜି ଗାଁ ସାଥୀ କମିଟିର ଦେବଗଡ଼ ଜିଲ୍ଲା ସଂଯୋଜକ ଯୁଗଳ କିଶୋର ନାୟକଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ଦେବଗଡ଼ ଜିଲ୍ଲା ପରିଷଦ କାର୍ଯ୍ୟାଳୟକୁ ଯାଇ ଉପରୋକ୍ତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଗାଁ ସାଥୀ ମାନଙ୍କ ନାମରେ ମନରେଗା କାର୍ଯ୍ୟର କାର୍ଯ୍ୟାଦେଶ ପ୍ରଦାନ, ଏନ୍‌ଏମ୍‌ଏମ୍‌ଏସ୍ ଆପ୍‌କୁ ସାର୍ବଜନୀନ କରି ଗାଁ ସାଥୀ ମାନଙ୍କୁ ପ୍ରଦାନ, ସେମାନଙ୍କୁ ନେଇ ପ୍ରତ୍ୟେକ ମାସରେ ସଭା ଆୟୋଜନ, ସେମାନଙ୍କୁ ପରିଚୟ ପତ୍ର ପ୍ରଦାନ, ଗାଁ ସାଥୀଙ୍କ ଜରିଆରେ ଜିଇଓ ଟ୍ୟାଗ୍ ପ୍ରସ୍ତୁତି, ସଠିକ ସମୟରେ ପ୍ରାପ୍ୟ ପ୍ରଦାନ, କୃଷି ବିଭାଗ, ଉଦ୍ୟାନ ବିଭାଗ, ମୃତ୍ତିକା ସଂରକ୍ଷଣ ବିଭାଗ, ଜଙ୍ଗଲ ବିଭାଗ ଓ ଜଳସେଚନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ମନରେଗା କାର୍ଯ୍ୟରେ ଗାଁ ସାଥୀ ମାନଙ୍କୁ ନିୟୋଜିତ ନିମନ୍ତେ ସମ୍ପୃକ୍ତ ବିଭାଗ ଗୁଡିକର ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ପ୍ରଦାନ ଓ ଗାଁ ସାଥୀ ମାନଙ୍କୁ ମାସିକ ପ୍ରୋତ୍ସାହନ ରାଶି ପ୍ରଦାନ ସହିତ ସ୍ଥାୟୀ ନିଯୁକ୍ତି ପ୍ରଦାନ ଆଦି ଦାବି ସ୍ମାରକ ପତ୍ରରେ ଉଲ୍ଲେଖ ଥିବା ଜଣାପଡ଼ିଛି।

## ବିଶ୍ୱସ୍ରଷ୍ଟା ଗଠନ ଭବନର ପ୍ରତିଷ୍ଠା ଦିବସ

ଦେବଗଡ଼, ୨୩।୧୨(ସମିସ): ଦେବଗଡ଼ ବିଶ୍ୱସ୍ରଷ୍ଟା ଗଠନ ଭବନର ପ୍ରତିଷ୍ଠା ଦିବସ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଦେବଗଡ଼ ଏସ୍‌ପି ଅନିଲ ମିଶ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସଙ୍ଗଠନର ପୂର୍ବତନ ସଭାପତି ବିଭୂତି ଗଙ୍ଗଦେବଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସହ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ଗୁରୁ, ମୁଖ୍ୟ ବକ୍ତା ଭାବେ ସ୍ଥାନୀୟ ଚିନ୍ମୟ ମିଶନର ସ୍ୱାମିନୀ ତିନିଷ୍ଠା ନନ୍ଦ ସରସ୍ୱତୀ ଯୋଗ ଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

## ବୁଢ଼ାପାଲ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୁଣ୍ଡେଇଗୋଳା, ୨୩।୧୨(ସମିସ): ରିଆମାଳ ବ୍ଲକ ବୁଢ଼ାପାଲ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମଧୁସୁଦନ ପ୍ରଧାନ, ବିଡିଓ ଆଦିତ୍ୟ ପଣ୍ଡା, ବୁଢ଼ାପାଲ ସରପଞ୍ଚ ଦିଲ୍ଲୀପ ଆଚାର୍ଯ୍ୟ ଯୋଗ ଦେଇଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଅଧ୍ୟାପକ ତୁଷାରକାନ୍ତି ସ୍ୱାଇଁ ପରିଚାଳନା ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକା ହେମଲତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ସମ୍ବିତ ସାହୁ, ରଜତ ମେହେର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ବିଜୟ ନାୟକ, ମହେନ୍ଦ୍ର ଉଦାବରଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଏନ୍‌ଏନ୍‌ୱାସି ଭୁବନେଶ୍ୱରକୁ ହରାଇ ଇଷ୍ଟକୋଷ୍ଟ ଖୋର୍ଦ୍ଧା ବିଜୟୀ

ଦେବଗଡ଼, ୨୩।୧୨(ସମିସ)

ସ୍ଥାନୀୟ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେଉଥିବା ୩୫ ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଦ୍ୱିତୀୟ ଦିନ ମ୍ୟାଚ୍ ଏନ୍‌ଏନଓ୍ୱାସି ଭୁବନେଶ୍ୱର ଓ ଇଷ୍ଟକୋଷ୍ଟ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହୋଇଛି। ଆଜିର ମ୍ୟାଚ୍‌ରେ ଭୁବନେଶ୍ୱରକୁ ୧୨୦ ରନ୍‌ରେ ପରାସ୍ତ କରି ଖୋର୍ଦ୍ଧା ଦଳ ବିଜୟୀ ହେଇଛି। ଖୋର୍ଦ୍ଧା ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୩ ୱିକେଟ୍ ହରାଇ ୨୬୭ ରନ୍ କରିଥିଲା। ଭୁବନେଶ୍ୱର ଦଳର ବୋଲର ମିଳନ ସାମଲ, କମଳ କ୍ରିଷ୍ଣା କହଁର ଓ ରାଜେଶ ପାତ୍ର ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ଖୋର୍ଦ୍ଧା ପକ୍ଷରୁ ଅଭିଷେକ ଯାଦବ ୫୩, ଆଦିତ୍ୟ ରାଉତ ୬୨ ଓ ସମୀର ମହାନ୍ତି ଅପରାଜିତ ୭୨ ରନ କରିଥିଲେ। ଜବାବରେ ଭୁବନେଶ୍ୱର ଦଳ ବ୍ୟାଟିଂ ଆରମ୍ଭ କରି ୨୦ ଓଭରରେ ୭ଟି ୱିକେଟ ହରାଇ ୧୪୭ ରନ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ଦେବବ୍ରତ ପ୍ରଧାନ ୩୭ ଓ ଏରିକ୍ ଯାହାନ ଅପରାଜିତ ୨୭ ରନ୍ ସଂଗ୍ରହ କରିଥିଲେ। ଖୋର୍ଦ୍ଧା ଦଳର ବୋଲର ମଳୟ ଜେନା ଓ କୌଶଲ୍ ଭିର୍ପଙ୍କର ୨ଟି ଲେଖାଏଁ ୱିକେଟ ନେଇଥିଲେ। ଆଜିର ମ୍ୟାଚ୍‌କୁ ଅମ୍ପାୟାର ସତ୍ୟ ପ୍ରସାଦ ରଥ ଓ ସୌମ୍ୟ ଦର୍ଶନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରୋମି ନାୟକ ଓ ରିତିକ୍ ଦେହୁରୀ ଦାୟିତ୍ୱ ନିର୍ବାହ କରିଥିଲେ। ବେଣୁଧର ଗଡ଼ନାଏକ ଓ ଦିଲ୍ଲୁ ଦାସଭାୟା ଧାରାବିବରଣୀ ପ୍ରଦାନ କରିଥିଲେ।। ଆଜିର ମ୍ୟାଚ୍‌ରେ ଖୋର୍ଦ୍ଧା ଦଳର ସମୀର ମହାନ୍ତିଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଥିଲା।




## ଡିପାର୍ଟମେଣ୍ଟାଲ ୟୁନିଟି କପ୍ କ୍ରିକେଟ: ଫରେଷ୍ଟ ଫାଇଟର ଚାମ୍ପିଅନ

ଦେବଗଡ଼, ୨୩।୧୨(ସମିସ): ଦେବଗଡ଼ ଜିଲା ଜୁଡ଼ିସିଆଲ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ନାଳ ପଡ଼ିଆଠାରେ ୪ଟି ଦଳକୁ ନେଇ ଡିପାର୍ଟମେଣ୍ଟାଲ ୟୁନିଟି କପ୍ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଟିପିଡବ୍ଲ୍ୟୁଓଡ଼ିଏଲ୍ ଟ୍ରାଇଡେଣ୍ଟ ଦଳକୁ ୬୬ରନରେ ପରାସ୍ତ କରି ଫରେଷ୍ଟ ଫାଇଟର ଦଳ ଚାମ୍ପିଅନ ହୋଇଛି। ଫରେଷ୍ଟ ଫାଇଟର ଦଳ ଟସ ଜିଣିବା ସହ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ୱିକେଟ ହରାଇ ମୋଟ ୧୪୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସୁଶାନ୍ତ ସାହୁ ସର୍ବାଧିକ ୫୧ରନ ସଂଗ୍ରହ କରିଥିବା ବେଳେ ବୈଦ୍ୟନାଥ ପାତ୍ର ଅପରାଜିତ ୩୨ ରନ ସଂଗ୍ରହ କରିଥିଲେ। ଟିପିଡବ୍ଲ୍ୟୁଓଡିଏଲ୍ ଟ୍ରାଇଡେଣ୍ଟ ଦଳର ଦେବାଶିଷ ବିଶ୍ୱାଳ ୩ ଓଭରରେ ୩୮ ରନ ଦେଇ ସର୍ବାଧିକ ୨ଟି ୱିକେଟ ହାସଲ କରିଥିଲେ। ଏହାର ଜବାବରେ ଟିପିଡବ୍ଲ୍ୟୁଓଡିଏଲ୍ ଟ୍ରାଇଡେଣ୍ଟ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ଉଇକେଟ ହରାଇ ମାତ୍ର ୮୧ରନ ସଂଗ୍ରହ କରିବା ସହ ୬୬ ରନରେ ପରାଜିତ ହୋଇଥିଲେ। ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ ଅପରାଜିତ ସର୍ବାଧିକ ୪୬ ରନ ସଂଗ୍ରହ କରିଥିଲେ। ଫରେଷ୍ଟ ଫାଇଟର ଦଳର ଅଧିନାୟକ ଅଜିତ କିସାନ ଓ ପ୍ରିତମ ସାହୁ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌କୁ ଅମ୍ପାୟାର ଭାବେ ଅମରେଶ ଦେବ ଓ ପରିତୋଷ ସାହୁ ପରିଚାଳନା କରିଥିବା ବେଳେ ରଞ୍ଜନ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଜୁଡିସିଆଲ ବିଭାଗର ବରିଷ୍ଠ କର୍ମଚାରୀ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଜିଲ୍ଲା ଓକିଲ ସଂଘର ସମ୍ପାଦକ ସିଦ୍ଧେଶ୍ୱର ଗୁରୁ ଓ ବରିଷ୍ଠ ଆଇନଜୀବୀ ଟିକେଶ୍ୱର ଧଳ ଯୋଗଦେଇ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ। ସେହିପରି ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ଫରେଷ୍ଟ ଫାଇଟର ଦଳର ସୁଶାନ୍ତ ସାହୁ ମ୍ୟାନ ଅଫ ଦ ମ୍ୟାଚ୍ ଓ ତରଣୀସେନ ଗଡ଼ନାୟକଙ୍କୁ ମ୍ୟାନ ଅଫ ଦ ସିରିଜ ପୁରସ୍କାର ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସଭାକୁ ପ୍ରିତମ ବେହେରା ସଂଯୋଜନା କରିଥିବା ବେଳେ ପ୍ରତିଯୋଗିତା ଆୟୋଜନରେ ଜୁଡିସିଆଲ ବିଭାଗ କର୍ମଚାରୀ ଶୁଭ୍ରସ୍ନାତ ମହାନ୍ତି, ସୁଭାଶିଷ କର, ସଚ୍ଚିନ ସାହୁ, ମୁକେଶ ମୁନା, ତରୁଣ ସ୍ୱାଇଁ ଓ ଦେବ ଚକ୍ରବର୍ତ୍ତୀ ପ୍ରମୁଖ ସହଯୋଗ କରିଥିଲେ। ବିଭାଗ ବିଭାଗ ମଧ୍ୟରେ ସୁସମ୍ପର୍କ ଏବଂ ସମନ୍ୱୟ ସ୍ଥାପନ ଲକ୍ଷ୍ୟରେ ଆୟୋଜିତ ପ୍ରତିଯୋଗିତାରେ ଜୁଡିସିଆଲ ବିଭାଗ (ଜୁଡିସିଆଲ ସ୍ମାର୍ଟାନ୍ସ ଦଳ) ଓ ବ୍ଲକ ପ୍ରଶାସନ (ତିଲେଇବଣି ବ୍ଲକ ଇଲେଭେନ) ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



## ସାଇ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବେଲପଡ଼ା,୨୩।୧୨(ସମିସ):ସ୍ଥାନୀୟ ସାଇ ପବ୍ଲିକ ସ୍କୁଲ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସିପାଲ୍ ମନୋରମା ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପି ଏସ କଲେଜ ଅଧ୍ୟ ସୁରେଶ ଚନ୍ଦ୍ର ମେହେର, ଡାକ୍ତର ଆକାଶ ପୁଟେଲ, ସ୍କୁଲ ଚେୟାରମ୍ୟାନ ସ୍ୱାଗତିକା ମହାଖୁଡ, ସମ୍ପାଦକ ଶିବବ୍ରତ ମହାଖୁଡ ଓ ସୁଦାମ ଚରଣ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ବିନତି ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲା। ଶିକ୍ଷୟିତ୍ରୀ ଅପରାଜିତା ଗୋସ୍ୱାମୀଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କୁସମାଞ୍ଜଳି ପଟେଲ, ଆରତୀ ମିଶ୍ର, ଧାନେଶ୍ୱରୀ ବିଶି, ନନ୍ଦିନୀ ଶେଠ୍, ବାବୁଲୁ ପଟେଲ, ମଳୟ ମେହେର, ଶ୍ରାବନ୍ତ ସେଠ ପ୍ରମୁକ ସହଯୋଗ କରିଥିଲେ। ଶେଷରେ ଶିକ୍ଷୟତ୍ରୀ ଶ୍ରୀକୃଷ୍ଣା ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସରକାରୀ ଧାନକ୍ରୟ କେନ୍ଦ୍ର ଉଦ୍‌ଘାଟିତ

ବୌଦ୍ଧ,୨୩।୧୨(ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ମାର୍କେଟ ୟାର୍ଡଠାରେ ଖୁଣ୍ଟବନ୍ଧ ପାକ୍ସ ପକ୍ଷରୁ ସରକାରୀ ଧାନକ୍ରୟ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଜିଲ୍ଲାପାଳ ବିଭୁତି ଭୁଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ବିନୟ ଭୋଇ, ତହସିଲଦାର ଅନୀତା ସାହୁ, ସହକାରୀ ନିବନ୍ଧକ ସମବାୟ ସମିତି ସମୁହ ଫକୀର ମୋହନ ବାଘ, ଖୁଣ୍ଟବନ୍ଧ ପାକ୍ସ ସଭାପତି ରାଜ କିଶୋର ପ୍ରଧାନ, ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ହାବଡା ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଚାଷୀମାନେ ଠିକ୍ ମାନର ଧାନ ଆଣି ସରକାରଙ୍କ ଧାର୍ଯ୍ୟ ୩୧୦୦ ଟଙ୍କାରେ ଧାନ ବିକ୍ରି କରିବାକୁ ଜିଲ୍ଲାପାଳ ଶ୍ରୀ ନାୟକ ଉପସ୍ଥିତ ଚାଷୀଙ୍କୁ ଅନୁରୋଧ କରିଥିଲେ। ଖୁଣ୍ଟବନ୍ଧ ପାକ୍ସ ସମ୍ପାଦକ ଦେବାଶିଷ ମିଶ୍ରଙ୍କ ସମେତ ସମସ୍ତ କର୍ମଚାରୀ ଓ ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ତେଲିବନ୍ଧ କ୍ଲଷ୍ଟରସ୍ତରୀୟ ଶିକ୍ଷା ସଭା

ବୌଦ୍ଧ,୨୩।୧୨(ସମିସ): ବୌଦ୍ଧ ବ୍ଲକ ତେଲିବନ୍ଧ କ୍ଲଷ୍ଟର ସ୍ତରୀୟ ଶିକ୍ଷାସଭା ଆନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏଥିରେ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟତ୍ରୀ, ଅଭିଭାବକ, ଅଭିଭାବିକା ସାମିଲ ହୋଇଥିଲେ। ବିଭିନ୍ନ ସ୍ଲୋଗାନ ଦେଇ ୬ରୁ ୧୮ ବର୍ଷର ସମସ୍ତ ଛାତ୍ରଛାତ୍ରୀ ବିଦ୍ୟାଳୟରେ ପାଠ ପଢିବାକୁ ଆହ୍ୱାନ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ବୌଦ୍ଧ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କାଦମ୍ବିନୀ ବିଶ୍ୱାଳ, ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ସତ୍ୟାନନ୍ଦ ନାଏକ, ନିରୀକ୍ଷକ ବରୁଣ ପାଣ୍ଡେ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ ଘିବେଲା ଯୋଗଦେଇ ୨୦୨୬ ମସିହା ସୁଦ୍ଧା ସମ୍ପୂର୍ଣ୍ଣ ସ୍ୱାକ୍ଷର ଭାରତ ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଓ ସଚେତନତା ଧର୍ମୀ ନାଟକ ପରିବେଷଣ କରାଯାଇଥିଲା। ସିଆରସିସି ରବୀନ୍ଦ୍ର ମେହେର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଶିକ୍ଷକ ଶମ୍ଭୁ ଗିରି ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟତ୍ରୀ ଭାଗ୍ୟସିନୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୧୮ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ।

## ଜାତୀୟ କୃଷକ ଦିବସ ପାଳିତ

ବୌଦ୍ଧ,୨୩।୧୨(ସମିସ): ପାଲଝାରସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାତୀୟ ଉଦ୍ୟାନ କୃଷି ଗବେଷଣା ଓ ଉନ୍ନୟନ କେନ୍ଦ୍ରଠାରେ ଜାତୀୟ କୃଷକ ଦିବସ ତଥା କୃଷକ ସମ୍ମାନ ଦିବସ ପାଳିତ ହୋଇ ଯାଇଛି। ବରିଷ୍ଠ କୃଷି ବୈଜ୍ଞାନିକ ତପନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାତୀୟ ଉଦ୍ୟାନ କୃଷି ଗବେଷଣା ଓ ଉନ୍ନୟନ କେନ୍ଦ୍ରର ଯୁଗ୍ମ ନିର୍ଦ୍ଦେଶକ ଡ. ସତ୍ୟେନ୍ଦ୍ରୁ ସିଂ ଚାଷୀଙ୍କୁ ପିଆଜ ଚାଷ ଉପରେ ବକ୍ତବ୍ୟ ଦେଇଥିଲେ। ଚାଷୀ ସାଧନା ବାରିକ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ମନୋଜ ପ୍ରଧାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଛତୁ ଚାଷ ସମ୍ପର୍କରେ ବୈଜ୍ଞାନିକ ସସ୍ମିତା ପାଲ ଉଦ୍‌ବୋଧନ ଦେଇଥିଲେ। ଶେଷରେ ବୈଜ୍ଞାନିକ ଡ. କବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବ ନେତୃତ୍ୱ ସଂଳାପ-ଯୁବୋତ୍ସବ ଦଳର ଭୁବନେଶ୍ୱର ଯାତ୍ରା

ନୂଆପଡ଼ା,୨୩।୧୨(ସମିସ):ନୂଆପଡ଼ା ଜିଲ୍ଲା ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଆନୁକୂଲ୍ୟରେ ୩୩ ଜଣିଆ ଯୁବୋତ୍ସବ ଦଳ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରାରମ୍ଭ କରିଛନ୍ତି। ସମସ୍ତ ଯୁବକ ଓ ଯୁବତୀ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାଶ,ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଳ ସିଂ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଅତିରିକ୍ତ ଜିଲ୍ଲାପାଳ ନୂଆପଡ଼ା,ଉପଜିଲ୍ଲାପାଳ, ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଶୁଭେଚ୍ଛା ଦେବା ସହିତ ଯୁବକଯୁବତୀଙ୍କୁ ଫୁଲମାଳ ଦେଇ କୃତିତ୍ୱ ଅର୍ଜନ କରିବାକୁ ଆଶୀର୍ବଚନ କରିଥିଲେ। ରାଜ୍ୟସ୍ତରରେ ଭଲ ଭାବରେ ଆମ କଳା ସଂସ୍କୃତିକୁ ପରିବେଷଣ କରିବା ପାଇଁ କହିଥିଲେ। ଉକ୍ତ ଜିଲ୍ଲାସ୍ତରୀୟଦଳରେ ଲୋକଗୀତ,ଲୋକସଙ୍ଗୀତ, ବକ୍ତୃତା, ଚିତ୍ରକଳା, କବିତା ଲିଖନ, ଗଳ୍ପଲିଖନ, ବିଜ୍ଞାନ ମେଳା ଆଦି ପ୍ରତିଯୋଗୀ ସାମିଲ ଅଛନ୍ତି।

ଉଲ୍ଲେଖ ଯୋଗ୍ୟ ଯେ ଗତ ୬ ଏବଂ ୭ତାରିଖ ଦୁଇ ଦିନ ଧରି ଆୟୋଜିତ ହୋଇଯାଇଥିବା ନୂଆପଡ଼ା ଜିଲ୍ଲା ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-ଯୁବୋତ୍ସବ-୨୦୨୬ରେ ପ୍ରଥମ ସ୍ଥାନ ଅଧିକୃତ ହୋଇଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ-ଯୁବୋତ୍ସବରେ ଭାଗ ନେଇ ଯୋଗ୍ୟ ବିବେଚିତ ହୋଇ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ ଯାତ୍ରା କରିଛନ୍ତି। ୨୪ ଏବଂ ୨୫ତାରିଖ ଦୁଇ ଦିନ ଧରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉକ୍ତ ଶୁଭେଚ୍ଛା ପ୍ରଦାନ ଉତ୍ସବକୁ ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢାଇ ପରିଚାଳନା କରିଥିଲେ।

# ନଦୀଗର୍ଭରେ ଲୀନ ହେବ ଐତିହ୍ୟ ଧରୋହର



ଟିଟିଲାଗଡ,୨୩।୧୨(ସମିସ)

ବଲାଙ୍ଗୀର ଜିଲ୍ଲା ଦେଇ ପ୍ରବାହିତ ହେଉଥିବା ତେଲନଦୀର କୂଳ କ୍ଷୟ ଯୋଗୁଁ ନଦୀକୂଳରେ ଥିବା ୩ଟି ପୁରାତନ ଶୈବପୀଠ ନଦୀ ଗର୍ଭରେ ଲୀନ ହେବାକୁ ବସିଛି। ତେଲନଦୀ ଅବବାହିକାରେ ସଇଁତଳା ବ୍ଲକ୍ କଅସର ତ୍ରିଶମ୍ଭୁ ଶୈବପୀଠ, ବେଲଖଣ୍ଡିଠାରେ ଶ୍ରୀ ଶ୍ରୀ ଧବଳେଶ୍ୱର ଶୈବ ପୀଠ ଏବଂ ପୁଟି ଗାଁରେ ଥିବା ଶ୍ରୀ ଶ୍ରୀ ଯୋଗେଶ୍ୱର ବାବା ଶୈବପୀଠ ଅବସ୍ଥିତ ରହିଛି। ଐତିହ୍ୟ ସମ୍ପନ୍ନ ଏହି ପୁରାତନ ଧରୋହର ପାଇଁ ତେଲନଦୀ ଏବେ ଆସନ୍ନ ବିପଦର କାରଣ ପାଲଟିଛି। ତେଲ ନଦୀର ଉଭୟ ପଟରୁ ମାଫିଆ ବାଲି ଉଠାଇ ନେଉଛନ୍ତି। ଏଥିଯୋଗୁଁ କୂଳ କ୍ଷୟ ହୋଇ ନଦୀ କ୍ରମଶଃ ତଟ ନିକଟ ଶୈବ ପୀଠର ନିକଟତର ହୋଇ ସାରିଛି। ବର୍ତ୍ତମାନ ନଦୀ ତଟରୁ ମନ୍ଦିରର ଦୂରତା ମାତ୍ର ୬ରୁ ୭ ଫୁଟ ମଧ୍ୟରେ ପହଞ୍ଚିଛି। ଏହି ପୌରାଣିକ ତଥା ଐତିହ୍ୟ ଧରୋହରର ଯଦି ସୁରକ୍ଷା କରା ନ ଯାଏ ତେବେ ଏହା ନଦୀ ଗର୍ଭରେ ଲୀନ ହୋଇଯିବା ଆଶଙ୍କା ଦେଖା ଦେଇଛି। ଏହା ଅଗଣିତ ଐତିହ୍ୟ ପ୍ରେମୀ ତଥା ଶୈବ ଉପାସକଙ୍କୁ ବ୍ୟଥିତ କରିଛି। ଏହାର ସୁରକ୍ଷାକୁ ନେଇ ସଇଁତଳା ସରପଞ୍ଚ ସୁବ୍ରତ ନାଗ, କଅସର ସରପଞ୍ଚ ହେମକାନ୍ତି ସାହୁ, ଘୁନସର ସରପଞ୍ଚ ଅନୁରାଧା ସେଠ, ଆମ୍ରପାଲି ସରପଞ୍ଚ ରମା ଛତ୍ରିଆ, ଡୁଙ୍ଗୁରିପାଲି ସରପଞ୍ଚ ଗଜପତି ସାହୁ, ଭଡ୍ରା ସରପଞ୍ଚ ରାଜେନ୍ଦ୍ର ଜାନୀ, ପୂର୍ବତନ ସରପଞ୍ଚ ମଧୁସୂଦନ ସାହୁ ପ୍ରମୁଖଙ୍କ ସହ ଶତାଧିକ ଶ୍ରଦ୍ଧାଳୁ ଟିଟିଲାଗଡ ବିଧାୟକ ନବୀନ ଜୈନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଧାୟକଙ୍କୁ ଯୋଗାଯୋଗ କରାଯିବାରୁ ସେ ଏହାକୁ ନେଇ ସଂପୃକ୍ତ ବିଭାଗ ସହ ଯୋଗାଯୋଗ କରିବା ସହ ସମସ୍ତ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଉଲ୍ଲେଖ କରିଛନ୍ତି।

# ଗାୟତ୍ରୀ ମହାଯଜ୍ଞ ପାଇଁ ବ୍ୟାପକ ପ୍ରସ୍ତୁତି

ବୌଦ୍ଧ,୨୩।୧୨(ସମିସ): ବୌଦ୍ଧ ମାଉଲସିଙ୍ଗା ହାଇସ୍କୁଲ ସକ୍ଷମନା ବୁଟୁପାଲିଠାରେ ଶାନ୍ତିକୁଞ୍ଜ ହରିଦ୍ୱାର ମାର୍ଗଦର୍ଶନରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ବୌଦ୍ଧ ଜିଲ୍ଲା ତରଫରୁ ଡିସେମ୍ବର ୨୫ଠାରୁ ୨୮ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ରାଷ୍ଟ୍ର ସମୃଦ୍ଧି ୧୦୮ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆୟୋଜନ ନିମନ୍ତେ ବ୍ୟାପକ ପ୍ରସ୍ତୁତି ଶେଷପର୍ଯ୍ୟାୟରେ ପହଞ୍ଚିଛି। ଯଜ୍ଞ ଆୟୋଜକ କମିଟି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରି ୪ ଦିନର ବିବରଣୀ ପ୍ରଦାନ କରଯାଇଛି। ଯଜ୍ଞ କମିଟିର ମୁଖ୍ୟ ସଂଯୋଜକ ଡ. ପ୍ରବୀର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଗୁଳ ଉପଜୋନର ସଂଯୋଜକ ବସନ୍ତ କର ଯଜ୍ଞର ଆଭିମୁଖ୍ୟ ବିଷୟରେ ବର୍ଣ୍ଣନା କରିବା ସହ ଗାୟତ୍ରୀ ପରିବାରର ପ୍ରତିଷ୍ଠାତା ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ଯୁଗ ପରିବର୍ତ୍ତନ ପାଇଁ କାର୍ଯ୍ୟକ୍ରମ ବିଷୟ ଉପସ୍ଥାପନ କରିଥିଲେ। ଯଜ୍ଞର ଆବାହକ ହୃଦାନନ୍ଦ ମେହେର ସମସ୍ତ ଜନସାଧାରଣଙ୍କ ସହାଯ୍ୟ ସହଯୋଗ କାମନା କରିଥିଲେ। ଗାୟତ୍ରୀ ପରିବାର ବରିଷ୍ଠ ସଦସ୍ୟ ପ୍ରମୋଦ ଚାନ୍ଦ ଏହି ଗାୟତ୍ରୀ ଯଜ୍ଞରେ ହେବାକୁ ଥିବା କଳସଯାତ୍ରା, ବ୍ରତ, ଦୀକ୍ଷା ସଂସ୍କାର, ଗର୍ଭ ସଂସ୍କାର, ଘୃତ ଯଜ୍ଞ, ପ୍ରବଚନ ଇତ୍ୟାଦି ବିଷୟରେ ସୂଚନା ପ୍ରଦାନ କରିଥିଲେ। ବୌଦ୍ଧ ଜିଲ୍ଲାରେ ପ୍ରଥମ ଥର ପାଇଁ ହେଉଥିବା ଏହି ଐତିହାସିକ ଯଜ୍ଞରେ ବୁଟୁପାଲିର ସମସ୍ତ ଅଧିବାସୀ ସହଯୋଗ କରୁଛନ୍ତି। ଅଶ୍ୱିନୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ନବୀନ ପ୍ରଧାନ ଶାନ୍ତି ପାଠ କରି ସଭା ସାଙ୍ଗ କରିଥିଲେ।

## ଲୋଇସିଂହା ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ

ବଲାଙ୍ଗିର,୨୨।୧୨(ସମିସ): ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନାରୁ ମାତ୍ର କିଛି ଦୂରରେ ଥିବା ଏକ ଗହଣା ଦୋକାନରୁ ହୋଇଥିବା ଚୋରି ଘଟଣାକୁ ସପ୍ତାହେ ପୂରିଛି; ହେଲେ ପୁଲିସ କାହାକୁ ଏହି ଘଟଣାରେ ଧରିପାରିନି। ପୁଲିସର ଅବହେଳା ନେଇ ଅସନ୍ତୁଷ୍ଟ ଗହଣା ବ୍ୟବସାୟୀ ମହମ୍ମଦ ୱାସିମ ଖାନ ଏସପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ୧୮ ତାରିଖ ରାତିରେ ଲୋଇସିଂହା ବସଷ୍ଟାଣ୍ଡରେ ଥିବା ଜସ୍ମିନ ଜ୍ୱେଲେରୀରେ ବଡ ଧରଣର ଚୋରି ହୋଇଥିଲା। ଦୋକାନର ସଟର କାଟି ୨ ଜଣ ଭିତରକୁ ପଶି ଗହଣା ଚୋରି କରିଥିବା ବ୍ୟବସାୟୀ ଜଣକ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପ୍ରାଥମିକ ଭାବେ ପ୍ରାୟ ୪୦ ଲକ୍ଷ ଟଙ୍କାର ଗହଣା ଚୋରି ହୋଇଥିବା ବ୍ୟବସାୟୀ ଜଣକ ସନ୍ଦେହ କରିଥିଲେ। ପରେ ତାହା ପ୍ରାୟ ୨୮ ଲକ୍ଷ ଟଙ୍କାର ଗହଣା ବୋଲି ସେ ଜାଣିବାକୁ ପାଇଥିଲେ। ମାମଲା ରୁଜୁ କରିବାରେ ପୁଲିସ ବିଳମ୍ବ କରିଥିଲା। ୧୮ ତାରିଖ ଭୋରରୁ ଚୋରି ହୋଇଥିଲା। ପୁଲିସ କିନ୍ତୁ ସନ୍ଧ୍ୟାରେ ମାମଲା ରୁଜୁ କରିଥିଲା। ତଦନ୍ତରେ ମଧ୍ୟ ବିଳମ୍ବ ହୋଇଛି। ଏପରିକି ଚୋରି ହୋଇଥିବା ଗହଣା ମୂଲ୍ୟର ଅସଲି ରସିଦ ଆଣିବାକୁ ପୁଲିସ କହିଛି। ନ ହେଲେ ମୂଲ୍ୟ କମ୍ ଦର୍ଶାଇବାକୁ ଥାନାର ଜଣେ ମହିଳା ସବ୍ ଇନ୍ସପେକ୍ଟର ଅଭିଯୋଗକାରୀଙ୍କୁ ଚାପ ପକାଇଛନ୍ତି ଅସନ୍ତୁଷ୍ଟ ବ୍ୟବସାୟୀ ମହମ୍ମଦ ୱାସିମ ଖାନ ଏସପି ଅଭିଲାଷ ଜି.ଙ୍କୁ ଭେଟି ଫେରାଦ ହୋଇଛନ୍ତି। ଏହାପରେ ଉପଯୁକ୍ତ ତଦନ୍ତ କରି ଶୀଘ୍ର ଚୋରକୁ ଧରିବା ଓ ଚୋରୀ ସାମଗ୍ରୀ ଉଦ୍ଧାର କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଏସପି ଥାନା ଅଧିକାରୀ ସିପୋରା ସରାୟ ଲୁଗୁନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବୌଦ୍ଧ ଏଡିଏମ୍ ସମ୍ବର୍ଦ୍ଧିତ



ବୌଦ୍ଧ,୨୩।୧୨(ସମିସ): ବୌଦ୍ଧ ଏନଏସିକୁ ମ୍ୟୁନିସିପାଲିଟି ଘୋଷଣା ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବୌଦ୍ଧ ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ଏନଏସିର କନିଷ୍ଠ ଯନ୍ତ୍ରୀ ପବିତ୍ର ମୋହନ ପ୍ରଧାନ, କାଉନକାଉନ ରାଧେଶ୍ୟାମ ସେଠୀ ପ୍ରମୁକ ଅତିରିକ୍ତ ଜିଲ୍ଲାପାଳଙ୍କୁ ତାଙ୍କ ପ୍ରକୋଷ୍ଠରେ ସମ୍ବର୍ଦ୍ଧିତ କରିଥିଲେ।

## ୩୩/୧୧ କେଭି ଟ୍ରାନ୍ସଫର୍ମର ଲାଗିଲା

ଥୁଆମୂଳରାମପୁର,୨୩।୧୨(ସମିସ): କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁରବାସୀଙ୍କ ପାଇଁ ଖୁସି ଖବର। ବିଦ୍ୟୁତ ସବ୍ ଷ୍ଟେସନରେ ଲାଗିଲା ୩୩/୧୧କେଭିର ଆଉ ଏକ ନୂତନ ଟ୍ରାନ୍ସଫର୍ମର। ପୂର୍ବରୁ ଏହି ସବ୍ ଷ୍ଟେସନରେ ଗୋଟିଏ ମାତ୍ର ୩୩/୧୧ କେଭିର ଟ୍ରାନ୍ସଫର୍ମର ଥିଲା। କୌଣସି କାରଣ ବଶତଃ ଯଦି ଖରାପ ହୋଇ ଯାଏ, ତାହେଲେ ଲୋକେ ବିଜୁଳିରୁ ବଞ୍ଚିତ ହେଉଥିଲେ। ଉପଭୋକ୍ତାଙ୍କ ସୁବିଧା ପାଇଁ ପୁଣି ଆଉ ଏକ ୩୩/୧୧ କେଭିର ନୂତନ ବିଦ୍ୟୁତ ପାୱାର ଟ୍ରାନ୍ସଫର୍ମର ସଂଯୋଗ କରାଯାଇଛି। ଗୋଟିଏ ୩୩/୧୧ କେଭି ବିଦ୍ୟୁତ୍ ଯଦି ନଥିବ ତାହାଲେ ଆଉ ଗୋଟିଏ ଉପଭୋକ୍ତାଙ୍କୁ ବିଜୁଳି ଯୋଗାଇବ ବୋଲି ବିଜୁଳି ବିଭାଗ ପକ୍ଷରୁ ଇଂଜିନିୟର ଅର୍ପଣ ଶିଳାଦିତ୍ୟ ସାମଲ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ଏସ୍‌ଡିଓ ବିରେନ ଗଡ଼ନାୟକ, ଏମ୍ଏନ୍‌ଟି ସତ୍ୟବ୍ରତ ତ୍ରିପାଠୀ,ଦୀପକ କୁମାର ମେହେର, ଅମିତ କୁମାର ନାୟକ , ଅନିଲ କୁମାର ବାରିକ,ସୁଭ୍ରଜିତ ଜେନା ଭାନୁପ୍ରତାପ ମୁଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।



## ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ



ନୂଆପଡା,୨୩।୧୨(ସମିସ):ନୂଆପଡା ଜିଲ୍ଲାରେ ସଡ଼କ ସୁରକ୍ଷା କମିଟି ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଡ଼କ ଦୁର୍ଘଟଣା ରୋକିବା ପାଇଁ ବିଭିନ୍ନ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିନା ହେଲମେଟ୍‌ରେ ପେଟ୍ରଲ ନ ଦେବା ନିୟମକୁ କଡ଼ାକଡ଼ି ପାଳନ କରାଯିବ। ବିଜୁ ଏକ୍ସପ୍ରେସୱେରେ ବହୁତ ଦୁର୍ଘଟଣା ହେଉଥିବାରୁ ତୁରନ୍ତ ମରାମତି ଉପରେ ଗୁରୁତ୍ୱ ଦେଇଛନ୍ତି। ପୂର୍ତ୍ତ ବିଭାଗ ସୁପରିଣ୍ଟେଣ୍ଡଣ୍ଟ୍ ଇଂଜିନିୟର ଶଶାଙ୍କ ଶେଖର ଶୁକ୍ଳା ବିଭାଗୀୟ ପ୍ରସ୍ତୁତିର ବିବରଣୀ ଉପସ୍ଥାପନ କରିଥିଲେ। ଖଡ଼ିଆଳରେ ଏନ୍ଏସିରେ ଟ୍ରାଫିକ ସିଗନାଲ ଲାଗିବା ସହ ବିଭିନ୍ନ କାର୍ଯ୍ୟାବଳୀ ଉପରେ ଆଲୋକପାତ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ ଦୁର୍ଘଟଣା ପ୍ରବଣ ସ୍ଥାନରେ ସତର୍କ ରହିବା ସହ ଦୁର୍ଘଟଣା ରୋକିବା ପାଇଁ ସମୁଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ଜାନୁଆରୀ ୧ ରୁ ୩୧ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ କରିବା ସମ୍ପର୍କ ରେ ଆଲୋଚନା ହୋଇଥିଲା। ଜାତୀୟ ରାଜପଥ ସମେତ ଅନ୍ୟାନ୍ୟ ରାସ୍ତା ଗୁଡିକରେ ଭୁଲ ବନାନ ଯୁକ୍ତ ସୂଚନା ଫଳକ ସବୁ ଖଞ୍ଜା ହୋଇଥିବା ନେଇ ଜିଲ୍ଲା ସାମ୍ବାଦିକ ସଙ୍ଘ ସଭାପତି ତଥା ସଡ଼କ ସୁରକ୍ଷା କମିଟି ସଭ୍ୟ ଘନଶ୍ୟାମ ଭୋଇ ଗୃହରେ ବିଭାଗୀୟ ମୁଖ୍ୟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୂର୍ମୀ ସୋରେନ, ସିଡିଏମଓ ଧନେଶ୍ୱର ସେଠୀ, ଆର ଟିଓ ଶର୍ମିଳା ମହାରଣା, ଅବକାରୀ ଅଧିକ୍ଷକ ସଂଘମିତ୍ରା ପ୍ରଧାନ, ଏସଡିପିଓ ସ୍ୱାଧିନ ମିଶ୍ର ଏବଂ ଉପଖଣ୍ଡ ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ,କଦମର ସ୍ୱେଚ୍ଛାସେବୀ ଯାଜ୍ଞସେନୀ ମହାପାତ୍ର ଏବଂ ସଂପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫେଡେରେସନ କପ୍ ନ୍ୟାସନାଲ ଉଷୁ ପ୍ରତିଯୋଗିତା ପାଇଁ ଚୟନ



ବଲାଙ୍ଗିର,୨୩।୧୨(ସମିସ): ଚଳିତ ମାସ ୨୪ରୁ ୩୦ ପର୍ଯ୍ୟନ୍ତ ଛତିଶଗଡର ରାଜନନ୍ଦନଗାଁ ଦିଗବିଜୟ ଷ୍ଟାଡିୟମରେ ଫେଡେରେସନ କପ ନ୍ୟାସନାଲ ଉଷୁ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଓଡିଶାର ବିଭିନ୍ନ ଜିଲ୍ଲାରୁ ମୋଟ ୫୭ ଜଣ ଖେଳାଳି ଓ ୪ ଜଣ ଅଫିସିଆଲ ଏଥିରେ ଅଂଶଗ୍ରହଣ କରିବେ। ବଲାଙ୍ଗିରର ଆଲୋକ ନାଏକ, ରୁସ୍ତମ ନାଏକ, ମହମ୍ମଦ ଆସିଫ ଏଥିରେ ଅଂଶ ଗ୍ରହଣ କରିବେ ବୋଲି ବଲାଙ୍ଗିର ଜିଲ୍ଲା ଉଷୁ କୋଚ ଯୁଧିଷ୍ଠିର ଗୁରହାଣ୍ଡି ସୂଚନା ଦେଇଛନ୍ତି।

## ବିଜେଡି ପ୍ରତିଷ୍ଠା ଦିବସ ପାଇଁ ପ୍ରସ୍ତୁତି

ବୀରମହାରାଜପୁର,୨୩।୧୨(ସମିସ): ୨୬ତାରିଖରେ ବିଜେଡି ପ୍ରତିଷ୍ଠା ଦିବସ। ଏଥିଲାଗି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର ଉପାଧ୍ୟକ୍ଷ ତଥା ସୁବର୍ଣ୍ଣପୁର ଜିଲ୍ଲା ବିଜୁ ଜନତା ଦଳ ଯୁବ ସଭାପତି ନାରାୟଣ ଲୁହାଙ୍କ ସଭାପତିତ୍ୱରେ ବୀରମହାରାଜପୁର କଲ୍ୟାଣ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପ୍ରଦୀପ ମିଶ୍ର, ଯତୀନ ପାଣିଗ୍ରାହୀ, ସତ୍ୟଞ୍ଜିବ ମିଶ୍ର, ସରୋଜ ବାରିକ, ସୁରୁନାରାୟଣ ମହାକୁର, ଶୈଳନ୍ଦ୍ର ବାଦି, ଲକ୍ଷ୍ମୀ ନାରାୟଣ ପୁରୋହିତଙ୍କ ଶହ ପ୍ରାୟ ୫୦ରୁ ଅଧିକ କର୍ମୀ ଉପସ୍ଥିତ ଥିଲେ।

# ଗଣପତି ଆଦର୍ଶ ଶିକ୍ଷାନୁଷ୍ଠାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବାର୍ଷିକୋତ୍ସବ





ବୀରମହାରାଜପୁର,୨୩।୧୨(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଗଣପତି ଆଦର୍ଶ ଶିକ୍ଷାନୁଷ୍ଠାନର ୧୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ତଥା ବୀରମହାରାଜପୁର ବ୍ଲକ୍ ଅଧ୍ୟକ୍ଷା ଶାନ୍ତି ଲୁହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୀରମହାରାଜପୁର ବିଧାୟକ ଇଞ୍ଜିନିୟର୍ ରଘୁନାଥ ଜଗଦଲା ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବରେ ସ୍କୁଲ ପୁରାତନଛାତ୍ର ତଥା ଅଧ୍ୟାପକ ଭରଦ୍ୱାଜ ମେହେର, ସମ୍ମାନିତ ଅତିଥି ଭାବରେ ବେଣୁଧର ଦାଶ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ବ୍ଲକ୍ ଉପାଧ୍ୟକ୍ଷ ନାରାୟଣ ଲୁହା, ଏମ୍‌ପି ପ୍ରତିନିଧି ନଳିନୀ ପଣ୍ଡା ପ୍ରମୁଖ ମଞ୍ଚାସିନ ଥିଲେ । ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ ଓ ଦୃଢ ଇଚ୍ଛାଶକ୍ତି ରଖିଲେ ସଫଳତା ନିଶ୍ଚିତ ଭାବରେ ପାଇବେ ବୋଲି ଅତିଥିମାନେ କହିଥିଲେ। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ସାନ୍ତନୁ କୁମାର ମହାକୁଡ଼ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ସ୍କୁଲ ବରିଷ୍ଠ ଶିକ୍ଷକ ବ୍ୟୋମକେଶ ପଣ୍ଡା ସଂଯୋଜନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟପକ୍ଷେ ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୪ତମ ବାର୍ଷିକ ଉତ୍ସବ ଅନୁଷ୍ଠାନର ସଭାପତି କ୍ୟାବିନେଟ୍ ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବୀରମହାରାଜପୁର ବିଧାୟକ ଇଞ୍ଜିନିୟର୍ ରଘୁନାଥ ଜଗଦଲା, ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ଶିକ୍ଷାବିତ୍ ଅଧ୍ୟାପକ କୈଳାସ ଚନ୍ଦ୍ର ଚାନ୍ଦ ଯୋଗଦେଇ ଶିକ୍ଷା ବିନା ଦେଶ ଆଗକୁ ଯାଇ ପାରିବ ନାହିଁ ବୋଲି କହିବା ସହ ଦୃଢ଼ ଇଚ୍ଛାଶକ୍ତି ଥିଲେ ପାଠ ପଢ଼ିବାରେ ଅସୁବିଧା ରହେନାହିଁ ବୋଲି କହିଥିଲେ। ପରିଚାଳନା କମିଟିର ସମ୍ପାଦକ ରାଜେନ୍ଦ୍ର ପଧାନ ବିବରଣୀ ପାଠ କରିଥିବାବେଳେ ପ୍ରଧାନ ଶିକ୍ଷକ ଜନକ ରାମ ପଟେଲ୍ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଚାଳନା କମିଟିର ସଦସ୍ୟା ସୁଜାତା ପ୍ରଧାନ, କୋଷାଧ୍ୟକ୍ଷ ଜିତେନ୍ଦ୍ରିୟ ଦାସ, ସନ୍ଧ୍ୟା ଭୋଇ, ସହ ସମ୍ପାଦକ ପ୍ରଦିପ ସ୍ୱାଇଁ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଗୁରୁମାଁ ସନ୍ତୋଷିନି ସାମନ୍ତରାୟ। ଶେଷରେ ବରିଷ୍ଠ ଗୁରୁଜୀ ଗୋବିନ୍ଦ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ବିଦ୍ୟା ମନ୍ଦିରରୁ ପାଠପଢ଼ି ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପୁରାତନ ଛାତ୍ରଛାତ୍ରୀ ଓ ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମୋ ସେବାକେନ୍ଦ୍ର ବିରୋଧରେ ଅଭିଯୋଗ ଫେରାଇନେଲେ ମହିଳା

ଟିଟିଲାଗଡ,୨୩।୧୨(ସମିସ): ଶଗଡ଼ଘାଟ ପଞ୍ଚାୟତରେ ଥିବା ମୋ ସେବା କେନ୍ଦ୍ରର ମାଲିକ ଶିବ ଶଙ୍କର ମାଝୀଙ୍କୁ କ୍ଲିନ୍ ଚିଟ୍ ମିଳିଛି। ସରକାରୀ ଯୋଜନାରେ ଜଣେ ହିତାଧିକାରୀଙ୍କୁ ସାହାଯ୍ୟ କରିବା ଆଳରେ ସେ ଟଙ୍କା ଲାଞ୍ଚ ନେଇଥିବା ନେଇ ଉପଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଭାଗୀୟ ଅଧିକାରୀମାନେ ଘଟଣାର ତଦନ୍ତ କରି ସଂପୃକ୍ତ ମୋ ସେବା କେନ୍ଦ୍ର ମାଲିକଙ୍କୁ କ୍ଲିନ୍ ଚିଟ ଦେଇଛନ୍ତି। ଖୋଦ୍ ଅଭିଯୋଗକାରୀ ମହିଳା ଜଣକ ଭୁଲ ବୁଝାମଣା ଯୋଗୁଁ ଏଭଳି ହୋଇଥିବା ଲିଖିତ ଭାବେ ଉପଜିଲ୍ଲାପାଳଙ୍କୁ ଜଣାଇବା ସହ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଶଗଡ଼ଘାଟ ଗ୍ରାମର ଗେଲେଇ ମନହୀରା ତାଙ୍କ ସ୍ୱାମୀ ଗୋପ ମାନହିରାଙ୍କ ମୃତ୍ୟୁ ପରେ ସଂପୃକ୍ତ ସେବାକେନ୍ଦ୍ରରେ ଜାତୀୟ ପରିବାର କଲ୍ୟାଣ ଯୋଜନାରେ ସହାୟତା ରାଶି ପାଇବାକୁ ଆବେଦନ କରି ୨୦ ହଜାର ଟଙ୍କା ପାଇଥିଲେ। ତେବେ ଏ ବାବଦରେ ୫ ହଜାର ୫ ଶହ ଟଙ୍କା ସେବାକେନ୍ଦ୍ର ମାଲିକ ତାଙ୍କଠାରୁ ଲାଞ୍ଚ ନେଇଥିବା ପ୍ରଥମେ ଅଭିଯୋଗ ହୋଇଥିଲେ। ଏହା ଭୁଲ ବୁଝାମଣା ଯୋଗୁଁ ହୋଇଥିବା ଅଭିଯୋଗକାରୀ କହିଛନ୍ତି। ଏପରିକି ଗେଲେଇ ନିଜ ସ୍ୱାମୀଙ୍କ ମୃତ୍ୟୁ ସମୟରେ ସେବା କେନ୍ଦ୍ର ମାଲିକ ଶିବ ଶଙ୍କରଙ୍କଠାରୁ ୫୮୦୦ ଟଙ୍କା ଧାର ଆଣିଥିଲେ। ସରକାରୀ ସାହାଯ୍ୟ ପାଇବା ପରେ ତାଙ୍କୁ ସେହି ଟଙ୍କା ଫେରାଇଥିବା କହିଛନ୍ତି। ସେ ପୂର୍ବରୁ ଧାର ନେଇଥିବା ଟଙ୍କା ବିଷୟରେ ତାଙ୍କ ଭାଇ ସଦାନନ୍ଦ ଚନ୍ଦନ ଜାଣି ନ ଥିଲେ। ତେଣୁ ଭୁଲ୍ ବୁଝାମଣାରେ ସେ ଅଭିଯୋଗ କରିଥିଲେ। ଏଥିପାଇଁ କ୍ଷମା ପ୍ରାର୍ଥନା କରି ସେ ଦେଇଥିବା ଅଭିଯୋଗ ଫେରାଇ ନେବା ସକାଶେ ଲିଖିତ ଆବେଦନ କରିଛନ୍ତି।





## ଆଜିର ରାଶିଫଳ

**ମେଷ:** ନୂଆ କାମ ଆରମ୍ଭ କରିବା ପାଇଁ ଭଲ ସମୟ। ଧାର କରଜରୁ ଦୂରେଇ ରହିବେ। ବ୍ୟବସାୟରେ କ୍ଷତି ହେବ। ପ୍ରିୟବନ୍ଧୁଙ୍କୁ ନିଜ ମନକଥା କହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ କରିବେ। ଅବିବାହିତଙ୍କ ବିବାହ ସ୍ଥିର ହେବ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ।

**ମିଥୁନ:** ଦୂର ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟୀ ନୂଆ ବ୍ୟବସାୟର ଯୋଜନା କରିବେ। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ।

**କର୍କଟ:** ପଡ଼ୋଶୀଙ୍କ ସାହାଯ୍ୟ ମିଳିବ। କ୍ରୀଡ଼ାବିତ୍‌ଙ୍କୁ ଶୁଭ ଖବର ମିଳିବ। ଜମି କାରବାରରେ ସଫଳ ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ମନପସନ୍ଦ କାମରୁ ସଫଳତା ମିଳିବ। ଆଣ୍ଠୁଗଣ୍ଠି ସମସ୍ୟା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ନାଚ, ଗୀତ ପ୍ରତି ରୁଚି ବଢ଼ିବ। ବନ୍ଧୁଙ୍କ ସହ ସମୟ ଅତିବାହିତ କରିବେ। ଅଫିସ୍‌ରେ ଅସୁବିଧାର ସମ୍ମୁଖୀନ ହେବେ। ଚାକିରିରେ ବଦଳି ସମ୍ଭାବନା ଅଛି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ରାଜନୀତିରେ ସକ୍ରିୟ ହେବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବନ୍ଧୁଙ୍କ କଥା ଖରାପ ଲାଗିବ। ସମସ୍ତ କାର୍ଯ୍ୟ ସୁଚାରୁରୂପେ ତୁଲାଇବେ। ଆୟ ସହ ଖର୍ଚ୍ଚ ବଢ଼ିବ।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। କଳାକାର, ଡାକ୍ତରଙ୍କୁ ଶୁଭ ଖବର ମିଳିବ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ବିବାହକୁ ନେଇ ଚିନ୍ତାରେ ରହିବେ। ନୂଆ ନିଯୁକ୍ତି ଅବସର ମିଳିବ। ନିଜ ପାଇଁ ସମୟ ବାହାର କରିବେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୭୧୫- ସ୍ୱିଡେନ୍ ସେନା ନରୱେ ଉପରେ କବ୍‌ଜା କଲା।
- ୧୮୯୪- କଲିକତାରେ ପ୍ରଥମ ଥର ପାଇଁ ମେଡିକାଲ୍ କନ୍‌ଫରେନ୍ସର ଆୟୋଜନ କରାଗଲା।
- ୧୯୮୬- ଦିଲ୍ଲୀସ୍ଥିତ ଲୋଟସ୍ ଟେମ୍ପୁଲକୁ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଖୋଲି ଦିଆଗଲା।
- ୧୯୮୯- ଦେଶର ପ୍ରଥମ ଆମ୍ୟୁଜ୍‌ମେଣ୍ଟ ପାର୍କ 'ଏସ୍‌ଏଲ୍ ୱାର୍ଲ୍ଡ' ମୁମ୍ବାଇରେ ଖୋଲିଲା।
- ୨୦୦୦-ବିଶ୍ୱନାଥନ୍ ଆନନ୍ଦ ବିଶ୍ୱ ଚେସ୍ ଚାମ୍ପିଅନ୍ ହେଲେ।

# ସପୁରି କଟାରେ ବିଶ୍ୱ ରେକର୍ଡ



ରେକର୍ଡ ନିଶା ମଣିଷକୁ ଅସାଧାରଣ କାମ କରିବାକୁ ଉତ୍ସାହିତ କରେ। ଏହି କ୍ରମରେ ସ୍ଲୋଭାକିଆର ଡୋମିନିକା ଗ୍ୟାସ୍‌ପାରୋଭା ନାମ୍ନୀ ଜଣେ ମହିଳା ମାତ୍ର ୧୧.୪୩ ସେକେଣ୍ଡରେ ସପୁରି ଚୋପା ଛଡ଼ାଇବା ସହ ଏହାକୁ ସାଇଜ୍‌ରେ କାଟି ଗିନିଜ୍ ବୁକ୍ ଅଫ୍ ରେକର୍ଡରେ ସାମିଲ ହୋଇଛନ୍ତି। ଏହି ରେକର୍ଡ ବ୍ରିଟେନ୍‌ର ଓ୍ୱିସବେକ୍ ସହରର ଡେଲ୍ ମୋଣ୍ଟେ କମ୍ପାନି ପକ୍ଷରୁ ଆୟୋଜିତ ଏକ ଇଭେଣ୍ଟ ସମୟରେ କରାଯାଇଥିଲା। ଏଥିରେ ଡେଲ ମୋଣ୍ଟେ କମ୍ପାନିର ୧୦ ଜଣ ଅଭିଜ୍ଞ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏହି କର୍ମଚାରୀମାନେ ନିତିଦିନ କମ୍ପାନି ପକ୍ଷରୁ ସପୁରି ଚୋପା ବାହାର କରିବା ଓ କାଟିବା କାମ କରୁଥିଲେ। ତେବେ ସମସ୍ତେ ପୁରୁଣା ରେକର୍ଡ ଭାଙ୍ଗିବାକୁ ଲକ୍ଷ୍ୟ ରଖିଥିଲେ। ପୂର୍ବରୁ ଏହି ରେକର୍ଡ ୧୭.୮୫ ସେକେଣ୍ଡର ଥିଲା। ଖେଳରେ ସପୁରିର ମୋଟା ଚୋପାକୁ ସମ୍ପୂର୍ଣ୍ଣ ଭାବେ ବାହାର କରି ଏହାକୁ ଛୋଟ ଛୋଟ କରି କାଟିବାର ନିୟମ ରହିଥିଲା। ସେହିପରି କଟାଯାଇଥିବା ସପୁରି ଖଣ୍ଡଗୁଡ଼ିକ ୩.୮ ସେଣ୍ଟିମିଟରରୁ ବଡ଼ ନ ହେବା ନିୟମ ରହିଥିଲା। ଗିନିଜ୍ ଅଧିକାରୀମାନଙ୍କ ଉପସ୍ଥିତିରେ ଡୋମିନିକା ଆଖିପିଛୁଳାକେ ସପୁରିରୁ ଚୋପା ଛଡ଼ାଇ ଛୋଟ ଛୋଟ ଖଣ୍ଡରେ କାଟି ଦେଇଥିଲେ। ତେବେ ତାଙ୍କର ରେକର୍ଡ କରିବାର ଭିଡିଓକୁ ଗିନିଜ୍ ବିଶ୍ୱ ରେକର୍ଡର ଇନ୍‌ଷ୍ଟାଗ୍ରାମ୍ ପେଜ୍‌ରେ ସେୟାର୍ କରାଯାଇଛି।



# ଦୁଇଟି ପାର୍ଟରେ ଆସିବ AA22xA6

ସାଉଥ୍ ସୁପରଷ୍ଟାର୍ ଅଲ୍ଲୁ ଅର୍ଜୁନ୍ ଓ ଏଟ୍‌ଲିଙ୍କ ଫିଲ୍ମ 'AA22xA6' ଅନେକ ଦିନରୁ ଚର୍ଚ୍ଚା ଲାଗି ରହିଛି। ଏଯାବତ୍ ଫିଲ୍ମର ଟାଇଟଲ୍ ଫାଇନାଲ କରାଯାଇ ନାହିଁ। 'ଧୁରନ୍ଧର'ର ସଫଳତାକୁ ଦେଖି ଏଟ୍‌ଲି ଏବେ ଏହାକୁ ଦୁଇଟି ପାର୍ଟରେ ଆଣିବା ପାଇଁ ଯୋଜନା କରୁଥିବା ଜଣାପଡ଼ିଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ଏଯାବତ୍ ଫିଲ୍ମର ୬୦% ସୁଟିଂ ସରିଛି। ଏବେ ଏକ ଅଣ୍ଡର ୱାଟର୍ ଆକ୍ସନ୍ ସିନ୍ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଛି। ଏହାର ପ୍ରଥମ ପାର୍ଟର ସୁଟିଂ ପ୍ରାୟତଃ ସରିଯାଇଛି। ଏହର ଟିଜର୍ ଆସନ୍ତା ଏପ୍ରିଲ୍ ମାସରେ ଆସିବ ବୋଲି କୁହାଯାଉଛି। ଏହାସହ ଫିଲ୍ମର ଫାଇନାଲ ରିଲିଜ୍ ଡେଟ୍ ମଧ୍ୟ ଟିଜର୍‌ରେ ଘୋଷଣା କରାଯାଇପାରେ। ଏଥିରେ ଅଲ୍ଲୁ ଡବଲ୍ ରୋଲରେ ନଜର ଆସିବେ। ଦୀପିକା ପାଦୁ୍ୟକୋନ୍ ଓ ମୃଣାଳ ଠାକୁର ଏଥିରେ ଅଲ୍ଲୁଙ୍କ ସହ ଲିଡ୍ ରୋଲରେ ଦେଖାଯିବେ। ଜାହ୍ନବୀ କପୁର ମଧ୍ୟ ଏଥିରେ ଦେଖାଯାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି।

# ୩୦ ବର୍ଷ ପରେ ପେଟରୁ ବାହାରିଲା ଲାଇଟର୍

ଚୀନ୍‌ର ଚେଙ୍ଗଡୁ ସହରର ୬୭ ବର୍ଷୀୟ ଡେଙ୍ଗଙ୍କ ପେଟରେ ଲାଇଟର୍ ରହିବା ଘଟଣା ଏବେ ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ତେବେ ଏହି ଲାଇଟର୍ ତାଙ୍କ ପେଟ ଭିତରେ ଦିନେ କି ଦୁଇ ଦିନ କିମ୍ବା ବର୍ଷେ କି ଦୁଇ ବର୍ଷ ନୁହେଁ, ତିନି ଦଶନ୍ଧି ଧରି ରହିଥିଲା। ରୋଚକୀୟ ବିଷୟ ହେଉଛି ଏବେ ବି ଏହି ଲାଇଟର୍ କାର୍ଯ୍ୟକ୍ଷମ। ଗତ ମାସରେ ଡେଙ୍ଗଙ୍କ ପେଟ ଫୁଲିବା ସହ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କର ଏସିଡିଟି ହୋଇଛି ଭାବିକି ଔଷଧ ଓ ଡାଏଟ୍‌ରେ ପରିବର୍ତ୍ତନ ଆଣିବାକୁ ଚାହିଁଥିଲେ। ହେଲେ କିଛି ଲାଭ ହେଲା ନାହିଁ। ପରିସ୍ଥିତି ଏତେ ଖରାପ ହେଲା ଯେ, ସେ ଶୋଇପାରିଲେ ନାହିଁ। ସେଇଠୁ ସେ ହସ୍‌ପିଟାଲ ଗଲେ। ଜରୁରିକାଳୀନ ଗ୍ୟାଷ୍ଟ୍ରୋସ୍କୋପିରୁ ଡାକ୍ତରମାନେ ତାଙ୍କ ପେଟ ଭିତରେ ଏକ ଆୟତକାର କଳା ଜିନିଷ ଦେଖିଥିଲେ। ତେବେ ଏହି ଜିନିଷଟି ଏଣ୍ଡୋସ୍କୋପି ମାଧ୍ୟମରେ ବାହାରିବା ବି ସହଜ ନ ଥିଲା। ତେଣୁ ଏହି ଜିନିଷକୁ ପ୍ରଥମେ ଚିହ୍ନଟ କରିବା ଜରୁରି ବୋଲି ଡାକ୍ତର ବିଚାର କଲେ। ଡାକ୍ତର ଡେଙ୍ଗଙ୍କୁ ଏବିଷୟରେ ପଚାରିବାରୁ ୧୯୯୦ ମସିହାରେ ସାଙ୍ଗମାନଙ୍କ ସହ ପାର୍ଟି କରୁଥିବା ବେଳେ ତାଙ୍କୁ ଏକ ସିଗାରେଟ୍ ଲାଇଟର୍ ଗିଳିବାକୁ ଚ୍ୟାଲେଞ୍ଜ କରାଯାଇଥିଲା, ଏହାକୁ ସେ ଗିଳି ଦେଇଥିବା ସ୍ୱୀକାର କରିଥିଲେ। ସେହିପରି ଏହାପରେ ଶରୀରରୁ ବାହାରି ଯାଇଥିବ ବୋଲି ସେ ଭାବିଥିଲେ। ମଝିରେ ମଝିରେ ହେଉଥିବା ପେଟ ଯନ୍ତ୍ରଣାକୁ ଏହି ଘଟଣା ସହିତ ସେ କେବେ ଯୋଡ଼ି ନ ଥିଲେ। ତେବେ ଲାଇଟର୍‌କୁ ଡାକ୍ତର ସଫଳତାର ସହ ପେଟ ଭିତରୁ ବାହାର କରିଥିଲେ। ଅବଶ୍ୟ ଲାଇଟର୍‌ଟି ପେଟର ଏସିଡ୍ ଦ୍ୱାରା କଳା ହୋଇଯାଇଥିଲା। ଏହାସତ୍ତ୍ୱେ ବି ସେଥିରେ ଗ୍ୟାସ୍ ଥିଲା ଏବଂ ଲାଇଟର୍‌ଟି ଜଳିଲା। ଡାକ୍ତରଙ୍କ କହିବା କଥା, ଲାଇଟର୍ କେସ୍ ସାଧାରଣତଃ ଏବିଏସ୍ ପ୍ଲାଷ୍ଟିକ୍‌ରୁ ତିଆରି ହୋଇଥାଏ। ଯାହାକି ଏସିଡ୍ ପ୍ରତିରୋଧକ ହୋଇଥାଏ। ଏହି କାରଣ ଯୋଗୁଁ ୩୦ ବର୍ଷ ଧରି ପେଟରେ ଏହା ସୁରକ୍ଷିତ ଥିଲା।





# ଜେନ୍ ଜେଡ୍ ଉପରେ 'କ୍ୟାରିୟର ମିନିମାଲିଜିମ୍'



**ଚାକିରିରେ ଅଧିକ ପରିଶ୍ରମ କଲେ ପଦୋନ୍ନତି ମିଳିବା ସହଜ ବୋଲି କୁହାଯାଏ। ଏବେ ଏହି ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି। ଜେନ୍ ଜେଡ୍ ଏବେ 'କ୍ୟାରିୟର ମିନିମାଲିଜିମ୍' ଉପରେ ଧ୍ୟାନ ଦେଉଛନ୍ତି। ପୁରୁଣା ପିଢ଼ିଙ୍କଠାରୁ କାମକୁ ନେଇ ସେମାନଙ୍କ ଦୃଷ୍ଟିକୋଣ ଭିନ୍ନ। କାରଣ ଜେନ୍ ଜେଡ୍ ଚାକିରି ପାଇଁ ନିଜ ସଉକକୁ ବଳିଦାନ ଦେବାକୁ ଚାହୁଁ ନାହାନ୍ତି।**

ଜେନ୍ ଜେଡ୍ ଏବେ ପଦବି ଏବଂ ପଇସା ପଛରେ ଦୌଡ଼ୁ ନାହାନ୍ତି। ହେଲେ ସେମାନେ ସେହି ଉନ୍ନତି ବା ବିକାଶକୁ ପ୍ରାଥମିକତା ଦେଉଛନ୍ତି, ଯେଉଁଥିରେ ସେମାନଙ୍କ ଜୀବନରେ ୱାର୍କ ଲାଇଫ୍ ବାଲାନ୍ସ ବଜାୟ ରହିବ। ସେମାନେ ସେହି ସବୁ କାମ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି, ଯେଉଁଥିରେ ସେମାନଙ୍କୁ ଖୁସି ମିଳୁଛି। ଏକ ରିପୋର୍ଟ ଅନୁସାରେ, ଜେନ୍ ଜେଡ୍ ଏବେ କ୍ୟାରିୟର ମିନିମାଲିଜିମ୍‌କୁ ଆପଣାଉଛନ୍ତି। ସେମାନେ ଚାକିରିକୁ କେବଳ ଆୟର ମାଧ୍ୟମ ବୋଲି ଭାବୁ ନାହାନ୍ତି, ବରଂ ଅଫିସ୍ ବାହାରେ ନିଜ ବାସ୍ତବ ଇଚ୍ଛା ଓ ମହତ୍ତ୍ୱାକାଂକ୍ଷାକୁ ପୂରା କରିବାରେ ବିଶ୍ୱାସ ରଖୁଛନ୍ତି। ସରଳ ଭାଷାରେ କହିଲେ, ସେମାନେ ନିଜ ଚାକିରି ପାଇଁ ନିଜ ସଉକୁ ବଳିଦାନ ଦେବାକୁ ଚାହୁଁ ନାହାନ୍ତି। ଏହି ଅଧ୍ୟୟନରେ ହଜାରେ ପିଲାଙ୍କୁ ସାମିଲ କରାଯାଇଥିଲା। ୬୮ ପ୍ରତିଶତ ଜେନ୍ ଜେଡ୍ ଭଲ ଦରମା ନ ମିଳିବା ପର୍ଯ୍ୟନ୍ତ ମ୍ୟାନେଜର ପଦବୀ ଗ୍ରହଣ କରିବାକୁ ଚାହିଁ ନାହାନ୍ତି। ମାଗଣାରେ ସେମାନେ କୌଣସି ଦାୟିତ୍ୱ ନେବାକୁ ଚାହିଁ ନ ଥାନ୍ତି। ସେମାନେ ମ୍ୟାନେଜମେଣ୍ଟଠାରୁ ଦୂରରେ ରହି ଖୁସି ରହିବାରେ ବିଶ୍ୱାସ ରଖନ୍ତି।

ସେହିପରି ସବୁ ଜେନ୍ ଜେଡ୍ ଉଚ୍ଚ ପଦବୀରୁ ଦୂରରେ ରହିବାକୁ ଚାହିଁ ନାହାନ୍ତି। ପ୍ରାୟ ୧୦ ପ୍ରତିଶତ ମ୍ୟାନେଜର ନେତୃତ୍ୱ ନେବାକୁ ମନା କରିଛନ୍ତି। ହେଲେ ସେମାନଙ୍କର ଚିନ୍ତାଧାରା ଅଲଗା। ସେମାନେ କମ୍ପାନି କଥା ଭାବିବା ପୂର୍ବରୁ ପ୍ରଥମେ ନିଜ କଥା ଭାବୁଛନ୍ତି। ଏହାବାଦ୍ ଅତିରିକ୍ତ କାମ ଓ ଚାପର ସମ୍ପୂର୍ଣ୍ଣ ପାରିଶ୍ରମିକ ଦାବି କରୁଛନ୍ତି। ସେମାନଙ୍କ ଉଚ୍ଚ ପଦବୀ ପାଇଁ ଚାକିରି ଉପରେ ଆଶା ରଖୁ ନାହାନ୍ତି, ବରଂ ସନ୍ତୁଳିତ ଜୀବନ ଓ ବ୍ୟକ୍ତିଗତ ସନ୍ତୁଷ୍ଟିକୁ ଅଗ୍ରାଧିକାର ଦେଉଛନ୍ତି। ସେମାନେ ଚିରାଚରିତ ନିୟମକୁ ଆଖି ବୁଜି ବିଶ୍ୱାସ କରିବାକୁ ଚାହୁଁ ନାହାନ୍ତି। ୫୭ ପ୍ରତିଶତ ଜେନ୍ ଜେଡ୍ ନିଜ ସଉକ ପୂରା କରିବାକୁ ଚାହୁଁଛନ୍ତି। ଏଥିରୁ ସେମାନଙ୍କୁ ଅସଲ ଖୁସି ମିଳୁଥିବା ସେମାନେ କହନ୍ତି। ସେହିପରି ସେମାନେ ଅଫିସ୍‌ରେ ଅଧିକ ସମୟ କାମ କରିବା ବିରୋଧରେ ଅଛନ୍ତି। ସମୟରେ ଅଫିସ୍ ଛାଡ଼ିବାକୁ ଜେନ୍ ଜେଡ୍ ପୂରା ପ୍ରୟାସ କରୁଛନ୍ତି। ଅନ୍ୟପକ୍ଷରେ ଜେନ୍ ଜେଡ ଯୁବପିଢ଼ିଙ୍କ ମତରେ, କ୍ୟାରିୟରର ଅର୍ଥ କେବଳ ପଦବି କିମ୍ବା ପଦୋନ୍ନତି ପାଇବା ନୁହେଁ, ଜୀବନରେ ଶାନ୍ତି ଓ ଖୁସି ଦରକାର।

## ସମ୍ଭାବନା



# ନାଇଟ୍ ସିଫ୍ଟରେ କାମ କରୁଥିଲେ...


**ନାଇଟ୍ ସିଫ୍ଟରେ କାମ କରିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ଥାଏ। ଅନେକ କର୍ମଚାରୀଙ୍କୁ ବିଭିନ୍ନ ପ୍ରକାର ସମସ୍ୟା ସାମ୍ନା କରିବାକୁ ପଡ଼ିଥାଏ। ଏପରିକି ଏହି ସିଫ୍ଟରେ କାମ କରି ଅନେକ ଜଣ ନିଜ କାମକୁ ଠିକ୍ ଭାବେ ପରିଚାଳିତ କରିପାରନ୍ତି ନାହିଁ। କିଛି ଉପାୟକୁ ଆପଣାଇ ନାଇଟ୍ ସିଫ୍ଟରେ ଭଲ କାମ କରିପାରିବେ।**

- ପ୍ରଥମେ ନିଜର ଏକ ସମୟ ସାରଣୀ ପ୍ରସ୍ତୁତ କରନ୍ତୁ ଏବଂ ସେହି ଅନୁସାରେ କାମ କରନ୍ତୁ।
- ନାଇଟ୍ ସିଫ୍ଟ କର୍ମଚାରୀଙ୍କୁ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଜରୁରି।
- ଡାଏଟ୍‌ରେ ଫଳ ଓ ରାତ୍ରି ଭୋଜନରେ ସାଲାଡ୍ ଖାଇବା ଉଚିତ।
- ନାଇଟ୍ ସିଫ୍ଟକୁ ଯିବା ପୂର୍ବରୁ ନିଦ୍ରା ପୂରା କରନ୍ତୁ। ଏହା ଦ୍ୱାରା କାମ କରିବା ସମୟରେ ଥକ୍କା ଲାଗେ ନାହିଁ।
- ରାତିରେ କାମ କରିବା ସମୟରେ ମଝିରେ ମଝିରେ ବିରତି ନେବା ଜରୁରି।
- ନାଇଟ୍ ସିଫ୍ଟରେ କାମ କରୁଥିଲେ, ପ୍ରଚୁର ପାଣି ପିଇବା ଭଲ।



## ନୂଆ କ୍ୟାରିୟର

# ଡ୍ରୋନ୍ ପାଇଲଟ୍




**ଏବର ଟେକ୍ନୋଲୋଜି ଯୁଗରେ ଲୋକଙ୍କ ପାଖରେ କ୍ୟାରିୟରର ବିଭିନ୍ନ ବିକଳ୍ପ ଅଛି। ନୂଆ କ୍ୟାରିୟର ବିକଳ୍ପ ଭାବେ ଏବେ ଡ୍ରୋନ ପାଇଲଟ ଚର୍ଚ୍ଚା ସାଉଁଟୁଛି। ଖେଳ ପଡ଼ିଆ, ବାହାଘର, ଫିଲ୍ମ ତଥା କୌଣସି ବଡ଼ କାର୍ଯ୍ୟକ୍ରମରେ ଆଜିକାଲି ଡ୍ରୋନର ବ୍ୟବହାର କରାଯାଉଛି। ପ୍ରତ୍ୟେକ ଉତ୍ସବରେ ଏବେ ଏହା ଲୋଡ଼ା ପଡୁଛି।**

ଡ୍ରୋନ ପାଇଲଟ ହେବା ଲାଗି କଳା, ବାଣିଜ୍ୟ, ବିଜ୍ଞାନ ଯେକୌଣସି ବିଭାଗରୁ ଦ୍ୱାଦଶ ପାସ୍ କରିବା ଦରକାର। ଏହା ଲାଗି ମାନ୍ୟତାପ୍ରାପ୍ତ ଇନଷ୍ଟିଚ୍ୟୁଟ୍‌ରୁ ଟ୍ରେନିଂ ନେବା ଖୁବ୍ ଜରୁରି। ଡ୍ରୋନ୍ ପରିଚାଳନା କରିବା ହେଉଛି ଏକ ବଡ଼ କାମ। ତେଣୁ ଏ ଲାଗି ଏହି ନିୟମ ରହିଛି। ଟ୍ରେନିଂ ଲାଗି ଡାଇରେକ୍ଟର ଜେନରାଲ ଅଫ୍ ସିଭିଲ ଆଭିଏସନ ପକ୍ଷରୁ ରିମୋଟ୍ ପାଇଲଟ୍ ଟ୍ରେନିଂ ଅର୍ଗାନାଇଜେସନ (ଆର୍‌ପିଟିଓ) କୁ ମାନ୍ୟତା ପ୍ରଦାନ କରାଯାଇଛି। ଏହି ଟ୍ରେନିଂ ସମୟରେ ଡ୍ରୋନ ଉଡ଼ାଇବା, ସୁରକ୍ଷା ନିୟମ, ପାଣିପାଗ, ବ୍ୟାଟେରି-କ୍ୟାମେରା ସହିତ ଇମରଜେନ୍ସି ଆଦି ସ୍ଥିତିରେ ଡ୍ରୋନ୍ ପରିଚାଳନା କରିବା ଶିଖାଯାଏ। ଏହାବାଦ୍ ପ୍ରଫେସନାଲ ଡ୍ରୋନ ପାଇଲଟ୍ ହେବା ଲାଗି ଡିଜିସିଏର ରିମୋଟ୍ ପାଇଲଟ ପ୍ରମାଣପତ୍ର ନେବାକୁ ହେବ। ଏହାକୁ ଅପରେଟ୍ କରିବା ଲାଗି ପାଖରେ ଲାଇସେନ୍ସ ରହିବା ଜରୁରି। ଏହା ୧୦ ବର୍ଷ ପର୍ଯ୍ୟନ୍ତ ବୈଧ। ସେହିପରି ଡ୍ରୋନ ଟେକ୍ନୋଲୋଜି ଏବଂ ଏୟାରକ୍ରାଫ୍ଟ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାକୁ ଚାହୁଁଥିଲେ, ବିଟେକ୍ ଇନ୍ ଏରୋସ୍ପେସ୍ ଇଞ୍ଜିନିୟରିଂ, ବିଟେକ୍ ଇନ୍ ଏରେନେଟିକଲ ଇଞ୍ଜିନିୟରିଂ, ବିଏସ୍‌ସି ବା ବିଟେକ ଇନ୍ ଆଭିଏସନ ବା ଡିପ୍ଲୋମା ଇନ୍ ଏରୋନଟିକ୍ସ/ ଡ୍ରୋନ୍ ଟେକ୍ନୋଲୋଜିର ଡ୍ରିଗୀ ଆବଶ୍ୟକ।

# ଗୁଗଲ୍ ଟ୍ରାନ୍ସଲେଟ୍‌ର ନୂଆ ଫିଚର୍

ଗୁଗଲ ଏମିତି ଏକ ସ୍ମାର୍ଟ ଫିଚର୍ ଲଞ୍ଚ କରିଛି, ଯାହାକି ନୂଆ ଏବଂ ପୁରୁଣା ହେଡ୍‌ଫୋନ୍‌କୁ ରିୟଲ ଟାଇମ୍ ଟ୍ରାନ୍ସଲେଟର୍‌ରେ ବଦଳାଇ ଦେବ। ତେଣୁ କମ୍ପାନି ଏକ ବିଟା ଫିଚର୍ ଲଞ୍ଚ କରିଛି। ଏହା ଦ୍ୱାରା କୌଣସି ୱେୟାର୍ ଏବଂ ୱେୟାରଲେସ୍ ହେଡ୍‌ଫୋନ୍‌କୁ ରିୟଲ ଟାଇମ ଟ୍ରାନ୍ସଲେସନ ଡିଭାଇସ୍‌ରେ ରୂପାନ୍ତରିତ କରାଯାଇପାରିବ। ଏହା ସହ ଟ୍ରାନ୍ସଲେଟ୍ ଆପ୍‌ରେ ଗୁଗଲର ଏଆଇ ଜେମିନି ଯୁକ୍ତ ସ୍ମାର୍ଟ ଟ୍ରାନ୍ସଲେସନ ଏବଂ ଉନ୍ନତ ଭାଷା ଶିଖିବା ଟୁଲ୍‌କୁ ସାମିଲ କରାଯାଇଛି। ଏବେ ଏହା ବିଟା ଫିଚର୍‌ର କିଛି ଆଣ୍ଡ୍ରଏଡ୍ ଟ୍ରାନ୍ସଲେଟ୍ ଆପ୍‌ରେ ଉପଲବ୍ଧ ଅଛି। ତେଣୁ ଏଥିରେ କେବଳ ହେଡଫୋନ୍‌କୁ ସଂଯୋଗ କରି ଏହାକୁ ରିୟଲ ଟାଇମ ଟ୍ରାନ୍ସଲେସନ ଡିଭାଇସ୍‌ରେ ପରିବର୍ତ୍ତନ କରାଯାଇପାରିବ। ଏ ଲାଗି କେବଳ ବ୍ୟବହାରକାରୀଙ୍କୁ ହେଡ୍‌ଫୋନ୍ କନେକ୍ଟ କରିକି ଗୁଗଲ ଟ୍ରାନ୍ସଲେଟ୍ ଆପ୍‌କୁ ଯିବାକୁ ପଡ଼ିବ। ଏହାପରେ ଯେକୌଣସି ଭାଷାର ଟ୍ରାନ୍ସଲେସନ୍ ବାସ୍ତବ ସମୟ ମଧ୍ୟରେ ଶୁଣିପାରିବେ। ଏହି ଫିଚର୍ ୭୦ରୁ ଅଧିକ ଭାଷାକୁ ସମର୍ଥନ କରେ। ୨୦୨୬ରେ ଏହି ସୁବିଧା ଆଇଫୋନ୍ ବ୍ୟବହାରାକାରୀଙ୍କୁ ମିଳିବା କୁହାଯାଉଛି।



## ଦ୍ୱିତୀୟ ମହିଳା ଟି-୨୦ରେ ଶେଫାଳିଙ୍କ ଅର୍ଦ୍ଧଶତକ

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

ବିଶାଖାପାଟଣା,୨୩ା୧୨(ଏଜେନ୍ସି)



ଓପନର ଶେଫାଳି ବର୍ମା (ଅପରାଜିତ ୬୯)ଙ୍କ ଅର୍ଦ୍ଧଶତକ, ଦୁଇ ସ୍ପିନର ଶ୍ରୀ ଚରଣି (୨/୨୩) ଓ ବୈଷ୍ଣବୀ ମିଶ୍ର (୨/୩୨)ଙ୍କ ସୁନ୍ଦର ବୋଲିଂ ବଳରେ ଏଠାରେ ମଙ୍ଗଳବାର ଦ୍ୱିତୀୟ ମହିଳା ଟି-୨୦ରେ ଭାରତ ୭ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ଏଠାରେ ଅନୁଷ୍ଠିତ ପ୍ରଥମ ୨ଟି ମ୍ୟାଚ୍‌ରେ କ୍ରମାଗତ ବିଜୟ ସହ ଭାରତ ୨-୦ରେ ଆଗୁଆ ରହିଛି। ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଭାରତ ୬ ୱିକେଟରେ ବିଜୟୀ ହୋଇଥିଲା। ଏହା ପରେ ପରବର୍ତ୍ତୀ ୩ଟି ମ୍ୟାଚ୍ କେରଳର ତିରୁଅନନ୍ତପୁରମରେ ଖେଳାଯିବ। ଏହି ମ୍ୟାଚ୍ ଗୁଡିକ ଡିସେମ୍ବର ୨୬ (ତୃତୀୟ), ୨୮ (ଚତୁର୍ଥ) ଓ ୩୦ (ପଞ୍ଚମ ତଥା ଶେଷ ମ୍ୟାଚ୍) ରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଦ୍ୱିତୀୟ ମହିଳା ଟି-୨୦ ମୁକାବିଲାରେ ମାତ୍ର ୩୪ ବଲ୍‌ରୁ ୧୧ ଚୌକା ଓ ୧ଛକା ସହ ଅପରାଜିତ ୬୯ ରନ୍ କରିଥିବା ଶେଫାଳିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହାକୁ ମିଶାଇ ଶ୍ରୀଲଙ୍କା ବିପକ୍ଷ ଶେଷ ୧୧ଟି ମୁକାବିଲାରୁ ଭାରତ ୯ଟିରେ ବିଜୟୀ ହୋଇଛି।

ଏଠାରେ ମଙ୍ଗଳବାର ଅନୁଷ୍ଠିତ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କରିଥିଲା ୧୨୮ ରନ୍। ଜବାବରେ ଭାରତ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରି ମାତ୍ର ୧୧.୫ ଓଭରରେ ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ପକ୍ଷରୁ ଶେଫାଳିଙ୍କ ଅର୍ଦ୍ଧଶତକ ବ୍ୟତୀତ ପ୍ରଥମ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ବିବେଚିତ ଜେମିମା ରୋଡ୍ରିଗ୍ୱେଜ୍ ୧୫ ବଲ୍‌ରେ ୨୬, ସ୍ମୃତି ମନ୍ଧାନା ୧୪ ଓ ଅଧିନାୟିକା ହରମନପ୍ରୀତ ୧୦ରନ୍ କରିଥିଲେ। କ୍ରମାଗତ ଦ୍ୱିତୀୟଥର ଲାଗି ମନ୍ଧାନା ବ୍ୟାଟିଂରେ ଫେଲ୍ ମାରିବା ପରେ ଶେଫାଳି ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣରେ ରଖିଥିଲେ। ପ୍ରଥମେ ସେ ଦ୍ୱିତୀୟ ୱିକେଟରେ ଜେମିମାଙ୍କ ସହ ୨୭ବଲ୍‌ରୁ ୫୮ ଓ ତୃତୀୟ ୱିକେଟରେ ହରମନପ୍ରୀତ୍‌ଙ୍କ ସହ ୨୪ ବଲ୍‌ରୁ ୪୧ ରନ୍ ଉଠାଇ ଭାରତକୁ ସହଜ ବିଜୟ ଭେଟିଦେଇଥିଲେ। ଶ୍ରୀଲଙ୍କା ପକ୍ଷରୁ ମାଦରା, କାଭିଣ୍ଡି ଓ ଦିଲହରୀ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ମଧ୍ୟ କେହି ସାମାନ୍ୟ ପ୍ରଭାବ ପକାଇ ପାରି ନ ଥିଲେ।

ପୂର୍ବରୁ ଏଠାରେ ଶ୍ରୀଲଙ୍କା ଦଳ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ର ଟପ୍ ସ୍କୋରର ଭିଷ୍ମି ଗୁଣରତ୍ନେ (୧) ପ୍ରଥମ ଓଭରରେ ଆଉଟ ହୋଇଥିଲେ। ଯୁବ ଫାଷ୍ଟ ବୋଲର କ୍ରାନ୍ତି ଗୌଡ଼ ତାଙ୍କୁ କଟ୍ ଆଣ୍ଡ ବୋଲ୍ଡ ଆଉଟ କରିଥିଲେ। ତାଙ୍କ ଆଉଟ ପରେ ଦ୍ୱିତୀୟ ୱିକେଟରେ ଚାମରି ଓ ହାସିନୀ ୩୬ରନ୍, ତୃତୀୟ ୱିକେଟରେ ହାସିନୀ ଓ ହର୍ଷିତା ୪୪ ରନ୍ ଓ ଚତୁର୍ଥ ୱିକେଟରେ ହର୍ଷିତା ଓ କାଭିସା ୨୨ ରନ୍ ଉଠାଇ ଏକ ସମ୍ମାନଜନକ ସ୍କୋର କରିବେ ବୋଲି ଆଶା ସୃଷ୍ଟି କରିଥିଲେ। କିନ୍ତୁ ଚତୁର୍ଥ ଖେଳାଳିଭାବେ ହର୍ଷିତା ୩୨ ବଲ୍‌ରୁ ୪ ଚୌକା ସହ ସର୍ବାଧିକ ୩୩ ରନ୍ କରି ଆଉଟ ହେବା ପରେ ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଦଳ ତାହାର ଶେଷ ୬ ୱିକେଟ ୨୪ ରନ୍‌ରେ ହରାଇଥିଲା। ଏହା ମଧ୍ୟରେ ଚାମରି ଆଟାପାଟୁ ୩୧, ହାସିନି ପରେରା ୨୨, କାଭିସା ଦିଲହାରୀ ୧୪ ଓ କୌଶାନି ନୁଥ୍ୟାଙ୍ଗନା ୧୧ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଭାରତ ପକ୍ଷରୁ ଦୁଇ ସ୍ପିନର ବୈଭବୀ ମିଶ୍ର ଓ ଶ୍ରୀ ଚରଣି ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ପେସ୍ ବୋଲର କ୍ରାନ୍ତି ଗୌଡ଼ଙ୍କୁ ଓ ସ୍ପିନର ସ୍ନେହ ରାଣାଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଥିଲା।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ଇନିଂସ** : ୧୨୮ / ୯ , ୨୦ ଓଭର (ସମରବିକ୍ରମ-୩୩, ଆଟାପାଟୁ-୩୧, ପରେରା-୨୨, ଦିଲହରୀ-୧୪, ଶ୍ରୀ ଚରଣି-୨/୨୩, ବୈଷ୍ଣବୀ-୨/୩୨)।
**ଭାରତ ଇନିଂସ** : ୧୨୯/୩, ୧୧.୫ ଓଭର (ଶେଫାଳି ବର୍ମା-ଅପରାଜିତ ୬୯, ଜେମିମା ରୋଡ୍ରିଗ୍ୱେଜ୍-୨୬, ସ୍ମୃତି ମନ୍ଧାନା-୧୪, ହରମନପ୍ରୀତ୍ କୌର-୧୦, କାଭିଶା ଦିଲହରୀ-୧/୧୫)।

## ଅନ୍ତର୍ଜାତୀୟ ଟି-୨୦ରେ ଗୋଟିଏ ଓଭରରେ ୫ ୱିକେଟ୍

# ଇଣ୍ଡୋନେସିଆର ପ୍ରିଆନ୍ଦନାଙ୍କ କୀର୍ତ୍ତିମାନ

ବାଲି, ୨୩ା୧୨ (ଏଜେନ୍ସି): ଇଣ୍ଡୋନେସିଆ କ୍ରିକେଟର୍ ଗେଡେ ପ୍ରିଆନ୍ଦନା ବିଶ୍ୱର ପ୍ରଥମ ବୋଲର ଭାବେ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ୍‌ରେ ଗୋଟିଏ ଓଭରରେ ୫ ୱିକେଟ୍ ନେବାର ବିରଳ ସଫଳତା ପାଇଛନ୍ତି। ମଙ୍ଗଳବାର ଏଠାରେ ଅନୁଷ୍ଠିତ କାମ୍ବୋଡିଆ ବିପକ୍ଷ ପ୍ରଥମ ଟି-୨୦ରେ ୨୮ ବର୍ଷୀୟ ଗେଡେ ଏହି ବିଧ୍ୱଂସୀ ବୋଲିଂ କରିଥିଲେ। ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଇଣ୍ଡୋନେସିଆ ଓପନର୍ ଧର୍ମା କେଶୁମା (୧୧୦)ଙ୍କ ଶତକ ବଳରେ ୫ ୱିକେଟ୍‌ରେ ୧୬୭ ରନ କରିଥିଲା। ଜବାବରେ କାମ୍ବୋଡିଆ ୧୬ ଓଭରରେ ୧୦୭ ରନରେ ଅଲ୍‌ଆଉଟ୍ ହେବା ସହ ୬୦ ରନରେ ପରାସ୍ତ ହୋଇଥିଲା। କାମ୍ବୋଡିଆ ଇନିଂସର ୧୬ତମ ଓଭର ବୋଲିଂ କରିଥିବା ଗେଡେ ପ୍ରଥମ ୩ଟି ବଲ୍‌ରେ ୱିକେଟ୍ ନେଇ ହ୍ୟାଟ୍ରିକ ପୂରଣ କରିଥିଲେ। ଏହାପରେ ସେହି ଓଭରର ଶେଷ ୨ଟି ବଲରେ ଆଉ ୨ଜଣ ବ୍ୟାଟର୍‌ଙ୍କୁ ଆଉଟ୍ କରି ଓଭରରେ ମୋଟ୍ ୫ଟି ୱିକେଟ୍ ନେଇଥିଲେ। ଏହି ଓଭରରେ ସେ ୧ ରନ ବ୍ୟୟ କରିଥିଲେ। ଏକଦା ୧୫ ଓଭରରେ ୫ ୱିକେଟରେ ୧୦୬ ରନ କରିଥିବା କାମ୍ବୋଡିଆ ୧୬ତମ ଓଭରରେ ୧୦୭ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରକାଶଯୋଗ୍ୟ, ଅନ୍ତର୍ଜାତୀୟ ଟି-୨୦ରେ ଏହା ୩୬୪୬ତମ ମ୍ୟାଚ୍ ଥିଲା। ପ୍ରଥମ ବୋଲର ଭାବେ ପ୍ରିଆନ୍ଦନା ଗୋଟିଏ ଓଭରରେ ୫ ୱିକେଟ୍ ନେଇଛନ୍ତି। ଏଥିପୂର୍ବରୁ ୧୪ଥର ଗୋଟିଏ ଓଭରରେ ୪ ୱିକେଟ୍ ପତନ ଘଟିଛି। ଯେଉଁଥିରେ ୨୦୧୯ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ମାଲିଙ୍ଗା ୪ଟି ବଲରେ ୪ଟି ୱିକେଟ୍ ନେଇଥିଲେ।

## ୧୮ ବର୍ଷ ସାନ ପ୍ରେମିକାଙ୍କୁ ଦ୍ୱିତୀୟ ବିବାହ କଲେ ଷ୍ଟ୍ରସ



ଲଣ୍ଡନ, ୨୩ା୧୨ (ଏଜେନ୍ସି): ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ଆଣ୍ଡ୍ରିଉ ଷ୍ଟ୍ରସ ଦ୍ୱିତୀୟ ବିବାହ କରି ଚର୍ଚ୍ଚାକୁ ଆସିଛନ୍ତି। ପ୍ରଥମ ପତ୍ନୀ ରୁଥଙ୍କ ବିୟୋଗର ୮ ବର୍ଷ ପରେ ୪୮ ବର୍ଷୀୟ ଷ୍ଟ୍ରସ ତାଙ୍କ ପ୍ରେମିକା ଆଣ୍ଟୋନିଆ ଲିନାଇଅସ୍-ପିଟ୍‌ଙ୍କୁ ଶେଷରେ ବିବାହ କରିଛନ୍ତି। ଦକ୍ଷିଣ ଆଫ୍ରିକାର କେପ୍ ଟାଉନଠାରୁ ୫୦ ମାଇଲ ଦୂର ଫ୍ରାନଶୋକ ସହରରେ ଏହି ବିବାହ ଗତ ସପ୍ତାହରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଷ୍ଟ୍ରସ୍‌ଙ୍କ ପ୍ରଥମ ପତ୍ନୀଙ୍କ ଦୁଇ ପୁଅ ୨୦ ବର୍ଷୀୟ ସାମୁଏଲ୍ ଓ ୧୭ ବର୍ଷୀୟ ଲୁକା ଉପସ୍ଥିତ ରହିଥିଲେ। ପେସାରେ ବର୍ତ୍ତମାନ ଗୋଟିଏ କମ୍ପାନୀର ନିର୍ଦ୍ଦେଶିକା ରହିଥିବା ଆଣ୍ଟୋନିଆ ବୟସରେ ଷ୍ଟ୍ରସଙ୍କଠାରୁ ୧୮ ବର୍ଷ ସାନ। ଦୁଇ ବର୍ଷ ପୂର୍ବେ ଉଭୟଙ୍କ ମଧ୍ୟରେ ଡେଟ୍ ଆରମ୍ଭ ହୋଇଥିଲା। ପ୍ରକାଶଯୋଗ୍ୟ, ୨୦୧୮ ଡିସେମ୍ବରରେ ଷ୍ଟ୍ରସଙ୍କ ପ୍ରଥମ ପତ୍ନୀ ରୁଥ କ୍ୟାନସରରେ ପ୍ରାଣ ହରାଇଥିଲେ।

## ୧୫ ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫି

# ଚିରଶ୍ରୀଙ୍କୁ ରାଜ୍ୟ ଦଳର ନେତୃତ୍ୱ

କଟକ,୨୩ା୧୨(ସମିସ): ଜାନୁଆରୀ ୨ ତାରିଖରୁ ୧୫ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫି ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ଆଜି ସନ୍ଧ୍ୟାରେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଦଳ ଘୋଷଣା କରାଯାଇଛି। ଘୋଷିତ ୧୭ଜଣିଆ ଦଳରେ ଚିରଶ୍ରୀ ରାଉତଙ୍କୁ ନେତୃତ୍ୱ ଦିଆଯାଇଛି। ଦଳରେ ଆକାଂକ୍ଷା ମଙ୍ଗରାଜ, ଅନନ୍ୟା ପ୍ରିୟଦର୍ଶିନୀ ଦାସ (ୱିକେଟ କିପର), ଅନନ୍ୟା ପ୍ରିୟଦର୍ଶିନୀ ଜେନା, ଅନ୍ୱେଷା ସ୍ୱାଇଁ(ଉପଅଧିନାୟିକା), ଚିତା ସୋରେନ, ହରପ୍ରିୟା ଉଲ୍ଲାକା, ଯାଜ୍ଞସେନୀ ସାହୁ, ଜ୍ୟୋତି ରାଉତରାୟ (ୱିକେଟ କିପର), କେ ଖୁସି, ଲକ୍ଷ୍ମୀ ଭଗତ, ମୃଣ୍ମୟୀ ପାଢ଼ୀ, ନୁଜହତ ନିସାନ, ପଲ୍ଲବୀ ପ୍ରିୟଦର୍ଶିନୀ ପାତ୍ର, ପ୍ରିୟାଂଶୀ ମହାରଣା, ରୋମି ପ୍ରଲିପ୍ତା ମଲ୍ଲିକ ଏବଂ ସାଇଲକ୍ଷ୍ମୀ ଜେନା ସ୍ଥାନ ପାଇଛନ୍ତି। ନାଗପୁରର ଲେଡି ଅମ୍ରିତବାଇ ଦାଗା କଲେଜ ଗ୍ରାଉଣ୍ଡରେ ସୌରାଷ୍ଟ୍ର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

## ୧୯ ବର୍ଷରୁ ଏସିଆ କପ୍ ଭାରତୀୟ ଦଳର ପ୍ରଦର୍ଶନ ତର୍ଜମା କରାଯିବ



ମୁମ୍ବଇ,୨୩ା୧୨(ଏଜେନ୍ସି): ଦୁବାଇରେ ଅନୁଷ୍ଠିତ ୧୯ ବର୍ଷରୁ ଏସିଆ କପ୍ କ୍ରିକେଟ ଫାଇନାଲରେ ପାକିସ୍ତାନ ନିକଟରୁ ପରାଜିତ ହୋଇଥିବା ଭାରତୀୟ ଦଳର ପ୍ରଦର୍ଶନରେ ବିସିସିଆଇ କ୍ଷୁବ୍ଧ ହୋଇଛି। ଦଳର ଏପରି ନୈରାଶ୍ୟଜନକ ପ୍ରଦର୍ଶନ କାହିଁକି ହେଲା ସେ ସମ୍ପର୍କରେ ମ୍ୟାନେଜର ସଲିଲ ଦତାରଙ୍କୁ ରିପୋର୍ଟ ଦେବାକୁ କୁହାଯାଇଛି। ଡିସେମ୍ବର ୨୨ରେ ଅନୁଷ୍ଠିତ ଆପେକ୍ସ କାଉନ୍ସିଲ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ବ୍ୟତୀତ ଅଧିନାୟକ ଆୟୂଷ ମାହାତ୍ରେ ଓ ହେଡ୍ କୋଚ୍ ହୃଷିକେଶ କାନିତକରଙ୍କ ସହ ଖୁବ୍ ଶୀଘ୍ର ଆଲୋଚନା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏହାଛଡ଼ା ଫାଇନାଲ ମ୍ୟାଚ୍‌ରେ କିଛି ଭାରତୀୟ ଖେଳାଳିଙ୍କ ବ୍ୟବହାରକୁ ନେଇ ପାକିସ୍ତାନ ମେଣ୍ଟର ସର୍ଫରାଜ ଖାନ୍ ଆପତ୍ତିଜନକ ମନ୍ତବ୍ୟ ଦେଇଛନ୍ତି। ଏହାର ମଧ୍ୟ ତଦନ୍ତ କରାଯିବ। ଆସନ୍ତାବର୍ଷ ପ୍ରାରମ୍ଭରେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଆୟୋଜିତ ହେବ। ଏହା ପୂର୍ବରୁ ଭାରତୀୟ ଦଳର ସମସ୍ୟାକୁ ଏଡ଼ାଇବା ଲାଗି ବିସିସିଆଇ ସମସ୍ତ ପ୍ରକାର ଉଦ୍ୟମ କରୁଛି।

### ଖେଳାଳିଙ୍କ ବିରୋଧରେ ଆଇସିସିରେ ଅଭିଯୋଗ କରିବେ ପିସିବି ସଭାପତି

ପାକିସ୍ତାନ ବିପକ୍ଷ ଫାଇନାଲରେ ଭାରତୀୟ ଖେଳାଳିଙ୍କ ବ୍ୟବହାର ଅଶୋଭନୀୟ ଓ ସ୍ପିରିଟ୍ ଅଫ୍ କ୍ରିକେଟର ପରିପନ୍ଥୀ ବୋଲି ମେଣ୍ଟର ସର୍ଫରାଜ ଅହମ୍ମଦ୍ କହିବା ପରେ ଏକ ଭିନ୍ନ ପରିବେଶ ସୃଷ୍ଟି ହୋଇଛି। ସର୍ଫରାଜ ପାକିସ୍ତାନର ଅନ୍ୟ ଖେଳାଳିଙ୍କ ପରି ଏକତରଫା କଥା କୁହନ୍ତି ନାହିଁ। ତାଙ୍କ ମତରେ ଭାରତୀୟ ଖେଳାଳିଙ୍କ ବ୍ୟବହାର ସମ୍ପୂର୍ଣ୍ଣ ଅଣଖେଳୱାଡ଼ ଓ ଅଶୋଭନୀୟ। ଏହି ମ୍ୟାଚ୍‌ରେ ଏକାଧିକ ଥର ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ଯୁକ୍ତିତର୍କ, ଉଚ୍ଚବାଚ ହୋଇଥିଲା। ଭାରତୀୟ ବିରୋଧରେ ପାକିସ୍ତାନ କ୍ରିକେଟ ବୋର୍ଡ ସଭାପତି ମୋହସିନ ନକ୍‌ଭୀ ବିଶ୍ୱ କ୍ରିକେଟ ବୋର୍ଡର ସର୍ବୋଚ୍ଚ ସଂସ୍ଥା ଆଇସିସି ନିକଟରେ ଆନୁଷ୍ଠାନିକ ଅଭିଯୋଗ କରିବେ ବୋଲି ଆଜି ଘୋଷଣା କରିଛନ୍ତି। ଭାରତ ଓ ପାକିସ୍ତାନ ମଧ୍ୟରେ କ୍ରିକେଟ ମ୍ୟାଚ୍ ସର୍ବଦା ଉତ୍ତେଜନାମୂଳକ ହୋଇଥାଏ। କିନ୍ତୁ ଜୁନିଅର ମୁକାବିଲାରେ ଏଭଳି ଘଟଣା ଖୁବ୍ କମ୍ ଦେଖିବାକୁ ମିଳିଥାଏ।




ଭୁବନେଶ୍ୱର କଳିଙ୍ଗ ଆର୍ଟ ଗ୍ୟାଲେରୀରେ ମଙ୍ଗଳବାର କିଂବଦନ୍ତୀ ହକି ଖେଳାଳି ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କ ଖେଳ ଜୀବନୀକୁ ନେଇ 'ଦିଲୀପ ତିର୍କୀ ଆଣ୍ଡ ଦି ସ୍ପିରିଟ ଅଫ୍ ହକି ଇନ୍ ଓଡ଼ିଶା' ଫଟୋ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି। ଫଟୋସାମ୍ବାଦିକ ସମିମ୍ କ୍ୟୁରେଶୀଙ୍କ ଦ୍ୱାରା ଏହା ଆୟୋଜିତ ହୋଇଛି।

## ଜାତୀୟ କନିଷ୍ଠ ଜୁ ଜିତ୍ସୁ — ଓଡ଼ିଶାକୁ ୧ ସ୍ୱର୍ଣ୍ଣ ସହ ୬ ପଦକ

ଭୁବନେଶ୍ୱର,୨୩ା୧୨(ସମିସ): ଉତ୍ତରାଖଣ୍ଡରେ ଅନୁଷ୍ଠିତ ଜାତୀୟ ଉପକନିଷ୍ଠ ଓ କନିଷ୍ଠ ଜୁ ଜିତ୍ସୁ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୪ଟି କାଂସ୍ୟ ସହ ମୋଟ ୬ଟି ପଦକ ମିଳିଛି। ଉପକନିଷ୍ଠ ବିଭାଗରେ ଓଡ଼ିଶାକୁ ଏକମାତ୍ର ସ୍ୱର୍ଣ୍ଣ ପଦକ ମିଳିଛି। ବାଳିକା ୪୦ କିଲୋରୁ ଅଧିକ ନେ-ୱାଜା ବିଭାଗରେ ଶ୍ରେୟଂଶୀ ତ୍ରିପାଠୀଙ୍କୁ ସ୍ୱର୍ଣ୍ଣ ମିଳିଛି। ସେହିପରି କନିଷ୍ଠ ବିଭାଗର ୫୭ କିଲୋ ନେ-ୱାଜା ବର୍ଗରେ ପଲକ ପ୍ରିୟଦର୍ଶିନୀ ରୌପ୍ୟ ହାସଲ କରିଛନ୍ତି। ଅନ୍ୟମାନଙ୍କୁ କାଂସ୍ୟ ପଦକ ମିଳିଛି। ଫାଇଟିଂ ସିଷ୍ଟମରେ ମଧ୍ୟ ପଲକ ଏକ କାଂସ୍ୟ ଜିତିଛନ୍ତି। ଉପକନିଷ୍ଠ ଫାଇଟିଂ ସିଷ୍ଟମରେ ଶ୍ରେୟଂଶୀ, ୨୫ କିଲୋଗ୍ରାମ୍‌ରୁ କମ୍ ନେ-ୱାଜାରେ ସାନ୍‌ଭି ସାହୁ, ବାଳକ ୫୬ କିଲୋରୁ କମ୍ ଫାଇଟିଂ ସିଷ୍ଟମ୍‌ରେ କୋନା ମହେଶ ରେଡ୍ଡୀ କାଂସ୍ୟ ପଦକ ବିଜୟୀ ହୋଇଛନ୍ତି। ସ୍ୱରାଜ ଜାନୀ ଦଳର କୋଚ୍ ରହିଥିଲେ। ଏହି ସଫଳତା ଲାଗି ଓଡ଼ିଶା ଜୁ-ଜିତ୍ସୁ ସଂଘର ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ, ସମ୍ପାଦକ ଡ଼ଃ. ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।




## ଗୁଞ୍ଜନଙ୍କୁ ୪ ୱିକେଟ; ପଞ୍ଜାବ ୨୫୪/୮

କଟକ,୨୩ା୧୨(ସମିସ): ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୪ର୍ଥ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ମଙ୍ଗଳବାର ଠାରୁ ଆରମ୍ଭ ହୋଇଛି। ମଧ୍ୟପ୍ରଦେଶର ଏମପିସିଏ ଗ୍ରାଉଣ୍ଡରେ ଅନୁଷ୍ଠିତ ପଞ୍ଜାବ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ପଞ୍ଜାବ ୮ ୱିକେଟ ବିନିମୟରେ ୨୫୪ରନ ସଂଗ୍ରହ କରିଛି। ୩୩ରନରେ ପ୍ରଥମ ୪ ୱିକେଟ ହରାଇଥିବା ପଞ୍ଜାବକୁ ଶିବାଂଶ ବିପର୍ଯ୍ୟୟରୁ ମୁକୁଳାଇଥିଲେ। ୨୨୩ବଲ ସମ୍ମୁଖୀନ ହୋଇଥିବା ଶିବାଂଶ ୧୭ଟି ଚୌକା ସହାୟତାରେ ୧୧୪ରନ ସଂଗ୍ରହ କରି ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ଗୁଞ୍ଜନ ସାହୁ ସର୍ବାଧିକ ୪ଟି ୱିକେଟ ଦଖଲ କରିଛନ୍ତି। ଶିବେନ ମାଝୀ ୨ଟି, ମିଧାଂଶୁ ଦାସ ଏବଂ ସିଦ୍ଧେଶ୍ୱର ବାଗଙ୍କୁ ଗୋଟିଏ ଲେଖାଏ ୱିକେଟ ମିଳିଛି।

### ● ମୁକ୍ତେଶ୍ୱର କପ୍

## କ୍ୱାର୍ଟରରେ ରାଇଜିଂ ଓ ଆଇଆଇସି

ଭୁବନେଶ୍ୱର, ୨୩ା୧୨ (ସମିସ): ମୁକ୍ତେଶ୍ୱର କପ୍ ୧୬ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏଥିରେ ରାଇଜିଂ ଷ୍ଟାର୍ ଓ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ ଅଫ୍ କ୍ରିକେଟ୍ (ଆଇଆଇସି) ଦଳ ବିଜୟ ଲାଭ କରି କ୍ୱାର୍ଟରରେ ପହଞ୍ଚିଛନ୍ତି। ପ୍ରଥମ ପ୍ରି-କ୍ୱାର୍ଟରରେ ରାଇଜିଂ ଷ୍ଟାର ବ୍ୟାଟିଂ କରି ୨୦ ଓଭରରେ ୬ ୱିକେଟ୍ ହରାଇ ୮୯ ରନ କରିଥିଲା। ଜବାବରେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ୮ ୱିକେଟରେ ୭୩ ରନ କରିବା ସହ ୧୬ ରନରେ ପରାସ୍ତ ହୋଇଥିଲା। ଦୁଇଟି ୱିକେଟ୍ ନେଇଥିବା ସୂର୍ଯ୍ୟାଂଶ ସ୍ୱାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ (ବିବିସିଏ) ଓ ଆଇଆଇସି ଦଳ ସାମ୍ନାସାମ୍ନି ହୋଇଥିଲେ। ସାଇ ଶଙ୍କର ସେଠୀଙ୍କ ୫୬ ରନ ବଳରେ ବିବିସିଏ ୭ ୱିକେଟରେ ୧୧୪ ରନ କରିଥିଲା। ଜବାବରେ ୫ ୱିକେଟ ହରାଇ ଆଇଆଇସି ୨ଟି ବଲ୍ ବଳକା ଥାଇ ବିଜୟୀ ହୋଇଥିଲା। ବିବିସିଏର ମୃତ୍ୟୁଞ୍ଜୟ ରଥ ୪ ଓଭରରେ ୧୩ ରନ ବ୍ୟୟରେ ୨ଟି ୱିକେଟ୍ ନେଇଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଆଇଆଇସିର ରାଜବୀର ସାମନ୍ତରାୟ ୨୧ ରନ କରି ଶ୍ରେଷ୍ଠ ଖେଳାଳି ହୋଇଥିଲେ।

## ବିଜୟ ମହାନ୍ତି ସ୍ମାରକୀ ବାସ୍କେଟବଲରେ ୧୦ ଦଳ




ଭୁବନେଶ୍ୱର,୨୩ା୧୨(ସମିସ): ଭୁବନେଶ୍ୱର ମଧ୍ୟର ପୂର୍ବତନ ବିଧାୟକ ସ୍ୱର୍ଗତ ବିଜୟ କୁମାର ମହାନ୍ତିଙ୍କ ସ୍ମୃତିରେ ଏକ ସିନିଅର ବାସ୍କେଟବଲ ଟୁର୍ଣ୍ଣାମେଣ୍ଟ ୟୁନିଟ୍-୧ ବାସ୍କେଟବଲ କମ୍ପେ୍ଲକ୍ସରେ ଚଳିତମାସ ୨୬ରୁ ୨୮ ଯାଏ ଅନୁଷ୍ଠିତ ହେବ। ଖୋର୍ଦ୍ଧା ଜିଲ୍ଲା ବାସ୍କେବଲ ସଂଘ ଓ ବିଜୟ ମହାନ୍ତି ସ୍ମୃତି କମିଟି ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟ ମିଳିତଭାବେ ଆୟୋଜନ କରାଯିବ। ଏଥିରେ ୬ଟି ପୁରୁଷ ଓ ୪ଟି ମହିଳା ଦଳ ଅଂଶଗ୍ରହଣ କରିବେ। ଲିଗ୍ କମ୍ ନକ୍‌ଆଉଟ ପଦ୍ଧତିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ ବୋଲି ଆଜି ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ବରିଷ୍ଠ କ୍ରୀଡ଼ାବିତ୍ ସକଳେଶ୍ୱର ପଟ୍ଟନାୟକ। ଅନ୍ୟମାନଙ୍କ ମଧ୍ୟରେ ଅଶ୍ୱିନୀ ପ୍ରହରାଜ ଓ ମନୋଜ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ବିଭାଗରେ ଚାମ୍ପିଅନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୭,୦୦୦ ଓ ୫,୦୦୦ ଟଙ୍କା ପ୍ରଦାନ କରାଯିବ।

## ଜାତୀୟ ତୀରନ୍ଦାଜୀ: ବାଳିକା ଦଳକୁ କାଂସ୍ୟ



କଟକ,୨୩ା୧୨(ସମିସ): ୪୫ତମ ଜୁନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିଅନସିପ୍‌ର ଦଳଗତ ଇଭେଣ୍ଟରେ ଓଡ଼ିଶା ବାଳିକା ଦଳ କାଂସ୍ୟ ବିଜୟୀ ହୋଇଛି। ରିକର୍ଭ ରାଉଣ୍ଡରେ ଓଡ଼ିଶାକୁ ଏହି ସଫଳତା ମିଳିଛି। ବାଳିକା ଦଳରେ ମମିତା ଓରାମ, ମାନେଶ୍ୱରୀ ହାସଁଦା, ସୁନୀତା ନାୟକ ଓ ସାବିତ୍ରୀ ପାତ୍ର ରାଜ୍ୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ। ତେବେ ଜାତୀୟ ଚାମ୍ପିଅନସିପ୍‌ରେ ରାଜ୍ୟ ଦଳର ପ୍ରଦର୍ଶନ ପ୍ରଭାବଶାଳୀ ରହିଥିଲା। ପଦକ ବିଜୟୀ ପ୍ରତିଯୋଗୀଙ୍କୁ ଓଡ଼ିଶା ତୀରନ୍ଦାଜ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

## ଆଜିଠାରୁ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ — କଣ୍ଟାବାଞ୍ଜି-ବିଶାଖାପାଟଣା ଉଦ୍‌ଘାଟନୀ ମୁକାବିଲା

ପାଇକମାଳ,୨୩ା୧୨(ସମିସ)




ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡ଼ିୟମରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ୨୯ତମ ଛିନ୍ଦେଇକେଲା ସର୍ବଭାରତୀୟ ଟି-୨୦ କ୍ରିକେଟ ଆସନ୍ତାକାଲି ବା ବୁଧବାରଠାରୁ ଆରମ୍ଭ ହେବ। ଏନେଇ କ୍ଲବ୍ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତ ଶେଷ ହୋଇଛି। ବୁଧବାର କଣ୍ଟାବାଞ୍ଜି ଫ୍ରେଣ୍ଡସ କ୍ଲବ୍ ଓ ବିଶାଖାପାଟଣା ରେଲୱେ (ଆନ୍ଧ୍ରପ୍ରଦେଶ) ମଧ୍ୟରେ ପ୍ରଥମ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ଡିସେମ୍ବର ୨୫ ତାରିଖ ପ୍ରୟାଗରାଜ (ୟୁପି) ଓ ରାୟପୁର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ୨୬ରେ ପ୍ରଥମ ସେମିଫାଇନାଲ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୨୭ ତାରିଖରେ ରାଞ୍ଚି ମେକନ (ଝାଡ଼ଖଣ୍ଡ) ଓ ରାଉରକେଲା ଏବଂ ୨୮ରେ ଝାରସୁଗୁଡ଼ା ପ୍ରୋଗେସିଭ ଓ ହୁଗୁଳି (କୋଲକାତା) ମଧ୍ୟରେ ମ୍ୟାଚ୍ ଖେଳାଯିବ। ୨୯ ତାରିଖରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଡିସେମ୍ବର ୩୦ ତାରିଖ ଫାଇନାଲ ମ୍ୟାଚ୍ ଖେଳାଯିବ। ଏବର୍ଷ ଚାମ୍ପିଅନ ଦଳକୁ ନଗଦ ୫୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଦଳକୁ ନଗଦ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ କ୍ରିକେଟ କମିଟି ସଭାପତି ଯତୀନ ସାହୁ ସୂଚନା ଦେଇଛନ୍ତି।

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
କେନ୍ଦୁଝର ଜିଲ୍ଲା ପାଇଁ ରିପୋର୍ଟର ଆବଶ୍ୟକ

କେନ୍ଦୁଝର ସଦର ମହକୁମା ପାଇଁ ରିପୋର୍ଟର ଆବଶ୍ୟକ କରୁଛନ୍ତି। ଟେଲିଭିଜନ ରିପୋର୍ଟିଂରେ ଅନ୍ୟୁନ ୨ ବର୍ଷର ଅଭିଜ୍ଞତା ଥିବା ପ୍ରାର୍ଥୀ ନିମ୍ନ ଠିକଣା କିମ୍ବା ଇମେଲରେ ଆବେଦନ କରିବାକୁ ଅନୁରୋଧ।

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇମେଲ୍ - hr@nandighoshatv.com
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS